
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ମାର୍ଚ୍ଚ ୨୦୨୩



ଓଡିଆ ସାହିତ୍ୟର ନବ ଦିଗନ୍ତ

ଫଟୋ : ସାଗରେ ଶୁଭ

Vol-2 • Issue-1 • March 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା
SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୧ • ମାର୍ଚ୍ଚ ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**

# ।। ସୂଚୀ ।।

ପାଠକଙ୍କ ମତାମତ ୦୨
ସମ୍ବର୍ଦ୍ଧିତ ହେବାକୁ ଦରଖାସ୍ତ (ସଂପାଦକୀୟ) ୦୩
ଯୁଗର ବିବର୍ତ୍ତନରେ ଓଡ଼ିଆ ଶିଶୁ ସାହିତ୍ୟ (ପ୍ରବନ୍ଧ): ରମାକାନ୍ତ ନାୟକ ୦୫
ଅନ୍ଧାରରେ ଅନିରୁଦ୍ଧ (ଗଳ୍ପ) : ଭୂପେନ୍ ମହାପାତ୍ର ୧୦
ମୁଁ ମିଟିଂରେ ଅଛି (ରମ୍ୟରଚନା) : ଅଭୟ ଦାଶ ୧୩
ସାହିତ୍ୟ -ଏକ ପାଠକୀୟ ଦୃଷ୍ଟିଚାରଣ (ଆଲୋଚନା) : ଉମାକାନ୍ତ ମିଶ୍ର ୧୫
ପରୀକ୍ଷା (ଅନୁବାଦ ଗଳ୍ପ) : ଆଶିଷ କୁମାର ରାୟ ୧୯
ମରିସସ୍ ଗିରମିଟିଆ ସାହିତ୍ୟରେ ଓଡ଼ିଆ (ପ୍ରବନ୍ଧ) : ପ୍ରକାଶ ନାୟକ ୨୩
କଥାକାର ଶ୍ୟାମା ପ୍ରସାଦ ଚୌଧୁରୀଙ୍କ ସହ ଆଳାପ (ସାକ୍ଷାତକାର) ୨୭
ଫୁଲଦାନୀ (ଗଳ୍ପ) : ଜୟନ୍ତୀ ସାହୁ ୩୧
ଘଣ୍ଟୁ ସାଆର୍ ଜିନ୍ଦାବାଦ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର ୩୫
ଭ୍ରମଣ ସାହିତ୍ୟରେ ସମାଜ ଓ ସଂସ୍କୃତି (ପ୍ରବନ୍ଧ) : ଜ୍ୟୋତିପ୍ରଭା ମହାନ୍ତି ୩୯
ଚମ୍ବଲ୍ ଡକାୟତଙ୍କ ଜଗନ୍ନାଥ ଦର୍ଶନ (ଅନୁଭୂତି) : ସନ୍ତୋଷ ପଟ୍ଟନାୟକ ୪୪
ପୂଜା (ଗଳ୍ପ) : ବିମଳ କୁମାର ରାଉଳ ୪୯
ଓଡ଼ିଆ ପତ୍ରୋପନ୍ୟାସ : ବିହଙ୍ଗାବଲୋକନ (ପ୍ରବନ୍ଧ) : ରାକେଶ ବିଶି ୫୨
ଗୋଟିଏ ସଭ୍ୟତାର ଇତିହାସ (କବିତା) : ହରପ୍ରସାଦ ଦାସ ୫୭
ବୋଉ (ଗଳ୍ପ) : ଚୌଧୁରୀ ବରଦାପ୍ରସନ୍ନ ଦାସ ୫୮
ଅଭିନବ ଭୂମିକାରେ ପାଠକ ଓ ଲେଖକ (ପ୍ରବନ୍ଧ) : ଅଜୟ ମହାଲା ୬୧
ସନ୍ଧ୍ୟା ତାରା ଆଉ କୁନୁ ବେଙ୍ଗ (ଶିଶୁ ଗଳ୍ପ) : ଆରାଧନା ମିଶ୍ର ୬୪
ଲକ୍ଷ୍ମୀପୁରାଣ - ଏକ ବିଶ୍ଳେଷଣ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ଉଲମ୍ଫିଲମ୍ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା'ର ଫେବୃଆରୀ ସଂଖ୍ୟାର ପ୍ରତିଟି ବିଭାଗ ଅତି ସୁନ୍ଦର ଓ ଶିକ୍ଷଣୀୟ ମଧ୍ୟ। ଡ.ବାସୁଦେବ ଦାସ 'ଅର୍ଦ୍ଧ ଶତାବ୍ଦୀର ଓଡିଆ କବିତାର ଭାବବସ୍ତୁ' ପ୍ରବନ୍ଧରେ ଓଡିଆ ଭାଷା ସାହିତ୍ୟରେ କବିତାର ଦିଗ ମାନଙ୍କ ସମ୍ପର୍କରେ ଗଭୀର ଅନୁଶୀଳନ ପୂର୍ବକ ଚର୍ଚ୍ଚା କରିଛନ୍ତି। ଗୀତିକାର ଦେବଦାସ ଛୋଟରାୟଙ୍କ ସହ ଏକ ସାରସ୍ୱତ ଆଳାପ ମର୍ମସ୍ପର୍ଶୀ। ତାଙ୍କର ସଂଳାପରେ "ବଞ୍ଚି ଥିଲା ଯାଏ ଲେଖୁଥିବି, ଲେଖୁଥିବା ଯାଏ ବଞ୍ଚି ଥିବି" ବହୁତ ଭଲ ଲାଗିଲା। ହରିଶ୍ଚନ୍ଦ୍ର ବେହେରାଙ୍କ କବିତା 'ଜୀବନ'ରେ କବି ଜୀବନ ତତ୍ତ୍ୱକୁ ଅତି ସୁନ୍ଦର ଭାବେ ଉଲ୍ଲେଖ କରିଛନ୍ତି। ଡ.କୁଳାଙ୍ଗାରଙ୍କ 'ହୋଟେଲୀୟ ସାହିତ୍ୟ', ନିଖିଳାନନ୍ଦ ପାଣିଗ୍ରାହୀଙ୍କ ପ୍ରବନ୍ଧ 'ସୃଜନଶୀଳତାର ସ୍ୱତନ୍ତ୍ର ମାର୍ଗ', ଶ୍ରୀଯୁକ୍ତ ପ୍ରଦୀପ କୁମାର ସ୍ୱାଇଁଙ୍କ 'ସାହିତ୍ୟରେ ଆତ୍ମବୋଧ', ଦୋଳଗୋବିନ୍ଦ ବିଶୀଙ୍କ 'ଭିନ୍ନ ଦୃଷ୍ଟିରେ କଳାହାଣ୍ଡିର ଲୋକକଥା' ଓ ସୌମେନ୍ଦ୍ର ଜେନାଙ୍କ 'ସାହିତ୍ୟରେ ଲେଖା ଓ ଭାବର ଚୋରି' ଆଦି ଲେଖା ଗୁଡିକ ଅତି ଉଚ୍ଚକୋଟୀର ମନେହେଲା।

**ଅଳକା ନନ୍ଦ**

alkananda@yahoo.com

ପତ୍ରପତ୍ରିକା ପଢ଼ିବାକୁ ଥିବା ରୁଚି ମଧ୍ୟରେ ମୁଁ ପ୍ରତି ମାସରେ ପ୍ରଥମେ 'ସାହିତ୍ୟ ଚର୍ଚ୍ଚା' ପଢ଼ିଥାଏ। ଏଥର 'ସାହିତ୍ୟରେ ଲେଖା ଓ ଭାବ ଚୋରି' ଏବଂ 'ଜଗତୀକରଣ, ସଂସ୍କୃତି ଓ ଓଡ଼ିଆ ଉପନ୍ୟାସ' ପ୍ରବନ୍ଧ ଦୁଇଟି ସାମ୍ପ୍ରତିକ ସାହିତ୍ୟ ଓ ସାମାଜିକ ପରିସ୍ଥିତି ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଶିକ୍ଷଣୀୟ। 'ଅଭିଳାଷ' ଅନୁବାଦ ଗଳ୍ପ ମଧ୍ୟ ହୃଦୟସ୍ପର୍ଶୀ।

**ପ୍ରବୀର କୁମାର ପଟ୍ଟନାୟକ**

prabir.k.pattanaik@gmail.com

ଆପଣଙ୍କ ପତ୍ରିକାର ଫେବୃଆରୀ ୨୦୨୩ ସଂଖ୍ୟାଟି ପଢି ଭଲ ଲାଗିଲା। ନିଖିଳାନନ୍ଦ ପାଣିଗ୍ରାହୀଙ୍କ 'ସୃଜନଶୀଳତାର ସ୍ୱତନ୍ତ୍ର ମାର୍ଗ' ପ୍ରବନ୍ଧରେ ଷ୍ଟିଭ ଜୋବ୍ସ ଓ ମନୋଜ ଦାସଙ୍କ ଉଦ୍ଧୃତିମାନ ଖୁବ୍ ପ୍ରେରଣାଦାୟୀ। 'ସାହିତ୍ୟରେ ଆତ୍ମବୋଧ', 'ଜଗତୀକରଣ, ସଂସ୍କୃତି ଓ ଓଡ଼ିଆ ଉପନ୍ୟାସ', 'ସାହିତ୍ୟରେ ଲେଖା ଓ ଭାବର ଚୋରି' ଆଦି ଉଚ୍ଚକୋଟୀର ପ୍ରବନ୍ଧ ଶିକ୍ଷଣୀୟ। ବ୍ୟଙ୍ଗ ବିଭାଗରେ ଅଜୟ କୁମାର ମିଶ୍ରଙ୍କ 'ବିଲେଇକି ମୂଷା ଧମକାଣ' ବାସ୍ତବିକ ଅଧୁନା ସମାଜର ରହସ୍ୟମୟ ସବୁ ବ୍ୟାପାର ମାନଙ୍କର ଗୁମର ଖୋଲିବାର ପ୍ରୟାସ। ଡ.କୁଳାଙ୍ଗାରଙ୍କ 'ହୋଟେଲୀୟ ସାହିତ୍ୟ'ରେ ସାହିତ୍ୟିକମାନଙ୍କ ବିକଳ ମାନସିକତାର ନଗ୍ନ ରୂପକୁ ଶାଣିତ ବ୍ୟଙ୍ଗ – ହସର ଖୋରାକ ଯୋଗାଇଲା। ପ୍ରଥିତଯଶା କବି ଦେବଦାସ ଛୋଟରାୟଙ୍କ ଖିଆଲି ଚଟୁଳ କାବ୍ୟମୟ ଜୀବନ ବାବଦରେ ଉତ୍ତର ଏକ ଭିନ୍ନ ଅବବୋଧର ଅନୁଭବ ଦେଲା।

**ବିକାଶ ରାଉଳ**

bikashraulo1999@gmail.com


**FORM - IV**

Statement about ownership and other particulars about newspaper SAHITYA CHARCHA to be published in the first issue every year after the last day of February

1. Place of publication : Bhubaneswar
2. Periodicity of its publication : Monthly
3. Printer's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
4. Publisher's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
5. Editor's Name : Nihar Ranjan Satpathy
   Nationality : Indian
   Address : SB-19, Arya Village, Dumduma, Phase-4, Bhubaneswar - 751019
6. Names and addresses of individuals who own the newspaper and partners or shareholders holding More than one per cent of the total capital : Nihar Ranjan Satpathy, SB-19, Arya Village, Dumduma, Phase-4, Bhubaneswar - 751019

I, Nihar Ranjan Satpathy hereby declare that the particulars given above are true to the best of my knowledge and belief.

(Nihar Ranjan Satpathy)
Signature of Publisher

Date: 01.03.2023

ସଂପାଦକୀୟ

# ସମ୍ବର୍ଦ୍ଧିତ ହେବାକୁ ଦରଖାସ୍ତ

ସୁଶୋଭିତ ଏକ ମଞ୍ଚ ଉପରେ ନିଜର ବକ୍ଷସ୍ଥଳରେ ଫୁଲମାଳଟିଏ ଧାରଣ ପୂର୍ବକ ସମ୍ବର୍ଦ୍ଧିତ ହେବାପାଇଁ ଆଶା ବାନ୍ଧି ବସିଥିବା ଆମର ଏହି ପରମ-ପାବନ ଭାରତବର୍ଷର ପୂର୍ବ ଭୂଖଣ୍ଡ ସ୍ଥିତ ଉତ୍କଳ ପ୍ରଦେଶର ସାରସ୍ୱତ ପୁରୁଷମାନେ ସରକାର ବାହାଦୁରଙ୍କ ସାହିତ୍ୟ ଦରବାରରେ ଯୋଡହସ୍ତ ହୋଇ ସ୍ୱହସ୍ତ ଲିଖିତ ଦରଖାସ୍ତମାନ ଧରି କାଳେ ନେହୁରା ହେବେ, "ମହାଭାଗ ! ଏ ଅକିଞ୍ଚନକୁ ଦୟାପୂର୍ବକ ସମ୍ବର୍ଦ୍ଧିତ କରିବା ହୁଅନ୍ତୁ। ସର୍ବସମକ୍ଷରେ ଆପଣଙ୍କ ଶ୍ରୀହସ୍ତରୁ ମୋ ପାଇଁ ପୁଷ୍ପମାଲ୍ୟଟିଏ ଆଜ୍ଞା ହେଲେ ଆମ୍ଭେ ମସ୍ତକ ନୁଆଁଇ ତାହାକୁ ସ୍ୱକୀୟ ଗଳାରେ ଧାରଣ କରିବାପାଇଁ ପ୍ରସ୍ତୁତ, ଆଜ୍ଞା।" ଏହା ଶୁଣିବାକୁ ହୁଏତ ଅଦ୍ଭୁଆ ଲାଗୁଥାଇପାରେ। କିନ୍ତୁ ଏହାକୁ ସମ୍ଭବ କରି ଦେଖାଇଛନ୍ତି ଆମ ରାଜ୍ୟର ସାହିତ୍ୟ ଏକାଡେମୀ।




ଏଠାରେ ସୂଚାଇ ଦିଆଯାଇପାରେ ଯେ କିଛିଦିନ ପୂର୍ବେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଖବରକାଗଜମାନଙ୍କରେ ପ୍ରକାଶିତ ଏକ ବିଜ୍ଞାପନରେ ରାଜ୍ୟର ସାରସ୍ୱତ ସାଧକ ଓ ସାଧିକାମାନଙ୍କଠାରୁ ସେମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରିବାପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନପତ୍ରମାନ 'ଆହ୍ୱାନ' କରାଯାଇଛି। ପାଠକସମାଜକୁ ସାରସ୍ୱତ ପ୍ରଜ୍ଞାରେ ଉଦ୍‌ବୁଦ୍ଧ କରିବାର ସାଧନାରେ ବ୍ରତୀ ଗୋଟିଏ ରାଜ୍ୟର ଲେଖକକୁଳ ପାଇଁ ଏହାଠାରୁ ବଳି ଅପମାନଜନକ ଆଉ କିଛି ଥାଇପାରେ କି? ଅବଶ୍ୟ ଆଶ୍ୱାସନାର କଥା, ଯେ ସ୍ୱୟଂ ଲେଖକଙ୍କ ବ୍ୟତୀତ ତାଙ୍କ ତରଫରୁ ଅନ୍ୟ କେହି ମଧ୍ୟ ଏଭଳି ଏକ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତାବ ରଖିପାରିବେ ବୋଲି ଏକ ବିକଳ୍ପ ବ୍ୟବସ୍ଥା ବିଜ୍ଞାପନଟିରେ ମଧ୍ୟ ରଖାଯାଇଛି। କେବଳ ଏହି ଗୋଟିଏ କଥା ଉଲ୍ଲେଖ ଥିଲେ ଆମର କିଛି କହିବାର ନଥିଲା। କାରଣ କୌଣସି ଗୁଣମୁଗ୍ଧ ପାଠକ ବା ପ୍ରଶଂସକଙ୍କ ଦ୍ୱାରା ନିଜର ପ୍ରିୟ ଲେଖକଙ୍କର ସମ୍ବର୍ଦ୍ଧନା ହେତୁ ପ୍ରସ୍ତାବ ଦିଆଯିବା ଏକ ସ୍ୱାଭାବିକ ଧାରା। କିନ୍ତୁ ଆମ ରାଜ୍ୟର ସାହିତ୍ୟିକମାନେ ନିଜେ ନିଜର ସମ୍ବର୍ଦ୍ଧନା ପାଇଁ ଦରଖାସ୍ତ ଦିଅନ୍ତୁ ବୋଲି ଏକାଡେମୀ ପକ୍ଷରୁ ଦିଆଯାଇଥିବା ଉଦ୍ଭଟ ଆହ୍ୱାନ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରିଛି।

ଅବଶ୍ୟ ଆମ ସାହିତ୍ୟ ଜଗତର ରଥୀମାନେ ଯେ ଏହିଭଳି ସ୍ୱୀକୃତି, ସମ୍ବର୍ଦ୍ଧନା ବା ପୁରସ୍କାର ପାଇଁ ଅଭିଳାଷୀ ଏକଥା ଅସ୍ୱୀକାର କରିହେବ ନାହିଁ। ଏପରିକି କେତେକେ ନିଜର ଏହି ମନୋକାମନା ଚରିତାର୍ଥ କରିବାପାଇଁ ବିଭିନ୍ନ କଳ-ବଳ-କୌଶଳ ପ୍ରୟୋଗ କରିବାକୁ ପଛାଇନଥା'ନ୍ତି। କିନ୍ତୁ ଏସବୁ ଘଟିଥାଏ ସୌଜନ୍ୟର ସୀମାରେଖା ଭିତରେ, ଲୋକଲୋଚନର ଆଢୁଆଳରେ। ଏପରିକି ସାହିତ୍ୟ ଏକାଡେମୀର 'ପୁରସ୍କାର' ନିମନ୍ତେ ସ୍ୱୟଂ ଲେଖକମାନଙ୍କଠାରୁ ଆବେଦନ ବା ପ୍ରସ୍ତାବ ଆହ୍ୱାନ କରାଯିବାର ପ୍ରଥା ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟରେ ପୂର୍ବରୁ ଲାଗୁ ହୋଇସାରିଛି ଏବଂ ଏବେ ଏହା ଗ୍ରହଣୀୟ ବି ହୋଇସାରିଲାଣି। କିନ୍ତୁ ଓଡ଼ିଶାର ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ଏଥିରୁ ପାଦେ ଆଗକୁ ଯାଇ କେବଳ ପୁରସ୍କାର ନୁହେଁ, ବରଂ 'ସମ୍ବର୍ଦ୍ଧନା' ପାଇଁ ମଧ୍ୟ ସ୍ୱୟଂ ଲେଖକମାନଙ୍କଠାରୁ ଏବର୍ଷ ଦରଖାସ୍ତମାନ ଆହ୍ୱାନ କରିଛନ୍ତି।

ଅନ୍ୟ ଭାଷାରେ କହିଲେ, କେତେକ ଓଡ଼ିଆ ଲେଖକ ଓ ଲେଖିକା ମଞ୍ଚ ଉପରେ ଫୁଲମାଳ ପିନ୍ଧି ସମ୍ବର୍ଦ୍ଧିତ ହେବାପାଇଁ ଯେ ପ୍ରବଳ ଲାଳସୀ ଓ ସେଥିପାଇଁ କର୍ତ୍ତୃପକ୍ଷଙ୍କୁ ନିଜେ ଦରଖାସ୍ତ କରିବାକୁ ବି ପ୍ରସ୍ତୁତ, ଏହି ବିଡମ୍ବନାଟିକୁ ଏକାଡେମୀ କର୍ତ୍ତୃପକ୍ଷ ଖୋଲାଖୋଲି ଭାବରେ ସ୍ୱୀକୃତି ଦେଇଛନ୍ତି ନିଜର ଏହି ବିଜ୍ଞପ୍ତି ଜରିଆରେ। ଏହା ଯେ ଆମ ସାହିତ୍ୟ ଜଗତ ପାଇଁ ଏକ ଲଜ୍ଜାଜନକ ନଜିର ସୃଷ୍ଟି କରିଛି, ଏଥିରେ ସନ୍ଦେହ ନାହିଁ। ଏହା ମଧ୍ୟ ସୂଚାଇ ଦିଏ ଯେ ଆମ ରାଜ୍ୟର ସମ୍ବର୍ଦ୍ଧନା-ଯୋଗ୍ୟ ସାହିତ୍ୟିକମାନଙ୍କୁ ସ୍ୱତଃ ଚିହ୍ନଟ କରିବାପାଇଁ ଏକାଡେମୀ ନିଜର କ୍ଷମତା ଓ ଆତ୍ମବିଶ୍ୱାସ ହରାଇବସିଛି। ଏହା ଖୁବ୍ ପରିତାପର ବିଷୟ।

***ନିହାର ଶତପଥୀ***

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।


**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭ , ମୋବାଇଲ : ୯୩୬୮୭୭୨୫୦୬

**ପ୍ରବନ୍ଧ**

# ଯୁଗର ବିବର୍ତ୍ତନରେ ବିକାଶୋନ୍ମୁଖୀ ଶିଶୁସାହିତ୍ୟ



ଡ. ରମାକାନ୍ତ ନାୟକ

ଶିଶୁସାହିତ୍ୟକୁ କୁହାଯାଏ, ସାଧାରଣ ସାହିତ୍ୟର ମୁଖଶାଳା। ଏହା କେବଳ ମନୋରଞ୍ଜନ ଅବା ଅବସର ନିବୋଦର ମାଧ୍ୟମ ନୁହେଁ, ବରଂ ଜାତିର ଭବିଷ୍ୟତ ନିର୍ମାଣ ତଥା ଆଦର୍ଶ ସ୍ଥାନୀୟ ସୁସ୍ଥ ସମାଜ ଗଠନ ପାଇଁ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ। ଶିଶୁମାନଙ୍କୁ ଯଥାର୍ଥ ଶିକ୍ଷା ପ୍ରଦାନ କରିବା, ଜୀବନ ଜିଜ୍ଞାସାର ଅଭିବ୍ୟକ୍ତି ପରିପ୍ରକାଶ ନିମନ୍ତେ, ଜାତିର ଗୌରବମୟ ପରମ୍ପରା, ଐତିହ୍ୟ, ସଂସ୍କୃତି ସହିତ ପରିଚିତ କରାଇବା ଏବଂ ସୌନ୍ଦର୍ଯ୍ୟବୋଧ ଓ ସୃଜନୀଶକ୍ତିର ଅଙ୍କୁରୋଦ୍‌ଗମରେ ସହାୟକ ହେବାପାଇଁ ଶିଶୁସାହିତ୍ୟ ଅଭିପ୍ରେତ। ସାଧାରଣ ସାହିତ୍ୟ ଯେତେ ବିପୁଳ ଓ ସମୃଦ୍ଧ ହେଲେ ମଧ୍ୟ ଶିଶୁସାହିତ୍ୟ ହିଁ ତାହାର ଭିତ୍ତିଭୂମି।



ଶିଶୁସାହିତ୍ୟର ସଂଜ୍ଞା ସଂକ୍ରାନ୍ତରେ କେତେକଙ୍କ ମତରେ ଶିଶୁମାନଙ୍କ ଦ୍ୱାରା ରଚିତ ସାହିତ୍ୟ ହେଉଛି ଶିଶୁସାହିତ୍ୟ। କିନ୍ତୁ ବ୍ୟାପକତର ଦୃଷ୍ଟିରୁ ବିଚାର କଲେ, ଶିଶୁ ବିକାଶୋନ୍ମୁଖୀ ହେଲେ ମଧ୍ୟ ପର୍ଯ୍ୟାପ୍ତ ଜ୍ଞାନର ଅଧିକାରୀ ନୁହେଁ। ହୁଏତ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିଲେ ମାନବ ଶିଶୁ ଜୀବନ୍ତ ସାହିତ୍ୟ ହୋଇପାରେ। ଶିଶୁର ଦରୋଟି ଭାଷା, ଉଚ୍ଛଳ ହସ, ଅନୁକରଣର ପ୍ରୟାସ ସାହିତ୍ୟିକକୁ ଅସୀମ ପ୍ରେରଣା ପ୍ରଦାନ କରେ। ମାତ୍ର ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ସାହିତ୍ୟ ହିଁ ବାସ୍ତବରେ ଶିଶୁସାହିତ୍ୟ ଅଟେ। ଏହା ମଧ୍ୟ ସର୍ବଜନ ସ୍ୱୀକୃତ। ଯଶସ୍ୱୀ ଶିଶୁସାହିତ୍ୟ ସ୍ରଷ୍ଟା ରାମ ପ୍ରସାଦ ମହାନ୍ତିଙ୍କ ଭାଷାରେ "ଶିଶୁର ଭାବନା, କଳ୍ପନା, ଆଶା, ଆକାଂକ୍ଷା, ରାଗ, ରୁଷା, ରୁଚି ଓ ଆଦର ଏବଂ ସର୍ବୋପରି ଜ୍ଞାନଲାଭ ଓ ଜିଜ୍ଞାସାର ଅଭିବ୍ୟକ୍ତି ହିଁ ଶିଶୁସାହିତ୍ୟ।" ବିଶିଷ୍ଟ ଗବେଷକ ମନୀନ୍ଦ୍ର ମହାନ୍ତିଙ୍କ ମତରେ "ବୟସ୍କମାନଙ୍କ ଦ୍ୱାରା ରଚିତ ଶିଶୁ ଉପଯୋଗୀ ସାହିତ୍ୟ ହିଁ ଶିଶୁସାହିତ୍ୟ।" ଶିଶୁ ସାହିତ୍ୟିକ ଡ଼. ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂ ଏହାକୁ "କଳିକା ସାହିତ୍ୟ" ଏବଂ ଗବେଷକ ଡ଼. କୃତ୍ତିବାସ ନାୟକ ଏହାକୁ "ପିଲାଙ୍କ ସାହିତ୍ୟ" ଆଖ୍ୟା ପ୍ରଦାନ କରନ୍ତି। ପ୍ରାତଃ ସ୍ମରଣୀୟ ଲେଖକ ମନୋଜ ଦାସଙ୍କ ମତରେ, "ଉନ୍ମେଷଶୀଳ ବାଲୁତଠାରୁ ଆରମ୍ଭ କରି ଉନ୍ମୁଖ କିଶୋର ପର୍ଯ୍ୟନ୍ତ, ବୟସଗତ ଜାଗୃତିର ଏ ସମସ୍ତ ସ୍ତରର ପାଠକ ଉଦ୍ଦେଶ୍ୟରେ ନିବେଦିତ ସାହିତ୍ୟକୁ ଆମେ ସଚରାଚର ଶିଶୁସାହିତ୍ୟ ବୋଲି କହିଥାଉଁ।"

### ଅଲିଖିତ ସାହିତ୍ୟ

ସମୟର ବିବର୍ତ୍ତନରେ ସାମ୍ପ୍ରତିକ ଓଡ଼ିଆ ଶିଶୁସାହିତ୍ୟ ଯେଉଁ ପୃଷ୍ଠଭୂମି ଉପରେ ନିର୍ମିତ, ସେଗୁଡ଼ିକ ହେଉଛି ପ୍ରାଚୀନକାଳର ଅଲିଖିତ ଲୋକସାହିତ୍ୟ, ଇଂରେଜ ଶାସନ କାଳର ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ବ୍ୟବହୃତ ସାହିତ୍ୟ ପାଠ୍ୟପୁସ୍ତକ। ଲୋକସାହିତ୍ୟ କେବଳ ଓଡ଼ିଆ ଭାଷାରେ ନୁହେଁ, ବିଶ୍ୱର ପ୍ରତ୍ୟେକ ଦେଶରେ ଆଧୁନିକ ସାହିତ୍ୟର ଜନନୀ ଅଟେ। ଓଡ଼ିଆ ଜାତିର ଲୋକକଥା ଓ ଲୋକଗୀତ ମଧ୍ୟରେ ଓଡ଼ିଆ ଶିଶୁସାହିତ୍ୟ ପ୍ରଚ୍ଛନ୍ନ ଓ ପରିବ୍ୟାପ୍ତ। ଶିଶୁର ମନୋରଞ୍ଜନ ପାଇଁ କେଉଁ ଅନନ୍ତ କାଳରୁ ଶିଶୁଗୀତି, ନାନାବାୟା ଗୀତ, ପରୀକଥା, ନାଁ ଦିଆ, ଗୋଲକ ଧନ୍ଦା ପ୍ରଭୃତି ମୌଖିକ ଶିଶୁସାହିତ୍ୟ ଭାବରେ ପ୍ରଚଳିତ ହୋଇ ଆସିଥିଲା। ଏ ସମ୍ବନ୍ଧରେ ପ୍ରସିଦ୍ଧ ଗବେଷକ ଡ଼. ଅରବିନ୍ଦ ପଟ୍ଟନାୟକ କହନ୍ତି, "ମୁହେଁ ମୁହେଁ ସୃଷ୍ଟି ହୋଇ କାନକୁ କାନ ସ୍ମୃତିକୁ ଗତିକରି ମୁହେଁ ମୁହେଁ ଉଚ୍ଚାରିତ ସାହିତ୍ୟକୁ କୁହାଯାଏ ମୌଖିକ ସାହିତ୍ୟ ବା ଲୋକସାହିତ୍ୟ। ଯେଉଁ ଲୋକେ ଅକ୍ଷର ବିନା ସାହାଯ୍ୟରେ ଏହି ସ୍ମୃତି ନିର୍ଭର ସାହିତ୍ୟ ସୃଷ୍ଟି କରନ୍ତି,

ସେମାନେ ସାଧାରଣ ମାମୁଲି ଲୋକ, ମହିଳା ଓ କର୍ମଜୀବୀ। ଶଗଡ଼ିଆଟି ଶଗଡ଼ ଚଳାଇଲା ବେଳେ, ହଳିଆଟି ହଳ କଲାବେଳେ, ମଇଁଷିଆଳଟି ମଇଁଷି ଚରାଇବା ବେଳେ, ଜେଜେ ମା' ନାତି ନାତୁଣୀଙ୍କୁ ବୁଝାଇ ଶୁଝାଇ ଖୁଆଇବା ବେଳେ, ଜହ୍ନ ଦେଖାଇବା ବେଳେ, ଖେଳେଇବା ବେଳେ, ଯେଉଁ ଗୀତ ବୋଲନ୍ତି, ମୁହେଁ ମୁହେଁ ଚଳିଆସୁଥିବା କାହାଣୀଗୁଡ଼ିକୁ ମନ ଘେନିଆ ଭାଷା ଓ ଢ଼ଙ୍ଗରେ କହନ୍ତି, ସେଗୁଡ଼ିକ ମୌଖିକ ବା ଲୋକସାହିତ୍ୟ। ଏଭଳି ଲୋକମୁଖରେ ସୃଷ୍ଟି ହୋଇଥିବା ମୌଖିକ ସାହିତ୍ୟରେ ପିଲାଙ୍କ ପାଇଁ ପ୍ରଚୁର ସାହିତ୍ୟ ସୃଷ୍ଟି ହୋଇଛି।" ମା' ମୁଖରୁ ସ୍ୱତଃସ୍ଫୁର୍ତ୍ତ ଭାବରେ ନିଗିଡ଼ି ଆସେ ଅନେକ ସ୍ନେହବୋଳା ଗୀତର ଲହର। ସେହି ସମୟର ସେହି ନିରର୍ଥକ ସଙ୍ଗୀତର ଧ୍ୱନି ଶିଶୁର ଶ୍ରବଣେନ୍ଦ୍ରିୟକୁ ସକ୍ରିୟ କରିବା ସହିତ ତା'ର ବାକ୍‌ଶକ୍ତିର ବିକାଶ ପାଇଁ ଇନ୍ଧନ ଯୋଗାଏ। ବାଛୁରୀ ପାଇଁ ଯେପରି ଗାଈର ସ୍ତନରୁ କ୍ଷୀର ନିର୍ଝର ବହିଆସେ, ଆକାଶରେ ଘନ ମେଘମାଳା ଦେଖି ମୟୂର ଯେପରି ପୁଚ୍ଛ ପ୍ରସାରିତ କରି ନୃତ୍ୟରତ ହୁଏ, ସେହିପରି ସ୍ୱତଃପ୍ରବୃତ୍ତ ଭାବରେ ମାତୃ ମୁଖରୁ ନିସୃତ ହୁଏ ଯେଉଁ ସ୍ୱର, ସେଥିରେ ଥାଏ ଅନେକ ଭାବନା, ସ୍ମୃତି, ଅନୁଭୂତି, ସୁଖ, ଦୁଃଖ, ଜଣା ଅଜଣା, ଶୁଣା ଅଶୁଣା ଶବ୍ଦର ସ୍ୱର ଝଙ୍କାର, ଏହି ଅର୍ଥହୀନ ଶବ୍ଦର ଲହରୀ ଥିଲା ଆଦ୍ୟ ମୌଖିକ ସାହିତ୍ୟ।

**ଏଭଳି ଲୋକମୁଖରେ ସୃଷ୍ଟି ହୋଇଥିବା ମୌଖିକ ସାହିତ୍ୟରେ ପିଲାଙ୍କ ପାଇଁ ପ୍ରଚୁର ସାହିତ୍ୟ ସୃଷ୍ଟି ହୋଇଛି।**

### ବାତ୍ସଲ୍ୟ ରସ


ପ୍ରାଚୀନ ଭାରତର କାବ୍ୟତତ୍ତ୍ୱରୁ ଜଣାଯାଏ ଯେ, ପ୍ରାଚୀନ ଯୁଗର ଅଳଙ୍କାର ଗ୍ରନ୍ଥରେ ଶୃଙ୍ଗାର, ହାସ୍ୟ, ବୀର, ବିଭତ୍ସ, ଭୟାନକ, କରୁଣ, ଶାନ୍ତ, ଅଦ୍ଭୁତ ଓ ରୌଦ୍ର ରସ ସହିତ 'ବାତ୍ସଲ୍ୟ' ନାମକ ରସକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ 'ବତ୍ସଳ' ଶବ୍ଦର ବ୍ୟବହାର ପରିଲକ୍ଷିତ ହୁଏ। ବତ୍ସଳତା ହେଉଛି ସନ୍ତାନ ପ୍ରତି ସ୍ନେହର ଏକ ଭାବ। ଏଥିରୁ ସ୍ପଷ୍ଟ ଅନୁମିତ ଯେ, ଶିଶୁକୁ ଆଧାର କରି ଏକ ନୂତନ ରସର ପରିକଳ୍ପନା ପ୍ରାଚୀନ କବ୍ୟାଳଙ୍କାର ଶାସ୍ତ୍ରରେ କରାଯାଇଛି। କିନ୍ତୁ କାବ୍ୟର ବିଷୟବସ୍ତୁ, ଶବ୍ଦ ଗାମ୍ଭୀର୍ଯ୍ୟ, ଆଳଙ୍କାରିକତା ଭିତରେ ହଜିଯାଇ ଶିଶୁ ସୁଲଭ ଗୁଣର ପ୍ରକାଶ କରିବାକୁ କବି ସ୍ୱତଃ ପ୍ରୟାସ କରିନାହିଁ।

୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ଅଧିକୃତ ହେଲା। ଏହାପୂର୍ବରୁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଥିଲା ଗ୍ରାମ୍ୟ ଚଟଶାଳୀ। ଏଠାରେ ଅବଧାନ ବା ବଡ଼ଚଟକୁ ଅନୁସରଣ କରି ଅନ୍ୟ ଚଟମାନେ ରାମଲୀଳା, ଭାଗବତ, ଚଉତିଶା, କେଶବ କୋଇଲି, ଚଉପଦୀ, ରସକୋଲ୍ଲଳ, ବିଦଗ୍ଧ ଚିନ୍ତାମଣି, ଗୋପୀ ଭାଷା, ଅଙ୍ଗନ ପେଢ଼ି, ମଥୁରା ମଙ୍ଗଳ ପ୍ରଭୃତି ଆବୃତ୍ତି କରି ଅଧ୍ୟୟନ କରୁଥିଲେ। ଏଗୁଡ଼ିକର ସାହିତ୍ୟିକ ଓ ସାଙ୍ଗୀତିକ ମୂଲ୍ୟ ଥିବା ସତ୍ତ୍ୱେ ଶିଶୁର ମାନସିକ ଶକ୍ତି ବିକାଶରେ ତାହା ବିଶେଷ ସହାୟକ ହେଉନଥିଲା। ଏଗୁଡ଼ିକ ଶିଶୁସାହିତ୍ୟ ପଦବାଚ୍ୟ ନଥିଲେ। ତତ୍କାଳୀନ ଶିଶୁସାହିତ୍ୟ ଶିଶୁ ମନସ୍ତତ୍ତ୍ୱ ଉପରେ ପର୍ଯ୍ୟବସିତ ନଥିଲା। ଦୃଷ୍ଟାନ୍ତ ସ୍ୱରୂପ, "କୋକବାୟା ନନାରେ ବାଡ଼ି ପଛାଡ଼େ ଥା/କୁନିଆ କାନ ମୋଚି ମୋଚିକା ପୁନିଆ କାନ ଖା।" କୋମଳମତି ଶିଶୁକୁ କୋକମିନାର ଭୟ ଦେଖାଇ ଶୁଆଇ ପକାଇବା ବିଜ୍ଞାନ ସମ୍ମତ ବୋଲି କହି ହେବ ନାହିଁ। ଶିଶୁମାନଙ୍କୁ କୁହାଯାଉଥିବା କାହାଣୀରେ ଥିବା ଅସୁର ଅସୁରୁଣୀ କଥା, ଦେବତା ଓ ରାକ୍ଷସୀମାନଙ୍କ କଳି ଏବଂ ଷଡ଼ଯନ୍ତ୍ର ବିଷୟ, ଭୂତ ପ୍ରେତାଦି ଗଳ୍ପ ପ୍ରଭୃତି ଆଧୁନିକ ଶି□କ୍ଷାନୀତିର ପରିପନ୍ଥୀ। ଭୟ, କ୍ରୋଧ, ଉଦ୍‌ବେଗ ସଞ୍ଚାର କରୁଥିବା ଗୀତ ଓ କାହାଣୀ ଶିଶୁସାହିତ୍ୟରେ ସ୍ଥାନ ପାଇବା ଉଚିତ ନୁହେଁ। ଶିଶୁର ମନ ଓ ଶରୀରରେ ରୋମାଞ୍ଚ ସୃଷ୍ଟି କରୁଥିବା ହତ୍ୟା, ଲୁଣ୍ଠନ, ଶୋଷଣ, ଅତ୍ୟାଚାର ଓ ପାରିବାରିକ ଅଶାନ୍ତି ସଂକ୍ରାନ୍ତୀୟ ନକରାତ୍ମକ ଘଟଣା ଶିଶୁ ସାହିତ୍ୟରେ ସର୍ବାଦୌ ବର୍ଜନୀୟ। ଏ ପ୍ରକାର ବିରୋଧାତ୍ମକ ସାହିତ୍ୟ ଶିଶୁର କୋମଳ ମନରେ ପ୍ରତିକୂଳ ଭାବାନ୍ତର ସୃଷ୍ଟି କରେ।

### ଶିଶୁସାହିତ୍ୟର ଆଭିମୁଖ୍ୟ

କ୍ରମେ ସମାଜର ପରିବର୍ତ୍ତିତ ପରିସ୍ଥିତିରେ ଶିଶୁସାହିତ୍ୟର ସୃଷ୍ଟି ଓ ଆଭିମୁଖ୍ୟରେ ପରିବର୍ତ୍ତନ ଦେଖାଗଲା। ଇଂରେଜ ଶାସନାଧୀନ ଶିକ୍ଷାବ୍ୟବସ୍ଥାରେ କ୍ରମଶଃ ଗ୍ରାମ୍ୟ ପାଠଶାଳା ଦୃଶ୍ୟପଟରୁ ଅନ୍ତର୍ହିତ ହୋଇଗଲା ଏବଂ ତାହା ସ୍ଥାନରେ ପ୍ରାଥମିକ ବିଦ୍ୟାଳୟମାନ ଗଢ଼ି ଉଠିଲା। ସରକାରୀ

ନିର୍ଦ୍ଦେଶାନୁଯାୟୀ ନୂତନ ଧରଣର ପାଠ୍ୟପୁସ୍ତକମାନ ପ୍ରଚଳିତ ହେଲା। ସମୟାନୁକ୍ରମେ ବିଦ୍ୟାଳୟଗୁଡ଼ିକର ସଂଖ୍ୟାରେ ବୃଦ୍ଧି ସହିତ ଓଡ଼ିଆ ଶିଶୁସାହିତ୍ୟର ବିକାଶ ସାଧିତ ହେଲା। ପ୍ରଥମେ ମିସ୍‌ନାରୀମାନେ ଖ୍ରୀଷ୍ଟଧର୍ମର ପ୍ରଚାର କରିବା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଶିକ୍ଷାର ଆଲୋକ ପ୍ରଦର୍ଶିତ କଲେ। ଓଡ଼ିଆ ଭାଷାରେ ମୌଳିକ ପୁସ୍ତକର ଅଭାବକୁ ପୂରଣ କରିବା ପାଇଁ ବଙ୍ଗଳାରୁ ପୁସ୍ତକ ଅନୂଦିତ ହୋଇ ପ୍ରାଥମିକ ବିଦ୍ୟାଳୟରେ ବ୍ୟବହୃତ ହେଲା। କିନ୍ତୁ ସେମାନଙ୍କ ପ୍ରଣିତ ପୁସ୍ତକଗୁଡ଼ିକ ଓଡ଼ିଆ ଭାଷାର ବିକୃତ ସ୍ୱରୂପର ସୂତ୍ରପାତ କରିଥିଲା। ଅନୂଦିତ ପୁସ୍ତକ ମଧ୍ୟରେ ଥିଲା ଓଡ଼ିଆ 'ବର୍ଣ୍ଣଶିକ୍ଷା', 'ହିତୋପଦେଶ', 'ନୀତିଶିକ୍ଷା' ଇତ୍ୟାଦି। ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷର ପରବର୍ତ୍ତୀ ସମୟରେ ଦେଖାଦେଇଥିବା ନବଜାଗରଣ ଓ ଭାଷା ଆନ୍ଦୋଳନର ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ଆଧୁନିକ ଶିଶୁସାହିତ୍ୟର ଉନ୍ମେଷକାଳ ଭାବରେ ଯଶସ୍ୱୀ ଶିଶୁସାହିତ୍ୟ ସ୍ରଷ୍ଟା ରାମକୃଷ୍ଣ ନନ୍ଦ ଅଭିହିତ କରନ୍ତି। ଏହି ସନ୍ଧିକ୍ଷଣରେ ବ୍ୟାସକବି ଫକୀର ମୋହନ, ଓଡ଼ିଆ ଭାଷା, ଗଣିତ, ଭୂଗୋଳ ଓ ଇତିହାସ ରଚନା କଲେ। ଉନବିଂଶ ଶତାବ୍ଦୀର ଶେଷ ଭାଗରେ କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କ ମିଳିତ ଲେଖନୀରୁ ନିସୃତ ହେଲା 'କବିତାବଳୀ'। ଶିଶୁସାହିତ୍ୟ ପ୍ରତି ଅତୁଳନୀୟ ଅବଦାନ ଯୋଗୁଁ ମଧୁସୂଦନ ଓଡ଼ିଆ ଶିଶୁସାହିତ୍ୟର ଜନକ ଭାବରେ ପରିଚିତ ହୁଅନ୍ତି। ୧୮୯୫ ମସିହାରେ ତାଙ୍କ ପ୍ରକାଶିତ 'ବର୍ଣ୍ଣବୋଧ' ବହୁଦିନ ପର୍ଯ୍ୟନ୍ତ ଓଡ଼ିଆ ଅକ୍ଷର ଶିକ୍ଷାର ଏକ ପ୍ରକୃଷ୍ଟ ମାଧ୍ୟମ ଭାବରେ ଲୋକପ୍ରିୟତା ଅର୍ଜନ କରିଥିଲା। ତାଙ୍କ ଲିଖିତ ପାଠ୍ୟପୁସ୍ତକ, 'ଛାନ୍ଦମାଳା' ଓ 'ବୋଧୋଦୟ' ଥିଲା ଶିଶୁସାହିତ୍ୟ ଜଗତର ଅମୂଲ୍ୟରତ୍ନ। ପଦଲାଳିତ୍ୟ ଓ ଗୀତିମାଧୁର୍ଯ୍ୟ ଯୋଗୁଁ ସେହି ରଚନାବଳୀ ଶିଶୁମାନଙ୍କ ମନରେ ନବ ଉଦ୍ଦୀପନା ସଞ୍ଚାର କରୁଥିଲା। ବର୍ଣ୍ଣବୋଧରେ ସେ ଲେଖିଛନ୍ତି "ମଧୁର ବିନୟ ବଚନ/କହି ତୋଷିବ ଜନମନ/ ମିଥ୍ୟାକୁ ପାପ ବୋଲି ଜାଣି/ସଦା କହିବ ସତ୍ୟବାଣୀ।" ଗଭୀର ଭକ୍ତିଭାବ ଓ ଈଶ୍ୱର ବିଶ୍ୱାସର ସ୍ୱଷ୍ଟ ସୂଚନା ଦିଏ ମଧୁସୂଦନଙ୍କର କବିତା। "ଯାହା ମୁଁ କରଇ ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ/ଜଗତର କର୍ତ୍ତା ପରମ ଈଶ୍ୱର ଜାଣୁଛନ୍ତି ପରକ୍ଷଣେ।" ପଲ୍ଲୀକବି ନନ୍ଦକିଶୋରଙ୍କ 'ନାନାବାୟା ଗୀତ', 'ନିର୍ଝରିଣୀ', 'ପଲ୍ଲୀଚିତ୍ର' ଥିଲା ଶିଶୁସାହିତ୍ୟ ଭଣ୍ଡାରକୁ ଅନବଦ୍ୟ ଦାନ। 'ନାନାବାୟା ଗୀତ'ରେ ନନ୍ଦକିଶୋର ଗାଇଉଠିଛନ୍ତି "ଡ଼ାମରା କାଉରେ ଡ଼ାମରା କାଉ/ଉଞ୍ଚ ପରବତେ ବୋବାଉ ଥାଉ" "ଆସ ଆସ ପାରା ଯୋଡ଼ିକ ମୋ' ପିଣ୍ଡାରେ ବସ/ଖାଇବାକୁ ଦେବି ତୁମକୁ ନଡ଼ିଆ ରସ।" ଏହି ଯୁଗରେ ଗୋପାଳ ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗଙ୍ଗାଧର ମେହେର, ଭିକାରୀ ପଟ୍ଟନାୟକ ପ୍ରମୁଖ ଥିଲେ ଓଡ଼ିଆ ଶିଶୁସାହିତ୍ୟ ଜଗତରେ ଜଣେ ଜଣେ ଉଜ୍ଜ୍ୱଳ ନକ୍ଷତ୍ର। 'ଜହ୍ନମାମୁଁ' ପତ୍ରିକାରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଲେଖନୀରୁ ଝରିଆସିଥିଲା, "ବସିବାକୁ ଦେବି ଖଟ ସୁପାତି/ଧରିବାକୁ ଦେବି ସୁବର୍ଣ୍ଣ ଛତି/ସବୁବେଳେ ହେବ ଚାନ୍ଦିନୀ ରାତି/ କେତେବେଳେ ଲୋଡା ନୋହିବ ବତୀ।"




### ବିଜ୍ଞାନପୁଷ୍ଟ ସାହିତ୍ୟ

ବିଂଶ ଶତାବ୍ଦୀର ତୃତୀୟ ଦଶକ ପରେ ବିଶ୍ୱ ତଥା ଭାରତୀୟ ଶିଶୁସାହିତ୍ୟ ସମାଜବିଜ୍ଞାନ, ମନୋବିଜ୍ଞାନ ଓ ଭୌତିକ ବିଜ୍ଞାନ ଦ୍ୱାରା ପରିପୁଷ୍ଟ ହେଲା। ତତ୍କାଳୀନ ଶିକ୍ଷକ ବାଳକୃଷ୍ଣ କରଙ୍କ ରଚିତ, "ନୂଆ ପାଠ" ଶିକ୍ଷା ବିଭାଗ ଦ୍ୱାରା ପାଠ୍ୟପୁସ୍ତକ ଭାବରେ ମନୋନୀତ ହେଲା। ତାଙ୍କ ରଚିତ 'ଚାରୁପାଠ', 'ନୀତି ମଞ୍ଜରୀ', 'ସପନପୁରୀ', 'ଫୁଲ ଚାଙ୍ଗୁଡ଼ି' ଥିଲା ଓଡ଼ିଆ ଶିଶୁସାହିତ୍ୟ ଦିଗରେ ଅନ୍ୟତମ ଶ୍ରେଷ୍ଠ ସାହିତ୍ୟକୃତି। ତାଙ୍କ ସମ୍ପାଦିତ ଶିଶୁସାହିତ୍ୟ ପତ୍ରିକା 'ଜହ୍ନମାମୁଁ' ଓ 'ମଧୁକୋଷ' ପ୍ରକାଶନ ଶିଶୁସାହିତ୍ୟ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ଘଟଣା ଥିଲା। ସତ୍ୟବାଦୀ ଯୁଗର କୃତବିଦ୍ୟ ଲେଖକମାନେ ମଧ୍ୟ ଶିଶୁସାହିତ୍ୟ କ୍ଷେତ୍ରରେ ସାର୍ଥକତାର ସହିତ ଲେଖନୀ ଚାଳନା କରିଥିଲେ। ଗୋପବନ୍ଧୁଙ୍କ 'ଧର୍ମପଦ', ନୀଳକଣ୍ଠଙ୍କ 'ପିଲାଙ୍କ ରାମାୟଣ' ଓ 'ମହାଭାରତ', ଗୋଦାବରୀଶଙ୍କ 'କଳିକା', 'କିଶଳୟ', 'ଆଲେଖିକା', 'ଚୟନିକା', 'ଗୀତିଗୁଚ୍ଛ', 'ପିଲାଙ୍କ କାହିଁକି' ପ୍ରଭୃତି ଶିଶୁ ମନସ୍ତତ୍ତ୍ୱ ଆଧାରିତ ଭାବାତ୍ମକ

ଭାବଗର୍ଭକ, ରସାପ୍ଳୁତ, କୌତୁହଳ ଉଦ୍ଦୀପକ ମନୋଜ୍ଞ ସାହିତ୍ୟକୃତି। ଏହି ବିଶେଷ ପର୍ଯ୍ୟାୟରେ ଶିଶୁସାହିତ୍ୟର କେତୋଟି ମହତ୍ତ୍ୱପୂର୍ଣ୍ଣ ଭାବରାଜି ଦେଖିବାକୁ ମିଳେ। ପୂର୍ବରୁ ପ୍ରଚଳିତ ହୋଇଆସିଥିବା ରୂପକଥା, ପୁରାଣ ଗପ, ପ୍ରାର୍ଥନା, ଈଶ୍ୱର ମହିମା, ଧର୍ମର ଜୟ, ଗପ ବା କବିତା ଛନ୍ଦରେ ନୀତିକଥା ଇତ୍ୟାଦିକୁ ପରିତ୍ୟାଗ କରି କବି ଲେଖକମାନଙ୍କ ରଚନାରେ ଶିଶୁମାନଙ୍କ ପାଇଁ ଜ୍ଞାନ ଗରିମାପୂର୍ଣ୍ଣ ଶିଶୁ ଉପଯୋଗୀ ପୁସ୍ତକ ଦୁଃସାହସିକ କାହାଣୀ ଓ ଉପନ୍ୟାସ, ସୃଜନଶୀଳ ତଥା କାଳ୍ପନିକ ରଚନାବଳୀ ବିଜ୍ଞାନ ସମ୍ବନ୍ଧୀୟ ରଚନା ଏବଂ ସର୍ବୋପରି ଦେଶପ୍ରେମ ଓ ଜାତୀୟତାବାଦ କୈନ୍ଦ୍ରିକ କାହାଣୀ ଓ କବିତାମାନ ପ୍ରାଧାନ୍ୟ ବିସ୍ତାର କଲେ। ଶିଶୁସାହିତ୍ୟରେ ଆସିଲା ବହୁ ରଙ୍ଗ ଓ ଆଙ୍ଗୀକର କ୍ରମାଗତ ପରୀକ୍ଷା ନିରୀକ୍ଷା।

ଜାତୀୟ କବି ବୀରକିଶୋର ଥିଲେ ଶିଶୁସାହିତ୍ୟ ଆକାଶରେ ଏକ ପ୍ରଭାଦୀପ୍ତ ନକ୍ଷତ୍ର। ତାଙ୍କ ଲିଖିତ 'ବୀର ସୈନିକ', 'ମୋ' ବହି', 'ଛବିବହି' ଏବଂ ତାଙ୍କ ସମ୍ପାଦିତ 'ଟୁଆଁ ଟୁଇଁ' ପତ୍ରିକା ଥିଲା ତାଙ୍କର ଶିଶୁସାହିତ୍ୟକୁ ଅତୁଳନୀୟ ଅବଦାନ। ଏମାନଙ୍କ ବ୍ୟତୀତ ଚକ୍ରଧର ମହାପାତ୍ର, ଆର୍ତ୍ତତ୍ରାଣ ମିଶ୍ର, ରଘୁନାଥ ମହାପାତ୍ର, ଲାଲା ନଗେନ୍ଦ୍ର କୁମାର ରାୟ, ଶିବ ପ୍ରସାଦ ଦାଶ, ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ, ରାମକୃଷ୍ଣ ନନ୍ଦ, ଉଦୟନାଥ ଷଡ଼ଙ୍ଗୀ, କୁଞ୍ଜବିହାରୀ ଦାଶ, କାଳୀ ଚରଣ ପଟ୍ଟନାୟକ, ରାମପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର କର, ପ୍ରାଣବନ୍ଧୁ କର, ଚିତ୍ତରଞ୍ଜନ ଦାସ, ବିଦ୍ୟୁତ୍‌ପ୍ରଭା ଦେବୀ, ଗୋପାଳ ଚନ୍ଦ୍ର ମିଶ୍ର, ଗୋକୁଳାନନ୍ଦ ମହାପାତ୍ର, କୁଳମଣି ସାମଲ, ଶାନ୍ତନୁ ଆଚାର୍ଯ୍ୟ, ସୂର୍ଯ୍ୟମଣି ବେହେରା, ଦେବକାନ୍ତ ମିଶ୍ର, ବସନ୍ତ ବେହୁରା, ନରେନ୍ଦ୍ର ବୋଷ, ବୀରକିଶୋର ପାଢ଼ୀ, ଭଗବାନ ପାଢ଼ୀ, ବାଞ୍ଛାନିଧି ଦାଶ, ଅନନ୍ତ ପଟ୍ଟନାୟକ, ବିନୋଦ ରାଉତ ରାୟ, ନିକୁଞ୍ଜ କାନୁନ୍‌ଗୋ, ମହେଶ୍ୱର ମହାନ୍ତି, ପ୍ରସନ୍ନ ମିଶ୍ର, ଜଗନ୍ନାଥ ମହାନ୍ତି, ସ୍ନେହଲତା ମହାନ୍ତି, ଶକୁନ୍ତଳା ପଣ୍ଡା, ମହେଶ୍ୱର ମୂଳିଆ, ପୂର୍ଣ୍ଣପ୍ରଭା ଦେବୀ, ନନ୍ଦକିଶୋର ସିଂହ, ଦାଶ ବେନହୁର, କୁମୁଦିନୀ ଦେବୀ, କ୍ଷୀରୋଦ ଚନ୍ଦ୍ର ପୋଥାଳ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ରାମଚନ୍ଦ୍ର ନାୟକ, ବାମନ ଚରଣ ମିଶ୍ର, ରତ୍ନାକର ଦାସ, ଜୟକୃଷ୍ଣ ସାହୁ, ବଟକୃଷ୍ଣ ଓଝା, ରଘୁନାଥ ରାଉତ, ରମେଶ ଭଞ୍ଜ, ଦେବରାଜ ସାମନ୍ତରାୟ, ବୀରକିଶୋର ଦାସ, ନଟବର ସାହୁ, ବୀରେନ୍ଦ୍ର ସାମନ୍ତରାୟ, ପ୍ରଫୁଲ୍ଲ ଗିରି, ମନୋଜ ଦାସ, ବିଭୂତି ପଟ୍ଟନାୟକ, ଶୁଭେନ୍ଦୁ ଶ୍ରୀଚନ୍ଦନ ସିଂହ, ରାମଚନ୍ଦ୍ର ମହାନ୍ତି, ଦେବାଶିଷ ଚକ୍ରବର୍ତ୍ତୀ, କୀର୍ତ୍ତନ ସାହୁ, ଶୋଭନା ଜେନା, ଚକ୍ରଧର ବେହେରା, ମନୋରମା ମହାପାତ୍ର, ଅମରେନ୍ଦ୍ର ଗିରି ପ୍ରମୁଖ ଶିଶୁସାହିତ୍ୟର ବିଭିନ୍ନ ବିଭାବରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି।

**ଆଧୁନିକ ଲେଖକମାନେ ପୂର୍ବରୁ ଶିଶୁ ସାହିତ୍ୟରେ ପ୍ରଚଳିତ ହୋଇଆସିଥିବା ରୂପକଥା, ପୁରାଣ ଗପ, ପ୍ରାର୍ଥନା ଓ ଈଶ୍ୱର ମହିମା ଇତ୍ୟାଦିକୁ ପରିହାର କରିଛନ୍ତି।**

## ଶିଶୁପତ୍ରିକାର ଭୂମିକା

ଶିଶୁସାହିତ୍ୟର ଉନ୍ନତି ପାଇଁ ବିଭିନ୍ନ ଦିଗରେ ପ୍ରୟାସ ଅବ୍ୟାହତ ରହିଥିବା ବେଳେ, ଏ ଦିଗରେ ଶିଶୁ ପତ୍ରିକାଗୁଡ଼ିକର ଭୂମିକା ନଗଣ୍ୟ ନୁହେଁ। ସ୍ୱାଧୀନତା ପ୍ରାକ୍ କାଳରେ ପ୍ରଭାତ, ପଞ୍ଚାମୃତ, ଜହ୍ନମାମୁଁ, ମୋ' ଦେଶ ଓ ମଧୁକୋଷ ମାତ୍ର ପାଞ୍ଚଟି ପ୍ରକାଶ ପାଇ ସ୍ୱଳ୍ପଦିନ ମଧ୍ୟରେ ଶିଶୁସାହିତ୍ୟ ଆକାଶରୁ ନିଷ୍ପ୍ରଭ ହୋଇଯାଇଥିଲେ। ସ୍ୱାଧୀନତାର ପରବର୍ତ୍ତୀ କାଳରୁ ଶିଶୁସାହିତ୍ୟ କ୍ଷେତ୍ରରେ ଅମ୍ଳାନ ପଦଚିହ୍ନ ଅଙ୍କିତ ରହିଥିବା ଶିଶୁ ପତ୍ରିକାଗୁଡ଼ିକ ହେଉଛି ମୀନା ବଜାର (୧୯୫୦), ସଂସାର (୧୯୫୧), ଶିଶୁ ସମ୍ପଦ (୧୯୫୪), ଟୁଆଁ ଟୁଇଁ (୧୯୫୭), ବାଳ ବିନୋଦ (୧୯୫୮), ମନପବନ (୧୯୬୩), ଶିଶୁଲେଖା (୧୯୭୧), ଟୁଉକୁମୁଷି (୧୯୭୧), ବିଶ୍ୱଶିଶୁ (୧୯୭୧), ଚକୋଲେଟ (୧୯୭୨), ପାରିଜାତ (୧୯୭୩), ବାଇଚଢ଼େଇ (୧୯୭୩), କୁନି ରାଇଜ (୧୯୭୬), କୁଆଁ ତାରା (୧୯୭୭), ସୁନାପିଲା (୧୯୭୭), ଉଦୁ ଉଦୁମା (୧୯୭୯), ଶିଶୁ ରାଇଜ (୧୯୮୦), ନନ୍ଦନକାନନ (୧୯୮୧), ନାନବାୟା (୧୯୮୧), ବାଘମାମୁଁ (୧୯୮୧), ସାଗର ରାଜା (୧୯୮୧), ବାଳାରୁଣ (୧୯୮୧), ପୁଷି ମାଉସୀ (୧୯୮୨), ଫୁଲ ରାଇଜ (୧୯୮୨), ବେଙ୍ଗ ବେଙ୍ଗୁଲି (୧୯୮୫), ଶିଶୁସୂର୍ଯ୍ୟ (୧୯୮୬), ବାନର ସେନା (୧୯୮୮), ଧୋ' ରେ ବାୟା ଧୋ' (୧୯୮୭), ଝୁମୁକା (୧୯୮୭), ବଗ ବଗୁଲି

(୧୯୮୯), ଶିଶୁରେଖା (୧୯୯୧), ବାଲିଘର (୧୯୯୧), କଳାମାଣିକ (୧୯୯୨), ଖୋଲା ଆକାଶ (୧୯୯୩), ସୁବର୍ଣ୍ଣ ଦୀପ (୧୯୯୪), ଉଦୁ ଉଦୁମା (୧୯୯୪), ଉନ୍ମେଷ (୧୯୯୭), ଶିଶୁ ବଜାର (୧୯୯୯), ବାଇଚଢ଼େଇ (୧୯୯୯), ଶିଶୁ ଜୀବନ (୨୦୦୦), ଝରଣା (୨୦୦୦), କିଶୋର ସ୍ୱାକ୍ଷର (୨୦୦୧), ବାଇଚଢ଼େଇ (୨୦୦୩), ଶକ୍ତିମାନ (୨୦୦୩), ପାଠ ଓ ଶାଠ (୨୦୦୩), ନବ ଆକାଶର ଚନ୍ଦ୍ରମା (୨୦୦୪), ସୁନା କଣ୍ଢେଇ (୨୦୦୪), ନଲେଜ୍ ଡ଼ଟ୍ କମ୍ (୨୦୦୫), ତେଲିଙ୍ଗି ବାଜା (୨୦୦୫), ଓଡ଼ିଶା ବାଳ ପ୍ରତିଭା (୨୦୦୬), ଶିଶୁ ପ୍ରତିଭା (୨୦୦୭), ଅତି ଆପଣାର ଟିକି ପିଲାଟି (୨୦୦୭), ସରଗ ଶଶୀ (୨୦୦୭), ଭୁବନ ମୋହିନୀ (୨୦୦୭), ନୂଆ କଲମ (୨୦୦୭), କୁନି ସପନ (୨୦୦୮), ଶିଶୁ ଦୁନିଆ (୨୦୦୮), ପରଶମଣି (୨୦୦୯), ଶିଶୁ ସାରଥି (୨୦୦୯), ଶିଶୁ ଜାଗରଣ (୨୦୦୯), ସରଗ ତରା (୨୦୦୯), ଆମରି ସତ୍ୟ (୨୦୧୦), ପିଲାଙ୍କ କାଗଜ ଡ଼ଙ୍ଗା (୨୦୧୦), ସୁନା ଝରଣା (୨୦୧୦), କୁନି କଥା (୨୦୧୧), ଆଶୀର୍ବାଦ (୨୦୧୧), ମୋ' ଆଶା (୨୦୧୫), ଗଳାହାର (୨୦୧୬), ନାନାବାୟା (ନୂତନ ପ୍ରସ୍ଥ-୨୦୧୬), ଶୁଭ ସକାଳ (୨୦୧୭), ସତ୍ୟବାଦୀ ସାହିତ୍ୟ ପତ୍ରିକାର ଟିକି ତାରା (୨୦୧୮) ପ୍ରଭୃତି। ଏହି ପ୍ରବନ୍ଧର କଳେବରକୁ ଦୃଷ୍ଟିରେ ରଖି ସାମ୍ପ୍ରତିକ କାଳର ସମସ୍ତ ଶିଶୁ ସାହିତ୍ୟିକ, ଯେଉଁମାନେ ସେମାନଙ୍କ ଲେଖନୀ ଚାଳନା କରି ଏବଂ ସମସ୍ତ ଶିଶୁ ପତ୍ରିକା, ଯେଉଁଗୁଡ଼ିକ ଶିଶୁସାହିତ୍ୟର ଉନ୍ମେଷ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଆସିଛନ୍ତି ସମସ୍ତଙ୍କର ନାମ ଓ କୃତିର ବିବରଣୀ ଏଥିରେ ସ୍ଥାନିତ କରିବା ସମ୍ଭବପର ହେଉନାହିଁ।




ଏହି ସମସ୍ତ ବିକାଶୋନ୍ମୁଖୀ କୃତିତ୍ୱ ସତ୍ତ୍ୱେ ଆମ ଓଡ଼ିଆ ଶିଶୁସାହିତ୍ୟ ଏବେ ମଧ୍ୟ ତାହାର ନିଜସ୍ୱ ଗୌରବ ମଣ୍ଡିତ ହେବାକୁ ଅନେକ ବାକି ରହିଛି। ଯାହା ତାହା ଲେଖିଦେଲେ ଶିଶୁସାହିତ୍ୟ ହୋଇଯାଏନାହିଁ। ସାର୍ଥକ ଶିଶୁସାହିତ୍ୟ ସର୍ଜନା କରିବାକୁ ହେଲେ ସାରସ୍ୱତ ସ୍ରଷ୍ଟାଙ୍କୁ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ବିଶେଷତଃ ଶିଶୁର ମନସ୍ତତ୍ତ୍ୱ, ଚରିତ୍ର ଗଠନ ଓ ସାମାଜିକ ସମସ୍ୟା ପ୍ରତି ସଚେତନା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଶିଶୁର ପାରିପାର୍ଶ୍ୱିକ ପରିବେଶ ମଧ୍ୟରେ ତାହା ମନରେ ଯେଉଁ ନବ ଜିଜ୍ଞାସା ଉଙ୍କିମାରୁଛି, ତାହାକୁ ଶିଶୁସାହିତ୍ୟରେ ସ୍ଥାନିତ କରିବା ଉଚିତ। ପ୍ରଥିତ ଯଶା ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ କହନ୍ତି, "ଆଙ୍ଗିକ ଓ ଆତ୍ମିକ ବୈଚିତ୍ର୍ୟମୟ ବହିର ଚେହେରା ଓ ବିଷୟବସ୍ତୁ ଏ ଦୁଇଟିଯାକ ଶିଶୁସାହିତ୍ୟ ସମ୍ପର୍କରେ ବିଚାର୍ଯ୍ୟ। ଛୋଟ ପିଲାମାନେ ପ୍ରଥମେ ରୂପରେ ଆକୃଷ୍ଟ ହୁଅନ୍ତି। ତେଣୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବହିକୁ ରଙ୍ଗୀନ ଛବି, ଚକ ଚକିଆ ମଲାଟ, ଭଲ କାଗଜ, ଶୁଦ୍ଧ ଓ ପରିଷ୍କାର ମୁଦ୍ରଣ ଏବଂ ଦୃଢ଼ ବନ୍ଧେଇ ଦ୍ୱାରା ଆକର୍ଷଣୀୟ କରାଯିବା ପାଇଁ ଆଙ୍ଗିକର ଚାକଚକ୍ୟ ଉଚିତ। X X X ଶିଶୁ ପୁସ୍ତକର ବିଷୟବସ୍ତୁ ବାଛିବା ପାଇଁ ବ୍ୟାପକ କ୍ଷେତ୍ର ରହିଛି। ଶିଶୁ ତା' ଚାରିପଟେ ଦେଖୁଛି ବୈଚିତ୍ର୍ୟମୟ ପୃଥିବୀକୁ ଏବଂ ତାକୁ ବୁଝିବାକୁ ଚେଷ୍ଟା କରୁଛି। ସାହିତ୍ୟ ତାକୁ ସେ ଦିଗରେ ସାହାଯ୍ୟ କରିବା ଉଚିତ। ଜୀବଜନ୍ତୁ, ତରୁଲତା, ଆକାଶରେ ମେଘ, ସୂର୍ଯ୍ୟ, ଚନ୍ଦ୍ର, ତାରା ପ୍ରଭୃତି ପ୍ରକୃତିର ଅନନ୍ତ ବିଭବ ସହଜ ଗଳ୍ପ ଛଳରେ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନେଇ ପିଲାମାନଙ୍କ ନିକଟରେ ପରିଚିତ କରାଇବା ଆବଶ୍ୟକ।"

ଆମ ସାହିତ୍ୟ ଜଗତରେ 'ଶିଶୁସାହିତ୍ୟ'କୁ ଉପଯୁକ୍ତ ମର୍ଯ୍ୟାଦା ମିଳେ ନାହିଁ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରଦତ୍ତ ପୁରସ୍କାର ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ଅନେକଙ୍କର ଧାରଣା ଶିଶୁସାହିତ୍ୟ ରଚନା ଖୁବ୍ ସହଜ। କିନ୍ତୁ ବାସ୍ତବରେ ସାହିତ୍ୟରେ ସବୁଠାରୁ କଠିନ କାର୍ଯ୍ୟ ହେଉଛି ଶିଶୁସାହିତ୍ୟ ରଚନା।

□□

ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com




ଗଳ୍ପ

# ଅନ୍ଧାରରେ ଅନିରୁଦ୍ଧ

ଭୂପେନ୍ ମହାପାତ୍ର

ଅନିରୁଦ୍ଧ ସେମିତି ଚୁପ୍‌ଚାପ୍ ବସିଥିଲା। ଶ୍ରାବଣଟା ସରି ଆସୁଥାଏ। ବର୍ଷାର ପ୍ରକୋପ ବି କମି ଆସୁଥାଏ। କମି ଯାଇଥାଏ ହଠାତ୍ ଉଜେଇ ହୋଇ ଆସିଥିବା ପବନ ବା ତୋଫାନ। ମେଘଟା ସଫା ଥାଏ। ନିର୍ମଳ କୁହାଯାଇପାରେ। ନିର୍ମେଘ ଆକାଶଟିକୁ ସଂଜ ବେଳେ ଦେଖିବାକୁ ଭଲ ଲାଗେ। ସୂର୍ଯ୍ୟ ବୁଡ଼ି ଯାଇଥିବ, ଏପଟେ ଅନ୍ଧାର ଧୀରେ ଧୀରେ ମାଡ଼ି ଆସୁଥିବ ପାଦ ଥାପି ନିଃଶବ୍ଦରେ। କେହି ଜାଣିପାରୁ ନ ଥିବେ। କାହାକୁ ସେ ଶବ୍ଦ ମୋଟେ ଶୁଭୁ ନ ଥିବ। ଅନ୍ଧାର ତ ଆସିଲା ବେଳେ ଏମିତି ହିଁ ବରାବର ଆସେ। ଗୋଟାଏ ପଟେ ଆଲୋକ ଧୀରେ ଧୀରେ ଲୁଚିଲୁଚି ପଳାଉଥିବ, କାହାକୁ ଖବର ନ ଦେଇ କାହାକୁ ନ ଜଣେଇ। ଅଣ ପାରମ୍ପରିକ ଭାବରେ ବା ଯାହାକୁ କହନ୍ତି ଅନସେରିମନିଅସ୍‌ଲି। ତା' ଆଡ଼କୁ କେହି ଅନଉ ନ ଥିବେ, ନିଘା କରୁ ନ ଥିବେ। ଯେମିତି ଅନାବଶ୍ୟକ କି ଅଚିହ୍ନା ଅଜଣାଟିଏ ଚାଲି ଯାଉଚି। କିନ୍ତୁ କେହି କେବେ ଦେଖି ନାହାନ୍ତି କି ଜାଣି ନାହାନ୍ତି। ଗାଁ ଦାଣ୍ଡରେ ଡରି ଡରି ଭୟ ଓ ସଂକୋଚରେ ଘାରି ହେଇ ହାଡ଼ି କି ପାଣଟାଏ ସବର୍ଣ୍ଣଙ୍କ ଭୟରେ ତଳକୁ ମୁହଁ ପୋତି ଯାଉଥାଏ, ଆଲୁଅ ଠିକ୍ ସେମିତି ଯାଉଥାଏ।



ଯାଉ.. କାହାର କ'ଣ ଯାଏ? ସେ ଦିନଯାକ ତ ଥିଲା। ଦାଣ୍ଡରେ ଘାଟରେ ତ ଗଡୁଥିଲା। ଗଛ ପତ୍ରରେ ବାଗୁଡ଼ି ଖେଳୁଥିଲା। ସମସ୍ତେ ଦେଖିଛନ୍ତି। କିଏ ଦେଖିନି କି? କାହାର କ'ଣ କରି ପକାଉଥିଲା! ଆମେ କ'ଣ ଆଲୁଅକୁ ଦେଖିନୁ? ଦେଖିନୁ ତା'ର ଆଦବ କାଇଦା? ଦେଖିନୁ ତା'ର ବହ୍ୱାଡମ୍ବରରେ ଆସିବା ଓ ତା'ର ହଟଚମଟ ଦେଖାଇବାର ଢଙ୍ଗ! ସେ ଆସିବାରେ ବା କି ମୂଲ୍ୟ ଅଛି? ରାଜନେତାମାନେ ସେମିତି ଆସୁ ନାହାନ୍ତି କି? ଆସୁନାହାନ୍ତି କି କେତେ ଥାଟରେ। କ'ଣ ଦେଖିବ ସେ ଫୁଲଫୁଟା ଶୋଭାକୁ? କ'ଣ ଦେଖିବ ତାଙ୍କର ସେ ବାହାପିଆ କଥାକୁ? ଆଲୁଅ ବି ସେମିତି ଆସେ। ଖାଲି ଆଖିକୁ ଯାହା ଝଲସେଇ ଦିଏ। କ'ଣ ବା ତା'ର ମୂଲ୍ୟ।

ଆଉ ଅନ୍ୟପଟେ ବାଜି ମାରି ଜିତି ଯାଇଥିବା ପଶାପାଲିର ଖେଳୁଆଡ଼ ପରି ହସି ହସି କୁରୁଳି ଉଠି ଆସୁଥିବ ଦାମ୍ଭିକ ଅନ୍ଧାର। ଦେଶ ଜିଣୁଥିବା ସୈନିକମାନଙ୍କ ପରି ଗାଁ ବିଲମାଳ ବଣ ପାହାଡ଼ ପର୍ବତ ନ ମାନି ମାଡ଼ି ଆସୁଥିବା ବିଗତ ଦିନର ଗାଢ଼ କୁହୁଡ଼ି ପରି ଅନ୍ଧାର... ଖାଲି ଅନ୍ଧାର। ମେଞ୍ଚାକୁ ମେଞ୍ଚା ନଇ ବଢ଼ି ପରି ମାଡ଼ି ଆସୁଥିବ। ଦେଖିବ ସେତେବେଳେ ଅନ୍ଧାରର ପରାକ୍ରମକୁ।

ଅନିରୁଦ୍ଧ ତାକୁଇ ବସି ଦେଖୁଥିଲା। ଦେଖୁଥିଲା ହାରିଯାଇ ଥରକୁ ଥର ପଛକୁ ଫେରି ଦେଖୁଥିବା ଏବଂ ଅତର୍ଚ୍ଛାରେ ଦଉଡ଼ି ପଳାଉଥିବା ଆଲୋକକୁ ଏବଂ ତା' ପଛରେ ବୀର ଦର୍ପରେ ଗୋଡ଼ାଉଥିବା ଅନ୍ଧାରକୁ। ତା'ର ଛବିକୁ, ତା'ର ପାରିଲାପଣକୁ, ତା'ର ଗର୍ଜନକୁ, ତା'ର ବୀରତ୍ୱର ହୁଙ୍କାରକୁ ଓ ତା'ର ସ୍ପର୍ଦ୍ଧାକୁ। ଅନ୍ଧାର ଭାବୁଥିବ ଏଇନେ ଯଦି ସେ ଥରେ ଆଲୁଅକୁ ଧରି ପାରନ୍ତା, ତାକୁ କାବୁ କରି ପାରନ୍ତା, ତା'ର ବେକଟାକୁ ଏଇଠି ମୋଡ଼ି ଦିଅନ୍ତା, ତାକୁ ଦଳି ମକଚି ମାଟିରେ ମିଶେଇ ଦିଅନ୍ତା, ଚିରଦିନ ପାଇଁ ତାକୁ ଓ ତା'ର ନାଁକୁ ସିଲଟରୁ ଗାର ପୋଛିଲା ପରି ପୋଛି ଦିଅନ୍ତା।

ଅନ୍ଧାର ଜାଣେ ଆଲୁଅ ହିଁ ତାକୁ ହୀନସ୍ତା କରେ। ବେଖାତିର କରେ। ଆଲୁଅ ହିଁ ତା'ର ଏକମାତ୍ର ଶତ୍ରୁ। ସେ ଶତ୍ରୁକୁ ଶେଷ ନ କଲାଯାଏ ତା'ର ବିଶ୍ରାମ ନାହିଁ।

ଅନିରୁଦ୍ଧ ଦେଖୁଥିଲା ସତକୁ ସତ ଯହୁଁ ଯହୁଁ ଅନ୍ଧାର ସାରା

ପୃଥିବୀଟାକୁ ଆକ୍ରମଣ କରି କରାୟତ୍ତ କରି ପକାଇଛି, ରାହୁ ଚନ୍ଦ୍ରକୁ ଗ୍ରାସ କଲା ପରି ପାଟି ଆଁ କରି ଗିଳି ପକାଉଚି, ସେତିକି ଆଲୋକ ବି ଛାଟିପିଟି ହେଉଚି। ମୋତେ ରକ୍ଷା କର.. ରକ୍ଷାକର କହି ପ୍ରାଣମୂର୍ଚ୍ଛା ଦଉଡୁଚି।

ଅନିରୁଦ୍ଧ ଦେଖିଲା ଆଲୋକର ସେମିତି ଦଉଡ଼ିବାରେ ଯେମିତି ଶେଷ ନାହିଁ ଅନ୍ଧାରର ଗୋଡ଼େଇବାର ବି ସେମିତି ଶେଷ ନାହିଁ। ଆସ୍ତେ ଆସ୍ତେ ଅନ୍ଧାରଟା ଅନିରୁଦ୍ଧକୁ ବି ଘୋଡ଼ାଇ ପକାଇଲା। ତା'ର ଦେହ ହାତ ଗୋଡ଼ ମୁହଁ ଆଖି ନାକ କାନ ଏବଂ ତାର ସମଗ୍ର ସତ୍ତାକୁ ଅନ୍ଧାର ଲୋପ କରିଦେଲା। ଅନିରୁଦ୍ଧ ଆଶ୍ଚର୍ଯ୍ୟ ହେଲା। ଆରେ... ଇଏ କ'ଣ ହେଲା ? ସେ କୁଆଡ଼େ ଗଲା ? କୁଆଡ଼େ ଗଲା ଅନିରୁଦ୍ଧ ଓ ତା'ର ଶରୀର ? ଅନ୍ଧାର ତାକୁ ଅଶରୀରୀ କରିଦେଲା କି? ଅନ୍ଧାରର ଅନୁଭବ ତାର ଅସ୍ତିତ୍ୱକୁ ଲୋପ କରିଦେଲା।

ଆଃ... କେମିତି କିଟିମିଟି ଅନ୍ଧାର ? ଚିନ୍ତା କଲା ଅନିରୁଦ୍ଧ। ସେ ଅନ୍ଧାରକୁ ଦେଖି ପାରୁଛି ଅଥଚ ଅନ୍ଧାରର ଅସ୍ତିତ୍ୱ ନାହିଁ। ଅଥଚ ସେ ନିଜେ ନାହିଁ କିନ୍ତୁ ତାର ଅସ୍ତିତ୍ୱ ଅଛି। କିନ୍ତୁ ଅନ୍ଧାର ତାକୁ କବଳିତ କରି ଦେଇଥିବାରୁ ତା'ର ଅସ୍ତିତ୍ୱ ମିଳୁ ନାହିଁ ଅର୍ଥାତ୍ ଯାହାର ଅସ୍ତିତ୍ୱ ନାହିଁ ସେ ମିଳୁଚି। କିନ୍ତୁ ଯାହାର ଅସ୍ତିତ୍ୱ ଅଛି ସେ ମିଳୁନି। ଏହା ହିଁ ଅନ୍ଧାରର କ୍ଷମତା। ବିଚିତ୍ର କଥା। ଆଶ୍ଚର୍ଯ୍ୟ କଥା ମଧ୍ୟ। ଚାରିଆଡ଼େ ଅନ୍ଧାରର ଅଖଣ୍ଡ ରାଜତ୍ୱ। ସେ ମଣିମୟ ସିଂହାସନରେ ଅନ୍ଧାର ଏବେ ଗାଦିନସୀନ ହେଇ ରାଜୁତି କରୁଛି। ସେ ଗୋଟିକ ପରେ ଗୋଟିଏ ରାଜ୍ୟ ଜୟ କରି ଚାଲିଚି। ନିଜର ବିଜୟ ପତାକା ଉଡ଼େଇ ଚାଲିଚି। ଅନିରୁଦ୍ଧ ଦେଖିଲା ଅନ୍ଧାରର ଶାସନ। ତା'ର ପ୍ରଜାବତ୍ସଳତା। ତା'ର ମାୟାମମତା। କେହି କିଛି ଦେଖିପାରୁ ନ ଥିଲେ। ସମସ୍ତେ ଭଲରେ ଅଛନ୍ତି ବୋଲି ଭାବିବାର କଥା। ଯେଉଁଠି କିଛି ଦେଖା ନ ଯାଏ ସେଠି ଭଲ ମନ୍ଦର ବିଚାର ନ ଥାଏ। ଭଲ ମନ୍ଦ ଭିତରେ ସୀମାରେଖାର ଗାର ଟାଣି ହୁଏନା କି ସେମାନଙ୍କୁ ଅଲଗା କରି ଦେଖେଇ ହୁଏନା। ଅନ୍ଧାର ସେ ଦୁଇଟା ରାଜ୍ୟକୁ ମିଶେଇ ଏକାକାର କରିଦିଏ। ସମୁଦ୍ର ପାଣିରେ ନଈପାଣି ମିଶିଲା ପରି ନିର୍ମଳ ଓ ଗୋଳିଆ ସବୁ ସମାନ। ଦେଖିବା ଲୋକ କିଛି ବି ବୁଝି ପାରେନା।

**ଯେଉଁଠି କିଛି ଦେଖା ନ ଯାଏ ସେଠି ଭଲ ମନ୍ଦ ଭିତରେ ସୀମାରେଖାର ଗାର ଟାଣି ହୁଏନା, କି ସେମାନଙ୍କୁ ଅଲଗା କରି ଦେଖେଇ ହୁଏନା।**

ଅନିରୁଦ୍ଧ ଏଥର ନିଜକୁ ଖୋଜିଲା। ସେ ତା'ର ଦୁଇ ହାତରେ ନିଜ ଦେହମୁଣ୍ଡ ସବୁକୁ ଅଣ୍ଡାଳିଲା। ସବୁଠି ହାତ ମାରି ଦେଖିଲା ଓ ପରଖିଲା। ଦେଖିଲା, ସବୁ ତ ଠିକ୍ ଅଛି। ସବୁ ଯେମିତି ଥିଲା ସେମିତି ଅଛି। କେବଳ ଗୋଟାଏ କଥା ନାହିଁ, ସେ ମୁଣ୍ଡ ସେ ଛାତି ପେଟ ଗୋଡ଼ ଏ ସବୁ ଯେ ତା'ର ସେ ପ୍ରମାଣ କାହିଁ? ସେ ଭାବିଲା ମୁଁ ଦେଖିପାରୁଥିଲେ ସିନା ମୋର ବୋଲି କହନ୍ତି, ଦେଖିପାରୁ ନ ଥିଲେ କେମିତି ମୋର ବୋଲି କହିବି ? ଅନ୍ଧାର ଗୋଟାଏ ନିରାଟ ସତ୍ୟକୁ ଯେମିତି ଲୁଚାଇ ପକାଉଚି।

ସେ ଚିନ୍ତାରେ ପଡ଼ିଲା। ଅନ୍ଧାରର ଅଖଣ୍ଡ କ୍ଷମତା ସେ ସେତେବେଳେ ଭଲ ଭାବରେ ବୁଝିପାରିଲା। ସେ ବୁଝିଲା ଯେ, ଆଲୋକ ଅପେକ୍ଷା ଅନ୍ଧାର ଯଥେଷ୍ଟ ଶକ୍ତିଶାଳୀ ଓ ପରାକ୍ରମୀ। ସେ ଏପରି କ୍ଷମତାର ଅଧିକାରୀ ଯେ, ସେ ସବୁ ବସ୍ତୁକୁ ଅବସ୍ତୁରେ ଏବଂ ଅସ୍ତୁକୁ ନାସ୍ତିରେ ପରିଣତ କରିପାରେ। ସେ ସତ୍ୟକୁ ମିଥ୍ୟା, ମିଥ୍ୟାକୁ ସତ୍ୟ, ଦେବତାକୁ ରାକ୍ଷସ, ଜନ୍ମକୁ ମୃତ୍ୟୁ ଏବ ମନୁଷ୍ୟକୁ ପଶୁରେ ପରିଣତ କରିଦେଇ ପାରେ। ଅନିରୁଦ୍ଧ ଦେଖିଲା ଅନ୍ଧକାର ଧୀରେ ଧୀରେ ଭୟଙ୍କର ରୂପ ଧାରଣ କରୁଛି। ସେଇ ଭୟଙ୍କର ଓ ବିକଟାଳ ରୂପ ଭିତରେ ଯୁଗଯୁଗର ଭୟାବହତା ମିଶି ତାକୁ ଆହୁରି ଭୟଙ୍କର କରି ଦେଉଛି। ବଡ଼ବଡ଼ ଆଖି, ଲହଲହ ଜିଭ, ବିଶାଳକାୟ ଦାନ୍ତ ସବୁ ଯେମିତି ମୁହଁ ଖୋଲି ଅନେଇ ବସିଛି। ସମଗ୍ର ପୃଥିବୀକୁ ଗ୍ରାସ କରି ଦେବ କି? ଚଳୁ କରି ଦେବକି ସମଗ୍ର ସତ୍ତାର ମହିମାମଣ୍ଡିତ ମହତ୍ତ୍ୱକୁ? ଅଗସ୍ତି ଋଷି ପରି ଗୋଟାଏ ଆଞ୍ଜୁଳାରେ ସମଗ୍ର ମହାସାଗରକୁ ପିଇ ଦେବକି ? ସେମିତି ଗୋଟାଏ ଭୟଙ୍କର ଛବି ଦେଖିଲା ମାତ୍ରେ ଅନିରୁଦ୍ଧ ଭୟରେ ଆଖି ବୁଜିଦେଲା। ଆଖି ବୁଜି ଅନ୍ଧକାରର ଆକ୍ରମଣରୁ ନିଜକୁ ବଞ୍ଚେଇବାକୁ ଚେଷ୍ଟା କଲା। କିନ୍ତୁ ତାକୁ ଜଣା ନ ଥିଲା ଆଖି ବନ୍ଦ କଲେ କି ଖୋଲା ରଖିଲେ ତାହା ଏକା ପରି ଉଗ୍ର, ଭୀମ, ଭୟଙ୍କର ରୂପ ନେଇ ଦେଖାଦିଏ। ମୃତ୍ୟୁ ଭୟ ଠାରୁ ଅନ୍ଧାର ଅନିରୁଦ୍ଧକୁ ଅଧିକ ଭୟଙ୍କର ମନେହେଲା।

ଏବେ ଅନିରୁଦ୍ଧ କେଉଁଠି ? ସେ ଦୁଇବାହୁ ଉପରକୁ ଉଠାଇ ଦୁଇ ହାତ ମୁଠା କରି ଚିତ୍କାର କଲା। ସେ କ'ଣ ଅନ୍ଧାର ସହିତ ଲଢ଼େଇ କରିବ ? ନିଜକୁ ଖୋଜିବାକୁ ହେଲେ ଅନ୍ଧାର ସହିତ ଲଢ଼ିବାକୁ ପଡ଼େ। କିନ୍ତୁ ଅନ୍ଧାରରେ କ'ଣ ଲଢ଼େଇ ସମ୍ଭବ ? ଅନ୍ଧାରରେ ଅନିରୁଦ୍ଧ ହଜି ଯାଇଚି। ଏ ଗହନ ଅନ୍ଧାର ଭିତରେ ସେ କେଉଁଠି ନା କେଉଁଠି ଲୁଚି ଯାଇଛି। ସେ ପାଗଳଲୋକରେ ପହଞ୍ଚି ଯାଇଛି କି ଆଉ ? ନିଜର ସତ୍ତା ହରେଇ ଦେଇଛି କି ?

ଏବେ ଉପାୟ କ'ଣ ? ଅନିରୁଦ୍ଧ ଅନ୍ଧାରରୁ ନିଜକୁ ମୁକ୍ତ କରିବାର ଉପାୟ ଖୋଜିବାରେ ଲାଗିଲା। ସେ ଗଭୀର ଭାବରେ ଚିନ୍ତା କରିବାକୁ ଲାଗିଲା। ସେ ଭାବିଲା ତେବେ ଅନ୍ଧାରରୁ ମୁକ୍ତି ପାଇବାର ଉପାୟ କ'ଣ କିଛି ନାହିଁ। ସେଥିରୁ ମୁକ୍ତି ପାଇବାର ବାଟ କ'ଣ କେହି କେବେ ଖୋଜି ନାହାନ୍ତି ? ଅନ୍ଧକାରର ସୃଷ୍ଟି ତ ଏବେ ନୁହେଁ, ଆଲୋକ ସୃଷ୍ଟି ହେବା ଆଗରୁ ତା'ର ସୃଷ୍ଟି। ସେତେବେଳେ କେବଳ ଅନ୍ଧାର ହିଁ ଥିଲା। ଯେତେବେଳେ କିଛି ନ ଥିଲା, ସେତେବେଳେ ଅନ୍ଧକାର ହିଁ ସାରା ବିଶ୍ୱ ବ୍ରହ୍ମାଣ୍ଡର ଏକମାତ୍ର ସମ୍ରାଟ ଥିଲା। ସେ ସମ୍ରାଟ ସେତେବେଳେ ନିଜକୁ ସମଗ୍ର ଜଳ ସ୍ଥଳ ଆକାଶ ଓ ମହାକାଶର ଏକମାତ୍ର ଅଧୀଶ୍ୱର ବୋଲି ଭାବି ଗର୍ବରେ ଫାଟି ପଡୁଥିବ। ଆଲୋକର ସୃଷ୍ଟି ତା'ର ଅନେକ ପରେ ହେଲେ ମଧ୍ୟ ସେ ସମୟର ବ୍ୟାପ୍ତି ମଧ୍ୟ କମ୍ ନୁହେଁ। କେତେ ଲକ୍ଷଲକ୍ଷ କୋଟି ବର୍ଷ ହେଇଥିବ। ଅନିରୁଦ୍ଧ ଭାବିଲା ସେଇଦିନଠାରୁ ଆଜି ଯାଏ କେହି କ'ଣ ଅନ୍ଧାରରୁ ମୁକ୍ତି ପାଇବାର କଥା ଚିନ୍ତା କରିନାହାନ୍ତି ?



ହଠାତ୍ ଅନିରୁଦ୍ଧର ମନେ ପଡ଼ିଲା ମଣିଷର ଜନ୍ମ ତ ଅନ୍ଧାରରୁ। ପ୍ରଥମେ ସେ ଅନ୍ଧାରରେ ଜନ୍ମ ନିଏ। ତା'ପରେ ସେ ଆସେ ଆଲୋକକୁ। ଏମିତି କାହିଁକି ହୁଏ ? ଅନ୍ଧକାର ବିନା କ'ଣ ସୃଷ୍ଟି ସମ୍ଭବ ନୁହେଁ? ସୃଷ୍ଟି ପାଇଁ ଅନ୍ଧକାରର ଅନିବାର୍ଯ୍ୟ ଆବଶ୍ୟକତା ଅଛି କି ? ମନୁଷ୍ୟର କିମ୍ବା ଧରାଯାଉ ଜୀବାତ୍ମାର ସତ୍ତା ଯଦି ପ୍ରଥମେ ଆଲୋକରେ ହେଉଥାଆନ୍ତା, ତେବେ କ'ଣ ହେଇଥାଆନ୍ତା। ଏମିତି ହେଇଥାଆନ୍ତ କି ଆଲୋକର ଜନ୍ମିତ ମଣିଷଟି ମଣିଷ ନ ହୋଇ ଦେବତା ରୂପରେ ଜନ୍ମ ହୋଇଥାଆନ୍ତା। ଆମେ ଯେମିତି କହୁଚେ ମଣିଷ ସୁପର ଫାଇନ୍ ରୂପ ହିଁ ଦେବତା। ତା' ଭିତରେ ଦେବତ୍ୱର ରାଜତ୍ୱ ପ୍ରଥମରୁ ଥାଏ, ହିଂସା ଦ୍ୱେଷ ଘୃଣା ଲୋଭ କ୍ରୋଧ ବିବର୍ଜିତ ମଣିଷର ଅନ୍ୟ କାମକୁ ଆମେ ଦେବତା ବୋଲି କହିବା। କିନ୍ତୁ ସେ କଥା ହେଇନାହିଁ। ଅନ୍ଧାରରେ ଜନ୍ମିଥିବାରୁ ଏବଂ ପରେ ଆଲୋକକୁ ଆସି ଥିବାରୁ ସେ ଉଭୟ ଗୁଣର ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ମଣିଷ। ସମ୍ପୂର୍ଣ୍ଣ ଦେବତ୍ୱ ରହିନାହିଁ କି ସମ୍ପୂର୍ଣ୍ଣ ମାନବିକତା ମଧ୍ୟ ରହିନାହିଁ। ଅନ୍ଧାରର ସବୁ ଗୁଣ ଏବଂ ଆଲୋକର ସବୁ ଗୁଣ ମଧ୍ୟ ତା'ଠି ବିଦ୍ୟମାନ।

ଅନିରୁଦ୍ଧ ଭାବିଲା ଯଦି ଏମିତି ହେଲା ତେବେ ଏବେ ସୃଷ୍ଟିରେ ଉଭୟ ଆଲୋକ ଓ ଅନ୍ଧାର ଦୁଇ ଭାଇ ସମାନ ଭାବ ବାଣ୍ଟିଲା ପରି ରହିବାର ନୀତି ନିୟମ କେହି କରିଛି କି ? ସମାନ ତ ମୋଟେ ହେଇନି ବରଂ ଅସମାନ ହିଁ ହେଇଚି। କେତେବେଳେ ଆଲୋକ ବେଶି ତ କେତେବେଳେ ଅନ୍ଧକାର ହିଁ ବେଶି। କିନ୍ତୁ ଅନ୍ଧକାରଟା ବଳବାନ ଥିବାରୁ ସେ ଅନ୍ୟ ଉପରେ ବେଶି ମାଡ଼ି ବସୁଚି। ତାର ମୁଣ୍ଡକୁ ହଠାତ୍ କଣ ଢୁକିଲା କେଜାଣି, ସେ ମଧ୍ୟରାତ୍ରିର ସେହି ଅମା ଅନ୍ଧକାର ମଧ୍ୟରେ ବଡ ସନ୍ତର୍ପଣରେ ଷ୍ଟେୟାରକେସ୍‌ର ପାହାଚ ଉପରେ ସନ୍ତର୍ପଣରେ ପାଦ ପକାଇ ନିଜ ଘରର ଛାତ ଉପରକୁ ଉଠିଗଲା। ତା'ପରେ ଦୁଇ ହାତର ପାପୁଲିକୁ ନିଜ ପାଟିର ଦୁଇ ପଟରେ ଆଞ୍ଜୁଳା ପରି ଥାପି ଗର୍ଜନ କରିଉଠିଲା 'ଉଠିପଡ ହେ ସୁଧୀଜନେ ଶୋଇବାର ବେଳ ଏ ନୁହେଁ। ଉଠିପଡ, ଆସ ଅନ୍ଧକାରକୁ ହଟାଇ ଦେବା।' ସମଗ୍ର କଲୋନୀରେ ରାତ୍ରିର ସେହି ନିର୍ଜନ ବେଳାରେ ବି ଯେମିତି ଗୋଟିଏ କମ୍ପନ ଖେଳିଗଲା। କେତୋଟି ଘରୁ ବିଜୁଳି ଆଲୁଅ ହଠାତ୍ ଦପ୍ ଦପ୍ କରି ଜଳି ଉଠିଲା। କିନ୍ତୁ ହାୟ ! ସେତକ ଆଲୁଅ କିନ୍ତୁ ଅନ୍ଧକାରକୁ ତଡିବା ପାଇଁ ଯଥେଷ୍ଟ ନ ଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
bhupenmohapatra@gmail.com

ରମ୍ୟ ରଚନା



# ମୁଁ ମିଟିଂ ରେ ଅଛି

ଅଭୟ ଦାଶ

ଆମ ଗାଁରେ ପିଲାଦିନେ ଦେଖିଛୁ, ଦାଣ୍ଡରେ ଚାଲିଯାଉଥିବା ଲୋକକୁ ଦାଣ୍ଡପିଣ୍ଡାରେ ବସିଥିବା ଲୋକ ପଚାରେ କିହୋ ଦାଶେ ! କୁଆଡେ ? ମାନେ, କୁଆଡେ ଯାଉଛ ? କିଛି ନ ହେଲେ କାହା ହାତରେ ଘଣ୍ଟା ଦେଖିଲେ, ସେହି ଦାଣ୍ଡପିଣ୍ଡାରେ ବସିଥିବା ଲୋକଟି ପଚାରେ, ବାବୁ ! ଟାଇମ୍ କେତେ ? ବା କେତେଟା ବାଜିଛି ? ଏସବୁ ଧରାବନ୍ଧା ପ୍ରଶ୍ନ, ସାଧାରଣ ଜନତାଙ୍କ ମଧ୍ୟରେ। ଅଚିହ୍ନା ଲୋକେ ବି ବାନ୍ଧି ହୋଇଯାଉଥିଲେ, ଏହି ପ୍ରଶ୍ନ ମାଧ୍ୟମରେ। କାହାଘରକୁ କୁଣିଆଁ ଆସିଲେ, ବାବୁ କୁଆଡେ ଯିବ ? କେଉଁଠୁ ଆସିଲ ? ଆଦି ପ୍ରଶ୍ନ ପଚାରନ୍ତି, ସେହି ଦାଣ୍ଡପିଣ୍ଡାରେ ବସିଥିବା ଲୋକ। ଯଦି କାହାଘରକୁ ଭାର ଆସେ, ପଚାରନ୍ତି, ଏ ଭାର କେଉଁଠିକି ଯିବ ? କେଉଁଠୁ ଆସିଲା ? ସେଇ ଭାରର ଆକାରରୁ ଜଣାପଡେ, କେଡେ ଘରୁଆ ଘର ବନ୍ଧୁ ? ସେଥିରେ ଥାଏ କ'ଣ ? ଚୁଡା, ଚୁଡାପୁଆ, ଉଖୁଡା, ମାଛ, ଦହି, ଦୁଧ, କଦଳୀ, କଞ୍ଚା, ପାଚିଲା, ଦେଶିଆଳୁ, ସାରୁ, କଦଳୀ ଗଛ, ନଡିଆ ଗଛ ଆଦି। ବାହା ବ୍ରତ ଝିଅ ପୁଆଣି, ମଡା ମୃତିକିଆ ଆଦିରେ ନିଆରା କିସମର ଭାର ପ୍ରଚଳିତ ହୋଇଥାଏ। ଆଜିକାଲି ସବୁ ଘନୀଭୂତ ହୋଇ, ଗୋଟିଏ ଲଫାଫାକୁ ନିଅଣ୍ଟ। ସମ୍ପର୍କ ଭିଡିଚାଲେ, ସେହି ଲଫାଫା ସହିତ।



କିଏ ଜଣେ ବନ୍ଧୁ ଆସିଲେ ଆଗ ପାଣିଢାଳ, ପାନଡାଲା, ପରବର୍ତ୍ତୀ ସମୟରେ ଚାହା କପ୍‌କୁ ଆସିଗଲା। ବାର୍ତ୍ତାଳାପ କମ୍, ମୋବାଇଲ ସବୁ ଚର୍ଚ୍ଚାର ସ୍ଥାନ ନେଲା। ଦୁହେଁ ଦୁହିଁଙ୍କ ମୋବାଇଲ ଧରି ବସିଲେ, କଥା, ଅଧାରେ ରହିଗଲା। ଆମ କାଳେ ଟେଲିଫୋନ ଥିଲା କେଉଁଠି ? ଥିଲା ବଡ ପୋଷ୍ଟ ଅଫିସ, ବଡ ଅଫିସରଙ୍କ ଘର ଓ ଅଫିସରେ। ଏବେ ସମସ୍ତଙ୍କ ପକେଟ, ଝୁଲାମୁଣି ଓ କାନିରେ ବନ୍ଧା ମୋବାଇଲ ଫୋନ। ଘଣ୍ଟା ଘଣ୍ଟା ଧରି ଗପ, ବାପ ଭାଇଙ୍କ ସଙ୍ଗେ ନୁହେଁ, ସାଙ୍ଗ ସାଥୀଙ୍କ ସଙ୍ଗେ ଭଲା କରୋନା ଆସିଲା ଯେ, ୱାର୍କ ଫ୍ରମ ହୋମ୍ ଆଉ ୱେବିନାରର ଚାହିଦା ବଢିଗଲା। ସାମାଜିକ ଦୂରତା ବଢିଗଲା, ଯାହା କରୋନା ନିବାରଣର ଏକ ଆବଶ୍ୟକତା ରୂପେ ଗ୍ରହଣୀୟ ହୋଇଗଲା। ୱେବିନାର ମାଧ୍ୟମରେ ସମସ୍ତେ ନିଜର ବୌଦ୍ଧିକ ଓ ସ୍ୱକୀୟ ଦୈହିକ ଉତ୍ପାଦନ ବିକିଲେ, ଶନିବାର ରବିବାର ତ ପୂରା ବୁକ୍ ! ବାକି ଦିନ ବି ବାଦ ଯାଉନାହାନ୍ତି। ସତରେ କ'ଣ ଏତେ ଜ୍ଞାନୀ ବିଜ୍ଞାନୀ ମାନସ ମନ୍ଥନରେ ଲାଗିଛନ୍ତି ? କାହା ପାଖରେ ଟିକିଏ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ ପାଇଁ ସମୟ ନାହିଁ ?

**ମିଟିଂରେ ଅଛି**

ଯାହାକୁ ଫୋନ କର, ମିଟିଂରେ ଅଛି ବୋଲି ଶୁଣିବେ। ଏତେ ଲୋକ ମିଟିଂରେ ଥିବା, ଆମ ମନରେ ସନ୍ଦେହ ଜାତ କଲା। ସେଥିପାଇଁ ଆମ ରିସର୍ଚ୍ଚ ଟିମ୍ କାମରେ ଲାଗିଗଲା। ଗାଁରୁ ସହର ଯାଏ ବୁଲି ବୁଲି ଏ ମିଟିଂର ଅବସ୍ଥା ଅନୁଧ୍ୟାନ କରିବାରୁ ଅନେକ ତଥ୍ୟ ଆଗକୁ ଆସିଲା। ମିଟିଂ ଅଫିସରେ ହୁଏ ବୋଲି ଆମେ ଜାଣିଥିଲୁ। ସମୟ ସହ ତାଳଦେଇ ମିଟିଂ ଅଫିସରୁ ବାହାରି ଫୁଟପାଥ ଯାଏ ଆସିଲାଣି। ଯେଉଁ ନଳମିସ୍ତ୍ରି, କି ବଢେଇ ବା ଇଲେକ୍ଟ୍ରିସିଆନ୍ ଟାଇମ୍ ଦେଇ ନ ଆସିଲା, ତାକୁ ଫୋନ୍ କଲେ, ଏକ ତ ଉଠେଇବ ନାହିଁ, ଯଦି ଉଠାଇଲା ଶୁଣିବେ ମିଟିଂରେ ଅଛି। ଇଏ ଗଲେ ଗୋଟାଏ ପ୍ରକାର। ଆଉ ଗୋଟିଏ ଗ୍ରୁପ ଅଛନ୍ତି ମନେକରନ୍ତୁ ଆପଣଙ୍କଠାରୁ ଟଙ୍କା ଉଧାର ନେଇ, ଦେବାକୁ ମନ କରୁ ନାହାନ୍ତି, ତାଙ୍କର ବହୁତ ମିଟିଂ।

ଜମା ଧରାଦେବେ ନାହିଁ। ଅନ୍ୟ କାହାକୁ କହିବେ, କହିଦେ ମିଟିଂରେ ଅଛି! ଆପଣ ଭାବିବେ, ଶଳା ମିଟିଂ ? ଏଇଟାକୁ କିଏ ଡାକିଛି ମିଟିଂକୁ? ଆପଣଙ୍କ ରେସିଡେଣ୍ଟ ଆସୋସିଏଶନରେ ଗୁଡାଏ ହାବିଚୁଆଲ୍ ଡିଫଲ୍ଟର ଅଛନ୍ତି! ତାଙ୍କର ସବୁ ସୁବିଧା ଦରକାର, ମାତ୍ର ପଇସାଟାଏ ଦେବେନି। ମାଗିଲେ ଧରା ନ ଦେଇ କହିବେ, ମିଟିଂରେ ଅଛି। ବାବୁମାନେ ଅଜଣା ଫୋନ ଆସିଲେ ମିଟିଂରେ ଅଛି କହି, କଥା ଟାଳି ଦିଅନ୍ତି।

ଆମ ରିସର୍ଚ୍ଚର ସମସ୍ତ କେସ୍ ଷ୍ଟଡିକୁ ମିଳାଇଲେ ଯାହା ଜଣାଯାଏ, ଯେଉଁମାନଙ୍କୁ ଦୂରେଇ ବାଟ କାଟିବା ଦରକାର ପଡେ, ସେଇଠି ଢାଲ ସାଜେ ମିଟିଂ। କି ଓଭର ଟାଇମ୍ କରି ଅଫିସରେ ମଦ ପିଇବାକୁ ପ୍ରୋତ୍ସାହନ ଦିଆଯାଏ ମିଟିଂ ବାହାନାରେ। ଆମ ରିସର୍ଚ୍ଚରୁ ସର୍ବତୋଭାବେ ପ୍ରତୀତ ହେଲାଯେ, ଆଲୋଚନାକୁ ଟାଳିବା, ସମସ୍ୟାଠାରୁ ଦୂରେଇ ଯିବାର ମୁଖ୍ୟ ଆୟୁଧ ହେଲା ମିଟିଂ। ବିଗତ ଦିନର ବାବୁ ନାହାନ୍ତି, କହିଦେ ବାବୁ ନାହାନ୍ତି, ବା ବାପା ନାହାନ୍ତି, ଏହି ମିଟିଂର ସମବାଚକ ଶବ୍ଦ ହୋଇ ପାରନ୍ତି ବର୍ତ୍ତମାନ ସମୟରେ। ମିଟିଂର ଆକାର ଯେବେ ବୃହତ୍‌ରୁ ବୃହତ୍ତର ହୋଇଯାଏ ତାହା ଛୋଟ ଅଫିସରୁ ବାହାରି, ହୋଇଯାଏ କନ୍‌ଫରେନ୍ସ, ଆଉ ଟିକିଏ କାୟା ବିସ୍ତାର କରି, ହୋଇ ଯାଏ ସମ୍ମିଟ୍, ସେଇଠୁ ବଢି ବଢି ପହଞ୍ଚି ଯାଏ ବିଶ୍ୱ ସ୍ତରରେ ଜାତିସଂଘ ରୂପରେ। ଏତେ ବଡ ସଂସ୍ଥା, ସେ ବିଲ୍ଡିଂକୁ ଚାହିଁଲେ, ବେକ ବଙ୍କା ହୋଇଯିବ। ସେହି କୋଠାର କାନ୍ଥରେ କୁଆଡେ ଲେଖାଅଛି ଭୀମଭୋଇଙ୍କ ପ୍ରସିଦ୍ଧ ଦୁଇଧାଡି 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କିବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ।' ଆମେ ଓଡ଼ିଆଏ ଛାତି ଫୁଲେଇ କହୁ, ଦେଖିଲ! ଆମ ରେଢାଖୋଲର ଅଲେଖ ବାବା କେମିତି କଥା ପଦେ କହିଦେଲା ଯେ, କଥାଯାଇ ପହଞ୍ଚି ଗଲା ବିଶ୍ୱ ଦରବାରରେ! ସବୁ ମିଟିଂରେ ଓଡିଆ ବୁଦ୍ଧିଜୀବୀ ବୋଲାଉଥିବା ଧୋବଧାଉଳିଆ ବାବୁମାନେ ସେଇକଥା କହନ୍ତି। ଆମେ ଭାବୁ, ସେ ଭୀମଭୋଇ କ'ଣ ମିଟିଂ ଡାକିଥିବେ? ଏଠୁ ସେଠୁ ଯାହା ଜାଣିଲୁ ଲୋକେ ତାଙ୍କ ଖଞ୍ଜଣିର ତାନ ଶୁଣି ଧାଇଁ ଆସୁଥିଲେ ଶୁଣିବାକୁ, 'ଓଲଟ ବୃକ୍ଷେ ଖେଳୁଛି ଲୋଟଣି ପାରା!' ସେଇ ଜାତିସଂଘ ମିଟିଂରେ ବା ଅଧିବେଶନରେ କେତେ ଦେଶ ଅଛନ୍ତି ଯେ, ସମସ୍ତଙ୍କ କାଟେତି ଏକା ପ୍ରକାର ନାହିଁ। ସେଠିବି ଗୋରା କଳା ଛୋଟ ଆଖି ଚେପାନାକିଆ କେତେ ପ୍ରକାର ଜାତିଭେଦ ଦେଖାଯାଏ। ନାଆଁକୁ ଜାତିସଂଘ। ଗଣ୍ଡାକେତେ ସିଖିଚିଲିଆଙ୍କ ଦାଦାଗିରି କହି ହୁଏନି କି ସହି ହୁଏନି। ସେଇଠୁ ମନ ଭାଙ୍ଗି ଯାଏ। ଯେତେ ଭାଇ ସେତେ ଘର ଭଳି ଅଲଗା ଗୋଷ୍ଠୀର ଉତ୍ପତ୍ତି ହୁଏ, ଯଥା ସାର୍କ ସମ୍ମିଳନୀ, ବ୍ରିକ୍ସ୍ ଗୋଷ୍ଠୀ, ଆସିଆନ୍ ଗ୍ରୁପ୍, ନାଟୋ ସେଟୋ, ଜି୨୦ ଆଦି। ଏଠି ଗୋଟିଏ ମିଟିଂ ମାନେ କୋଟିଏ କୋଟିଏ ହୋଇ କେତେ କୋଟି ଖର୍ଚ୍ଚ। ସେ 'ମୋ ଜୀବନ ପଛେ ନର୍କେ ପଡିଥାଉ' ମିଛକଥା। ସେଥିପାଇଁ ଆମେ ସ୍ୱାମୀ ଅଭୟାନନ୍ଦ କହୁ, 'ଆମେ ମିଟିଂରେ ଅଛୁ।' ଆପଣ ଯାହା ବୁଝିବେ।

**ଆଲୋଚନାକୁ ଟାଳିବା, ସମସ୍ୟାଠାରୁ ଦୂରେଇ ଯିବାର ମୁଖ୍ୟ ଆୟୁଧ ହେଲା ମିଟିଂ।**

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha** on Play Store

ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।


ଆଲୋଚନା

# ଆମ ସାହିତ୍ୟ - ଏକ ପାଠକୀୟ ଦୃଷ୍ଟିଚାରଣ



ଡ. ଉମାକାନ୍ତ ମିଶ୍ର

ମୋର ପରିଚୟ ଜଣେ ସାଧାରଣ ଓଡ଼ିଆ ଭାବରେ। ସରକାରୀ ଚାକିରିରୁ ଅବସର ନେଇସାରିଛି। ବୟସର ଅପରାହ୍ନରେ ପହଞ୍ଚିଲିଣି। କାଳେ ଭଲପାଠ ପଢୁଥିଲି ବୋଲି ଆମ ସାର୍‌ମାନେ କହୁଥିଲେ। ପାଠ ବହି ଛଡା କାହାଣୀ, କବିତା, ଗଳ୍ପ ଓ ଉପନ୍ୟାସ କିଛିକିଛି ପଢ଼ିଛି, ଉଭୟ ଓଡ଼ିଆ ଓ ଇଂରାଜୀରେ। ତେବେ ସେ କ୍ଷେତ୍ରରେ ବ୍ୟାପକ ଅନୁଭୂତି ନାହିଁ। ଓଡ଼ିଆ ସାହିତ୍ୟର କ୍ରମବିକାଶ, ଉତ୍କର୍ଷ ଓ ଅପକର୍ଷ ବିଷୟରେ ବିଶେଷ ଅନୁଶୀଳନ ନାହିଁ। ସାହିତ୍ୟ କହିଲେ କ’ଣ ବୁଝ ବୋଲି ଯଦି କିଏ ପଚାରେ ତେବେ ସ୍କୁଲ କଲେଜ ସାହିତ୍ୟ ବହି ଛଡା ଅଳ୍ପ କିଛି କିଛି ଉପନ୍ୟାସ, କାହାଣୀ ବହି ତଥା ସାହିତ୍ୟ ପତ୍ରିକାରେ ଯେତିକି ସାହିତ୍ୟ ପଢିବାକୁ ମିଳିଛି ସେତିକି କହିବି। ହଁ କିଛି ଓଡ଼ିଆ ଓ ଇଂରାଜୀ ଗଳ୍ପ ଉପନ୍ୟାସ ବହି କିଣିଛି ନିଜ ବ୍ୟକ୍ତିଗତ ଲାଇବ୍ରେରୀ ପାଇଁ। ତା’ଛଡା ଓଡ଼ିଶାର ଗୋଟିଏ ଜଣାଶୁଣା ପ୍ରକାଶନ ସଂସ୍ଥାର ସ୍ୱତ୍ୱାଧିକାରୀଙ୍କ ପରିବାରରେ ବିବାହ କରିଥିବାରୁ, ଅନେକ ସାହିତ୍ୟ ବିଷୟକ ନୂଆ ପୁସ୍ତକ ବିନା ଦେୟରେ ମିଳିଯାଉଥିଲା। ଚାକିରି ଜୀବନରେ ଭାରତ ସରକାରଙ୍କ ପୁସ୍ତକ ପ୍ରକାଶନ ବିଭାଗରେ ଅନେକବର୍ଷ ପୁସ୍ତକ ଚୟନ, ସମ୍ପାଦନା ଓ ବିପଣନ ବିଷୟରେ କାର୍ଯ୍ୟ କରିଛି। ତେଣୁ କହିପାରିବି ଯେ ମୋର ବ୍ୟକ୍ତିଗତ ପରିବେଶ ମଧ୍ୟରେ ବହିପଢ଼ା ପାଇଁ ବେଶ ଅଧିକ ଉପାଦାନ ଥିଲା।




କଲେଜ ପଢିବା ସମୟରୁ ପାଠ୍ୟକ୍ରମ ବାହାରୁ ଗଳ୍ପ ଉପନ୍ୟାସ ଆଦି ବହି ପଢିବାର ଅଭ୍ୟାସ ମଧ୍ୟ ଥିଲା। ସୌଖୀନ ପାଠକ ଭାବେ ପରିଚିତ ହେବାକୁ ମୁଁ ଭଲ ପାଉଥିଲି। କ୍ଲାସରେ ସାର୍‌ଙ୍କୁ ଉତ୍ତର ଦେଲାବେଳେ, ପରୀକ୍ଷା ଖାତାରେ ଲେଖିଲାବେଳେ, ବକ୍ତୃତା ପ୍ରତିଯୋଗିତା ଆଦିରେ ଯୋଗ ଦେଲାବେଳେ ଓ ସାଙ୍ଗସାଥୀରେ କଥାବାର୍ତ୍ତା ହେଲାବେଳେ ମଧ୍ୟ ମୁଁ ପଢିଥିବା ବହି ବା ପତ୍ରିକାରୁ ଉପଯୁକ୍ତ ଉଦାହରଣ ଦେବାକୁ ବହୁ ସଜାଗ ରହୁଥିଲି। ଏ ସବୁ ବ୍ୟକ୍ତିଗତ ବର୍ଣ୍ଣନା କରିବାର ଧୃଷ୍ଟତା ଏଇଥିପାଇଁ କରୁଛି ଯେ, ଆପଣ ଜାଣନ୍ତୁ,ମୋ ପରି ସାଧାରଣ ବୁଦ୍ଧିବୃତ୍ତି ଥିବା ପାଠକଟିଏର ସାହିତ୍ୟ ପ୍ରତି କ’ଣ ଥାଏ ଦୃଷ୍ଟିକୋଣ ?

**ପାଠକୀୟ ଦୃଷ୍ଟିକୋଣ**

ସାହିତ୍ୟ ସଂସ୍କୃତିର ବାହକ। ସାହିତ୍ୟ ପ୍ରତି ଅନେକ କିସମର ଦୃଷ୍ଟିକୋଣ ହୋଇପାରେ। ପ୍ରଥମେ ପାଠକୀୟ ! ପାଠକ, ଯାହାଙ୍କ ପାଇଁ ସାହିତ୍ୟର ରଚନା, ସେମାନେ ତାହାକୁ କିଭଳି ଦେଖନ୍ତି। ବହିଟିଏ, ଗଳ୍ପ ହଉ ବା ଉପନ୍ୟାସ, ପାଠକୀୟ ସ୍ୱୀକୃତି ଲାଭ କଲା ବୋଲି କେମିତି ଜାଣିବ ? ବହି ବିକ୍ରି ଗୋଟିଏ ଭଲ ମାନଦଣ୍ଡ ଥିଲା। ଆଜିକାଲି ତ ଓଡିଆ ସାହିତ୍ୟ ବହିର ବଜାରରେ କାଟତି ବହୁତ କମ୍। ପ୍ରକାଶକମାନେ ଅଢେଇ ଶହରୁ ଅଧିକ ଛାପୁ ନାହାନ୍ତି ବୋଧହୁଏ। ଆଜିର ଅତ୍ୟାଧୁନିକ ମୁଦ୍ରଣ ବ୍ୟବସ୍ଥାରେ ଖଣ୍ଡିଏ ବହି ମଧ୍ୟ ଥରକେ ଛପା ହୋଇପାରୁଛି। ଚାହିଦା ପରିମାଣରେ ଛପା ହୋଇପାରୁଛି। ଏହି ନୂତନ ମୁଦ୍ରଣ କୌଶଳର ସୁବିଧା ନେଇ ପ୍ରକାଶକମାନେ ପ୍ରତ୍ୟେକ ଥରର ମୁଦ୍ରଣକୁ ଗୋଟିଏ ଲେଖାଏଁ ନୂତନ ସଂସ୍କରଣ ବୋଲି ଗଣି ଦେଉଛନ୍ତି ! ଦୁଇବର୍ଷରେ ତିନି ଚାରିଟା ସଂସ୍କରଣ ହେଇଯାଉଛି। ବ୍ୟବସାୟୀ ଚାଲ୍ !

ତେଣୁ ସାହିତ୍ୟର ପାଠକ-ପ୍ରିୟତା ବୁଝିବାକୁ ସମ୍ପ୍ରତି

ବହିବିକ୍ରି ମାନଦଣ୍ଡ ଉପରେ ନିର୍ଭର କରିହେବ ନାହିଁ। ମୁଁ ଗୋଟିଏ ବହି କିଣିବାକୁ କେତେବେଳେ ଚାହିଁବି, ଅଥବା ସେଇ ପୁସ୍ତକର ଲେଖକ କିଏ, ବିଷୟବସ୍ତୁ କ'ଣ ଓ ସମକାଳୀନ ଅନ୍ୟ ନୂଆ ବହିଟିଏ ପ୍ରତି ମୋର ଆଗ୍ରହର ତୁଳନାତ୍ମକ ସ୍ଥିତି ଉପରେ ନିର୍ଭର କରେ। ମୁଁ ନ କିଣିଲେ ଯେ ସେ ବହି ମୋର ପସନ୍ଦ ନୁହେଁ, ତା' ଠିକ ନୁହେଁ। କିନ୍ତୁ ବହିଟିଏ ବେଶି ଲୋକ କିଣି ପଢିଲେ, ତା'ର ବେଶି ଚର୍ଚ୍ଚା ହେବ ଏବଂ ମୁଁ ସେଇଟି ଆଣି ପଢିବାକୁ ମୋର ଆଗ୍ରହ ବଢିବ। ସେଇଭଳି, ସେ ବହିର ସମୀକ୍ଷା ଯଦି ଲୋକପ୍ରିୟ ପତ୍ରିକାରେ ଭଲ ସମୀକ୍ଷକଙ୍କ ଦ୍ୱାରା ପ୍ରକାଶ ପାଇବ, ତେବେ ସେ ବହିଟି ମୁଁ ପଢିବା ପାଇଁ ଆଗ୍ରହୀ ହେବାର ଯଥେଷ୍ଟ ସମ୍ଭାବନା ଅଛି।

### ସ୍ୱୟଂ ପ୍ରକାଶନ

ଆଜିକାଲି ସାହିତ୍ୟ ପୁସ୍ତକ ଲେଖକମାନେ ନିଜେ ନିଜର ବହି ପ୍ରକାଶନ କରୁଥିବା ଦେଖାଯାଉଛି। ଯେଉଁ ବହି ପ୍ରକାଶନ ସଂସ୍ଥାମାନେ ଛାପି ବିକ୍ରି କରୁଛନ୍ତି, ସେମାନେ ଅଧିକାଂଶ ଲେଖକଙ୍କଠାରୁ କୁଆଡେ ଆଗତୁରା ପ୍ରକାଶନ ଖର୍ଚ୍ଚ ନେଇ ଯାଉଛନ୍ତି ଓ ତାଙ୍କୁ ଅଳ୍ପ କେତେଖଣ୍ଡ ବହି ଧରାଇ ଦେଉଛନ୍ତି। ଏ ପରିସ୍ଥିତିରେ ବଜାର ଚାହିଦା ଓ ପାଠକୀୟ ଆଦରର ମୂଲ୍ୟାୟନ କରିବା ସତରେ କଷ୍ଟକର। ମୁଁ ଏଭଳି ପ୍ରକ୍ରିୟାରେ ଛପା ସାହିତ୍ୟ ବହିକୁ ପସନ୍ଦ କରିପାରିବି ନାହିଁ। ଲେଖକର ନିଜର ସୃଜନୀ ପ୍ରତିଭା ଉପରେ ଦମ୍ଭ ଓ ବିଶ୍ୱାସ ନ ଥିଲେ ଏପରି ହୁଏ ବୋଲି ମୁଁ ଭାବେ। ଚାଲାକ ବ୍ୟବସାୟୀ-ପ୍ରକାଶକ ଏହି ପରିସ୍ଥିତିର ଲାଭ ଉଠାଉଛନ୍ତି। ଏଥିରେ ବ୍ୟତିକ୍ରମ ଅବଶ୍ୟ ଦେଖିବାକୁ ମିଳୁଛି। ତେବେ 'ମୋ ଦୃଷ୍ଟିରେ ସାହିତ୍ୟ' ବିଷୟରେ ବଜାର ଓ ପାଠକୀୟ ସ୍ୱୀକୃତି ଯେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ, ତାହା ମୁଁ ରେଖାଙ୍କିତ କରିବାକୁ ଚାହୁଁଛି।

> **ଆଜିର ପରିସ୍ଥିତିରେ ବଜାର ଚାହିଦା ଓ ପାଠକୀୟ ଆଦରର ମୂଲ୍ୟାୟନ କରିବା ସତରେ କଷ୍ଟକର।**

ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲା, ସାହିତ୍ୟର ବିଷୟବସ୍ତୁ। ଗପ ବା ଉପନ୍ୟାସଟି କେତେ ସାର୍ଥକ ତାହା ତା'ର ବିଷୟ, ବ୍ୟଞ୍ଜନ ଓ ବିନ୍ୟାସ ଉପରେ ନିର୍ଭର କରେ। ଲେଖକ କିଏ, ତାହା ଅପେକ୍ଷା, ବିଷୟ କ'ଣ ତାହା ମତେ ବେଶି ଆକୃଷ୍ଟ କରେ। ଯଦିବା, ଲେଖକର ନାମ ଦେଖି ବହିଟି ପଢିବାକୁ କିଣିବି, ତେବେ ବିଷୟ ଭଲ ନ'ଲାଗିଲେ ତାକୁ କିଣିବିନି। ଅଧିକାଂଶ ଏଭଳି କରୁଥିବେ। ଗମ୍ଭୀର ବିଷୟବସ୍ତୁ ପ୍ରତି ମୋର ବେଶି ଆକର୍ଷଣ। ତଥ୍ୟ ଥିବ, ତତ୍ତ୍ୱ ମଧ ଥିବ, ତା'ସାଙ୍ଗକୁ ବିଶ୍ଳେଷଣ ଓ ବିନ୍ୟାସକୁ ମଧ ମୁଁ ଦେଖେ। ଉପନ୍ୟାସରେ ମଧ ମୁଁ ସାମାଜିକ ଅବା ବ୍ୟକ୍ତିଗତ ସତ୍ୟ ଓ ତତ୍ତ୍ୱର ଅନ୍ୱେଷଣ କରୁଥାଏ। ଲେଖକ ନିଜ ଅଭିଜ୍ଞତାରୁ କଳ୍ପନାର ପ୍ରିଜମ୍ ମାଧ୍ୟମରେ କଥାନକ ବୁଣିଥାଏ। ସେଇ ବିନ୍ୟାସ ଭିତରେ ମୁଁ ନିଜକୁ ଓ ନିଜ ଆଖପାଖର ଦୁନିଆକୁ ଖୋଜେ। କିଛି ଅଂଶ ମିଳିଗଲେ ମଧ ମୁଁ ମୋର ଗୋଟିଏ ସମାନ୍ତରାଳ ବିମ୍ବ ସୃଷ୍ଟି କରି ଲେଖକର କାହାଣୀକୁ ନିଜର ଆତ୍ମିକ ସନନ୍ଦ ଦେଇ ହୃଦୟଙ୍ଗମ କରେ। ଯେତିକି ହେଲା ସେଇଥିରେ ତୃପ୍ତ ହୁଏ। ଅଧିକ ହେଲେ ଉତ୍କୀର୍ଣ୍ଣ ଆନନ୍ଦରେ ଆତ୍ମହରା ହୁଏ। ଏଇଭଳି ରସସିକ୍ତ ଅନୁଭବ ମୋର ହୋଇଥିଲା ଚନ୍ଦ୍ରଶେଖର ରଥଙ୍କର 'ଯନ୍ତ୍ରାରୂଢ଼' ପଢ଼ିସାରି। ବହୁଦିନ ପର୍ଯ୍ୟନ୍ତ ରସୋତ୍ତୀର୍ଣ୍ଣ ଭାବରେ ରହିଥିଲି। ଏହିଭଳି ଆଉ କେତେକ ବହିର ଅନୁଭବ ମଧ ଅଛି। ମୋ ଦୃଷ୍ଟିରେ ତାହା ହିଁ ସାର୍ଥକ ସାହିତ୍ୟ, ଯାହା ଆତ୍ମା, ବିବେକ ଓ ସୂକ୍ଷ୍ମ ଶରୀରରେ ଦୀର୍ଘସ୍ଥାୟୀ ଅନୁରଣନ ସୃଷ୍ଟିକରେ ଏବଂ ଜୀବନ ପ୍ରତି ବ୍ୟକ୍ତିଗତ ଦୃଷ୍ଟିକୋଣକୁ ମଧ ପ୍ରଭାବିତ କରେ।

### ସାହିତ୍ୟ ଅନୁରାଗ


ସାହିତ୍ୟ ରସର ଯଥାର୍ଥ ଆସ୍ୱାଦନ ପାଇଁ ଅନେକ ମୌଳିକ ପୃଷ୍ଠଭୂମି ରହିଛି। ଏ ମଧରେ ସାହିତ୍ୟ ଓ ଭାଷା-ସାକ୍ଷରତା ଗୁରୁତ୍ୱପୂର୍ଣ୍ଣ। ଜାତୀୟ ସାହିତ୍ୟ ଓ ଆମର ବ୍ୟାପକ ସାଂସ୍କୃତିକ ପରିଚୟ ଏବଂ ବିଶେଷ କରି ଆଞ୍ଚଳିକ ଏବଂ ମାତୃଭାଷା ସାହିତ୍ୟରେ କିଛିଟା ପ୍ରବେଶ, ବ୍ୟକ୍ତିର ସାହିତ୍ୟ ଅନୁରାଗକୁ ଆହୁରି ପୁଷ୍କଳ କରେ। ମୋର ଏ ବିଷୟରେ ଅଳ୍ପକିଛି ପରିଚୟ ଅଛି ବୋଲି ମୁଁ ଭାବୁଛି। ତେଣୁ ଜଗନ୍ନାଥ ସଂସ୍କୃତିର କଥା ଓ ସାହିତ୍ୟ ମତେ ଉଦ୍‌ବୁଦ୍ଧ କରେ। କିନ୍ତୁ ଲୋକସଂସ୍କୃତିରେ ଜଗନ୍ନାଥ ଚେତନାର ଅବତାରଣା ଓ ସାମ୍ପ୍ରତିକ ବିକୃତ ଉପସ୍ଥାପନ ମତେ ବିବ୍ରତ କରେ। ଲୋକାଚାର, ସାଂସ୍କୃତିକ ଅତ୍ୟାଚାର ଭଳି ମନେହୁଏ। କେବଳ ଜଗନ୍ନାଥ ଚେତନା

ନୁହେଁ, ବାକି ସବୁ ଗମ୍ଭୀର ଧର୍ମଚେତନା ମଧ୍ୟ, ଲୋକସଂସ୍କୃତିରେ ବିବର୍ତ୍ତିତ ହୋଇ ଅବକ୍ଷୟିତ ହେଲାପରି ଲାଗେ ! କେବଳ ସାହିତ୍ୟ ନୁହେଁ।

ଧର୍ମ ଓ ଆଧ୍ୟାତ୍ମିକ ସାହିତ୍ୟ ଛାଡିଦେଲେ, ଉଚ୍ଚାଙ୍ଗ ପ୍ରାମାଣିକ ସାହିତ୍ୟର ସାମ୍ପ୍ରତିକ ଉପସ୍ଥାପନ ଓ ରୂପାୟନ ମୋତେ ବହୁତ ଆକର୍ଷଣ କରେ। ରୀତିଯୁଗୀୟ ସାହିତ୍ୟ ବିଷୟକ ସଭା-ସଂଗୋଷ୍ଠୀ ହେଉ ବା ସେ ସମ୍ପର୍କୀୟ ଆଲେଖ୍ୟ ବା ସମୀକ୍ଷା ମଧ୍ୟ ମତେ ଭଲ ଲାଗେ। ଅବଶ୍ୟ ଆଜିର ସାହିତ୍ୟକୁ ଏହା କିଭଳି ପ୍ରଭାବିତ କରେ ତା'ର ଆକଳନ ବଡ଼ କଷ୍ଟକର। ସ୍ମୃତିଚାରଣ ମାଧ୍ୟମରେ ଏହା ସାହିତ୍ୟାନୁକୂଳ ମାନସିକ ପରିବେଶ ସୃଷ୍ଟିକରେ, ଏହା ସତ। କ୍ଲାସିକାଲ ସାହିତ୍ୟର କୃତି ଆଜିକାଲି ମିଳିବା ବିରଳ। କାରଣ ସମାଜ ଓ ଯୁଗ ବଦଳି ଚାଲିଛି। ଯୁଗକୁ ଚାହିଁ ଲେଖକମାନେ ସାହିତ୍ୟ ସୃଷ୍ଟି କରିବା ସ୍ୱାଭାବିକ। ଫକୀରମୋହନ, ରାଧାନାଥ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ମହାନ ସାହିତ୍ୟକାରଙ୍କ ସର୍ଜନା ଭଳି ଆଜିକାଲି ତ ଆଉ ଲେଖା ହେଉନାହିଁ ! ଏବେ ଯୁବଲେଖକ ବିରଜା ମହାପାତ୍ରଙ୍କର 'ସାରିଆ ନାନୀ' ଉପନ୍ୟାସଟି ମୋ ମନରେ ଗଭୀର ରେଖାପାତ କରିଛି। ଏଇଟାକୁ ଗୋଟେ ମଡର୍ଣ୍ଣ କ୍ଲାସିକ ଉପନ୍ୟାସ ବୋଲି ମୁଁ କହିବି। ଫକୀରମୋହନ,ଗୋପୀନାଥ ମହାନ୍ତି ଏବଂ କାଳିନ୍ଦୀ ପାଣିଗ୍ରାହୀଙ୍କ ଭଳି ବିଷୟବିନ୍ୟାସ ଓ ପଲ୍ଲୀ ବର୍ଣ୍ଣନାର ବ୍ୟାପକ ବିସ୍ତାର ଏହାକୁ ବେଶ୍ ସୁପାଠ୍ୟ କରିଛି। ଗ୍ରାମ୍ୟ ସମାଜର ଅବକ୍ଷୟ, ନିଷ୍ଠୁର ବିବର୍ତ୍ତନ ଓ ଆଧୁନିକ ବିକାଶମୁଖୀ ପରିବର୍ତ୍ତନର କିଛିଟା ଶୁଭ ସକୁନ ମଧ୍ୟ ସାମ୍ନାକୁ ଆସିଛି। ନିରୋଳା ପଲ୍ଲୀଶବ୍ଦର ପ୍ରୟୋଗ, ଗ୍ରାମ୍ୟ ପରିବେଶର ନିଖୁଣ ଚିତ୍ରଣ ଓ କାହାଣୀର ପ୍ରଶାନ୍ତ ଗତିଶୀଳତା ଉପନ୍ୟାସଟିକୁ ଆକର୍ଷଣୀୟ କରିଛି। ଏହିଭଳି ଅଧିକ ଲେଖା ପ୍ରକାଶିତ ହେଲେ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ମାନବୃଦ୍ଧି ହେବ।

**ସମାଜର ଦର୍ପଣ**

ସାହିତ୍ୟକୁ ସମାଜ ଓ ସମୟର ଦର୍ପଣ ବୋଲି କୁହାଯାଏ। ସାହିତ୍ୟକାରମାନେ ସାମ୍ପ୍ରତିକ ସମାଜର ନୈତିକ ଅବଧାରଣା, ମାନବୀୟ ପ୍ରସଙ୍ଗ ତଥା ଜୀବନ ସଂଘର୍ଷର ଚିତ୍ରଣ ମାଧ୍ୟମରେ କିଛି କିଛି ସାହିତ୍ୟିକ ମୂଲ୍ୟବୋଧ ମଧ୍ୟ ପ୍ରସ୍ତୁତ କରିଥାନ୍ତି। କାଳଜୟୀ ସାହିତ୍ୟ ଓ ସଂସ୍କୃତିରେ ଏହା ସ୍ପଷ୍ଟ ଜଣାପଡ଼ିଥାଏ। ତେବେ ସାହିତ୍ୟ କୃତି ମାଧ୍ୟମରେ ସମାଜ ସଂସ୍କାରର ସମ୍ଭାବନା ଆମର ଆଜିର ସାହିତ୍ୟରେ ବିରଳ। ସମାଜ ଓ ଶାସନ ବ୍ୟବସ୍ଥାର ତ୍ରୁଟି-ବିଚ୍ୟୁତିର ବିବରଣୀ ଗଳ୍ପ, ଉପନ୍ୟାସ ଓ କବିତାରେ ଲେଖିଦେଲେ ପରିବର୍ତ୍ତନ ଆସିବା ପାଇଁ ତାହା ଯଥେଷ୍ଟ ନୁହେଁ। ତା' ସାଙ୍ଗକୁ ସମାଜରେ ପରିବର୍ତ୍ତନର ଅନୁକୂଳ ମାନସିକତା ଓ ଆନୁଷଙ୍ଗିକ କ୍ଷେତ୍ର ପ୍ରସ୍ତୁତି ମଧ୍ୟ ଆବଶ୍ୟକ। ଜନନାୟକ ଓ ଚିନ୍ତାନାୟକମାନଙ୍କର ପ୍ରେରକ ନେତୃତ୍ୱ ଓ କାର୍ଯ୍ୟକଳାପ ଆବଶ୍ୟକ। ଆଜି ଆମ ସମାଜ ଓ ଶାସନ ବ୍ୟବସ୍ଥାରେ ଅନେକ ବିସଙ୍ଗତି ଅଛି। କିନ୍ତୁ ସେଥିରେ ବୈପ୍ଲବିକ ପରିବର୍ତ୍ତନ ପାଇଁ ଯେଉଁ କ୍ଷେତ୍ରପ୍ରସ୍ତୁତକାରୀ ସାହିତ୍ୟର ପ୍ରୟୋଜନ ତାହାର ଅଭାବ ଲକ୍ଷିତ ହୁଏ। ଆଜିର ବଜାର ଅର୍ଥନୀତିଭିତ୍ତିକ ସଂସ୍କୃତିରେ, ସେପରି ସାହିତ୍ୟ ସୃଷ୍ଟି ବୋଧହୁଏ ସମ୍ଭବ ହେଉନାହିଁ। ଅନ୍ତତଃ ଆଜିକାଲି ଓଡ଼ିଆ ସାହିତ୍ୟରେ ଏହା ବିରଳ।




କବିତା, ସାହିତ୍ୟର ଏକ ବଡ଼ ଆବେଗଭରା କ୍ଷେତ୍ର। କବିର ଅନ୍ତର୍ଚ୍ଚେତନା ଓ ଅନ୍ତର୍ବେଦନା ତଥା ସାମାଜିକ ପରିବେଶ ସହିତ ଘାତସଂଘାତର ଏହା ଏକ ଲାଳିତ୍ୟପୂର୍ଣ୍ଣ ସ୍ୱାକ୍ଷର । ଆଜିକାଲିର କବିତାରେ ନିହିତ ସତ୍ୟ ଅଧିକାଂଶରେ ଏକାନ୍ତ ବ୍ୟକ୍ତିଗତ। ତେଣୁ, ପାଠକ ସମାଜକୁ ଆକର୍ଷିତ କରିବାର ଉପାଦାନ କମ ! ତାତ୍କାଳିକ ଭାବାବେଶ ଓ ଅଗଭୀର ଚେତନାର ଅଧିକ ଉଚ୍ଚାରଣ ହେଉଥିବାରୁ ଆଜିର ଅଧିକାଂଶ କବିତାରେ କାବ୍ୟରସ ବା ସୌନ୍ଦର୍ଯ୍ୟବୋଧ ପରିଲକ୍ଷିତ ହେଉନାହିଁ। ଆଜିର ଖଣ୍ଡିତ ଓ କ୍ଷୁବ୍ଧ ଜୀବନାନୁଭୂତି କବିତାକୁ ମଧ୍ୟ ଭାଷା ଓ ଭାବର ଫୁଲଝଡ଼ି ବାଣ ପରି କ୍ଷଣସ୍ଥାୟୀ ଚିକିମିକି ବେଶରେ ବେଶି ଦେଖିବାକୁ ମିଳୁଛି ! ସଙ୍ଗୀତମାର୍ଗୀ ଓ ପଦଲାଳିତ୍ୟଭରା ଓ ଗଭୀର ଚେତନାର ସ୍ଫୁରଣ ବହୁତ କମ କବିତାରେ ପଢିବାକୁ ମିଳୁଛି।

ମୋର ବ୍ୟକ୍ତିଗତ ରୁଚି ଏଭଳି ରସହୀନ ସର୍ଜନା ପାଇଁ ମୋଟେ ନାହିଁ। ଏଇଟା ସତକଥା ଯେ ଆଜିକାଲି ବହୁତ ଲୋକ ଓଡ଼ିଆ କବିତା ଲେଖୁଛନ୍ତି। କେତେ ଲୋକ ପଢୁଛନ୍ତି ବା ପଢି ଉଦ୍‌ବୁଦ୍ଧ ହେଉଛନ୍ତି ସେଇଟା କହିବା ମୁସ୍କିଲ। କବିତା ବହିର କିଣାବିକା ତଥ୍ୟ ଆହୁରି ସନ୍ଦେହମୂଳକ। ଏବେ ଜୀବନଟା ମୋଟାମୋଟି ଛନ୍ଦହୀନ ଓ ଜଟିଳ ହୋଇଗଲାଣି ତ, ତେଣୁ ତା'ର ଦର୍ପଣ ଭଳି, ଅଧିକାଂଶ କବିତା-ସାହିତ୍ୟ ମଧ୍ୟ ସେହିପରି କବିର ଖଣ୍ଡିତ ସ୍ୱଗତୋକ୍ତି ପରି ଅବୋଧ । ଏହାର ଅର୍ଥ ନୁହେଁ ଯେ ସାର୍ଥକ କବିତା ଓ ସାହିତ୍ୟ ରଚନା ଆଉ ହେଉନାହିଁ। କିନ୍ତୁ ଅଧିକାଂଶ କବିତାର ଗୁଣାତ୍ମକ ମାନ ନିକୃଷ୍ଟ ଜଣାପଡୁଛି ନିଶ୍ଚୟ। ସଂଖ୍ୟାବହୁଳ ହେଲେ ମଧ୍ୟ ବିଭୂତି ପରିଚୟ ବହୁତ କମ୍।

**ଉପନ୍ୟାସ ଲେଖା ବିରଳ**

ଆଜିକାଲି ଉପନ୍ୟାସ ଲେଖା ବିରଳ। ଲୋକଙ୍କ ପାଖରେ ସମୟ ତଥା ପଢ଼ିବାର ଆଗ୍ରହ ମଧ୍ୟ ଘୋର ଅଭାବ। କ୍ଷୁଦ୍ରଗଳ୍ପର କାଟତି କିନ୍ତୁ ଅଛି। ମୋର ମଧ୍ୟ ପସନ୍ଦ। ତେବେ ଲଳିତ-ନିବନ୍ଧ ବର୍ଗର ଗଳ୍ପ ମୋର ବହୁତ ପସନ୍ଦ। ଏଥିରେ ମଧ୍ୟ ଚନ୍ଦ୍ରଶେଖର ରଥଙ୍କର ଲେଖା ମୋର ପ୍ରଥମ ପସନ୍ଦ। ମନୋଜ ଦାସଙ୍କ 'ଅନ୍ତରଙ୍ଗ ଭାରତ' ପଢି ମୁଁ ଭାରତୀୟ ଐତିହ୍ୟର ସମକାଳୀନ ଆତ୍ମାକୁ ଦର୍ଶନ କରିଛି ! ପ୍ରବନ୍ଧ ଓ ସ୍ତମ୍ଭ ସାହିତ୍ୟ ଆଜିର ଓଡ଼ିଆ ପାଠକଙ୍କୁ ପସନ୍ଦ ହେଉଥିବ ବୋଲି ମୋର ଅନ୍ଦାଜ। ମୋର ମଧ୍ୟ ପସନ୍ଦ। ପତ୍ରପତ୍ରିକାରେ ନିୟମିତ ସ୍ତମ୍ଭଗୁଡିକର ପାଠକ ବେଶି।

**ମନୋଜ ଦାସଙ୍କ 'ଅନ୍ତରଙ୍ଗ ଭାରତ' ପଢି ମୁଁ ଭାରତୀୟ ଐତିହ୍ୟର ସମକାଳୀନ ଆତ୍ମାକୁ ଦର୍ଶନ କରିଛି !**

ଚଟୁଳ ଓ ଅନ୍ତରଙ୍ଗ ବର୍ଣ୍ଣନା ଶୈଳୀ ସ୍ତମ୍ଭର ଲୋକପ୍ରିୟତା ବଢ଼ାଇଥାଏ। ଆଜିର ସ୍ତମ୍ଭକାରମାନଙ୍କ ମଧ୍ୟରେ ମୁଁ ପ୍ରସିଦ୍ଧ ଔପନ୍ୟାସିକ ବିଭୂତି ପଟ୍ଟନାୟକ ଓ ଭଗବାନ ପ୍ରକାଶଙ୍କୁ ଗଣେ। ଗୌରହରି ଦାସ ମଧ୍ୟ ଜଣେ ପୋଖତ ପ୍ରାବନ୍ଧିକ ଓ କଥାକାର। ପ୍ରବନ୍ଧ ଲେଖକ ଭାବେ ମୋର ଅତି ପସନ୍ଦ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର।

ମୋର ବେଳେବେଳେ ଇଚ୍ଛା ହୁଏ ଭାବିବାକୁ ଯେ ସାହିତ୍ୟ ନ ଥିଲେ ଆଜିର ସମାଜରେ କିଛି ବଡ଼ ଧରଣର ଅସୁବିଧା ହୁଅନ୍ତା କି ? ଆଧୁନିକ ସାହିତ୍ୟ ଯୁଗ ଓ କିଛି ଉତ୍ତର ଆଧୁନିକ ଯୁଗର ଲେଖା ପରେ ଆଜି ଯେଉଁ ଅନାବନା ସାହିତ୍ୟର ଧାରା ଆସିଛି, ତା'ର ଉପାଦେୟତା ସତରେ କେତେ ? ପାରମ୍ପରିକ ଓଡ଼ିଆ ସଂସ୍କୃତି ଓ ତତ୍‌ସଲଗ୍ନ ସାହିତ୍ୟ ଯେପର୍ଯ୍ୟନ୍ତ ଲୋକସଂସ୍କୃତି ସହ ଜଡିତ, ସେପର୍ଯ୍ୟନ୍ତ ବୋଧହୁଏ ଠିକ୍। କିନ୍ତୁ ଆଜିର ବିଶ୍ୱାୟନ ଯୁଗରେ ଆମର ଆଜିର ସାହିତ୍ୟ, ନିରୋଳା ଓଡ଼ିଆ ସାହିତ୍ୟ ରୂପେ ବୋଧହୁଏ ପରିଚୟ ହରାଇସାରିଲାଣି। ଡିଜିଟାଲ ପ୍ରଯୁକ୍ତିବିଦ୍ୟା ମଞ୍ଚଗୁଡିକରେ ଓଡ଼ିଆ ଭାଷା ଓ ସାହିତ୍ୟର ବିଶେଷତ୍ୱ ମଧ୍ୟ ଅବକ୍ଷୟମୁଖୀ।

**ଡିଜିଟାଲ ଭଣ୍ଡାର**

ଅଥଚ ସେଇ ଡିଜିଟାଲ ଭଣ୍ଡାର-ଜ୍ଞାନକୌଶଳର ସାହାଯ୍ୟରେ ଆମ ଓଡ଼ିଆ ସାହିତ୍ୟ ସମେତ ଓଡ଼ିଆ ସଂସ୍କୃତିର ବହୁ ଅନନ୍ୟ ରତ୍ନ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ କରି ରଖାଯାଇପାରୁଛି। ସେଇ ଜ୍ଞାନକୌଶଳ ଅନ୍ୟପକ୍ଷରେ ଅଣଓଡ଼ିଆ ଭାଷାର ପ୍ରୟୋଗକୁ ବହୁମାତ୍ରାରେ ପ୍ରସାରିତ କରି ଦେଉଛି।

ଜଣେ ସଚେତନ ପାଠକ ଭାବେ ମୋର ମତ ଯେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଆହୁରି ଉନ୍ନତ କରିବାକୁ ହେଲେ ଆମର ପ୍ରଶାସନକୁ ସ୍ୱତନ୍ତ୍ର ରଣନୀତିର ସାହାଯ୍ୟ ନେବାକୁ ପଡିବ। ସମ୍ବାଦପତ୍ର, ପତ୍ରପତ୍ରିକା ଏବଂ ପ୍ରତ୍ୟେକ ଗଣସଂଚାର ମାଧ୍ୟମରେ ଓଡ଼ିଆ ସାହିତ୍ୟର ପୃଷ୍ଠପୋଷକତା କରିବାକୁ ହେବ। ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରାଇବାକୁ ପଡିବ। ଆମ ଯୁବପିଢିକୁ ଓଡ଼ିଆ ସାହିତ୍ୟ ପଠନ ଦିଗରେ ଉତ୍ସାହିତ କରିବାକୁ ପଡିବ।

ଆଗର ଭାଗବତ ଟୁଙ୍ଗି ପରି ଗାଁ-ସହର ସବୁଆଡେ ସଂସ୍କୃତି ଟୁଙ୍ଗୀ ଗଠନ କରି ଉଚ୍ଚମାନର ସାହିତ୍ୟ ସୃଷ୍ଟି ପାଇଁ ନୂତନ ପିଢ଼ିକୁ ପ୍ରେରିତ କରିବାକୁ ହେବ। ପାଠକୀୟ ମତାମତକୁ ସାହିତ୍ୟ ବିକାଶ ଦିଗରେ ଉପଯୋଗ କରିବାକୁ ବ୍ୟବସ୍ଥା କରିବାକୁ ହେବ। ବୃହତ୍ତର ଓଡ଼ିଆ ବିଜ୍ଞ-ସମାଜର ଆବଶ୍ୟକତାକୁ ନିୟମିତ ସମୟ ବ୍ୟବଧାନରେ ସମୀକ୍ଷା ଓ ଆକଳନ କରାଯାଇ ସଂସ୍କୃତି ଓ ସାହିତ୍ୟର ପରିଚାଳନାରେ ଅଗ୍ରାଧିକାର ଦିଆଯିବା କଥା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
drukmishra@gmail.com



अନୁବାଦ



# ପରୀକ୍ଷା

ମୂଳଲେଖା : ମୁନ୍‌ସୀ ପ୍ରେମଚନ୍ଦ ଅନୁବାଦ : ଆଶିଷ କୁମାର ରାୟ

ଯେବେ ଦେବଗଡ ରାଜ୍ୟର ଦେବାନ୍ ସର୍ଦ୍ଦାର ସୁଜାନ୍ ସିଂହ ବୁଢ଼ା ହେଲେ, ତାଙ୍କର ପରମାତ୍ମାଙ୍କ କଥା ମନେ ପଡ଼ିଲା। ଯାଇ ମହାରାଜାଙ୍କ ପାଖରେ ନିବେଦନ କଲେ, ଯେ – ଦୀନବନ୍ଧୁ, ଆପଣଙ୍କର ଏହି ଦାସ ଶ୍ରୀମନ୍ତଙ୍କ ସେବା ଚାଳିଶ ବର୍ଷ ଧରି କଲା, ଏବେ କିନ୍ତୁ ମୋତେ ବାର୍ଦ୍ଧକ୍ୟ ଗ୍ରାସିଲାଣି, ରାଜକାର୍ଯ୍ୟ ସମ୍ଭାଳିବାର ଶକ୍ତି ଆଉ ନାହିଁ। ଯଦି କେଉଁଠି ଭୁଲଭଟକା ହୋଇଯିବ ତ ବୃଦ୍ଧାବସ୍ଥାରେ କଳଙ୍କ ମୁଣ୍ଡାଇବାକୁ ପଡ଼ିବ। ସାରା ଜୀବନର ସୁନାମ ମାଟିରେ ମିଶିଯିବ।

ରାଜା ସାହେବ ନିଜର ଅନୁଭୂତିସମ୍ପନ୍ନ ନୀତି କୁଶଳ ଦେବାନଙ୍କୁ ବହୁତ ସମ୍ମାନ ଦେଉଥିଲେ। ବହୁତ ବୁଝାଇଲେ, କିନ୍ତୁ ଦେବାନ ସାହେବଙ୍କୁ ନିଜ ନିଷ୍ପତ୍ତିରେ ଅଟଳ ଦେଖି ହାର ମାନିନେଇ ତାଙ୍କର ପ୍ରାର୍ଥନା ସ୍ୱୀକାର କରି ନେଲେ, କିନ୍ତୁ ଏହି ସର୍ତ୍ତ ରଖିଲେ ଯେ ଦେବଗଡ଼ ରାଜ୍ୟ ପାଇଁ ନୂଆ ଦେବାନ୍ ଆପଣଙ୍କୁ ହିଁ ଖୋଜିବାକୁ ପଡ଼ିବ।



ତା' ପରଦିନ ଦେଶର ପ୍ରସିଦ୍ଧ ସମ୍ବାଦପତ୍ରମାନଙ୍କରେ ଏକ ବିଜ୍ଞାପନ ପ୍ରକାଶିତ ହେଲା ଯେ ଦେବଗଡ଼ ରାଜ୍ୟ ଲାଗି ଜଣେ ସୁଯୋଗ୍ୟ ଦେବାନ ଆବଶ୍ୟକ। ଯେଉଁ ଭଦ୍ରବ୍ୟକ୍ତି ନିଜକୁ ଏହି ପଦ ପାଇଁ ଯୋଗ୍ୟ ବୋଲି ଭାବୁଛନ୍ତି ସେମାନେ ଏବେକାର ଦେବାନ ସର୍ଦ୍ଦାର ସୁଜାନ୍ ସିଂହଙ୍କ ନିକଟରେ ଉପସ୍ଥିତ ହୁଅନ୍ତୁ। ଏହା ଜରୁରୀ ନୁହେଁ କି ସେ ଜଣେ ଗ୍ରାଜୁଏଟ୍ ହୋଇଥିବେ, କିନ୍ତୁ ହୃଷ୍ଟପୁଷ୍ଟ ହୋଇଥିବା ଆବଶ୍ୟକ। ମନ୍ଦାଗ୍ନିର ରୋଗୀମାନେ ଏଠାକୁ କଷ୍ଟ କରି ଆସିବା ଦରକାର ନାହିଁ। ଗୋଟିଏ ମାସ ପର୍ଯ୍ୟନ୍ତ ପ୍ରାର୍ଥୀମାନଙ୍କର ରହିବା ଖାଇବା, ବ୍ୟବସ୍ଥା କରାଯିବା ସହିତ ସେମାନଙ୍କ ଆଚାର ବିଚାରକୁ ଲକ୍ଷ୍ୟ କରାଯିବ। ବିଦ୍ୟାର କମ୍, କିନ୍ତୁ କର୍ତ୍ତବ୍ୟ ପରାୟଣତାକୁ ବିଚାର ଅଧିକ କରାଯିବ। ଯେଉଁ ମହାଶୟ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ସେ ଏହି ଉଚ୍ଚପଦରେ ସୁଶୋଭିତ ହେବେ।

ଏହି ବିଜ୍ଞାପନଟି ସାରା ଦେଶରେ ହଇଚଇ ସୃଷ୍ଟି କରିଦେଲା। ଏଭଳି ଏକ ଉଚ୍ଚପଦ ଏବଂ କୌଣସି ପ୍ରକାର ବନ୍ଧନ ନାହିଁ। କେବଳ ଭାଗ୍ୟର ଖେଳ। ଶହ ଶହ ବ୍ୟକ୍ତି ନିଜର ଭାଗ୍ୟ ପରୀକ୍ଷା ପାଇଁ ଆସି ପହଞ୍ଚିଗଲେ। ଦେବଗଡ଼ରେ ନୂଆ ନୂଆ ରଙ୍ଗବେରଙ୍ଗର ମନୁଷ୍ୟ ଦେଖାଯିବାରେ ଲାଗିଲେ। ପ୍ରତ୍ୟେକଥର ରେଳଗାଡ଼ି ପହଞ୍ଚିବା ମାତ୍ରେ ପ୍ରାର୍ଥୀମାନଙ୍କ ମେଳା ଲାଗିଯାଉଥିଲା। କିଏ ପଞ୍ଜାବରୁ ଆସୁଥିଲା ତ ଆଉ କିଏ ମାଡ୍ରାସରୁ, କିଏ ନୂଆ ଫେସନର ପ୍ରେମୀ ତ ଆଉ କିଏ ପୁରୁଣା କାଳିଆ ସାଦାସିଧା ମଣିଷ। ପଣ୍ଡିତ ଓ ମୌଲବୀମାନଙ୍କୁ ମଧ୍ୟ ନିଜ ନିଜ ଭାଗ୍ୟ ପରୀକ୍ଷା କରିବାର ସୁଯୋଗ ମିଳିଥିଲା। ଏମାନେ ବିଚରା ସାମାଜିକ ସମ୍ମାନ ନେଇ ହାଇଁପାଇଁ ହେଉଥିଲେ, ତେବେ ଏଠାରେ ତାହାର କୌଣସି ଆବଶ୍ୟକତା ନ ଥିଲା। ରଙ୍ଗବେରଙ୍ଗ ବେଶଭୂଷା, ନାନା ପ୍ରକାରର ଅଙ୍ଗବସ୍ତ୍ର, ପଗଡ଼ି, ଟୋପି ଆଦି ଦେବଗଡ଼ରେ ସେମାନଙ୍କର ସାଜସଜ୍ଜା ଦେଖାଇବାକୁ ଲାଗିଲେ। ତେବେ ସବୁଠାରୁ ଅଧିକ ସଂଖ୍ୟା ଥିଲା ଗ୍ରାଜୁଏଟ୍‌ମାନଙ୍କର। କାରଣ ଏହି ପ୍ରମାଣପତ୍ର ସେମାନଙ୍କ କାର୍ଯ୍ୟକଳାପ ଉପରେ ପର୍ଦ୍ଦା ଢାଙ୍କିବା ପାଇଁ ଯଥେଷ୍ଟ ଥିଲା।

ସର୍ଦ୍ଦାର ସୁଜାନ ସିଂହ ଏହି ମହାନୁଭବମାନଙ୍କ ଆଦର ସତ୍କାରର ଖୁବ୍ ସୁନ୍ଦର ବ୍ୟବସ୍ଥା କରି ଦେଇଥିଲେ। ଲୋକେ ନିଜ ନିଜ କୋଠରିରେ ବସି ରୋଜା ରଖିଥିବା ମୁସଲମାନଙ୍କ ଭଳି ମାସର ଦିନଗୁଡ଼ିକୁ ଗଣିବାରେ ଲାଗିଲେ। ପ୍ରତ୍ୟେକ

ମନୁଷ୍ୟ ନିଜ ଜୀବନକୁ ନିଜସ୍ୱ ବୁଦ୍ଧି ଅନୁସାରେ ଭଲ ଭାବେ ଦେଖାଇବା ପାଇଁ ଚେଷ୍ଟା କରୁଥିଲେ। ମିଷ୍ଟର 'ଅ' ନିଜ ଘରେ ଦିନ ନଅଟା ପର୍ଯ୍ୟନ୍ତ ଶୋଉଥିଲେ, ଏବେ କିନ୍ତୁ ସେ ବଡ଼ି ଭୋରରୁ ଉଠି ବଗିଚାରେ ଟହଲ ମାରିବା ସହିତ ଉଷାର ଦର୍ଶନ କରିବାକୁ ଲଗିଲେ। ମିଷ୍ଟର 'ବ'ଙ୍କର ହୁକା ପିଇବାର ଅଭ୍ୟାସ ଥିଲା, ଏବେ କିନ୍ତୁ ବହୁତ ରାତି ହେବା ପରେ କବାଟ ବନ୍ଦ କରି ସିଗାର ଟାଣୁଥିଲେ, ମିଷ୍ଟର 'ଦ', 'ସ' ଏବଂ 'ଜ' ସେମାନଙ୍କ ଘରେ ଚାକରମାନଙ୍କୁ ନାକେଦମ କରିଦିଅନ୍ତି, ଏଠି କିନ୍ତୁ ଏହି ଭଦ୍ରବ୍ୟକ୍ତିମାନେ 'ଆଜ୍ଞା-ଆପଣ' କହି ଚାକର ବାକରମାନଙ୍କ ସହିତ କଥା ହେଉଥିଲେ। ମହାଶୟ 'କ' ନାସ୍ତିକ ଥିଲେ, ହକ୍ସଲେଙ୍କ ଉପାସକ, ତେବେ ଆଜିକାଲି ସେ ଏଭଳି ଧର୍ମନିଷ୍ଠା ଦେଖାଇଲେ ଯେ ମନ୍ଦିରର ପୂଜକଙ୍କୁ ପଦଚ୍ୟୁତ ହେବାର ଆଶଙ୍କା ଘାରିବାକୁ ଲାଗିଲା। ମିଷ୍ଟର ଲଙ୍ଗର ପୁସ୍ତକ ପ୍ରତି ଘୃଣାଭାବ ଥିଲା, କିନ୍ତୁ ଆଜିକାଲି ସେ ବଡବଡ଼ ଗ୍ରନ୍ଥ ଦେଖିବା ପଢ଼ିବାରେ ମଜ୍ଜିଗଲେ। ଯାହା ସହିତ କଥା ହୁଅନ୍ତୁ, ସିଏ ନମ୍ରତା ଓ ସଦାଚାରର ଦେବତା ଭଳି ପ୍ରତୀକ ହେଉଥିଲେ। ଶର୍ମା ଜୀ ରାତି ଘଡ଼ିକରୁ ବେଦମନ୍ତ୍ର ପାଠ କରିବାରେ ଲାଗି ଯାଉଥିଲେ ଏବଂ ମୌଲବୀ ସାହେବଙ୍କର ନମାଜ ଓ ଲୋଓ୍ୱତ ବ୍ୟତୀତ ଅନ୍ୟ କୌଣସି କାମ ନ ଥିଲା, ଲୋକେ ଭାବୁଥିଲେ ଯେ ଗୋଟିଏ ମାସର ଝିଞ୍ଜଟ, କୌଣସି ମତେ ମାସଟେ ବିତାଇଦେଲେ ଯାଏ, ଯଦି କାର୍ଯ୍ୟ ସିଦ୍ଧି ହୋଇଗଲା, ତେବେ କିଏ ପଚାରେ।

କିନ୍ତୁ ମନୁଷ୍ୟଙ୍କ ପରୀକ୍ଷା ନେଉଥିବା ସେହି ବୃଦ୍ଧ ବଣିଆ ସନ୍ତର୍ପଣରେ ଦେଖୁଥିଲା ଯେ ଏହି ବଗମାନଙ୍କ ମଧ୍ୟରେ ହଂସ କେଉଁଠି ଲୁଚି ରହିଛି।

ଦିନେ ନୂଆ ଫେସନବାଲା ଯୁବକମାନେ ସ୍ଥିର କଲେ ଯେ ପରସ୍ପର ମଧ୍ୟରେ ଗୋଟେ ହକି ଖେଳ ହୋଇଯାଉ। ଏହି ପ୍ରସ୍ତାବ ହକିର ପୋଖତ ଖେଳାଳିମାନେ ଦେଇଥିଲେ। ଏହା ବି ତ ଗୋଟିଏ ବିଦ୍ୟା। ଏହାକୁ କାହିଁକି ଲୁଚାଇ ରଖାଯିବ। ଏହା ବି ସମ୍ଭବ ଯେ ଏହା ଦ୍ୱାରା କିଛିଟା ହାତ ସଫେଇ ହୋଇଯିବ। ସବୁ ଠିକ୍‌ଠାକ୍ ହୋଇଗଲା, ପଡ଼ିଆ ପ୍ରସ୍ତୁତ ହେଲା, ନିର୍ଦ୍ଧାରିତ ସମୟରେ ଖେଳ ଆରମ୍ଭ ହୋଇଗଲା ଏବଂ ବଲ୍‌ଟି କୌଣସି ଦପ୍ତରର ଆପ୍ରେଣ୍ଟିସ୍ ଭଳି ଠୋକର ଖାଇବାକୁ ଲାଗିଲା।

ଦେବଗଡ଼ ରାଜ୍ୟ ପାଇଁ ଏହା ଏକ ଅପୂର୍ବ ଖେଳ ଥିଲା। ସେଠାକାର ପାଠପଢୁଆ ଭଦ୍ରଲୋକମାନେ ଚେସ୍ ବା ତାସ୍ ଭଳି ଗମ୍ଭୀର ଖେଳ ଖେଳୁଥିଲେ। ଦୌଡ-କୁଦ ଖେଳଗୁଡ଼ିକୁ ପିଲାଙ୍କ ଖେଳ ବୋଲି ଧରି ନିଆଯାଇଥିଲା।

ଖେଳ ଅତ୍ୟନ୍ତ ଉତ୍ସାହର ଚାଲିଥିଲା। ଗୋଟିଏ ପକ୍ଷର ଖେଳାଳି ଯେତେବେଳେ ବଲକୁ ନେଇ ଆଗକୁ ନେଇ ବଢୁଥିଲେ, ସେତେବେଳେ ଜଣା ପଡୁଥିଲା ଯେମିତି କି ଲହରି ମାଡ଼ି ଆସୁଛି, କିନ୍ତୁ ଅନ୍ୟପକ୍ଷର ଲୋକେ ସେହି ଲହରିକୁ ଲୁହାର ପ୍ରାଚୀର ଭଳି ଅଟକାଇ ଦେଉଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଏହିଭଳି ଧୁମଧାମ ଚାଲିଲା। ସମସ୍ତେ ଝାଳନାଳ ହୋଇଗଲେ। ରକ୍ତର ଉଷ୍ଣତା ଆଖି ଓ ଚେହେରାରେ ପ୍ରତିଫଳିତ ହେବାରେ ଲାଗିଲା। 'ଅ' ଧଇଁସଇଁ ହେବା ସହିତ ବେଦମ ହେବାକୁ ଲାଗିଲେ, କିନ୍ତୁ ହାରଜିତର ନିର୍ଣ୍ଣୟ ହୋଇପାରିଲା ନାହିଁ।

**ସମସ୍ତେ ଝାଳନାଳ ହୋଇଗଲେ। ରକ୍ତର ଉଷ୍ଣତା ଆଖି ଓ ଚେହେରାରେ ପ୍ରତିଫଳିତ ହେବାରେ ଲାଗିଲା।**

ଅନ୍ଧାର ହୋଇଯାଇଥିଲା। ସେହି ମୈଦାନର କିଛି ଦୂରରେ ଗୋଟିଏ ନାଳ ଥିଲା, ଯାହା ଉପରେ ପୋଲ ନ ଥିଲା। ପଥିକମାନଙ୍କୁ ସେହି ନାଳ ଦେଇ ଚାଲିକି ଆସିବାକୁ ପଡୁଥିଲା। ଖେଳ ଅଳ୍ପ କିଛି ସମୟ ଆଗରୁ ସମାପ୍ତ ହୋଇଥିଲା ଏବଂ ଖେଳାଳିମାନେ ସେଠି ବସି ବିଶ୍ରାମ ନେଉଥିଲେ, ସେତିକି ବେଳେ ଜଣେ କୃଷକ ତା'ର ଶଷ୍ୟ ଭର୍ତ୍ତି ଗାଡ଼ି ନେଇ ସେହି ନାଳ ବାଟେ ଆସିଲା। ଯେହେତୁ ନାଳରେ କାଦୁଅ ଥିଲା ଏବଂ ରାସ୍ତା ଉପରକୁ ଉଠାଣି ଏତେ ଉଚ୍ଚା ଥିଲା ଯେ ଗାଡ଼ି ଉପରକୁ ଉଠିପାରୁ ନ ଥିଲା। ସିଏ କେତେବେଳେ ବଳଦଙ୍କୁ ଅଡାଉଥିଲା ତ କେତେବେଳେ ଶଗଡ଼ ଚକାକୁ ହାତରେ ଠେଲୁଥିଲା, କିନ୍ତୁ ଭାର ବହୁତ ଅଧିକ ଥିଲା ଏବଂ ବଳଦ ଦ୍ୱୟ ଥିଲେ କିଛିଟା ଦୁର୍ବଳ। ଗାଡ଼ି ଉପରକୁ ଚଢ଼ିପାରୁ ନ ଥିଲା ଏବଂ ଯଦିବା ଚଢୁଥିଲା ତେବେ କିଛି ବାଟ ଚଢ଼ି ପୁଣି ତଳକୁ ଖସି ଆସୁଥିଲା। କୃଷକଟି ବାରମ୍ବାର ଜୋର ଲଗାଉଥିଲା, ଆଉ ବାରମ୍ବାର ଚିଡି ଯାଇ ବଳଦଙ୍କୁ

ବାଡଉଥିଲା, କିନ୍ତୁ ଗାଡ଼ି ଉପରକୁ ଯିବାର ନାଁ ଧରୁ ନ ଥିଲା। ବିଚରା ନିରାଶ ହୋଇ ଏଣେ ତେଣେ ଚାହୁଁଥିଲା। ତେବେ ସେଠାରେ ସହାୟତା କରିବା ନିମନ୍ତେ କେହି ନ ଥିଲେ। ଗାଡ଼ିକୁ ଛାଡ଼ି କୁଆଡେ ଯିବା ବି ସମ୍ଭବ ନ ଥିଲା। ବଡ଼ ବିପତ୍ତିରେ ପଡ଼ିଥିଲା ସେ। ଇତି ମଧ୍ୟରେ ଖେଳାଳିମାନେ ହାତରେ ହକି ବାଡି ଧରି ସେଇ ରାସ୍ତା ଦେଇ ଗଲେ। କୃଷକ ଜଣକ ସେମାନଙ୍କ ଆଡ଼କୁ କାତର ଦୃଷ୍ଟିରେ ଚାହିଁଲା, କିନ୍ତୁ କାହାଠାରୁ ସାହାଯ୍ୟ ମାଗିବା ପାଇଁ ସାହସ ହେଲା ନାହିଁ। ଖେଳାଳିମାନେ ମଧ୍ୟ ତା' ଆଡକୁ ଚାହିଁଲେ; କିନ୍ତୁ ଦେଖି ନ ଦେଖିଲା ଭଳି। ସେମାନଙ୍କ ଚାହାଣିରେ ସହାନୁଭୂତି ନ ଥିଲା, ସେମାନଙ୍କ ମନରେ ସ୍ୱାର୍ଥ ଥିଲା, ଅହଂକାର ଥିଲା, କିନ୍ତୁ ଉଦାରତା ଓ କରୁଣାର ନାଁ ଗନ୍ଧ ନ ଥିଲା।


ତେବେ ସେମାନଙ୍କ ମଧ୍ୟରେ ଏଭଳି ଜଣେ ମନୁଷ୍ୟ ଥିଲା, ଯାହାର ହୃଦୟରେ ଦୟା ଥିଲା ଓ ମନରେ ଥିଲା ସାହସ। ଆଜି ହକି ଖେଳିବା ସମୟରେ ଗୋଡ଼ରେ ଆଘାତ ଲାଗିଥିଲା। ଛୋଟେଇ ଛୋଟେଇ ଧୀରେ ଧୀରେ ଆସୁଥିଲା ସେ। ହଠାତ୍ ତା'ର ଦୃଷ୍ଟି ପଡ଼ିଲା ଗାଡ଼ି ଉପରେ। ଅଟକିଗଲା। କୃଷକର ଚେହେରା ଦେଖି ସବୁ କଥା ଜାଣି ପାରିଲା ସେ। ହକି ବାଡ଼ି ତଳେ ରଖି ଦେଲା। କୋଟ୍ ଓହ୍ଲାଇ କୃଷକ ପାଖକୁ ଯାଇ କହିଲା- ମୁଁ ତୁମ ଗାଡ଼ି ଉପରକୁ ଉଠାଇବାରେ ସାହାଯ୍ୟ କରିବି କି ?

କୃଷକ ଦେଖିଲା ସୁଗଠିତ ଶରୀର ବିଶିଷ୍ଟ ଜଣେ ଲମ୍ବା ଚୌଡା ଯୁବକ ସାମନାରେ ଛିଡ଼ା ହୋଇଛି। ମୁଣ୍ଡ ନୁଆଁଇ କହିଲା- ଆଜ୍ଞା ମୁଁ ଆପଣଙ୍କୁ କେମିତି କହିବି ? ଯୁବକ ଜଣକ କହିଲା- ଜଣାପଡୁଛି, ଅନେକ ସମୟ ଧରି ଏଠି ଫସି ରହିଛ। ଠିକ୍ ଅଛି, ତୁମେ ଯାଇ ଗାଡ଼ି ଉପରେ ବସ, ଆଉ ବଳଦମାନଙ୍କୁ ଅଡାଅ। ମୁଁ ଚକାକୁ ଠେଲୁଛି, ଏବେ ଗାଡ଼ି ଉପରକୁ ଉଠିଯିବ।

କୃଷକ ଯାଇ ଗାଡି ଉପରେ ବସିଲା। ଯୁବକଟି ଜୋର ଲଗାଇ କାଦୁଅରେ ଫସିଥିବା ଚକାକୁ ଠେଲିଲା। କାଦୁଅ ବହୁତ ଅଧିକ ଥିଲା। ସେଥିରେ ତା'ର ଗୋଡ ଆଣ୍ଠୁ ପର୍ଯ୍ୟନ୍ତ ଗଳିଗଲା, କିନ୍ତୁ ସାହସ ହରାଇଲା ନାହିଁ। ସେ ପୁଣି ଜୋର୍ ଲଗାଇଲା, ଏଣେ କୃଷକ ବଦଳଙ୍କୁ ସମ୍ଭାଳିଲା। ଦୁଇ ବଳଦଙ୍କୁ ସାହାରା ମିଳିଗଲା, ସାହସ ଜୁଟିଗଲା, କାନ୍ଧକୁ ନୁଆଇଁ ସେମାନେ ଏକାଥରକେ ଜୋର୍ ଲଗାଇଲେ ଏବଂ ଦେଖୁ ଦେଖୁ ଗାଡ଼ି ଆସି ସିଧା ଉପରେ ପହଞ୍ଚିଗଲା।

କୃଷକ ଜଣକ ଯୁବକ ସମ୍ମୁଖରେ ହାତଯୋଡ଼ି ଛିଡା ହୋଇଗଲା, କହିଲା ଆପଣ ଆଜି ମୋତେ ଉଦ୍ଧାର କରିଦେଲେ, ନ ହେଲେ ରାତି ସାରା ମୋତେ ଏଇଠି ବସିବାକୁ ପଡ଼ିଥାନ୍ତା।

ଯୁବକ ହସି ହସି କହିଲା- ଏବେ ମୋତେ କ'ଣ ପୁରସ୍କାର ଦେଉଛ ? କୃଷକ ଟିକେ ଗମ୍ଭୀର ହୋଇ କହିଲା- ଭଗବାନ ଚାହିଁବେ ତ ଦେବଗଡ଼ର ଦେବାନ ପଦ ଆପଣଙ୍କୁ ହିଁ ମିଳିଯିବ।



ଯୁବକ ଜଣକ କୃଷକ ଆଡକୁ ନିରେଖି ଚାହିଁଲା। ତା' ମନରେ ଗୋଟିଏ ସନ୍ଦେହ ହେଲା ଯେ, ଏହି ଲୋକଟି ଆଉ ସୁଜାନ ସିଂହ ନୁହଁ ତ ? ସ୍ୱର ଏକା ପ୍ରକାରର, ଚେହେରା ଓ ଶାରୀରିକ ଗଠନ ବି ସେହିଭଳି। କୃଷକ ମଧ୍ୟ ତା' ଆଡକୁ ତୀବ୍ର ଦୃଷ୍ଟି ନିକ୍ଷେପ କଲା। ବୋଧହୁଏ ତା' ମନରେ ଉଠୁଥିବା ସନ୍ଦେହକୁ ଠଉରାଇନେଲା, ଅଳ୍ପ ହସି କହିଲା- ଗଭୀର ଜଳରେ ପ୍ରବେଶ କଲେ ହିଁ ମୋତି ମିଳିଥାଏ।

ପରୀକ୍ଷାର ମାସ ସମାପ୍ତ ହେଲା। ଆଜି ଦେବାନ ପଦର ଚୟନ ହେବ। ପ୍ରାର୍ଥୀମାନେ ପ୍ରାତଃକାଳରୁ ହିଁ ନିଜ ଭାଗ୍ୟର ଫଇସଲା ଶୁଣିବା ପାଇଁ ଉତ୍ସୁକ ଥିଲେ। ଦିନ ବିତାଇବା ପାହାଡ ଭଳି ପ୍ରତୀତ ହେବାକୁ ଲାଗିଲା। ପ୍ରତ୍ୟେକଙ୍କ ମନରେ ଆଶା ଓ ନିରାଶାର ଭାବ ଜାଗ୍ରତ ହେଉଥିଲା। ଜଣା ନାହିଁ ଆଜି କାହାର ଭାଗ୍ୟ ଖୋଲିବ ? ଜଣା ନାହିଁ, କାହା ଉପରେ ଲକ୍ଷ୍ମୀ ଦେବୀଙ୍କ କୃପାଦୃଷ୍ଟି ପଡ଼ିବ।

ସନ୍ଧ୍ୟା ସମୟରେ ରାଜା ସାହେବଙ୍କ ଦରବାର ସୁସଜ୍ଜିତ ହେଲା। ସହରର ମାନ୍ୟଗଣ୍ୟ, ଧନାଢ୍ୟ ବ୍ୟକ୍ତି ରାଜ କର୍ମଚାରୀ

ଓ ଦରବାରି ତଥା ଦେବାନ ପଦର ପ୍ରାର୍ଥୀଗଣ ସମସ୍ତେ ରଙ୍ଗ ବେରଙ୍ଗର ପୋଷାକରେ ସଜ୍ଜିତ ଦରବାରରେ ବିରାଜମାନ ହେଲେ। ପ୍ରାର୍ଥୀମାନଙ୍କର ଛାତି ଧଡପଡ ହେଉଥିଲା।

ସର୍ଦ୍ଦାର ସୁଜାନ ସିଂହ ଛିଡ଼ା ହୋଇଯାଇ ସମସ୍ତଙ୍କୁ ସମ୍ବୋଧନ କରିବା ପରେ ପ୍ରାର୍ଥୀମାନଙ୍କ ଆଡକୁ ଚାହିଁ କହିଲେ- ଦେବାନ ପଦର ଆଶାୟୀ ମହାଶୟଗଣ! ମୁଁ ଏତେ ଦିନ ଧରି ଆପଣମାନଙ୍କୁ ଯେଉଁ କଷ୍ଟ ଦେଲି, ସେଥିପାଇଁ ମୋତେ କ୍ଷମା କରିବେ। ଏହି ପଦ ପାଇଁ ଜଣେ ଏଭଳି ପୁରୁଷଙ୍କ ଆବଶ୍ୟକତା ଥିଲା, ଯାହାଙ୍କ ହୃଦୟରେ ଦୟା ଥିବ ଏବଂ ତା' ସହିତ ଥିବ ଆତ୍ମବଳ। ହୃଦୟ ତାଙ୍କର ଉଦାର ହୋଇଥିବ ଏବଂ ଆତ୍ମବଳ ଏମିତି ଥିବ, ଯାହାଦ୍ୱାରା ସେ ବିପତ୍ତିକୁ ବୀରତ୍ୱର ସହିତ ସାମ୍ନା କରିପାରୁଥିବେ। ଆଉ ସୌଭାଗ୍ୟବଶତଃ ଆମ ରାଜ୍ୟକୁ ଏଭଳି ଜଣେ ପୁରୁଷ ମିଳିଯାଇଛନ୍ତି। ଏଭଳି ଗୁଣବିଶିଷ୍ଟ ବ୍ୟକ୍ତି ଦୁନିଆରେ ବହୁତ କମ୍ ଅଛନ୍ତି ଏବଂ ଯିଏ ବି ଅଛନ୍ତି ସେମାନେ କୀର୍ତ୍ତି ଓ ସମ୍ମାନର ଶିଖରରେ ଉପବିଷ୍ଟ ହୋଇଛନ୍ତି, ସେମାନଙ୍କ ଆଡକୁ ଆମ ହାତ ପାଇବ ନାହିଁ। ଆମକୁ ପଣ୍ଡିତ ଜାନକୀନାଥଙ୍କ ଭଳି ଜଣେ ସୁଯୋଗ୍ୟ ଦେବାନ ମିଳିଯାଇଥିବାରୁ ମୁଁ ରାଜ୍ୟବାସୀଙ୍କୁ ବଧେଇ ଜଣାଉଛି।

**ଏହି ପଦ ପାଇଁ ଜଣେ ଏଭଳି ପୁରୁଷଙ୍କ ଆବଶ୍ୟକତା ଥିଲା, ଯାହାଙ୍କ ହୃଦୟରେ ଦୟା ଥିବ ଏବଂ ତା' ସହିତ ଥିବ ଆତ୍ମବଳ।**

ରାଜ୍ୟର କର୍ମଚାରୀ, ଦରବାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଜାନକୀନାଥଙ୍କ ଆଡକୁ ଚାହିଁଲେ। ପ୍ରାର୍ଥୀମାନଙ୍କ ଦୃଷ୍ଟି ମଧ୍ୟ ତାଙ୍କ ଉପରେ ପଡ଼ିଲା, କିନ୍ତୁ ସେମାନଙ୍କ ଆଖିରେ ସତ୍କାର ଭାବ ଥିବାବେଳେ ଏମାନଙ୍କ ଆଖିରେ ଥିଲା ଈର୍ଷା।

ସର୍ଦ୍ଦାର ସାହେବ ପୁଣି କହିବାକୁ ଲାଗିଲେ- ଆପଣମାନଙ୍କୁ ଏ କଥା ସ୍ୱୀକାର କରିବାରେ କୌଣସି ଆପତ୍ତି ହେବ ନାହିଁ ଯେ ଯେଉଁ ବ୍ୟକ୍ତି ସ୍ୱୟଂ ଆଘାତପ୍ରାପ୍ତ ହୋଇ ମଧ୍ୟ ଜଣେ ଗରିବ କୃଷକର ଶସ୍ୟଭର୍ତ୍ତି ଗାଡିକୁ ବହୁ କଷ୍ଟରେ କାଦୁଅରୁ ବାହାର କରି ନାଳ ଉପରକୁ ଉଠାଇ ଦେଇପାରେ, ତାଙ୍କ ହୃଦୟରେ ନିଶ୍ଚିତ ଭାବେ ସାହସ, ଆତ୍ମବଳ ଏବଂ ଉଦାରତା ଭରି ରହିଛି। ଏଭଳି ବ୍ୟକ୍ତି କେବେ ହେଲେ ଗରିବ ଲୋକଙ୍କ ମନରେ ଦୁଃଖ ଦେବେ ନାହିଁ। ତାଙ୍କର ସଂକଳ୍ପ ନିଶ୍ଚିତ ଭାବେ ଦୃଢ଼, ଯାହାକି ତାଙ୍କ ମନ ମସ୍ତିଷ୍କକୁ ସ୍ଥିର ରଖିବ। ସେ କେବେ ଧୋକା ଖାଇଲେ ମଧ୍ୟ ଦୟା ଓ ଧର୍ମର ପଥରୁ ବିଚ୍ୟୁତ ହେବେ ନାହିଁ।

□□

ଅନୁବାଦକଙ୍କ ଇ-ମେଲ ଠିକଣା:
ashisports@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-

**ଟ.୧୧.୮୦**

(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books

ପ୍ରବନ୍ଧ

# ଓଡ଼ିଆ ଭାଷାର ଅଣ ଆଲୋଚିତ ଅଙ୍ଗ: ମରିସସ ଗିରମିଟିଆ ସାହିତ୍ୟ



ପ୍ରକାଶ ନାୟକ

ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଭାରତରୁ ପୃଥିବୀର ଅନ୍ୟ ଉପନିବେଶ ଦେଶମାନଙ୍କୁ କ୍ରୀତଦାସ ପଠା ଯାଉଥିଲା। ବିଶେଷକରି ପୂର୍ବଭାରତରୁ ଅନେକେ ପର୍ଯ୍ୟାୟ କ୍ରମେ ଫିଜି, ମରିସସ, ସୂରିନାମ, ମଡାଗାସ୍କାର ଓ ଦକ୍ଷିଣ ଆଫ୍ରିକା ଯାଇଥିଲେ। ସେଠାରେ ସେମାନେ ଆଖୁ ଓ ଅନ୍ୟାନ୍ୟ ଚାଷରେ ନିୟୋଜିତ ହୋଇଥିଲେ।

ମରିସସକୁ କେବଳ ଓଡିଶାରୁ ୩୫୦୦ ରୁ ଅଧିକ ଓଡ଼ିଆ କଲିକତା ଓ ମାଡ୍ରାସ ଦେଇ ଯାଇଥିଲେ। ଯେତେବେଳେ ଲୋକେ ଆର୍ଥିକ ଅନଟନରେ, ନୂଆ ଜୀବନ ଓ ଜୀବିକା ଅନ୍ୱେଷଣରେ ଅନ୍ୟ ଦେଶକୁ ଯାଉଥାନ୍ତି, ନିଜର ଆତ୍ମୀୟ ସ୍ୱଜନ, ଗାଁ ପରିବେଶ, ସଂସ୍କୃତି ଓ ପରମ୍ପରାକୁ ବହୁତ ମନେ ପକାନ୍ତି। ଯଦିଓ ଗିରମିଟିଆ (ଏଗ୍ରିମେଣ୍ଟ ଶବ୍ଦର ଅପଭ୍ରଂଶ)ମାନେ ନିଜର ଦେଶକୁ ଫେରିଆସିବା ସମ୍ପୂର୍ଣ୍ଣ ଅସମ୍ଭବ ଓ ଅବାସ୍ତବ ଥିଲା, ସେମାନେ ନିଜର ଯାହା କିଛି ଅନୁଭୂତି, ଭଜନ କୀର୍ତ୍ତନ ଓ ପରମ୍ପରାକୁ ନୂଆ ସ୍ଥାନରେ ବଞ୍ଚେଇ ରଖିବାର ପ୍ରଚେଷ୍ଟାରେ ନିଜକୁ ନିୟୋଜିତ କରିଥିଲେ। ସେମାନେ ସମ୍ପୂର୍ଣ୍ଣ ନିରକ୍ଷର ନଥିଲେ, କେତେକ ଓଡ଼ିଆ ପଢି ଓ ଲେଖିପାରୁଥିଲେ। ଓଡ଼ିଆ/ଓଡିଶା ସାରା ପୃଥିବୀରେ ଏକମାତ୍ର ବିରଳ, ରାଜ୍ୟ ଯେଉଁଠି କି 'ଗିରମିଟିଆ' ସାହିତ୍ୟ ନାହିଁ। ଉତ୍ତରପ୍ରଦେଶ, ବିହାର, ବେଙ୍ଗଲ ଓ ଆସାମରେ 'ଗିରମିଟିଆ' ସାହିତ୍ୟ ବହୁତ ସମୃଦ୍ଧ, ସେଇଥିପାଇଁ ମରିସସରେ (ବା ଅନ୍ୟ ଦେଶମାନଙ୍କରେ) ଅନ୍ୟ ସବୁ ଭାଷା ପ୍ରଚଳନ ଥିବା ବେଳେ, ସେଠାରେ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା।



ଓଡ଼ିଶାରୁ ମରିସସ୍ ଯାଇଥିବା ପ୍ରଥମ ଓଡ଼ିଆ, ସ୍ୱର୍ଗତ ଜଗନ୍ନାଥ ଦାସ

### ନଅଙ୍କ ଦୁର୍ଭିକ୍ଷ

୧୮୬୫-୬୬ ରେ ଓଡ଼ିଶାରେ ସଂଘଟିତ ନଅଙ୍କ ଦୁର୍ଭିକ୍ଷରେ ଜୀବନଜୀବିକା ଉଚ୍ଛନ୍ନ ହୋଇଯାଇଥିଲା, ଯାହାର ତତ୍କାଳୀନ ଓଡ଼ିଆସମାଜ କରାଳ ଦୃଶ୍ୟପଟକୁ କେବେ ମନେପକାଇବାକୁ ଚାହୁଁ ନଥିଲେ। ଯେଉଁମାନେ ବଞ୍ଚିଯାଇଥିଲେ, ସେମାନେ ଶୀଘ୍ର ଜୀବନ ଜୀବିକାକୁ ପୁନର୍ବାର ଫେରେଇ ଆଣିବାପାଇଁ ଅନେକ ଆଶା ଓ ବିଶ୍ୱାସରେ କଲିକତା ଦେଇ, ଦରିଆପାରି ସୁଦୂର ଦେଶମାନଙ୍କୁ ଚାଲି ଯାଇଥିଲେ। ଦୀର୍ଘ ଦେଢ଼ଶହରୁ ଅଧିକ ବର୍ଷକାଳ ସେମାନେ ଭାରତର ମୂଳ ରାଜ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚେଇ ରଖିବାର ଏହି କଷ୍ଟକର ଉଦ୍ୟମ ଯେତିକି ପ୍ରଶଂସନୀୟ ସେତିକି ପ୍ରେରଣାଦାୟୀ ମଧ୍ୟ।

ଯା ଭିତରେ ଭାରତ ସ୍ୱାଧୀନ ହୋଇ ଯିବାର ପଞ୍ଚସ୍ତରୀ ବର୍ଷରୁ ଅଧିକ ହୋଇଛି। ସେଇ ଦେଶମାନଙ୍କରେ ବୈଦେଶିକ ଦୂତାବାସ ଜରିଆରେ ଭାରତର ସମ୍ପର୍କ ସ୍ଥାପନ ହୋଇଛି। ଓଡିଶା ଓ ଭାରତ ବାହାରେ ଓଡ଼ିଆ ଭାଷା ଓ ସଂସ୍କୃତି ପିଢ଼ିପରେ ପିଢ଼ି ଯେ ବଞ୍ଚିରହିଥିଲା, ଏହା ଯେକୌଣସି ଓଡ଼ିଆ ଭାଷା ଓ ସାହିତ୍ୟରେ ରୁଚିରଖୁଥିବା ବ୍ୟକ୍ତିମାନଙ୍କୁ ଆନ୍ଦୋଳିତ କରୁଥିବ।

ଶିକାଗୋ ବିଶ୍ୱବିଦ୍ୟାଳୟରେ ଗିରମିଟିଆ ସାହିତ୍ୟ ଉପରେ ଗବେଷଣା କରାଯାଉଛି। ସୂରିନାମ ନିବାସୀ ଗାଇଉତ୍ରା ବାହାଦୁର

ଶିକାଗୋ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ତାଙ୍କର ପୂର୍ବପୁରୁଷ (ଜଣେ ଅବିବାହିତା ଗର୍ଭବତୀ ମହିଳା ) କେମିତି ବିହାରର ଗୋଟିଏ ଗାଁ ରୁ କଲିକତା ଓ ପରେ ସୂରିନାମରେ ପହଞ୍ଚିଥିଲେ, ତାର ବିବରଣୀ ଦେଇଛନ୍ତି। ଗାଇଉତ୍ରା ତାଙ୍କ ମୂଳ ଇଂରାଜୀ ବହି 'କୁଲି ଓମେନ' ରେ ତାଙ୍କର ଠାକୁର ମା ସୁଜରିଆ କିପରି ଚାରି ମାସର ଗର୍ଭବତୀ ଥିବା ସମୟରେ ୧୯୦୩ ମସିହାର ଗ୍ରୀଷ୍ମ କାଳରେ ଏକାକୀ ଜାହାଜରେ କଲିକତାରୁ ବ୍ରିଟିଶ ଗିନି ଯାଇଥିଲେ ତାହା ବର୍ଣ୍ଣନା କରିଛନ୍ତି। ସେତେବେଳକୁ ତାଙ୍କୁ ସତେଇଶ ବର୍ଷ ହୋଇଥିଲା। କେବଳ ଶିକାଗୋ ନୁହେଁ, ଗିରିମିତିଆ ସାହିତ୍ୟ ଗବେଷଣାକୁ ହର୍ଭାର୍ଡ ଓ କେମ୍ବ୍ରିଜ ଭଳି ବିଶ୍ୱବିଦ୍ୟାଳୟ ମାନଙ୍କରେ ପ୍ରାଧାନ୍ୟ ଦିଆଯାଇଆସିଛି।

**ରାମରୂପ ଜଗନ୍ନାଥ**

୧୯୭୫ ମସିହାରେ ରାମରୂପ ଜଗନ୍ନାଥ ତ୍ରିନିଦାଦର ପ୍ରସିଦ୍ଧ ଗିରମିଟିଆ ଲେଖକ ଭି ଏସ ନାଇପୌଲଙ୍କ 'ମିଷ୍ଟର ବିଶ୍ୱାସଙ୍କ ପାଇଁ ଘର' ବହି ପଢି ପ୍ରଥମେ ମରିସସ୍‌ରେ ଭାରତୀୟଙ୍କ ଭିତରେ ସାମଞ୍ଜସ୍ୟ ଦେଖିବାକୁ ପାଇଥିଲେ ଓ ସେଇଠୁଁ ଆରମ୍ଭ ହେଲା ତାଙ୍କ ମନରେ ଅନେକ ପ୍ରଶ୍ନବାଚୀ। ତାପରେ ହିନ୍ଦୀ ଓ ବଙ୍ଗଳା ଭାଷାଠାରୁ ଅଲଗା ଲାଗୁଥିବା ହସ୍ତାକ୍ଷରର ହାତଲେଖା ଖାତା ଓ କାଗଜପତ୍ର ଜେଜେବାପା (ଶାମସୂଦନ) ରାମରୁପଙ୍କୁ ହସ୍ତାନ୍ତର କରିଛନ୍ତି। ସେଇ ଲେଖା କେବଳ ଓଡ଼ିଆ ଭାଷାରେ ଲେଖା ଯାଇଥିଲା ଓ ଜଗନ୍ନାଥ ଦାସଙ୍କର ନିଜ ହାତଲେଖା। ମରିସସରେ ଥିବା ମହାତ୍ମାଗାନ୍ଧୀ ଅନୁଷ୍ଠାନର ଅଭିଲେଖାଗାରରେ ସେ ଓଡିଶାରୁ ଆସିଥିଲେ ବୋଲି ତଥ୍ୟ ପ୍ରମାଣ ମିଳିଲା। ୨୩ ଅକ୍ଟୋବର ୧୮୭୦ ଦିନ କଲିକତାର ଖିଦିରପୁର ବନ୍ଦରରୁ ଜଗନ୍ନାଥ ଦାସ ଜାହାଜ ଯୋଗେ କିପରି ୩୭ ଦିନ ଯାତ୍ରାକରି ପୋର୍ଟ ଲୁଇସ ରେ ପହଞ୍ଚିଲେ, ତାହାର ନଥିପତ୍ର ମିଳିଲା। ମାତ୍ର ଜଗନ୍ନାଥ ଦାସଙ୍କ ହାତଲେଖା କାଗଜ କେଉଁ ଭାଷାରେ ଲେଖାଯାଇଛି, ପ୍ରଥମେ ତାହା ଆମେରିକାର ବିଶ୍ୱବିଦ୍ୟାଳୟମାନଙ୍କରେ ଜଣା ପଡିଲା ନାହିଁ। ଅବଶ୍ୟ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗବେଷଣାରୁ ଜଣାପଡିଲା ଯେ ତାହା ଓଡ଼ିଆ ଭାଷା ଥିଲା।

**ମରିସସ୍ ଯାତ୍ରା**

ଅବିଭକ୍ତ କଟକ ଜିଲ୍ଲାର ବରୁହାଁ ପ୍ରଗଣାରୁ ଏମିତି ଜଗନ୍ନାଥ ଦାସ କଲିକତା ଦେଇ ମରିସସ ଯାଇଥିଲେ ୧୮୭୦ ମସିହାରେ। ଜଗନ୍ନାଥ ଦାସ ମରିସସ୍ ଗଲାବେଳକୁ ପଚିଶ ବର୍ଷର ଅବିବାହିତ ଯୁବକ ଥିଲେ। ସେଠାରେ ପହଁଚିଲାପରେ, ତାଙ୍କୁ ଅନ୍ୟ ଭାରତୀୟମାନଙ୍କ ପରି ବିୟୁ ସିଜୋର ପିଟନ ସୁଗାର ଇଷ୍ଟେଟରେ କାମକରିବା ଓ ରହିବା ପାଇଁ ନିର୍ଦ୍ଦେଶ ଥିଲା। ସେଇଠି ସେ ବାହାହୋଇଥିଲେ ଓ ପିଲାଛୁଆ ସଂସାର ବଢିବା ସହ ପରିବାର ଲାଳନ ପାଳନ ବି କଲେ। ତାଙ୍କର ନିଜର ପୈତୃକ ଜନ୍ମସ୍ଥାନ ଏପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇପାରିନଥିଲେ ମଧ୍ୟ, ତାଙ୍କର ପଞ୍ଚମ ପିଢ଼ିର ଶ୍ରୀ ରାମରୂପ ଜଗନ୍ନାଥ, ଓଡ଼ିଶାରେ ତାଙ୍କର ଗାଁକୁ ଖୋଜିପାଇବା ପାଇଁ, ସରକାରଙ୍କ ପାଖରେ ଗୁହାରି ଓ ପ୍ରାର୍ଥନା କରି, ଯିବାଆସିବା ଜାରି ରଖିଛନ୍ତି। ତାଙ୍କର ଓଡିଶାକୁ ଆସିବା ଦୀର୍ଘ ୨୦ ବର୍ଷରୁ ଅଧିକ ହେଲେବି, ସେ ଓଡ଼ିଆ ବୋଲି ପ୍ରମାଣରୁ ବଞ୍ଚିତ ହୋଇଛନ୍ତି। ସେ କୁହନ୍ତି, ତାଙ୍କ ଘରେ ପୂର୍ବରୁ ଓଡ଼ିଆ ଭାଷାରେ ଭଜନ ଓ କୀର୍ତ୍ତନ ସବୁ ନିୟମିତ ହେଉଥିଲା। ସେଠାରେ ଓଡ଼ିଆ ଭାଷାରେ ଲିଖିତ ଭଜନ କୀର୍ତ୍ତନକୁ ଦେଖିଲେ, ମନେ ହୁଏ ଯେ ସେମାନେ ଓଡ଼ିଶାର କିଛି ଭକ୍ତ କବିଙ୍କର ଛାନ୍ଦ ଇତ୍ୟାଦିକୁ ମନେ ରଖିଥିଲେ ଓ ଗାଉଥିଲେ। ହୁଏତ ସେମାନେ ନୂଆ କିଛି ଭଜନ କୀର୍ତ୍ତନ ଲେଖି ଗାଉଥିବେ ମଧ୍ୟ।

**ମରିସସରେ ପ୍ରବାସୀ ଓଡ଼ିଆମାନେ କେତେ ଲିଖିତ ସାହିତ୍ୟ ସମ୍ଭାର ସୃଷ୍ଟି କରିଛନ୍ତି ତାହା ଗବେଷଣାର ବିଷୟ।**


ମରିସସ ରେ ପ୍ରବାସୀ ଓଡ଼ିଆମାନେ କେତେ ଲିଖିତ ସାହିତ୍ୟ ସମ୍ଭାର ସୃଷ୍ଟି କରିଛନ୍ତି ତାହା ଗବେଷଣାର ବିଷୟ, ମାତ୍ର ମୌଖିକ ପରମ୍ପରା ରେ ସେମାନେ ଅନେକ ସୃଜନଶୀଳ ଭକ୍ତି ସାହିତ୍ୟ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ରଖିଆସିଥିଲେ। ଶ୍ରୀ ରାମରୁପ ଜଗନ୍ନାଥଙ୍କ କହିବା ଅନୁଯାୟୀ, ତାଙ୍କ ଅଜା ଓଡ଼ିଆ ଭାଷାରେ କହିପାରୁଥିଲେ ଓ ଲେଖିପାରୁଥିଲେ। ସେ ୧୯୯୬ ମସିହାରେ ଚାଲିଗଲେ ଓ ତାଙ୍କ ସହିତ ଓଡ଼ିଆ ଭାଷା ମରିସସରୁ ସମ୍ପୂର୍ଣ୍ଣରୁପେ ବିଲୁପ୍ତ ହୋଇଗଲା। ରାମରୂପ ଜଗନ୍ନାଥଙ୍କ ଦାଦା ଶାମସୂଦନ ଦାଶ

ଯାହାଙ୍କୁ ସେ ଜେଜେବାପା ବୋଲି ଡାକୁଥିଲେ, ୧୯୧୧ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଜଗନ୍ନାଥ ଦାଶ, ଯିଏ ଯାଜପୁର ସବଡ଼ିଭିଜନର ବରୁହାଁ ପ୍ରଗଣାରୁ ମରିସସ ଯାଇଥିଲେ, ଶ୍ୟାମସୁନ୍ଦର ହେଉଛନ୍ତି ତାଙ୍କର ନାତି। ଶାମସୂଦନ କାମଚଳା ଓଡ଼ିଆ କହିପାରୁଥିଲେ ଓ ଲେଖିପାରୁଥିଲେ, ମାତ୍ର ପରବର୍ତ୍ତୀ ପିଢ଼ିକୁ ଓଡ଼ିଆ ଭାଷା ଶିଖେଇବା ପାଇଁ ସମର୍ଥ ନଥିଲେ। ଶାମସୂଦନ ବିଗତ ଶତାବ୍ଦୀର ଶେଷ ଆଡକୁ ୧୯୯୬ ମସିହାରେ ୮୫ ବୟସରେ ପ୍ରାଣତ୍ୟାଗ କଲେ।

## ସଂସ୍କୃତି ପ୍ରତି ଆସକ୍ତି

ମରିସସ ରେ ଓଡ଼ିଆ ମାନେ କିଛି ପିଢ଼ି ହିନ୍ଦୁସ୍ତାନୀ (ବିହାର ଓ ଉତ୍ତରପ୍ରଦେଶ) ବଙ୍ଗାଳୀ, ତେଲୁଗୁ ଓ ତାମିଲ ପରିବାରରେ ବିବାହ ବନ୍ଧନରେ ଆବଦ୍ଧ ହେଲେ ମଧ୍ୟ, ପରିବାରର ସଦସ୍ୟମାନେ ଶ୍ରୀ ଜଗନ୍ନାଥ ମନ୍ଦିରରେ ନିଜକୁ ଜଗନ୍ନାଥ ସଂସ୍କୃତିର ପରମ୍ପରା ସହିତ ନିଜକୁ ସାମିଲ କରିଥିଲେ। ଅନୌପଚାରିକ ରୀତିରେ ଓଡ଼ିଆ ଭାଷା ଶିକ୍ଷା ହେଉଥିଲା। କୌଣସି ଶିକ୍ଷକ ନଥାଇ, ଓଡ଼ିଆ ଲିଖନ ଓ ପଠନ ଇତ୍ୟାଦି ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ବୃଦ୍ଧି ହେଉଥିଲା। ମରିସସ୍‌ରେ ଯେତେବେଳେ ଇଂରାଜୀ, ଫ୍ରେଞ୍ଚ ଓ କ୍ରେୟଲ ଭାଷା ପ୍ରାଧାନ୍ୟ ବିସ୍ତାର କରିବାସହ ସରକାରୀ ସ୍ୱୀକୃତି ପାଇଲା, ଓଡ଼ିଆ ଭାଷା ଏସବୁ ଆଢୁଆଳରେ ଲୁଚିଗଲା।

ଓଡ଼ିଶାର ପାରମ୍ପରିକ ଲୋକକଳା ଓ ଲୋକସାହିତ୍ୟ ପର୍ବପର୍ବାଣୀ ନୂଆଦେଶରେ ଉଜ୍ଜୀବିତ କରିରଖିବା ପାଇଁ ମରିସସରେ ପ୍ରବାସୀ ଓଡ଼ିଆମାନେ ପ୍ରଚେଷ୍ଟା କରିଆସିଥିଲେ। ଓଡ଼ିଆଭାଷା ଆଗକୁ ନବଢି ଅବକ୍ଷୟମୁଖୀ ହେବାର ଅନ୍ୟଏକ ପ୍ରମୁଖ କାରଣ ଥିଲା ଓଡ଼ିଆ ପୁରୁଷମାନଙ୍କୁ ବିବାହ ପାଇଁ ଓଡ଼ିଆ ଯୁବତୀ ମିଳୁ ନଥିଲେ। ଫଳରେ ଓଡ଼ିଆ ମାନେ ବଙ୍ଗାଳୀ, ବିହାରୀ, ହିନ୍ଦୁସ୍ତାନୀ, ଆସାମୀ ଓ ଦକ୍ଷିଣାତ୍ୟ ଅଞ୍ଚଳମାନଙ୍କର ଯୁବତୀମାନଙ୍କୁ ବାହା ହେଉଥିଲେ। ଓଡ଼ିଆ ଯୁବତୀ ନମିଳିବାରୁ, ଜଗନ୍ନାଥ ଦାଶ ବଙ୍ଗାଳୀଙ୍କୁ ବିବାହ କରିଥିଲେ ମଧ୍ୟ ଏକାକୀ ଭାବରେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେଉଥିଲେ। ତାଙ୍କର ପୁଅଙ୍କ ମାତୃଭାଷା ବଙ୍ଗାଳୀ ହେଲେ ମଧ୍ୟ, ଜଗନ୍ନାଥ ଦାଶ ନିଜେ ପୁଅର ଓଡ଼ିଆ ଲିଖନ ଓ ପଠନ ଦାୟିତ୍ୱ ନେଇଥିଲେ। ଆଖୁଚାଷର କର୍ମଜଂଜାଳ ମଧ୍ୟରୁ ସମୟ ବାହାରକରି ସେ ନିଜ ପିଲାଙ୍କ ସହ ଅନ୍ୟ ପରିବାରର ପିଲାଙ୍କୁ ଓଡ଼ିଆ ଶିଖାଉଥିଲେ। କାଳକ୍ରମେ



ଓଡ଼ିଆ ଭାଷାରେ ହାତଲେଖା ଗିରିମିଟିଆ ସାହିତ୍ୟର ଏକ ନମୁନା।

ମରିସସରେ ଅନ୍ୟ ସବୁ ଭାଷା ବଞ୍ଚୁଥିଲା, ଏକ ନୂଆ ଭାଷା, କ୍ରେୟଲ ଉତ୍ପତ୍ତି ମଧ୍ୟ ହେଲା, ଯାହା ହିନ୍ଦୀ, ତାମିଲ ଓ ଫ୍ରେଞ୍ଚ ଭାଷାର ଫେଣ୍ଟାଫେଣ୍ଟି ଥିଲା। ଏବେ ମରିସସରେ ଇଂରାଜୀ ସାଙ୍ଗକୁ କ୍ରେୟଲ ଭାଷା ଅଧିକ ପ୍ରୟୋଗ ହେଉଛି।

**ଅବଲୁପ୍ତ ଓଡ଼ିଆ**

ଯଦି ଭାରତର ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଦେଶରେ ଥିବା ଓଡ଼ିଆ ମାନଙ୍କୁ ଥରେ ଖୋଜିବାର ପ୍ରୟାସ କରାଯାଇ, ଓଡ଼ିଆ ଭାଷାକୁ ସେଇ ଦେଶମାନଙ୍କରେ ପ୍ରଚାର ଓ ପ୍ରସାରର ଉଦ୍ୟମ କରାଯାଇଥାନ୍ତା, ତେବେ ଆଜି ଓଡ଼ିଆ ଭାଷା ମରିସସ୍‌ରେ ମରିଯାଇ ନଥାନ୍ତା।

ଆସାମର ଚା ବଗିଚାକୁ ମଧ୍ୟ ତତ୍‌କାଳୀନ ଓଡିଶାରୁ ଇଂରେଜମାନଙ୍କଦ୍ୱାରା ଅନେକ ଶ୍ରମିକ ଶ୍ରେଣୀର ଲୋକମାନେ ଯାଇଥିଲେ। ୧୮୬୦-୯୦ ମଧ୍ୟରେ ସେମାନେ ପର୍ଯ୍ୟାୟ କ୍ରମେ ଉପର ଆସାମ ଓ ଉତ୍ତର ବ୍ରହ୍ମପୁତ୍ର ଅବବାହିକା ଅଞ୍ଚଳର ଚା ବଗିଚାକୁ ଯାଇଥିଲେ। ସେମାନଙ୍କ ବସତି ସବୁ ବିଶେଷତଃ ଜୋରହାଟ, ଶିବସାଗର, ଦିବ୍ରୁଗଡ଼ ଓ ତିନସୁକିଆ ଇତ୍ୟାଦି ଅଞ୍ଚଳରେ ଦେଖିବାକୁ ମିଳେ। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଅଭାବରୁ, ସେମାନେ ଓଡ଼ିଆ ମୌଖିକ ସାହିତ୍ୟକୁ ଆହୋମିୟା ଲିପିରେ ପ୍ରଚାର ଓ ପ୍ରସାର କରିଆସୁଛନ୍ତି ସେହି ଅଞ୍ଚଳରେ।

ସାଂସ୍କୃତିକ ଦୃଷ୍ଟିକୋଣରୁ ଦେଖିଲେ ଜଣାଯାଏ ଯେ ଆଜି ପର୍ଯ୍ୟନ୍ତ ମରିସସରେ ଶ୍ରୀ ଜଗନ୍ନାଥ ସଂସ୍କୃତି ବଞ୍ଚିରହିଛି। ଭକ୍ତମାନଙ୍କ ସହଯୋଗରେ ସେଠାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହୁଏ। ଯେଉଁ ସମୟରେ ରେଡ଼ିଓ ଓ ଟିଭିର ପ୍ରଚଳନ ନଥିଲା, ସେ ସମୟର ପ୍ରବାସୀ ଓଡ଼ିଆ, ନିଜ ଭାଷାର ଭଜନ ଓ କୀର୍ତ୍ତନ ସବୁ ମନେରଖି ପିଢ଼ି ପରେ ପିଢ଼ି ଜଗନ୍ନାଥ ପରମ୍ପରର ଭଜନ ଓ କୀର୍ତ୍ତନ ଆଗକୁ ବଢ଼େଇ ଚାଲିଥିଲେ। କିଛି ଓଡ଼ିଆ ରାଧାକୃଷ୍ଣ ଭଜନ, ଜଗନ୍ନାଥ ଜଣାଣ ତଥା ପାରମ୍ପରିକ ଗୀତ ସବୁକୁ, ଯାହା ମନେରଖିଥିଲେ, ତାହା ଲେଖି ପକାଇଥିଲେ। ରାମରୂପ ଜଗନ୍ନାଥଙ୍କ କହିବା ଅନୁସାରେ ତାଙ୍କ ଜେଜେବାପା ଶାମସୂନ୍ଦନ ଦାଶ ବଞ୍ଚିଥିଲା ପର୍ଯ୍ୟନ୍ତ ତାଙ୍କ ଘରେ ମୃଦଙ୍ଗ, ଝାଞ୍ଜ, ହରମୋନିୟମ ଓ ଅନ୍ୟାନ୍ୟ ସଂଗୀତ ଉପକରଣ ରଖା ଯାଇଥିଲା ଓ ନିୟମିତ ଭାବରେ ଘରେ ଭଜନ ଓ କୀର୍ତ୍ତନ କରାଯାଉଥିଲା। ଲୋକକଥାରେ ଅନେକ କଷ୍ଟ ଓ ଯନ୍ତ୍ରଣା, ସୁଖ ଦୁଃଖ, ଭାବ ଓ ଭକ୍ତି ଅନ୍ୟ ଭାରତୀୟ ମାନଙ୍କ ମଧ୍ୟରେ ପ୍ରତିଫଳିତ ହୋଇଛି। ଓଡ଼ିଆ ମାନେ ମଧ୍ୟ ସେଇ ଲୋକକଥାକୁ ଶହେବର୍ଷରୁ ଅଧିକ ଧରିରଖିଥିଲେ।

**ଓଡ଼ିଆ ଭକ୍ତି ସଙ୍ଗୀତ**

ଅନ୍ୟ ଭାଷାଭାଷୀ ପ୍ରବାସୀ ଭାରତୀୟ ନିଜନିଜ ରାଜ୍ୟସହ ଯୋଡି ହୋଇଗଲେ। ଯିବାଆସିବା ଲାଗିରହିଲା, ହେଲେ ମରିସସର ଓଡ଼ିଆ ଓଡିଶା ଆସୁଥିଲେ, ଜଗନ୍ନାଥ ଦର୍ଶନ ମଧ୍ୟ କଲେ, କିନ୍ତୁ ତାଙ୍କ ପରିବାର ଓ ଗାଁକୁ ଖୋଜି ପାଇଲେ ନାହିଁ।

> **ଓଡ଼ିଆ ଗିରମିଟିଆ ସାହିତ୍ୟ, ସମସ୍ତଙ୍କ ଅଗୋଚରରେ ମରିଯିବା, ଅତ୍ୟନ୍ତ ପରିତାପର ବିଷୟ।**

ସାହିତ୍ୟ ଓ ସଂଗୀତର ସାଧନା ସୁଦୂର ମରିସସରେ ବିନା କୌଣସି ସରକାରୀ ପ୍ରୋତ୍ସାହନରେ ଚାଲୁରହିଲା। କିଛି ଭକ୍ତିସଂଗୀତ ଓ ସାହିତ୍ୟକୁ ସେମାନେ ହାତଲେଖା କାଗଜରେ କରଣୀ ଅକ୍ଷରରେ ଲେଖି ସାଇତି ରଖୁଥିଲେ। ଓଡିଶା ସହ ଭାବଗତ ସମ୍ପର୍କ କଟିଯିବା ଯୋଗୁଁ ସେଠାରେ ମଧ୍ୟଯୁଗୀୟ ଭକ୍ତି ସଂଗୀତ ଓ ସାହିତ୍ୟର ପ୍ରମାଣ ସମ୍ପୂର୍ଣ ରୂପେ ମିଳିପାରୁନାହିଁ। ଯଦିଓ କେନ୍ଦ୍ରସରକାରଙ୍କ ସହଯୋଗରେ ସେଠାରେ ଓଡିଶୀ ଶିକ୍ଷା ପାଇଁ ତତ୍ପରତା ଦେଖା ଦେଇଛି, ଓଡ଼ିଆ ଭାଷାର ପ୍ରଚାର ପ୍ରସାର ତଥା ଓଡ଼ିଆ ଗିରମିଟିଆ ସାହିତ୍ୟ ସହିତ ଯୋଡିବାପାଇଁ ସେମିତି କିଛି ପ୍ରୟାସ କରାଯାଇନାହିଁ।

ଭାଷା ଭିତ୍ତିକ ରାଜ୍ୟ ହିସାବରେ ଓଡିଶା ୧୯୩୬ ମସିହାରୁ ମାନ୍ୟତା ପାଇ ଆସିଛି ଓ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ୨୦୧୪ ମସିହାରୁ ଓଡିଶା ବାହାରେ ଭାଷାର ପ୍ରଚାର ଓ ପ୍ରସାର ପାଇଁ ପ୍ରୋତ୍ସାହନ ପାଇଛି। ଯା ଭିତରେ ସରକାରୀ ଓ ବେସରକାରୀ ଉଦ୍ୟମରେ ପାଖାପାଖି ଚାଳିଶଟି ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଅଛି, ତାଛଡା ପାଞ୍ଚଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ହେଉଛି, ହେଲେ ଓଡ଼ିଆ ଗିରମିଟିଆ ସାହିତ୍ୟ, ସମସ୍ତଙ୍କ ଅଗୋଚରରେ ମରିଯିବା, ଅତ୍ୟନ୍ତ ପରିତାପର ବିଷୟ।

□□

ଲେଖକଙ୍କ ଇ-ମେଲ ଠିକଣା:
prakashcnayak@gmail.com

ସାକ୍ଷାତକାର

# କଥାକାର ଶ୍ୟାମା ପ୍ରସାଦ ଚୌଧୁରୀଙ୍କ ସହ କିଛି ଅନ୍ତରଙ୍ଗ ଆଳାପ

*କଥାକାର ଶ୍ୟାମା ପ୍ରସାଦ ଚୌଧୁରୀ କଲିକତାରେ ଅବସ୍ଥାନ କରନ୍ତି ଏବଂ ତାଙ୍କୁ ବୟସ ଏବେ ୬୪ ବର୍ଷ। ଓଡ଼ିଆ କଥାସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା ଭାବରେ ସେ ସୁପରିଚିତ। ୧୯୭୯ମସିହାରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ ପ୍ରକାଶ ପାଇଥିଲା ଏବଂ ଏହି ଦୀର୍ଘ ୪୩ ବର୍ଷର ଅବଧି ମଧ୍ୟରେ ତାଙ୍କର ଅନ୍ୟ କିଛି ଗଳ୍ପ ସଂକଳନ ତଥା ଏକ ଉପନ୍ୟାସ ମଧ୍ୟ ପ୍ରକାଶିତ ହୋଇ ବିଶେଷ ପାଠକୀୟ ଆଦୃତି ଲାଭ କରିଥିଲା। ଓଡ଼ିଶାର ବିଭିନ୍ନ ସରକାରୀ କଲେଜରେ ଜଣେ ଅଧ୍ୟାପକ ଭାବରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଶ୍ରୀ ଚୌଧୁରୀ ୧୯୮୩ ମସିହାରେ ଭାରତୀୟ ରାଜସ୍ୱ ସେବାରେ ଯୋଗ ଦେଇ ୩୭ ବର୍ଷ କାଳ ଦେଶର ବିଭିନ୍ନ ରାଜ୍ୟରେ ସେବା ପ୍ରଦାନ କରିବା ଉପରାନ୍ତେ ୨୦୧୯ ମସିହାରେ ପ୍ରିନ୍ସିପାଲ୍ ଚିଫ୍ କମିଶନର୍ ପଦରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ସହିତ ବିବିଧ ସାରସ୍ୱତ ପ୍ରସଙ୍ଗରେ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ରେଭେନ୍ସାରେ ଆପଣଙ୍କର ଛାତ୍ର ଜୀବନଠାରୁ ଆରମ୍ଭ କରି ଏବେ ସରକାରୀ ଚାକିରିରୁ ଅବସର ନେବା ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଆପଣ ସାହିତ୍ୟ ସହିତ ବିଭିନ୍ନ ଭୂମିକାରେ ଯୋଡି ହୋଇ ରହିଛନ୍ତି। ଏହା ସତ୍ତ୍ୱେ ଆପଣ ସାହିତ୍ୟ ବିପଣୀର ରାଜରାସ୍ତାକୁ ଆସିବା ପାଇଁ ଚେଷ୍ଟା କରିନାହାନ୍ତି, ଏବଂ ପ୍ରତେ ହୁଏ ସତେ ଯେମିତି ନିଜକୁ ଗୋପନ ରଖିବାକୁ ପସନ୍ଦ କରିଛନ୍ତି। ଏମିତି କାହିଁକି?

**ଶ୍ୟାମା ପ୍ରସାଦ ଚୌଧୁରୀ:** ନିଜକୁ ଗୋପନ ରଖିବାକୁ ପସନ୍ଦ କରିଛି ନକହି ବରଂ କହିବି, ଆତ୍ମ-ପ୍ରସାରିତ ହେବାକୁ ବ୍ୟାକୁଳ ହେଇନାହିଁ। ମୁଁ ଆଉ ଗୋପନ ହେଇ ରହିପାରିଲି ବା କେମିତି ବା କେବେ? ଆପଣ ପରା ପାଇଗଲେ ମୋତେ! ଯେତେବେଳେ ପ୍ରଥମେ ଲେଖିବା ଆରମ୍ଭ କଲି, ସେତେବେଳେ ଭାବୁଥିଲି ଯେ ମୋ ଗପ କେମିତି 'ନବରବି' ବା 'ଆସନ୍ତା କାଲି' ବା 'ଝଂକାର'କୁ ଯିବ। ଛାତ୍ର ଜୀବନରେ ସମ୍ପାଦକମାନଙ୍କୁ ରେଜିଷ୍ଟ୍ରି ଡାକରେ ଲେଖା ପଠାଉଥିଲି ଏବଂ ଆକୁଳ ହେଇ ମୋର ବ୍ୟକ୍ତିଗତ ଈଶ୍ୱରଂକୁ ପ୍ରାର୍ଥନା କରୁଥିଲି ଯେ ତା' ପ୍ରକାଶିତ ହେଉ। ନିଜକୁ ସାହିତ୍ୟ ଜଗତରେ ଗୋପନ ରଖିବାକୁ ଚାହୁଁଥିଲେ ତ ମୁଁ ଏକଥା କରିନଥା'ନ୍ତି!

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ପ୍ରଥମ ବହିଟି କେମିତି ଛପା ହେଲା?

**ଶ୍ୟାମା ପ୍ରସାଦ ଚୌଧୁରୀ:** ବହି କେମିତି ଛପାହୁଏ, ଆଉ ଛପା ହେଲେ କ'ଣ ହେବ, ସେକଥା ବି ମୁଁ ଜାଣିନଥିଲି। ମୁଁ ସେତେବେଳକୁ ଯେବେ ବିଭୁତି ପଟ୍ଟନାୟକଙ୍କ ସହିତ ସମ୍ପର୍କରେ ଆସିଲି, ସେ ସବୁବେଳେ ପଚାରନ୍ତି, 'ତୁମର କେତୋଟି ଗପ ହେଲା ? ତୁମର କିଛି ଗପକୁ ଗୋଟିଏ ବହି କରିକି ଛପାଇଦେବା।'

**ସାହିତ୍ୟ ଚର୍ଚ୍ଚା:** ବିଭୂତି ବାବୁଙ୍କ ସହିତ ସମ୍ପର୍କ ସ୍ଥାପିତ ହେଲା କେମିତି ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ସେତେବେଳେ କଟକରୁ ଜଗନ୍ନାଥ ରଥ ଛାପୁଥିଲେ ତାଙ୍କ ଦ୍ୱାରା ସମ୍ପାଦିତ 'ଗଳ୍ପ' ପତ୍ରିକା ଏବଂ ସଂଯୋଗ କ୍ରମେ ମୁଁ ଏହାର ପ୍ରୁଫ୍-ରିଡିଂ କରୁଥିଲି। ଏହି କ୍ରମରେ ତା'ଙ୍କ ସହିତ ଯୋଡି ହୋଇଯାଇଥିଲି। ସେତେବେଳକୁ ମୁଁ ଛାତ୍ର ଥିଲି; ଜଗନ୍ନାଥ ରଥଙ୍କୁ ବିଭୂତି ସାର୍ କହିଥିଲେ 'ଶ୍ୟାମାର ବହିଟିଏ କରନ୍ତୁ।' ମୁଁ ଜେ.ଏନ୍.ୟୁରେ ଥିବା ସମୟରେ ହଠାତ ମୋ ପାଖରେ ପହଂଚିଥିଲା ରେଜିଷ୍ଟର୍ଡ୍ ପୋଷ୍ଟ୍ ରେ, ମୋର ପ୍ରଥମ ବହି, ଜଗନ୍ନାଥ ରଥଙ୍କ ଦ୍ୱାରା ପ୍ରକାଶିତ – 'ନିଜଠାରୁ ନିଜର ଦୂରତା'।

**ସାହିତ୍ୟ ଚର୍ଚ୍ଚା:** ତଥାପି ମନେ ହୁଏ ଆପଣ ସାହିତ୍ୟ ଜଗତରୁ ନିଜକୁ ଗୋପନ ରଖିବାକୁ ଭଲ ପାଆନ୍ତି !

**ଶ୍ୟାମା ପ୍ରସାଦ ଚୌଧୁରୀ:** ଆପଣଙ୍କର ଏହି 'ଗୋପନ' ଶବ୍ଦଟି ଯା ଭିତରେ ମୋର ଅତି ପ୍ରିୟ ହେଇସାରିଲାଣି ; ତେବେ ବହୁଦିନରୁ ମୋର ଗୋଟେ ବଦ୍ଧମୂଳ ଧାରଣା ଅଛି ଯେ ଆମେ ସମସ୍ତେ ଲୁଚିଛେ। କାହାଠୁ ଲୁଚିଛେ, ଆଉ କେମିତି ଲୁଚିଛେ, ସେକଥା ଅବଶ୍ୟ ମୁଁ ଜାଣିନାହିଁ।

**ବହୁଦିନରୁ ମୋର ଗୋଟେ ବଦ୍ଧମୂଳ ଧାରଣା ଅଛି ଯେ ଆମେ ସମସ୍ତେ ଲୁଚିଛେ। କାହାଠୁ ଲୁଚିଛେ, ଆଉ କେମିତି ଲୁଚିଛେ, ସେକଥା ଅବଶ୍ୟ ମୁଁ ଜାଣିନାହିଁ।**

**ସାହିତ୍ୟ ଚର୍ଚ୍ଚା:** ଆପଣ ଗପ ଲେଖନ୍ତି କାହିଁକି ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ଆମେ ପ୍ରତ୍ୟେକେ ଗପ ଲେଖୁ, ବା କହୁ। ପୃଥିବୀରେ ଏମିତି କୌଣସି ମଣିଷ ନାହିଁ, ଯିଏକି ଗପ କହିନି, ବା ଲେଖିନି। ଏମିତିକି ଯିଏ ମୂକ ଓ ଅନ୍ଧ, ସେ ବି ଗପ ନକହି ବା ନଲେଖି ରହିପାରିନାହିଁ। ମୁଁ ତ କୌଣସି ବି ଦୃଷ୍ଟିହୀନ ଠାରୁ ଆହୁରି କମ୍ ଦେଖିଛି ଜୀବନରେ, ଏବଂ କୌଣସି ମୂକ ଠାରୁ କମ୍ ଠାରିପାରିଛି।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ କେବଳ ଲେଖିବାଟା ତ ଯଥେଷ୍ଟ ନୁହେଁ, ଏବର ଦୁନିଆରେ ସାହିତ୍ୟରେ ନିଜକୁ ପ୍ରତିଷ୍ଠିତ ବା ବିଜ୍ଞପିତ କରିବା ପାଇଁ ପ୍ରୟାସର ମଧ୍ୟ ପ୍ରୟୋଜନ। ମନେହୁଏ ଆପଣ ଏଥିପ୍ରତି ଦୃଷ୍ଟି ଦେବାକୁ ଚାହିଁନାହାନ୍ତି।

**ଶ୍ୟାମା ପ୍ରସାଦ ଚୌଧୁରୀ:** ଅନ୍ୟମାନେ ବି ଏକଥା ମୋତେ ପଚାରିଛନ୍ତି। ବୋଧହୁଏ ନିଜକୁ ପ୍ରଚାରିତ ଓ ପ୍ରସାରିତ କରିବାରେ ଯେଉଁ ସୁଖ ମିଳେ, ତାହା ପ୍ରତି ମୁଁ ବିଶେଷ ଆସକ୍ତି ରଖିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଦ୍ୱିତୀୟ ସଂକଳନଟି ପ୍ରକାଶିତ ହୋଇଥିଲା ୧୯୮୬ ମସିହାରେ। ଅଥଚ ତୃତୀୟଟି ହେଲା ୨୦୧୪ରେ। ଏହି ଦୀର୍ଘ ୨୮ ବର୍ଷ କାଳ କ'ଣ ଆପଣ ସାହିତ୍ୟରୁ ଏକ ପ୍ରକାର ସନ୍ନ୍ୟାସ ନେଇଥିଲେ ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ନା, ଏହାକୁ ସନ୍ନ୍ୟାସ ବୋଲି କହିହେବ ନାହିଁ। ଏହି ସମୟ ଭିତରେ ନିଶ୍ଚିତ ଭାବରେ ମୋ ପ୍ରକାରେ ଏବଂ ମୋ ନିଜସ୍ୱ କୌଣସି ଅ-ସନ୍ନ୍ୟାସପଣ ଭିତରେ ଥିଲି। ଏମିତିରେ, ପତ୍ରପତ୍ରିକାରେ କେତେବେଳେ କେମିତି ତ ମୋ'ର ଲେଖା ପ୍ରକାଶ ପାଉଥିଲା !

**ସାହିତ୍ୟ ଚର୍ଚ୍ଚା:** ତଥାପି ଆପଣ ମଝିରେ କିଛିଦିନ ନିରବ ବି ହୋଇଯାଇଥିଲେ !

**ଶ୍ୟାମା ପ୍ରସାଦ ଚୌଧୁରୀ:** ଅବଶ୍ୟ ବେଳେବେଳେ ଅଟକି ଯାଇଛି, ଏବଂ ନିଜକୁ ପଚାରିଛି, କ'ଣ ଲେଖିବି, କାହିଁକି ଲେଖିବି ? ଆପଣ ଏବେ ପଚାରିବେ ଯେ, ତାହେଲେ ୨୦୧୪ରେ ହଠାତ୍ ଏମିତି କ'ଣ ହେଲା ?


**ସାହିତ୍ୟ ଚର୍ଚ୍ଚା:** ହଁ ୨୦୧୪ରେ କ'ଣ ହେଲା ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ସେତେବେଳକୁ ମୋର ସାଙ୍ଗମାନଙ୍କ ତରଫରୁ ପ୍ରବଳ ଚାପ ଆସିଲା ସଂକଳନଟିଏ ବାହାର କରିବାପାଇଁ। ମୁଁ ନିଃସ୍ପୃହ ଥିଲି। ଏପରିକି 'ଟାଇମ୍ ପାସ୍'ର ସରୋଜ ବଳଙ୍କୁ ବି, ମୋ ବହିର ଲୋକାର୍ପଣ ଦିନ ଆଗରୁ କେବେ ଦେଖିନଥିଲି। ସେ ପ୍ରକାଶ କଲେ ବହିଟି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଅଧିକାଂଶ ରଚନାରେ କେବଳ ଭାବ ବା କଥାବସ୍ତୁ ନୁହେଁ, ଏପରିକି ଶିରୋନାମାରେ ମଧ୍ୟ

ଏକ ନିଆରାପଣ ଦେଖିବାକୁ ମିଳେ। ଯେମିତି ଆପଣଙ୍କ କେତୋଟି ବହିର ନାମ, ‘କାପୁରୁଷର ଗୋଡ଼’ ଓ ‘ଚିଡିଆଖାନାର ଚିତ୍ର’ ଆଦି। ଏମିତି ଅଜବପଣ ଆପଣ ଜାଣିଶୁଣି ପ୍ରୟୋଗ କରନ୍ତି, ନା ଲେଖୁ ଲେଖୁ ହୋଇଯାଏ ଏମିତି ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ମୁଁ ଜାଣିନି, ଆପଣଙ୍କୁ ଏଥିପାଇଁ ଧନ୍ୟବାଦ ଦେବି କି କ’ଣ। କିନ୍ତୁ ‘ନିଆରାପଣ’ ଶବ୍ଦଟି ଆପଣ ପ୍ରଥମେ ବ୍ୟବହାର କରୁଛନ୍ତି ମୋ ପାଇଁ। ହୁଏତ ମୁଁ ନିଶ୍ଚିତ ଭାବରେ ଚାହିଁଥିବି, ନିଜ ଲେଖାରେ ସଚେତନ ବା ଅବଚେତନ ଭାବରେ କିଛି ଅଲଗାପଣ ଆଣିବାପାଇଁ। ‘କାପୁରୁଷର ଗୋଡ଼’ ବହି ର ସଂପୂର୍ଣ୍ଣ ନାମ ରଖିଥିଲି, ‘ପତ୍ନୀ ପ୍ରଭାତୀ ଚୌଧୁରୀଂକ ଦ୍ୱାରା ନିର୍ବାଚିତ କାପୁରୁଷର ଗୋଡ଼ ଓ ଅନ୍ୟାନ୍ୟ ଗଳ୍ପ।’




**ସାହିତ୍ୟ ଚର୍ଚ୍ଚା:** ଆପଣ ତ ନିଜର ଗପ ଶୂନ୍ୟରୁ ଛାଣିଆଣନ୍ତି। ଆପଣ ‘ଚିଡିଆଖାନାର ଚିତ୍ର’ ଗଳ୍ପ ସଂକଳନର ମୁଖବନ୍ଧରେ ବି ନିଜେ ସେକଥା ସ୍ୱୀକାର କରି କହିଛନ୍ତି ଯେ ‘ମୁଁ କଥାକୁ ଫେଣାଇଛି।’ ଏଇଟି ମଧ୍ୟ ଆପଣଙ୍କର ଆରେକ ଅନନ୍ୟତା ନୁହେଁ କି ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ମୁଁ ବିଶ୍ୱାସ କରେ ଯେ ଗୋଟିଏ ବଡ଼ କଥାକୁ କମ ଶବ୍ଦରେ କହିବା ଯଦି ଗୋଟିଏ କବିତା ହୁଏ, ତେବେ ଗୋଟିଏ ଅତି ଛୋଟ ବା ଅତି ସାଧାରଣ କଥାକୁ ବହୁତ ଅଲଗା ପ୍ରକାରେ ଏବଂ ଅଧିକ କରି କହିବା ତଥା ଶେଷକୁ ଯଥାସମ୍ଭବ ବିଳମ୍ବିତ କରିବା ହେଉଛି, ଗପ।

**ସାହିତ୍ୟ ଚର୍ଚ୍ଚା:** ହୁଏତ ଉପନ୍ୟାସରେ ସେକଥା ସମ୍ଭବ ହେଉଥାଇପାରେ, କିନ୍ତୁ କ୍ଷୁଦ୍ରଗଳ୍ପରେ ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ଦେଖନ୍ତୁ ଫେଣେଇବା କଥାଟା ମୁଁ ଏଇଥିପାଇଁ କହୁଥିଲି ଯେ କଫିମଗ୍ ରେ ବିନା କଫିରେ ଫେଣ ବି ହୋଇପାରିବନାହିଁ। ତେଣୁ ପ୍ରଥମେ କଫି ଦରକାର, ତାପରେ ଯାଇ ଫେଣ। କିନ୍ତୁ ଏଇ ଫେଣଟାକୁ ହିଁ ସମସ୍ତେ ଉପଭୋଗ କରୁଥା’ନ୍ତି। ସେ ଗଳ୍ପ ହେଉ ଅବା ଉପନ୍ୟାସ।

**ସାହିତ୍ୟ ଚର୍ଚ୍ଚା:** ତଥାପି ଆପଣଙ୍କ ‘ଚିଡିଆଖାନାର ଚିତ୍ର’ରେ ଏତେ ଫେଣ ଅଛି ଯେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମନେହୁଏ, ଏହା କେବଳ କବିତା ହିଁ କବିତା।

**ଶ୍ୟାମା ପ୍ରସାଦ ଚୌଧୁରୀ:** ମୋ ନିଜ ସଂପର୍କରେ ଗୋଟେ ଛୋଟ ଗପ କହୁଛି। ମୁଁ ପ୍ରତିଦିନ ତିନୋଟି କରି କବିତା ପଢ଼େ। ଏବଂ ବିଶ୍ୱାସ କରେ ଯେ, ପ୍ରତିଦିନ ତିନୋଟି କବିତା ପଢ଼ିଲେ, ତିନି ଜଣଙ୍କର ଆୟୁଷ ବଢ଼େ। କବିର, କବିତାର ଓ କବିତା ପଢୁଥିବା ଲୋକର।

**ସାହିତ୍ୟ ଚର୍ଚ୍ଚା:** ଗଢ଼ଣ କାରିଗରୀ ଦୃଷ୍ଟିରୁ ବିବେଚନା କଲେ ମନେହୁଏ ଯଦିଓ ‘ଚିଡିଆଖାନାର ଚିତ୍ର’କୁ ଏକ ଗଳ୍ପ ସଂକଳନ ବୋଲି କୁହାଯାଇଛି, ବହିଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେହି ଏକା ଚରିତ୍ରମାନେ ଆତଯାତ ହେଉଛନ୍ତି; ବିଭିନ୍ନ ଅଧ୍ୟାୟଗୁଡିକର ଘଟଣାକ୍ରମ ମଧ୍ୟ ପରସ୍ପର ସହିତ ଜଡିତ। ତେଣୁ ଏହାକୁ ଏକ ଉପନ୍ୟାସ ପ୍ରତିମ ପ୍ରୟୋଗ ବୋଲି କହିପାରିବା କି ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ସେମିତି ଅବଶ୍ୟ ମୁଁ ଭାବିନାହିଁ। ଏଥିରେ ଥିବା ଗଳ୍ପଗୁଡ଼ିକ ମୁଁ ବିଭିନ୍ନ ସମୟରେ, ବିଭିନ୍ନ ପ୍ରକାରରେ ଲେଖିଛି। ହୁଏତ ହୋଇଯାଇ ଥାଇପାରେ, ଆପଣ ଯାହା କହୁଛନ୍ତି। କିନ୍ତୁ ମୁଁ ତାହା ଭାବି ଲେଖିନାହିଁ, ଏବଂ ପାଠକେ ବି ଏକଥା ନ ଭାବନ୍ତୁ ବୋଲି ଚାହେଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଅନେକ ରଚନାରେ ଗୋଟିଏ ଅଟୋବାଇଓଗ୍ରାଫିକାଲ୍ ତତ୍ତ୍ୱ ମଧ୍ୟ ପ୍ରବେଶ କରିଯାଇଥାଏ, ବୋଧହୁଏ !

**ଶ୍ୟାମା ପ୍ରସାଦ ଚୌଧୁରୀ:** ମୋ’ର ବିଶ୍ୱାସ ଯେ ଏମିତି କେହି ଲେଖକ ବା କହିବାବାଲା ନାହିଁ ଯାହାର ଲେଖିବା ବା କହିବା ଅଟୋବାଇଓଗ୍ରାଫିକାଲ୍ ନୁହଁ। ଆପଣ ପ୍ରବନ୍ଧ ଲେଖନ୍ତୁ, କବିତା ଲେଖନ୍ତୁ, ଗଳ୍ପ ଲେଖନ୍ତୁ, ନାଟକ ଲେଖନ୍ତୁ, ରଚନା ଲେଖନ୍ତୁ ବା ଗୋଟିଏ ଆଡଭର୍ଟାଇଜମେଣ୍ଟ୍ ର ଜିଂଗଲ୍ ଲେଖନ୍ତୁ – ଯାହା ବି କରନ୍ତୁ,-- ତାହା ଅଟୋବାଇଓଗ୍ରାଫିକାଲ୍ ହେବା ଛଡ଼ା ଆଉ କିଛି ବି ହୋଇପାରିବ ନାହିଁ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆପଣ ସେଇ ଆତ୍ମାନୁଚିନ୍ତନକୁ ଆଉ

ଗୋଟିଏ ସ୍ତରକୁ ନେଇଯାଇଛନ୍ତି !

**ଶ୍ୟାମା ପ୍ରସାଦ ଚୌଧୁରୀ:** ଦେଖନ୍ତୁ, ରାମାୟଣ କେବଳ ଦଶରଥଂକ ରାମଙ୍କ ବିଷୟରେ ନୁହଁ, ତାହା କୈକେୟୀଙ୍କ ରାମ, ସୀତାଙ୍କ ରାମ ବିଷୟରେ ବି। କିନ୍ତୁ, ସର୍ବୋପରି, ସେ ରାମ ତ ବାଲ୍ମିକୀଙ୍କର ନା ! ଆପଣ ଯାହା ବି କହିବେ, ତାହା ଆପଣଙ୍କ ନିଜ ଦର୍ଶନ, ନିଜ ଭାବିବା, ନିଜ ଚିନ୍ତିବା, ନିଜ ଜାଣିବା, ନିଜ ନଜାଣିବା, ଏହି ସବୁଥିରୁ ତିଆରି ହେବ ଇ ହେବ !

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆପଣଙ୍କ ଗଳ୍ପର ନନ୍ଦିତା ଏକ କାଳ୍ପନିକ ସୃଷ୍ଟି ନହୋଇ ଜୀବନର ବାସ୍ତବ ଚରିତ୍ରଟିଏ ନୁହେଁ ତ ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ହେଇପାରେ ... କିନ୍ତୁ ମୋର ଅନେକ ସାଙ୍ଗ, ଯେଉଁମାନେ ମୋ ପତ୍ନୀଙ୍କୁ ଭଲଭାବରେ ଜାଣିନାହାନ୍ତି, ଏକଥା ଭାବନ୍ତି ଯେ ନନ୍ଦିତା ହୁଏତ ମୋ ପ୍ରେମିକା ବା ପତ୍ନୀ। ସେମାନେ ମୋ ପତ୍ନୀଙ୍କୁ ବି କେତେଥର ସେକଥା ପଚାରିଛନ୍ତି, 'ଆପଣଙ୍କ ବିଷୟରେ ଇ ଶ୍ୟାମା ଲେଖିଛି ?' ଆପଣ ବିଶ୍ୱାସ କରିବେନି, କାଳେ ମୋ ପତ୍ନୀ ବି କେତେବେଳେ ଭାବିନେବେ ଯେ ମୁଁ ତା'ଙ୍କ ବିଷୟରେ ଲେଖିଛି, ତେଣୁ ମୋ ଗପରେ କେତେକ କଥା ମୁଁ ଜାଣିଶୁଣି ବଦଳାଇଦେଇଛି। ଯେମିତି ତାଙ୍କୁ କୁକୁର ଭଲ ଲାଗେ ସିନା; କିନ୍ତୁ ନନ୍ଦିତା କୁ ଭଲ ଲାଗଛି ହୁଏତ ବିଲେଇ। ସବୁକଥା କାଳ୍ପନିକ ଏବଂ କେବଳ ସେଇଥିପାଇଁ, ସବୁକଥା ସତ।

**କାଳେ ମୋ ପତ୍ନୀ ବି କେତେବେଳେ ଭାବିନେବେ ଯେ ମୁଁ ତା'ଙ୍କ ବିଷୟରେ ଲେଖିଛି, ତେଣୁ ମୋ ଗପରେ କେତେକ କଥା ମୁଁ ଜାଣିଶୁଣି ବଦଳାଇଦେଇଛି।**

**ସାହିତ୍ୟ ଚର୍ଚ୍ଚା:** ଆପଣ କେବଳ ଜଣେ କଥାକାର ନୁହନ୍ତି, ଜଣେ ଅନୁଭବୀ ସମ୍ପାଦକ ମଧ୍ୟ, ଏକଥା ଅନେକେ ଜାଣନ୍ତି ନାହିଁ। ବିଶେଷତଃ ନିଜର ଆଦ୍ୟ ଜୀବନରେ, ଆପଣ ବିଭିନ୍ନ ଅଗ୍ରଣୀ ପତ୍ରିକାର ସମ୍ପାଦନା ସହିତ ସଂପୃକ୍ତ ଥିଲେ। ସେଇ ସମ୍ପାଦକୀୟ ନିଖୁଣତା ଆପଣଙ୍କ ସାହିତ୍ୟ ସର୍ଜନାରେ ମଧ୍ୟ କ'ଣ ପ୍ରତିଫଳିତ ହୋଇଛି ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ସେକଥା କଥା ମୁଁ କ'ଣ କହିବା ସମ୍ଭବ, ନା କହିବା ଯଥାର୍ଥ ହେବ ? ତେବେ ମୁଁ ଏତିକି କହିପାରେ ଯେ ମୁଁ ବିଶେଷ ନିଖୁଣ କିଛି ଲେଖିନାହିଁ କି କରିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ସମ୍ପାଦନାର ଅନୁଭୂତି କେମିତି ଥିଲା ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ସମ୍ପାଦନା କାମଟି ମୁଁ ପ୍ରଥମେ ଜାଣିଲି, ମାନେ ଶିଖିଲି, ବିଭୂତି ପଟ୍ଟନାୟକଙ୍କଠାରୁ। ଏମିତି ନୁହେଁ ଯେ ସେ ମୋତେ ଜାଣତରେ ଏହା ଶିଖାଇଛନ୍ତି; କିନ୍ତୁ 'ଗଳ୍ପ' ପତ୍ରିକାର ସମ୍ପାଦକ ଭାବରେ ତାଙ୍କର କାର୍ଯ୍ୟଶୈଳୀକୁ ଲକ୍ଷ୍ୟ କରି ଶିଖିଛି ଏହା ବି ବେଶ୍ ଲକ୍ଷ୍ୟ କରିବା କଥା ଯେ, ଗଳ୍ପ ପତ୍ରିକାର ନାମ ଟା ହିଁ ଅନନ୍ୟ : 'ବିଭୂତି ପଟ୍ଟନାୟକ ସଂପାଦିତ ଗଳ୍ପ', 'ପ୍ରତିବେଶୀ', 'ନବଲିପି' ଓ 'ପାକ୍ଷିକ ପ୍ରଜାପତି'ର ସମ୍ପାଦନା ସହିତ ସଂପୃକ୍ତ ଥାଇ ମଧ୍ୟ ଅନେକ କିଛି ମୋତେ ଶିଖିବାକୁ ମିଳିଛି।

**ସାହିତ୍ୟ ଚର୍ଚ୍ଚା:** ଇଂରାଜୀ ସାହିତ୍ୟର ଜଣେ ଛାତ୍ର ଭାବରେ ଆପଣ ଆହରଣ କରିଥିବା ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱର କିଛି ପ୍ରଭାବ ମଧ୍ୟ ପଡିଛି କି ଆପଣଙ୍କ ରଚନାରେ ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ଆପଣ ବି ତ ଇଂରାଜୀ ସାହିତ୍ୟର ଛାତ୍ର, ତେଣୁ ଜାଣିପାରୁଥିବେ; ଏବଂ ସେଇ କଥା ମୁଁ ସ୍ପଷ୍ଟ ଭାବରେ କହିଦେବା ଭଲ ହେବ ଯେ, ଥିଓରି ଆସେ ରଚନା ପରେ। କେହି ଥିଓରି ପଢି ତାହା ସହିତ ହୁଏତ ସମ୍ମତ ବା ଅସମ୍ମତ ହୋଇପାରେ; କିନ୍ତୁ ସେହି ଅନୁସାରେ ସେ ସୃଜନାତ୍ମକ ଲେଖାଟିଏ 'ଗଢ଼ିବ' ନାହିଁ। ସର୍ଜନାତ୍ମକ ପ୍ରକ୍ରିୟାରେ ଏ' ପ୍ରକାରର ଆତ୍ମ-ପ୍ରବଂଚନା ନିଜ ଜାଣତରେ ରହୁନଥିବ ବୋଲି, -- ଗୋଟେ ମୂର୍ଖଙ୍କ ପରି ହେଉ ପଛେ --ମୁଁ ବିଶ୍ୱାସ କରେ।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ ଆଶାବାନ୍ କି ?

**ଶ୍ୟାମା ପ୍ରସାଦ ଚୌଧୁରୀ:** ଓଡ଼ିଆ ମଣିଷର ଭାବିବା, ତା'ର କହିବା, ନିଜକୁ ଅଥବା ଅନ୍ୟକୁ ବୁଝିବା ଏବଂ ବୁଝେଇବାକୁ ଇଛାକରିବା କଥା କେବେ ବନ୍ଦ ହେଇଯିବ ଅବା ସରିଯିବ ? ଏ' ଭୟ ନା କେବେ ଆସିଛି ମୋର, ନା କେବେ ଆସିବ, ଆଉ ଯେତେଦିନ ଜୀଇଁବି, ସେଯାଏଁ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□

ଗଳ୍ପ

# ଫୁଲଦାନୀ



ଜୟନ୍ତୀ ସାହୁ

ଅନ୍ୟ ସବୁ ଝିଅଙ୍କ ଭଳି ସୁସଂଧ୍ୟା ବି ଦିନେ କୁମାରୀ ଜୀବନରେ ବିବାହର ସ୍ୱପ୍ନ ଦେଖିଥିଲା, ମନଲାଖି ସଂଗୀ ଜଣକୁ ନେଇ ସଂସାର ଗଢ଼ିବାର କାଞ୍ଚନିକ ସୁଖରେ ବିଭୋର ହୋଇ ଉଠୁଥିଲା। ନିତିନିତି ପ୍ରାତଃ ସ୍ନାନ ସାରି ଶିବ ମନ୍ଦିରରେ ବେଲପତ୍ର ଚଢାଇ ଉପଯୁକ୍ତ ବରଟିଏ ପାଇଁ ଯାଚ୍ଞା କରୁଥିଲା। ସତକୁ ସତ ସ୍ୱପ୍ନକୁ ସାକାର କରି ଦିନେ ସ୍ୱପ୍ନର ରାଜକୁମାର ଶୀତାଂଶୁ ବିବାହ ବେଦୀରେ ବରମାଲ୍ୟ ପିନ୍ଧାଇ ସ୍ତ୍ରୀର ସ୍ୱୀକୃତି ଦେଲେ ସୁସଂଧ୍ୟାକୁ। ଶୀତାଂଶୁଙ୍କୁ ଜୀବନସାଥୀ ରୂପେ ପାଇ ସୁସଂଧ୍ୟା ଅଜସ୍ର କୃତଜ୍ଞତା ଅଜାଡି ଦେଇଥିଲା ଦେବ ଦେବ ମହାଦେବଙ୍କ ପଦତଳେ। ଯୌଥ ଜୀବନର ସମତଳ ଚଲାପଥରେ ଚାଲୁ ଚାଲୁ ହଠାତ୍ କେଉଁଠି ସୁସଂଧ୍ୟାର ମୁଲାୟମ୍ ପାଦରେ କଣ୍ଟାଟିଏ ଫୁଟିଗଲା ଭଳି ତାକୁ ବୋଧ ହେଲା। ଏବେ ଶତଚେଷ୍ଟା କଲେ ବି ସେ କଣ୍ଟାର ଯନ୍ତ୍ରଣାରୁ ସୁସଂଧ୍ୟା ମୁକ୍ତ ହୋଇପାରୁନି।



ଠିକ୍ ଚତୁର୍ଥୀ ପରଦିନ ଅସଜଡା ଘରଟିକୁ ସଜାଡ଼ିଲା ବେଳେ ଏବଂ ବିଭାଘରରେ ଉପହାର ପାଇଥିବା ସୌଖୀନ୍ ଜିନିଷ ସବୁକୁ ଠିକ୍ ଜାଗାରେ ସଜାଡ଼ି ରଖିବା ପାଇଁ ବେଡ୍‌ରୁମ୍‌ର କାଚ ଆଲମିରା ଭିତରେ ଥିବା ଏକ ଫୁଲଦାନୀକୁ ବାହାରକୁ କାଢ଼ି ଆଣିବା ବେଳେ ହିଁ ଶୀତାଂଶୁ, ସୁସଂଧ୍ୟାର ହାତକୁ ସେଇଠି ଅଟକାଇଥିଲେ। ଭାରି ବିକଳ ତଥା ଅନୁନୟଭରା ସ୍ୱରରେ କହିଥିଲେ, ମୋର ସବୁଯାକ ପୁରୁଣା ଜିନିଷ ତମେ ବାହାରକୁ ଆଣି ଫିଙ୍ଗି ଫୋପାଡ଼ିଦିଅ ପଛେ, କିନ୍ତୁ ସେ ଫୁଲଦାନୀଟିକୁ ମୋ ଆଖି ସାମ୍ନାରୁ ଅନ୍ତର୍ହିତ କରିଦିଅନା। ସେ ଫୁଲଦାନୀ ପଛରେ ଗୋଟିଏ ଅବିସ୍ମରଣୀୟ ସ୍ମୃତି ଲୁଚି ରହିଛି। ସେ ଫୁଲଦାନୀରେ ତମେ କାହିଁକି, ଯେ କେହି ବି ହାତ ଦେଲେ ମୁଁ ଭୀଷଣ କଷ୍ଟ ପାଇଛି ସଂଧ୍ୟା। ସେ ଫୁଲଦାନୀର ସ୍ମୃତି ଏକାନ୍ତ ଭାବେ ମୋର।

ବାସର ରାତିର ବେପଥୁ ଅଙ୍ଗରୁ ନ ଲିଭୁଣୁ ଶୀତାଂଶୁଙ୍କର ଏ ପ୍ରକାର ନିଷ୍ଠୁର ବାକ୍ୟବିନିମୟ ନବ ପରିଣୀତା ସୁସଂଧ୍ୟାଙ୍କ ଅନ୍ତରକୁ ଦୋହଲାଇଦେଲା। ସେହି ମୁହୂର୍ତ୍ତରେ ହିଁ ଚତୁର୍ଦ୍ଦିଗ ତାଙ୍କୁ ଅନ୍ଧାର ଦିଶିଲା। ବାହାଘର, ସଂସାର, ଦାମ୍ପତ୍ୟ ସବୁ ଯେମିତି ଖାଲି ପ୍ରହେଳିକାଛନ୍ନ ଜଣାଗଲା। ବିବାହ ବେଦୀର ସେଇ ପବିତ୍ର ଉଦାତ୍ତ ବେଦବାକ୍ୟ, "ଯଦିଦଂ ହୃଦୟଂତବ, ତଦିଦଂ, ହୃଦୟଂ ମମ" କେମିତି ସେହି ସମୟରେ ପ୍ରତାରଣା ପରିପୂର୍ଣ୍ଣ ହୋଇଗଲା। ସନ୍ଦେହର ଦୁର୍ବାର ସ୍ରୋତ ସମ୍ମୁଖରେ ଏତେ ବଡ଼ ବିଶ୍ୱାସର ସୁଦୃଢ଼ ପାହାଡ଼ ବାଲିବନ୍ଧ ପ୍ରାୟ ନିମିଷକେ ମିଳାଇଗଲା।

ତାହେଲେ ଶୀତାଂଶୁ କ'ଣ ସୁସଂଧ୍ୟାକୁ ବିବାହ କରିବା ପାଇଁ ରାଜି ନ ଥିଲେ? ଏ କେମିତି କଥା?

ସୁସଂଧ୍ୟାର ସାଙ୍ଗ ସୁଲଗ୍ନାର ବାହାଘରେ ବରର ଅତି ଘନିଷ୍ଠ ସାଙ୍ଗ ଭାବେ ବରଯାତ୍ରୀ ହୋଇ ଆସିଥିଲେ ଶୀତାଂଶୁ। ସୁଲଗ୍ନାର ବାହାଘରରେ ସୁସଂଧ୍ୟାକୁ ଦେଖି ହିଁ ଶୀତାଂଶୁ ମନେ ମନେ ବାଛି ନେଇଥିଲେ ନିଜ ପାଇଁ, ତା'ପରେ ପରେ ସୁଲଗ୍ନାର ସ୍ୱାମୀ ହାତରେ ସୁସଂଧ୍ୟାର ଘରକୁ ଖବର ପଠାଇ ଶେଷକୁ ବାହାଘର ସ୍ଥିର କରି ଦେଇଥିଲେ ଶୀତାଂଶୁ। ନିର୍ବନ୍ଧ ପରେ ପରେ ବି ଘର ଲୋକଙ୍କ ଆଢୁଆଳରେ କେତେକ ଦାମୀଦାମୀ ଉପହାର ପଠାଇଥିଲେ ପ୍ରଣୟିନୀ ସୁସଂଧ୍ୟା ପାଖକୁ। ଶୀତାଂଶୁଙ୍କର ଏଭଳି ବ୍ୟାକୁଳତା ଦେଖି ସାଙ୍ଗମାନେ ଓ ଭାଉଜମାନେ ବେଶ୍ ପତ୍ନୀସୁହାଗୀ ରସିକ ସ୍ୱାମୀଟିଏ ପାଉଛୁ ବୋଲି ଥଟ୍ଟା ପରିହାସରେ ପୋତି ପକାଇଥିଲେ ସୁସଂଧ୍ୟାକୁ। ସୁସଂଧ୍ୟା ଏଭଳି ପରିହାସକୁ ଉପରେ ଉପରେ ସିନା ପ୍ରତିବାଦ

କରୁଥିଲା, ହେଲେ ଭିତରେ ଭିତରେ ଭରାଖୁସିର ଆତିଶଯ୍ୟରେ ଫାଟିପଡୁଥିଲା।

ଏମିତି ବି ସୁସଂଧ୍ୟାର ରୂପର ଓ ଗୁଣର ଭାରି ତାରିଫ୍ କରନ୍ତି ଶୀତାଂଶୁ। ସଂଧ୍ୟା, ସଂଧ୍ୟା ହୋଇ ମୁହୂର୍ତ୍ତେ ବି ପାଖରୁ ଛାଡ଼ନ୍ତି ନାହିଁ। ରସିକତା ଛଳରେ ସୁସଂଧ୍ୟା ବିନା ମୁହୂର୍ତ୍ତେ ବି ବଞ୍ଚିପାରିବେ ନାହିଁ ବୋଲି ପତ୍ନୀ ସମ୍ମୁଖରେ ବାରମ୍ବାର ଘୋଷଣା କରୁଥାନ୍ତି। ତେବେ ଶୀତାଂଶୁଙ୍କର ଏସବୁ ଭଲ ପାଇବାର ଆଚରଣ ଆଳାପ କ'ଣ ଖାଲି ପ୍ରବଞ୍ଚନା ଥିଲା? କ'ଣ ପାଇଁ ତା ହେଲେ ଶୀତାଂଶୁ ନିରୀହା ସୁସଂଧ୍ୟା ସଙ୍ଗେ ଏଭଳି ଜଘନ୍ୟ ଖେଳ ଖେଳିଲେ? ଅନ୍ୟ କାହାର ସ୍ମୃତିକୁ ଛାତିରେ ଜାବୁଡ଼ି ଧରି ଆନ୍ତରିକତାର ମୁଖା ପିନ୍ଧି କ'ଣ ପାଇଁ ସୁସଂଧ୍ୟାକୁ ପ୍ରତାରଣା କଲେ? ତେବେ ନୂଆ କରି ସଂସାର ଆରମ୍ଭ କରିଥିବା ନୂଆ ବୋହୂଟିଏ ଭାବେ ସ୍ୱାମୀକୁ ଏବେ ପ୍ରତିବାଦ କରିବାଟା ଦୁନିଆ ଆଖିରେ ଅସୁନ୍ଦର ଦିଶିବ ଭାବି ସୁସଂଧ୍ୟା କିଛିଦିନ ନୀରବରେ ଶୀତାଂଶୁଙ୍କର ଆଚରଣ ପ୍ରତି ନଜର ରଖିବାକୁ ବରଂ ଶ୍ରେୟ ମନେ କଲା।

**ଫୁଲଦାନୀ ପାଖରେ ଠିଆ ହେବା ବେଳେ ସୁସଂଧ୍ୟା ଲକ୍ଷ୍ୟ କରେ, ଶୀତାଂଶୁଙ୍କ ମୁହଁର ରଙ୍ଗ ସମ୍ପୂର୍ଣ୍ଣ ବଦଳିଯାଏ।**

ସୁସଂଧ୍ୟା ଦେଖିଲା, ଶୀତାଂଶୁ ସ୍ୱାମୀର କର୍ତ୍ତବ୍ୟରୁ କେବେ ବିଚ୍ୟୁତ ହେଉନାହାନ୍ତି। ଏମିତି କି ସୁସଂଧ୍ୟାର ଯାହା ଆବଶ୍ୟକ, ତାହା କେବେ ବି ସୁସଂଧ୍ୟା ପାଟି ଖୋଲି କହି ନ ଥିଲେ ମଧ୍ୟ କେମିତି ସର୍ବଜ୍ଞ ପୁରୁଷ ଭଳି ସ୍ତ୍ରୀ ମନକଥା ଜାଣି ମନଲାଖି ଜିନିଷ ସବୁ ଖଞ୍ଜି ଦେଉଛନ୍ତି। କିନ୍ତୁ ରାତିର ସକଳ ସୋହାଗରେ ପତ୍ନୀଙ୍କୁ ଆଚ୍ଛନ୍ନ କରି ରଖିଥିବା ଶୀତାଂଶୁ ସକାଳୁ ଉଠିଲା ମାତ୍ରେ ହିଁ ସେଇ ଫୁଲଦାନୀ ପାଖକୁ ଚାଲିଯାଆନ୍ତି। ଫୁଲଦାନୀ ପାଖରେ ଠିଆ ହେବା ବେଳେ ସୁସଂଧ୍ୟା ଲକ୍ଷ୍ୟ କରେ, ଶୀତାଂଶୁଙ୍କ ମୁହଁର ରଙ୍ଗ ସମ୍ପୂର୍ଣ୍ଣ ବଦଳିଯାଏ। ଖୁବ୍ ବିଷର୍ଣ୍ଣ ଦିଶନ୍ତି ସେତେବେଳେ ଶୀତାଂଶୁ। ଗଭୀର ଦୁଃଖର ମୁଦ୍ରାରେ ଆଉଁଶି ଆଣନ୍ତି ଫୁଲଦାନୀଟିକୁ। ନିଜର ପରିଷ୍କାର ଟାୱେଲ୍‌ରେ ଧୂଳିଝାଡ଼ି ଦିଅନ୍ତି ତା' ଉପରୁ। ବୁକୁଥରା ଦୀର୍ଘଶ୍ୱାସଟିଏ ଫିଙ୍ଗି ପୁନର୍ବାର ତାଜା ଫୁଲରେ ସଜେଇ ଥୋଇ ଦିଅନ୍ତି ସେଇ ନିର୍ଦ୍ଦିଷ୍ଟ ଜାଗାରେ। ତା'ପରେ କିଛି ସମୟ ଅସମ୍ଭବ ଭାବେ ଗମ୍ଭୀର ହୋଇ ବସନ୍ତି ଶୀତାଂଶୁ। ସୁସଂଧ୍ୟା ପ୍ରାତଃ ସ୍ନାନ ସାରି ଚ' ଆଣି ସ୍ୱାମୀଙ୍କ ମନ ପରିବର୍ତ୍ତନ କରିବାର ବୃଥା ଚେଷ୍ଟା କରେ। ପୁଣି ଆରମ୍ଭ ହୋଇଯାଏ ଶୀତାଂଶୁ ଓ ସୁସଂଧ୍ୟାଙ୍କର ନିତିଦିନିଆ ରୁଟିନ୍ ଜୀବନ। ଯଥା- ଶୀତାଂଶୁଙ୍କର ସକାଳ ନିତ୍ୟ କର୍ମ ସାରିବା, ଟିଫିନ୍ କରିବା, ଅଫିସ୍ ଯିବା, ସୁସଂଧ୍ୟାର ଟିଫିନ୍ ବନେଇବା, ମାର୍କେଟିଂ କରିବା, ପରିବା ଆଣିବା, ଉଲ୍ ବୁଣିବା ଇତ୍ୟାଦି ଇତ୍ୟାଦି। ହେଲେ ଏ ଫୁଲଦାନୀ କାହାର ସ୍ମୃତିର ସ୍ମାରକୀ ବହନ କରିଛି ସେ କଥା ଜାଣିବା ପାଇଁ ସୁସଂଧ୍ୟାର ମନ ଭାରି ଉଚ୍ଛନ୍ନ ପ୍ରାୟ ସିନା, ହେଲେ ଏଯାବତ୍ ସାହସ କରି ସ୍ୱାମୀଙ୍କୁ ନିଷିଦ୍ଧ କଥାଟା ପଚାରିପାରେ ନାହିଁ। ବହୁଥର ଅନ୍ଧାରରେ, ଏକାନ୍ତରେ, ଏମିତିକି ଆଦିମ ଆଶ୍ଳେଷ ମଧ୍ୟରେ ଥାଇ ମଧ୍ୟ ପଚାରିବି, ପଚାରିବି ହୋଇପାରି ନାହିଁ। ସେ କଥା ମନକୁ ଆସିଲା ମାତ୍ରେ ସୁସଂଧ୍ୟା ଶୀତଳ ହୋଇଯାଏ। ସ୍ୱାମୀଙ୍କ ନିବିଡ଼ ସ୍ନେହବନ୍ଧ ହାତ ତାକୁ ଶିଥିଳ ବୋଧ ହୁଏ। ତଣ୍ଟିରେ ମେଞ୍ଚାଏ ଛେପ ଅଟକିଗଲା ଭଳି ଲାଗେ। ସ୍ୱାମୀଙ୍କ ପାଖରେ ଥାଇ ବି ଭାରି ଅସହାୟ ହୋଇ ପଡେ ସେ। ଭିତରେ ଭିତରେ କଳିଜାଟାକୁ ଯେମିତି କିଏ କୁଟ୍‌କୁଟ୍ କରି କାଟି ପକାଏ। ରୁଦ୍ଧ ବେଦନାରେ ଛଟପଟ ହୋଇ ବିଶ୍ରାମର ରାହା ଖୋଜେ ସୁସଂଧ୍ୟା।

ଏବେ ନବବଧୂ ସୁସଂଧ୍ୟା ଚେହେରାରେ ଆଉ ପୂର୍ବର ଲାବଣ୍ୟ ଦେଖାଯାଉନି। ଆଖି ତଳେ ବହଳେ କଳାଦାଗ ସୁସ୍ପଷ୍ଟ। କ୍ଷୟ ରୋଗ ଧରିଲା ଭଳି ଦିନକୁ ଦିନ ଭାରି ଦୁର୍ବଳ ହୋଇ ପଡୁଛି ସୁସଂଧ୍ୟା। ଶୀତାଂଶୁ ବି ସୁସଂଧ୍ୟାର ଏଭଳି ଶାରୀରିକ ଅବକ୍ଷୟ ଯୋଗୁ ଭାରି ମନ ଦୁଃଖ କରୁଛନ୍ତି। ସୁସଂଧ୍ୟାର ଶରୀରର ପୂର୍ବଦ୍ୟୁତି ଫେରାଇ ଆଣିବା ପାଇଁ ସବୁ ପ୍ରକାର ଚେଷ୍ଟା, ଚିକିତ୍ସା ଚଳାଇଛନ୍ତି। ହେଲେ ସୁସଂଧ୍ୟାର ସ୍ୱାସ୍ଥ୍ୟର କ୍ରମ ଅବନତି ଘଟୁଛି ପଛକେ, ଉନ୍ନତି ଦେଖାଯାଉନି। ସୁସଂଧ୍ୟାର ବାପା, ମାଆ, ଭାଇ, ଭାଉଜ ସମସ୍ତେ ବ୍ୟସ୍ତ ହୋଇପଡୁଛନ୍ତି। ସ୍ୱାସ୍ଥ୍ୟର ଯତ୍ନନେବା ସକାଶେ ତାଙ୍କ ଘରୁ ଫୋନ୍ ପରେ ଫୋନ୍ ଆସୁଛି। ସମସ୍ତ ଫୋନ୍‌ର ଶେଷ ସାରାଂଶ ହେଲା ଏଇଆ ଯେ, "ଶୀତାଂଶୁ ଭଳି ସ୍ୱାମୀ ରତ୍ନକୁ ପାଇ ତୋର ଆଉ କେଉଁଠି ଅସୁବିଧା ଲାଗିଲା ଯେ ତୁ ଦିନକୁ ଦିନ ଏମିତି ହତଶ୍ରୀ ଦିଶୁଛୁ?"

କିନ୍ତୁ ସୁସଂଧ୍ୟାର ଏ ତ ଅଜାଗା ଘା, ଏ ଘା' ପୁଣି ତ ଏତେ

ଗହୀର ଯେ ଏହାର ଉପଶମ ସର୍ବାଦୌ କଷ୍ଟସାଧ। ଏହାର ଯନ୍ତ୍ରଣାରେ କେବଳ ଆପେ ଜଳି ଜଳି ମରିବା ସାର ହେବ ସିନା, ହେଲେ ଅନ୍ୟ ସମସ୍ତେ ଅଜଣା ରହିବେ। କ'ଣ ବା କହିବ ସେ ଅନ୍ୟମାନଙ୍କୁ ସର୍ବୋପରି ଆତ୍ମୀୟ ପରିଜନଙ୍କୁ? ନିଛକ ସ୍ତ୍ରୀଟିଏ ଭାବେ ସ୍ୱାମୀର ଗୋପନ ଇତିହାସକୁ କ'ଣ ସର୍ବସମକ୍ଷରେ ବଖାଣି ହୁଏ? ତେବେ ଶୀତାଂଶୁଙ୍କୁ ସେ ଇତିହାସର ପୃଷ୍ଠା ଖୋଲିବା ପାଇଁ ଅନ୍ତତଃ ଅନୁରୋଧ କଲେ କ୍ଷତି କ'ଣ ହେବ?

ସୁସଂଧ୍ୟା ଏଥର ମନ ଦୃଢ଼ କଲା। ଆଜି ଯେମିତି ହେଉ, ସେ ଶୀତାଂଶୁଙ୍କ ଠାରୁ ସେ ସ୍ମୃତିର ଇତିହାସ ଶୁଣିବ। ସବୁଦିନ ଭଳି ରତରତ ଫୁଲସଞ୍ଜ ବେଳ ସେଦିନ ଆସି ପହଞ୍ଚିଲା। ଏଇ ମୁହଁ ସଞ୍ଜ ବେଳେ ହିଁ ଅଫିସ୍ ଫେରନ୍ତା ଶୀତାଂଶୁଙ୍କର ସୁସଂଧ୍ୟା ସଙ୍ଗେ ଚାହା ଆସର ଜମେ। ଏତେ ବେଳେ ଭାରି ଖୁସି ଖୁସି ଏବଂ ଭଲ ମୁଡ୍‌ରେ ଥାଆନ୍ତି ଶୀତାଂଶୁ। ଦିନଯାକର କର୍ମକ୍ଳାନ୍ତ ଶୀତାଂଶୁ ବୋଧେ ଘରକୁ ଫେରିବା ସମୟରେ ସ୍ତ୍ରୀର ସାନ୍ନିଧ ଓ ଆଳାପ ଟିକକ ପାଇଁ ବ୍ୟସ୍ତ ହୋଇପଡନ୍ତି। ସେତେବେଳେ ସୁସଂଧ୍ୟା ଯାହା ପଚାରିଲେ ବି ଭାରି ଖୋଲା ମନରେ ଶୀତାଂଶୁ ଉତ୍ତର ଦିଅନ୍ତି। ଠିକ୍ ଏମିତି ଏକ ଖୋଲାମେଲା ମୁହୂର୍ତ୍ତରେ ସୁସଂଧ୍ୟା ଜିଜ୍ଞାସା କଲା ସେ ଫୁଲଦାନୀର ଇତିହାସ।



ଅସମ୍ଭବ ଭାବେ ନୀରବ ହୋଇଗଲେ ଶୀତାଂଶୁ। ତାଙ୍କର ଏ ପ୍ରଚଣ୍ଡ ନୀରବତାରେ କ୍ଷଣେ କାଳ ନୀରବ ହୋଇଗଲା ଯେମିତି ଜଳ, ସ୍ଥଳ, ନଭ ଓ ନକ୍ଷତ୍ର। ତା'ପରେ ନୀରବତା ଭାଙ୍ଗି ବଖାଣିଲେ ସେ ଅଭୁଲା ଇତିହାସର ପୃଷ୍ଠା। ବାଷ୍ପରୁଦ୍ଧ କଣ୍ଠରେ ସୁସଂଧ୍ୟାକୁ କହିଲେ ଶୀତାଂଶୁ - "ସେ ଫୁଲଦାନୀ ରୋଜିର ଜ୍ୱଳନ୍ତ ସ୍ମୃତି। କୋରାପୁଟର ସହକର୍ମୀ ମହାପାତ୍ର ବାବୁଙ୍କ ଝିଅ ରୋଜି। ଯିଏ ମତେ ପ୍ରଚୁର ଭଲ ପାଉଥିଲା। ଦିନେ ନ ଦେଖିଲେ ବ୍ୟସ୍ତବିବ୍ରତ ହୋଇ ପଡୁଥିଲା। ମୁଁ ତାକୁ ନ ଉଠାଇଲେ ସେ ଆଦୌ ବିଛଣାରୁ ଉଠେନି। ଘରେ ଭାରି ଅସମ୍ଭବ ପରିସ୍ଥିତି ସୃଷ୍ଟି କରେ। ମୁଁ ଏଠାକୁ ଟ୍ରାନ୍ସଫର ହୋଇ ଆସିବା ଦିନ ହିଁ ସେ ମାର୍କେଟରୁ ଏଇ ଫୁଲଦାନୀଟା ନିଜ ପସନ୍ଦରେ କିଣି ମତେ ଉପହାର ଦେଇଥିଲା। ଆଉ ମୁଁ ଏଠାକୁ ଆସିବା କିଛି ଦିନ ପରେ... ଏତିକି କହି ଦୁଇ ପାପୁଲି ସନ୍ଧିରେ ମୁହଁ ଲୁଚାଇ କଇଁ କଇଁ ହୋଇ କାନ୍ଦି ଉଠିଲେ ଶୀତାଂଶୁ। ତା ସମ୍ବନ୍ଧରେ ଆଉ କିଛି ମତେ ଦୟା କରି ପଚାରନି ସଂଧ୍ୟା। ତା' କଥା ମନେ ପକାଇ ମତେ ଆଉ ଦୁର୍ବଳ କରିଦିଅନି।

ଶୀତାଂଶୁଙ୍କର ଏଭଳି ଅବସ୍ଥାକୁ ଦେଖି ସୁସଂଧ୍ୟା ମନେ ମନେ ଭୟ ପାଇ ନିଶ୍ଚୁପ ହୋଇଗଲା। କିନ୍ତୁ ହୃଦୟ ମଧ୍ୟରେ ଶହେ ଖଣ୍ଡ ହୋଇ ସେହି ମୁହୂର୍ତ୍ତରେ ଭାଙ୍ଗି ପଡିଲା। ବସିବା ଜାଗାରୁ ଟିପେ ହଲିବା ପାଇଁ ଆଉ ତା'ର ଜୁ ନ ଥିଲା ଭଳି ତାକୁ ଲାଗିଲା। ନାରୀଟିଏ ସଂସାରର ସବୁ ବିପର୍ଯ୍ୟୟକୁ ବରଦାସ୍ତ କରିପାରେ, ହେଲେ ସଉତୁଣୀକୁ ନୁହେଁ। ଆଜି ସେହି ଅକାଳ ବିପର୍ଯ୍ୟୟର ସାମ୍ନା କରୁଛି ସୁସଂଧ୍ୟା। ଶୀତାଂଶୁଙ୍କର ରୋଜି ପ୍ରତି ଥିବା ଏଭଳି ଅଖଣ୍ଡ ପ୍ରେମକୁ ସ୍ୱଚକ୍ଷୁରେ ଦେଖି ଓ ତାଙ୍କ ପ୍ରତିତୀଦଗ୍ଧ ହୃଦୟର ସ୍ୱୀକାରୋକ୍ତି ଶୁଣିସାରି କେମିତି ବା ଛାତିରେ ପଥର ଲଦି ଏଠି ରହିପାରିବ? ବରଂ ଶୀତାଂଶୁ ତାଙ୍କ ଜାଗାରେ ରହିଥାଆନ୍ତୁ। ତିନିଜଣଙ୍କ ମଙ୍ଗଳ ପାଇଁ ସୁସଂଧ୍ୟା ହିଁ ଏ ସ୍ଥାନ ଛାଡି ଅତି ଶୀଘ୍ର ଚାଲିଯିବା ଉଚିତ୍।

ସେ ରାତି କେମିତି ପାହିଲା, ସେ କଥା ଚିନ୍ତାମଗ୍ନ ସୁସଂଧ୍ୟାକୁ ଜଣା ନାହିଁ। ଅଥଚ ତା' ପରଦିନ ପ୍ରଭାତ ଆସିଲା। ସେହିଭଳି ଚିରାଚରିତ ରୀତିରେ ନିଜର ଦୈନନ୍ଦିନ କର୍ତ୍ତବ୍ୟ ପାଳନପୂର୍ବକ ଶୀତାଂଶୁ ଅଫିସ୍ ଟାଇମ୍‌ରେ ଅଫିସ୍ ଚାଲିଗଲେ। ଘରେ ରହିଲା ସୁସଂଧ୍ୟା। ଗତକାଲି ରାତିରୁ ଆଉ ପେଟକୁ ଦାନା ଯାଉନି ତା'ର। ସବୁ ଖାଲି ଶୂନ୍ୟ ଶୂନ୍ୟ ଲାଗୁଛି। ଅନ୍ଧକାରଘେରା ଏକ ସୁଦୂର ଭବିଷ୍ୟତ ତାକୁ ଜଳ ଜଳ ହୋଇ ଦିଶିଯାଉଛି। ସୁସଂଧ୍ୟା ଭାବୁଛି ନାରୀ ସିଏ। ସର୍ବଂସହା। ସ୍ୱାମୀର ମନୋବାଞ୍ଛା ପୂରଣ ପାଇଁ ମହାସତୀ ଅନସୂୟା ଦିନେ ବାରାଙ୍ଗନା ଲକ୍ଷହୀରାର ଦ୍ୱାରସ୍ଥ ହୋଇଥିଲେ। ସ୍ୱାମୀର ପରିତୃପ୍ତି ପାଇଁ ତା' ପାଖରେ ହାତଯୋଡିଥିଲେ, ନେହୁରା ହୋଇଥିଲେ। ତା'ହେଲେ ଶୀତାଂଶୁଙ୍କୁ ମାନସିକ ଅବସାଦରୁ ରକ୍ଷା କରିବା ପାଇଁ ସୁସଂଧ୍ୟା ଏ ଘର ଛାଡି ଦୂରକୁ ଚାଲିଯିବା ନିହାତି ଦରକାର। ସ୍କୁଲରେ ପଢ଼ିବାବେଳେ ହେଡ୍‌ମିସ୍ ସବୁବେଳେ କହୁଥିଲେ ଦୁନିଆରେ

ତ୍ୟାଗ ହିଁ ସବୁଠାରୁ ମହାନ୍। ଯେଉଁ ଆନନ୍ଦ ତ୍ୟାଗରେ ଅଛି, ତା' କସ୍ମିନ୍ କାଳେ ଭୋଗରେ ମିଳେନା। ତେଣୁ ସେହି ତ୍ୟାଗର ଅନନ୍ୟ ଆନନ୍ଦ ଉପଲବ୍ଧି କରିବା ପାଇଁ ସୁସଂଧ୍ୟାକୁ ସାଂସାରିକ ଭୋଗ ବିଳାସକୁ ରୋଜି ପାଇଁ ଛାଡିବାକୁ ପଡିବ।

ଶୀତାଂଶୁ ଅଫିସ୍ ଚାଲିଯାଇଛନ୍ତି। ଠିକା ଚାକରାଣୀ ଆସି ଅବଶିଷ୍ଟ ଘରକାମ ତକ ସାରି କେତେବେଳୁ ଚାଲିଗଲାଣି। ଘର ଭିତରେ ଏବେ ସୁସଂଧ୍ୟା ଛଡା ଦ୍ୱିତୀୟ ବ୍ୟକ୍ତି କେହି ନାହାନ୍ତି। ସୁସଂଧ୍ୟାକୁ ଘର ଛାଡିବାର ଏହା ପ୍ରକୃଷ୍ଟ ସମୟ, ହାତ ତିଆରି ଘରର ସବୁ ଜିନିଷକୁ ଅଶ୍ରୁଳ ନୟନରେ ଶେଷସ୍ପର୍ଶ ଦେଲା ସୁସଂଧ୍ୟା। ଶୀତାଂଶୁଙ୍କ ଉଦ୍ଦେଶ୍ୟରେ ଚିଠିଟିଏ ଲେଖି ସାମ୍ନା ଗ୍ରୀଲ୍‌ରେ ଗୁଞ୍ଜିଦେଇ ଚାଲିଯିବା ପାଇଁ ସ୍ଥିର କଲା। କାଚ ଆଲମିରା ଖୋଲି ସେଇ ସ୍ମୃତିସିକ୍ତ ଫୁଲଦାନୀ ପାଖରେ ଠିଆ ହେଲା ସୁସଂଧ୍ୟା। ବାହାଘର ପରଠାରୁ କେବେ ଈର୍ଷାରେ ହେଉ କି ଅସୂୟାରେ ହେଉ ଅବା ଭୟ ପାଇ ହେଉ, ଏଯାବତ୍ ଟିକେ ବି ଛୁଇଁନି ତାହାକୁ। ଛୁଇଁବାକୁ ହାତ ବଢ଼ାଇଲା ସୁସଂଧ୍ୟା। ନା, ହାତ ତା'ର କାହିଁକି କେଜାଣି ଅଧାରୁ ଅଟକି ଯାଉଛି। ଫୁଲଦାନୀକୁ ପିଠିକରି ପଣତକାନିରେ ଅବାରିତ ଗତିରେ ଗଡିଚାଲିଥିବା ଆଖିର ଲୁହକୁ ପୋଛିବାକୁ ଯାଇ ସାମ୍ନାରେ ପଡି ବ୍ୟାଘାତ ସୃଷ୍ଟି କରୁଥିବା ଲମ୍ବା ବେଣୀଟାକୁ ଖୁବ୍ ଜୋର୍‌ରେ ପଛକୁ ଛାଟିଦେଲା ସୁସଂଧ୍ୟା।

ଧଡାସ୍ କିନା କାଚ ଆଲମିରାର ଥାକ ଉପରୁ ରଙ୍ଗବେରଙ୍ଗୀ କାଚର ଏତେ ବଡ ଫୁଲଦାନୀଟା ତଳେ ପଡ଼ି ଭାଙ୍ଗିଗଲା। ଫୁଲଦାନୀର ପଛପଟରୁ ଅଠାରେ ଲାଖିଥିବା ଫଟୋଟିଏ ଆସି ସୁସଂଧ୍ୟାର ପାଦତଳେ ଛିଟିକି ପଡିଲା। ଭୟ ଶଙ୍କିତ ହୃଦୟରେ ଫଟୋଟିକୁ ସୁସଂଧ୍ୟା ଉପରକୁ ଆଣି ଦେଖେତ, ତାହା ଏକ ଛୋଟ ଝିଅର ଫଟୋ। ସେ ଫଟୋ ତଳେ ଶୀତାଂଶୁଙ୍କ ହସ୍ତାକ୍ଷର–

ଆବିର୍ଭାବ : ଜୁନ୍ ୨୭-୨୦୧୦

ତିରୋଧାନ : ଜୁନ୍-୨୭-୨୦୧୬

ପୁନର୍ବାର ରୋଜିର ଫଟୋକୁ ଭଲ କରି ଚାହିଁଲା ସୁସଂଧ୍ୟା। ତାକୁ ଲାଗିଲା ରୋଜିର ସେ ନିରୀହ ମେଷ ଶାବକର ଆଖି ଦୁଇଟି ଫଟୋ ଭିତରୁ ଯେମିତି କହୁଛି, ଅଙ୍କଲ୍‌ଙ୍କ ଭଳି ତମେ ବି ଥରେ ମତେ ଆପଣେଇ ନିଅ ଆଣ୍ଟି। ପରପାରିରେ ଥାଇ ମୋ ଆତ୍ମା ଏତକ ହିଁ ଚାହୁଁଛି। ସୁସଂଧ୍ୟାର ଆଖିର ଧାର ଧାର ଲୁହରେ ଭିଜିଗଲା ରୋଜିର ଫଟୋ। କନ୍ୟା ବିଧୂରା ଉନ୍ମାଦିନୀ ଜନନୀଟେ ପରି ରୋଜିର ନିର୍ଜୀବ ଚିତ୍ରପଟ୍ଟ ଉପରେ ସୁସଂଧ୍ୟା ଆଙ୍କି ଚାଲିଥିଲା ସ୍ନେହର ଚୁମା ପରେ ଚୁମା।

**ଆଖି ଦୁଇଟି ଫଟୋ ଭିତରୁ ଯେମିତି କହୁଛି, ଅଙ୍କଲ୍‌ଙ୍କ ଭଳି ତମେ ବି ଥରେ ମତେ ଆପଣେଇ ନିଅ ଆଣ୍ଟି।**

□□

ଲେଖିକଙ୍କ ଇ-ମେଲ ଠିକଣା:
jayantisahoo10@gmail.com

ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@ amesabu

ବ୍ୟଙ୍ଗ

# ଘଣ୍ଟୁ ସାଆର୍ : ଜିନ୍ଦାବାଦ



ଡ. ଅଜୟ କୁମାର ମିଶ୍ର

ଆମ ଭଳିଆ ମାଳେଇ ନିମ୍ନମାନର ଲୋକଙ୍କୁ ସମାନେ ଠିଆ ଚିତା କାଟି ଦେବା ଲୋକ ହେଉଚି ଘଣ୍ଟୁଆ। ତା’ ମଗଜରେ ମହଣ ମହଣ ଛଉକା ବୁଦ୍ଧି। ଆମେ ଡାକେ ଡାକେ ଗଲେ ସିଏ ପତରେ ପତରେ ବିଜେ ହେବା ମଣିଷ। ଅଳ୍ପ କେତେଟା ଶୋଳକ ଘୋଷି ଦେଇ ଲୋକେ ତ ଆମ ଦେଶରେ ପଣ୍ଡିତେ ବୋଲାନ୍ତି, ରାଶି-ନକ୍ଷତ୍ରକୁ ବେଙ୍ଗଳାରେ ଯୋଚି କେତେଜଣ ଖଡି ଗଣିଲାବାଲା ତ ଆତ୍ମଘୋଷିତ ବାବା ଭଳି, ନିଜ ନିଜକୁ ପଠାଣିସାଆନ୍ତଙ୍କ ଗୋସଁବାପ ଭଳି ବିଜ୍ଞାପିତ କରନ୍ତି। ମାଳେଇ ପାଲାକାର ଗାୟକଙ୍କୁ ପାଳିଆମାନେ ସାଆରେ ସମ୍ବୋଧନ କରିବା କାନ ଶୁଣେ। କେତେଟା କର୍ମକାଣ୍ଡିଆ ନନା ସଂକଳ୍ପ ଓ ବରୁଣ ପୂଜା କରୁ କରୁ, ପଣ୍ଡିତ ଡାକ ନ ଶୁଣିଲେ ଖପ୍‌ପା ହୁଅନ୍ତି। ସେଇ ନ୍ୟାୟରେ ସେଦିନର ଚୁଙ୍ଗୁଚୁଙ୍ଗିଆ ଘଣ୍ଟୁଆ ଆଜି ଘଣ୍ଟୁ ସାଆରେ ହେବା ଥୟ।




ଘଣ୍ଟୁଆ ଏବେ ପୂର୍ଣ୍ଣଚନ୍ଦ୍ର, ଷୋଳକଳା କାହିଁକି ୧୬ x ୧୬ = ୨୫୬ କଳାରେ ବିଶେଷ ଭାବେ କଳାବନ୍ତ। ବସ୍ତୁତଃ ସେ ପୁରୁଷରୁ କ୍ରମେ ମହାପୁରୁଷ ଆଡକୁ ପାଦ ବଢ଼ାଇଲେଣି। ତେଣୁ ତାଙ୍କୁ ତାଙ୍କର ଅନୁସରଣିଆମାନେ ଘଣ୍ଟୁ ସାଆରେ ବୋଲି ସମ୍ବୋଧୁଚନ୍ତି। ଘଣ୍ଟୁ ବି ଏବେ ବିଚାରିଲେ ସମାଜରେ ଏକା ଏକା କେତେକାଳ ତିଷ୍ଠିବେ ? ତେଣୁ ଠା, ଠିକଣା ଦେଖି କେତେଜଣଙ୍କୁ ନିଜ କାମରେ ଲଗେଇ ଦେଲେ। ତାଙ୍କ ଛଅାଣିଆ ଆଖି ତ ଡ୍ରୋନ୍ କ୍ୟାମେରାଠାରୁ ଆଉରି ଶକ୍ତିଶାଳୀ। ଏଣିକି ନିଜର ଆଗାମୀ କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବା ପାଇଁ ସେ ସରକାରଙ୍କ ଅଣ୍ଡା-ଗରମ ଘରେ ବସିଥିବା ବଡ ବଡ଼ ହାତୀମାନଙ୍କ ଭଳି ଆକ୍‌ସାନ ପ୍ଲାନ୍ ବନେଇଲେ। ସରକାରୀ କାମରେ ଯୋଜନା ବେଶି, କାମ ବିନ୍ଦୁ ନାସ୍ତି। ଘଣ୍ଟୁଙ୍କ ତରିକା ପୂରା ଅଲଗା, ଯୋଜନା ଊଣା ହୋଇପାରେ, ମାତ୍ର ହାଡେ ହାଡେ କାମ ହୁଏ। ସରକାରୀ ବାବୁମାନେ କ୍ୟାଲେଣ୍ଡର ଦେଖି, ମାସିକ ଯୋଜନା କରନ୍ତି। ଖବରକାଗଜିଆମାନେ ଯୋଜନା ଛପାନ୍ତି, ନୂଆ କ୍ୟାଲେଣ୍ଡର ଉପରେ ମଳି ବସି ପୁରୁଣା ହୁଏ, ଯୋଜନା ସରେ ନାହିଁ, ଅସରା ଯୋଜନା ସରନ୍ତା କେମନ୍ତେ ?

ଯୋଜନା ତ ନେଉଟିଆ ପଟାଳି, ସରିଗଲେ କଥା ଶେଷ। ମାତ୍ର ଘଣ୍ଟୁଙ୍କ ଯୋଜନା ଖଡା କିଆରି, ଏକା ଥରକେ ମୂଳୁ ଉପୁଡା, ଅମଳ ଶେଷ। ପୁଣି ମଞ୍ଜି ବୁଣା, ପୁଣି ନୂଆ ଅମଳ।


ସରକାରୀ ବାବୁମାନେ କ୍ୟାଲେଣ୍ଡର ଦେଖିଲେ ଘଣ୍ଟୁ ସାଆରେ ପାଞ୍ଜି ଦେଖନ୍ତି। କେଉଁ ମାସରେ କେଉଁ କେଉଁ ପରବ ପଡେ, ଘଣ୍ଟୁ ତାକୁ ଶୁଙ୍ଘି ଶାଙ୍ଘି, ତାଲିକା ଥୟ କରନ୍ତି। ରାକ୍ଷୀ ପୁନେଇଁ ୧୫ ଦିନ ପୂର୍ବରୁ ରାସ୍ତାକଡରେ ରାକ୍ଷୀ ଦୋକାନ ହେବା ଭଳିଆ, ଦୋଳ ପୂନେଇଁ ଅଠରଦିନ ପୂର୍ବରୁ ରଙ୍ଗ ଦୋକାନୀଙ୍କ ରଙ୍ଗ ଦୋକାନ ହେବା ଭଳିଆ, ଖ୍ରୀଷ୍ଟମାସ ବାଇଶ ଦିନ ପୂର୍ବରୁ ଛାପାକାର୍ଡ ବିକା ହେବା ଭଳିଆ ଘଣ୍ଟୁ ସାଆରେ ସତର୍କ ଦୃଷ୍ଟିରେ ତାଙ୍କ ମଗଜ ଦୋକାନ ଖୋଲି ବସନ୍ତି। ବହୁ ଘଣ୍ଟାଚକଟା କରି କରି ସେ ଏଥର ନୂଆପାଞ୍ଜି ଦେଖି ଜାଇଁଲେ ଯେ, ତାଙ୍କ ଭାବମୂର୍ତ୍ତିଟା ଫସଲ କିଆରିର ପାଳଭୂତଠାରୁ ବି ଆଉ ଊଣା ହେଇଗଲାଣି, ତାଙ୍କର ବିଭିନ୍ନ କାରନାମା ଏବେ ଦାଣ୍ଡରେ ପଡି ହାଟରେ ଗଡଗଡେଇଲାଣି।

ଆଗକୁ ଆଉଚି ଦୋଳ ପରବ, କେମନ୍ତେ ଏସନ ରଙ୍ଗ ଖେଳକୁ ଥୋପ କରି କିଛି ଗୋଟେ କାଣ୍ଡକାରଖାନା କରିବାକୁ ହେବ। ନିଜେ ପ୍ରତ୍ୟକ୍ଷ ଭାବରେ ଜନତାଙ୍କ ଆଡକୁ ଯିବା ଏଥର ଠିକ ହେବ ନାହିଁ। ନେତାଏ କ’ଣ ନିଜେ ପାର୍ଟି ପାଇଁ

ବଟି କରନ୍ତି, ତାଙ୍କ ନାଁ ଧରି କେତେକ ବଟିଆ ଅବଶ୍ୟ ପାର୍ଟି ନାଆଁରେ ଚାନ୍ଦା ଆଣି ପକେଟ୍‌କୁ ଗର୍ଭବତୀ କରାନ୍ତି।

ଏଥିଅନ୍ତେ ଘଣ୍ଟୁ ସାଆରଙ୍କ ଛଆଣିଆ ଆଖିଟା ସାଇ ଛକ ମୁଣ୍ଡରେ ସବୁଦିନିଆଁ ଘୂରନ୍ତ ଅର୍ଦ୍ଧବାନା, ବାନା, ମହାବାନାଙ୍କୁ ତଲାସି ନେଲା। ଦିଅଁମାନଙ୍କ ସନ୍ଧ୍ୟା ଘଣ୍ଟ ହୁଏତ ଦିନେ ଓଳିଏ ବନ୍ଦ ହୋଇପାରେ, ମାତ୍ର ଏମନ୍ତ ବାନାମାନଙ୍କ ସାଇ ମୁଣ୍ଡ ଚା ଓ ପାନଦୋକାନ ପରିକ୍ରମା କେବେ ବି ଅଟକି ଯିବାର କାନ ଶୁଣିନାଇଁ କି ନେତ୍ର ବି ଦେଖି ନାଇଁ। ଅବଶ୍ୟ ଚା, ପାନ, ସିଗାରେଟ୍ ସେବନକାରୀ ଏଇ ବାନାମାନେ ଛକରେ ବସାଉଠା କରନ୍ତି, ମାତ୍ର ତୁଣ୍ଡ ଖୋଲି କିଛି ବି କହନ୍ତିନି। କାରଣ ବାନା ହେଲେ ବି ବାତେରାପଣକୁ ଏମାନେ ପ୍ରମୋଶନ୍ ପାଇନାହାନ୍ତି। ତେଣୁ ଏମାନଙ୍କୁ ନେଇ ଟିମ୍ ବନେଇବାରେ କିଛି ଅସୁବିଧା ନାହିଁ।

ଘଣ୍ଟୁ ସାଆରଙ୍କ ବାଇକ୍‌ଟା ସେଆଡେ ଧାଇଁଲା, ବାନାଏ ଘଣ୍ଟୁଙ୍କୁ ସମ୍ମାନ ଜଣେଇଲେ। ଘଣ୍ଟୁ ଭାଇ ନମସ୍କାର, ଆସ ଭାଇ ବସ ଏଠି, ନଖିଆ ଚା ଦୋକାନର ବେଞ୍ଚଟାକୁ ଝାଡି ଦେଇ ବାନାମାନେ ଘଣ୍ଟୁଙ୍କୁ ସ୍ୱାଗତ କଲେ। ଚା, ପାନ, ସିଗାରେଟ ଆଣି ଘଣ୍ଟୁଙ୍କ ଚର୍ଚ୍ଚା କଲେ। ଘଣ୍ଟୁ ଚା କପ୍‌ଟା ଧରୁ ନ ଧରୁଣୁ ନଖିଆକୁ ଶହେ ଟଙ୍କିଆଟେ ଦେଇ କହିଲେ, "ଏଇଟା ରଖ, ଆମ ପିଲାଙ୍କୁ ପଇସା ମାଗିବିନି। ବାବୁଲି, କାଳିଆ, ଫଣ୍ଟୁସ୍‌ମାନେ କୋରସ୍ କରି କହିଲେ "ଯେକି କଥା ଘଣ୍ଟୁଆଇ! ତମେ କାଇଁକି ଦଉଚ? ଏଇଟା ଭଲ କଥା ନୁହେଁ।" ଏମିତି ବାରବାର ଛକରେ ଚା, ପାନ, ଖିଆରେ ଘଣ୍ଟୁ କିନ୍ତୁ ସବୁଥର ଖର୍ଚ୍ଚ ଦେଲେ। ତିନିଦିନ ଭିତରେ ଘଣ୍ଟୁ ମହାବାନା, ଫକିରା ଓ ବାବୁଲି, ବାନା, ବେଣୁ ଓ ଫକନାଙ୍କୁ ଠାବ କରିନେଲେ। କାରଣ ଏମାନଙ୍କ ଭାବମୂର୍ତ୍ତିଟା ଘଣ୍ଟୁସାଆରଙ୍କ କାରବାରକୁ ପାଇଁ ଷୋଳଅଣା ଖାପ ଖାଇଗଲା।



କଲୋନୀ ପାଖ ପଡିଆରେ ଏକ ଚଉକିରେ ଘଣ୍ଟୁସାଆରଙ୍କ ଡକରାରେ ଏକାଠି ହେଲେ। ଘଣ୍ଟୁ ଆରମ୍ଭ କଲେ ତାଙ୍କର ନୂଆ ଭିଆଣ। ଦୋଳଯାତ୍ରା, ହୋଲି ଖେଳ ହେବ। ଏ ବର୍ଷ ଏ କାମ ଏଇ କଲୋନୀରେ ନୂଆପୋଡୁଆଁରେ ପୋଡୁଆଁ ଆରମ୍ଭ ହେବା ଭଳିଆ ଅନୁକୂଳ ହେବ। ଫକିରା, ବାବୁଲି, ବେଣୁ ଆଉ ଫକନା ତୀର୍ଥ କାବା ହେଲେ। ମିଳିତ ସୁରରେ କହିଲେ ଏସବୁ କେମିତି ହେବ ଘଣ୍ଟୁଆଇ? ରୋକଡା ନ ହେଲେ କାମ କେମିତି ହବ? ଘଣ୍ଟୁ ସେମାନଙ୍କୁ ବୋଧ ଦେଲା, ସେ କଥା ଆମେ ବୁଝିବା, ତମେ ଆଜିଠାରୁ କାମରେ ଲାଗିପଡ। ଏଥର ଅନ୍ୟ ଫଙ୍କସନ୍ ଭଳି ତମେମାନେ ଘରର ମୁରବିମାନଙ୍କୁ ଭେଟିବ, ତାଙ୍କ ପରିବାରର କେବଳ ରୋଜଗାରିଆମାନଙ୍କ ସନ୍ଧାନ ନେଇ ସେମାନଙ୍କ ନାଆଁ ଆଉ ଫୋନ୍ ନମ୍ବର ଆଣିବ। ରୋକଡା କେମନ୍ତେ ଆସିବ, ସେ କଥା ପାଇଁ ଚିନ୍ତା କରନା। ବୁଝି ସାବଧାନ! ତମେ ମୋ ନାଆଁ ନବନି, କେହି ପଚାରିଲେ କହିବ- ଘଣ୍ଟୁଆର ଜମାନା ଗଲାଣି, ଆମେ ଚାରିଜଣ ସବୁ ଅରଗାନାଇଜ୍ କରୁଛୁ। ଆପଣମାନେ ଦେଖିବେ ଫଙ୍କସନ୍‌ଟା କେମିତି ଚକଚକିଆ ହେବ, ହୋଲିଟା କେମିତି ଜମାଣିଆ ହେବ।

ନିରୋଳାରେ ବସି ଘଣ୍ଟୁ କଣ୍ଠସ୍ୱର ବଦଳେଇ ନୂଆ କିଣିଥିବା ସ୍ମାର୍ଟ ଫୋନ୍‌ରେ ହାଲୋ ଶ୍ରୀଗଣେଶ କଲା। ସେ ପାଖୁ ଉତ୍ତର ପାଇବା ପୂର୍ବରୁ ଘଣ୍ଟୁ ଆରମ୍ଭିଲା 'ଜୟ ଜୟଦୋଳଗୋବିନ୍ଦ, ନମସ୍କାର ବଡ଼ଭାଇ! ଆମ ସାଇ କଲୋନୀରେ ଦୋଳଯାତ ଆଉ ହୋଲିଖେଳ ଆରମ୍ଭ କରିବା। ଆପଣଙ୍କୁ ଆମେ ଏ ଫଙ୍କସନ୍‌ର କମିଟିର ମୁଖ୍ୟ ଭାବି ପ୍ରସ୍ତାବ ଦେବାରୁ, ସମସ୍ତେ ଖୁସିରେ ସମର୍ଥନ କରିଛନ୍ତି, ଆପଣଙ୍କ ହଁ ନାଇଁ କି ଅପେକ୍ଷା। ଏଥିପାଇଁ ଅନ୍ୟମାନେ ବି ଆଗ୍ରହୀ, ଆମେ କିନ୍ତୁ ଆପଣଙ୍କ ଦୃଢ଼ ସମର୍ଥନ କରୁଛୁ।' ଏଇ ଭାବରେ ଘଣ୍ଟୁ ସାଆରେ ବାବୁଲି, ଫକିରା ପ୍ରଭୃତିଙ୍କ ଠାରୁ ପାଇଥିବା ଫୋନ୍ ନମ୍ବରରେ ଫୋନ୍ ପରେ ଫୋନ୍ କଲ୍ ଚାଲିଥିଲେ।

ଉପରବେଳା ଘଣ୍ଟୁ ସାଆରଙ୍କ ଖଟିରେ ଜମିଲା ଆସର। ବାବୁଲି, ଫକିରା, ଫକନା, କାଳିଆ, ଚିଣ୍ଟୁ ସମସ୍ତେ ଏକାଠି ହେଲେ। ପ୍ରସ୍ତାବିତ ଦୋଳ ଓ ହୋଲିର ରୂପରେଖ ବଖାଣ

କଲେ ଘଣ୍ଟୁ। ଏତେବେଳକୁ ଘଣ୍ଟୁଙ୍କ 'ଫୋନ୍ ପେ' ମାଧ୍ୟମରେ ଚଉଦ ହଜାର ଟଙ୍କା ଆସି ପହଞ୍ଚି ସାରିଥିଲା। ଏଇ କଥାବାର୍ତ୍ତା ଭିତରେ ପୁଣି ତତ୍‌କ୍ଷଣାତ ଆସିଲା ଆଠ ହଜାର। ସମସ୍ତଙ୍କୁ କମିଟିର ପ୍ରେସିଡେଣ୍ଟ୍ କରାଇ ଫଙ୍କସନ୍‌ଟା ଧୁମ୍‌ଧାମ୍‌ରେ ପାଳିବାର ପ୍ରତିଶ୍ରୁତି ଦେଇଥିଲା ଘଣ୍ଟୁ। ଏଥର ବାବୁଲିକୁ ବ୍ୟାନର୍ ଆଉ ଫ୍ଲେକ୍ସ ବନାଇବାର ଦାୟିତ୍ୱ ଦେଲା। ତୁରନ୍ତ ଦୁଇଦିନ ଭିତରେ ଚାରି ଛ'ଟା ବଡ ଫ୍ଲେକ୍ସ ତିଆରି କରି ଉତ୍ସବ ଥଳ ଆଉ ମୁଖ୍ୟ ଛକ ଜାଗାରେ ଟଙ୍ଗାଇ ଦେବାକୁ ଆଦେଶ ଦେଉ ଦେଉ ଦିଖଣ୍ଡ ବଡ ଗାନ୍ଧିମୁଣ୍ଡିଆ ବାବୁଲାକୁ ଧରାଇ ଦେଲା। ଫ୍ଲେକ୍ସରେ ଲେଖା ହେଲା- "ଶଙ୍କରା କଲୋନୀର ମହାନ ଦୋଳ ଉତ୍ସବ ଓ ରଙ୍ଗରଙ୍ଗିଆ ହୋଲି।"

ଘଣ୍ଟୁଙ୍କ ନିର୍ଦ୍ଦେଶରେ ଚାରମାନଙ୍କ ଦ୍ୱାରା ଛକ ଜାଗାଗୁଡ଼ିକ ଫ୍ଲେକ୍ସ ମଣ୍ଡିତ ହେଲା। କମିଟିର ମୁଖିଆ ହେବାକୁ ଇଚ୍ଛା କରି ମୋଟା ଚାନ୍ଦା ପଠାଇଥିବା ନଣ୍ଡା କଣ୍ଟ୍ରାକ୍ଟର ପବନା ବାବୁ, ମହିଳା କର୍ପୋରେଟର ସୁହାସିନୀ ଖୁଣ୍ଟିଆ, ଅଟୋ ସଂଘର ସଚିବ ବୋଲାଉଥିବା ଘଡେଇ ଇତ୍ୟାଦି ମୁଖିଆ ସିଟ୍‌ରେ କେମିତି ବସି ଝଲସିବେ- ମନେ ମନେ ଭାବୁଥିଲେ। କଲୋନୀବାସୀ ବୟସ୍କମାନେ ମନେ ମନେ ଉତ୍ସାହିତ ହେଉଥିଲେ।

**ନିଆଁ ଲାଗିଗଲେ, ନିଆଁ ଚରିବାକୁ ହୁଏତ ଡେରି ହୋଇପାରେ, ମାତ୍ର ଫଟୋ ଭାଇରାଲ୍ ହେବାରେ ଏତେ ଟିକେ ବିଳମ୍ବ ହେବାର ନାହିଁ।**

ଏଣ୍ଡି କଲା ଫଗୁ ଦଶମୀ। ଗୋଟେ ଭଲ ଫଟୋଗ୍ରାଫର୍ ଦ୍ୱାରା ପାଖ ଅଞ୍ଚଳର ଦୋଳମେଳଣର ଫଟୋ ଉଠାଇ ମୋଟା ଚାନ୍ଦା ପଠାଇ ମୁଖିଆମାନଙ୍କ ହ୍ୱାଟ୍‌ସଆପ୍‌ରେ ପଠାଇଦେଲା। ଏଇ କ୍ରମରେ ଭୋଜି ଆୟୋଜନର ହଣ୍ଡା, ହାଣ୍ଡି, ଡିକ୍‌ସ, ବାଲ୍‌ତି, ଗ୍ୟାସ୍‌ଚୁଲା ପ୍ରଭୃତିର ଫଟୋ ବି ପୋଷ୍ଟ କରିଦେଲା। ଉତ୍ସବ ସ୍ଥଳରେ ଭଡାରେ ଆଣିଥିବା ଚାନ୍ଦୁଆ ଟଙ୍ଗାଇ, ତା'ର ଫଟୋ ବି ପୋଷ୍ଟ କରିଦେଲା, ଆୟୋଜିତ ସୁସଜ୍ଜିତ ମଞ୍ଚ ଫଟୋ ବି ପୋଷ୍ଟ କରିଦେଲା। ସମସ୍ତେ ଏସବୁ ଦେଖି ଆନନ୍ଦରେ ଫାଟି ପଡୁଥିଲେ।

ନିଆଁ ଲାଗିଗଲେ, ନିଆଁ ଚରିବାକୁ ହୁଏତ ଡେରି ହୋଇପାରେ, ମାତ୍ର ଫଟୋ ଭାଇରାଲ୍ ହେବାରେ ଏତେ ଟିକେ ବିଳମ୍ବ ହେବାର ନାହିଁ। କଲୋନୀସାରା ଏମନ୍ତ ଦୋଳ ଉତ୍ସବ ପାଳନର ଅଗ୍ରିମ ଆୟୋଜନ ପିଲାଠୁଁ ବୁଢ଼ାଯାଏ- ସମସ୍ତଙ୍କୁ କୁତୁକୁତୁ କରିଦେଲା। ଖୁସି ଖାଲି ଢେଉ ଭାଙ୍ଗିଲା। ଦଶମୀ ଦିନ ଗଲା, ପୂର୍ଣ୍ଣିମା ଦିନ ଅନ୍ୟ ସ୍ଥାନରୁ ଆଣିଥିବା ମେଣ୍ଢାକୁଡିଆ ପୋଡିର ଚିତ୍ର ବି ଫଟୋରେ ତୋଳି ପଠାଇଲା ଘଣ୍ଟୁ। ପ୍ରଚାରିତ ହୋଲି ଆସିଲା। ସକାଳ ନଅଟା ଦଶଟା ବେଳକୁ ଲୋକଙ୍କ ଧାଉଡି ଆରମ୍ଭ ହେଲା। ମାହାଳ ଗଛ ତଳକୁ ଝୁଲୁଥିବା ଅଧାପୋଡା ଫ୍ଲେକ୍ସ, ତଳେ ଠାଆକୁ ଠାଆ ପୋଡା ଓ ଦରପୋଡା କାଠ, ବାଉଁଶ, ନଡା କୁଟାର ପାଉଁଶ। ତାଟକା ହେଲେ ସମସ୍ତେ, ଏ କ'ଣ? ମୁଖିଆ ହେବାକୁ ଆଶାୟୀ ଥିବା ବାବୁ ବାବୁଆଣୀମାନଙ୍କ ଜୁଆରିଆ ମନ ନଣଟାରେ ଭଟ୍ଟା ପଡିଗଲା। ସମସ୍ତେ ମନ ଖଟା କଲେ। ମାହାଳ ଗଛ ସେପଟେ ଚାମଚାମାନେ ମଶାଣିଚଣ୍ଡିଆ ଭଳିଆ ଖାଲି ମିଛ ବାହୁନା ବାହୁନୁଥାନ୍ତି, ମୁଣ୍ଡରେ ହାତ ବାଡେଇ ନିଜକୁ ଧିକ୍କାର କରୁଥାଆନ୍ତି। ସଙ୍ଗେ ସଙ୍ଗେ ଘଣ୍ଟୁ ପ୍ରାୟୋଜିତ ମିଡିଆ ବାଲାଏ ଆଇଲେ, ଘଣ୍ଟୁଙ୍କୁ ଛାଡି ଚାମଣ୍ଡାମାନେ ବାଇଟ୍ ଦେଲେ, କାଲି ରାତିରେ କେହି ଦୁର୍ବୃତ୍ତ ଏମିତି ରାକ୍ଷସିଆ ଦୁଷ୍କାଣ୍ଡ କରି ଏସବୁ ପୋଡି ଦେଇଚି, କ'ଣ ଏବେ ହେବ, ସବୁ ଗଲା, ସମସ୍ତଙ୍କୁ ତ ପେମେଣ୍ଟ ଦିଆ ସରିଚି, ଯେଉଁମାନେ ଏମିତି ଉତୁରି ଆସୁଥିବା ଉତ୍ସବକୁ ନିଆଁ ନଗେଇ ବତୁରେଇ ଦେଲେ, ତାଙ୍କୁ ପୋଲିସ୍‌ରେ ଦିଆଯିବ, ଏହାର ତଦନ୍ତ ଚାଲିଲେ ଅସଲ କଥା ପଦାକୁ ଆସିବ। ଯେ ବି ହେଉ ସେ ସଂସ୍କୃତିରେ ନିଆଁ ଲଗେଇଚି, ଆମେ ତାକୁ ଛାଡିବୁନି। ମୁଖ୍ୟ ବାନା ବାବୁଲି କହିଲା- ଏ ଦାୟିତ୍ୱରେ ଆଜି ଯଦି ଘଣ୍ଟୁଆଇ ଥାଆନ୍ତେ, ସେ ତ ରାତି ସାରା ସିକୁରିଟି ଗାର୍ଡ ଭଳିଆ ଜଗି ବସିଥାଆନ୍ତେ। ତାଙ୍କୁ ଘେରିଥିଲେ କଲୋନୀ ଲୋକେ। କିଛି କ୍ଷଣ ପରେ ସ୍ୱତଃ ପ୍ରବେଶିଲେ ଘଣ୍ଟୁ ସାଆରେ। ଚାମଣ୍ଡାଏ ଜିନ୍ଦାବାଦ କଲେ। ଘଟଣା ଥଳରେ ଘଣ୍ଟୁ ଅନିଚ୍ଛାକୃତ ଭାବରେ ଚେତା ହରାଇବାର ନିଖୁଣ ଅଭିନୟ କଲେ। ପାଣି ଛଟାଛଟି ପରେ ଚେତା ଫେରିଲା। ସବୁ ଶୁଣି ଶତ ପ୍ରତିଶତ ବୀରଦର୍ପରେ ଘୋଷଣା କଲେ, ତମେ ସବୁ କଲୋନୀଲୋକଙ୍କୁ ଏମିତି ଭକୁଆ ବନେଇ ପାରିବନି, କେଉଁ ଅସହଣିଆ ତ ଏମନ୍ତ ଦୁଷ୍କାଣ୍ଡ କଲା, ତଥାପି ହୋଲି ଚାଲିବ, ନ ହେଲେ ପୁଣି

ବରଷେ ଅପେକ୍ଷା। ମୁଁ ପ୍ରଥମେ ଟଙ୍କା ଦିହଜାର ଏଠି ଥୋଇଲି କହି ଗୋଟାଏ ଗାମୁଛାକୁ ତଳେ ପାରି ଥୋଇଲା ଟଙ୍କା। ଯାପରେ ଆପଣମାନେ କିଛି କିଛି ଦେଲେ, ସେଇ ଖର୍ଚ୍ଚରେ ଉଛବଟା ସାରିଦେବା।

ଘଣ୍ଟୁ ଦେଖାଦେଖି ଅନ୍ୟମାନେ ବି, କିଛି କିଛି ଟଙ୍କା ଥୋଇଲେ। ଅନ୍ୟ କେତେଜଣ ନଗଦ ଟଙ୍କା ଆଣିବାକୁ ଘରମୁହାଁ ହେଲେ। ଷାଠିଏ ହାତ ବାଉଁଶ କୋଡି ବେଣ୍ଟ ଭଳିଆ, ଧରାବରରେ ମଙ୍ଗୁଳା କନ୍ୟାର ଯଥା- "ରାବଣସ୍ୟ ମନ୍ଦୋଦରୀ" ହେବା ଭଳିଆ ସଙ୍ଗେ ସଙ୍ଗେ ଉଛବ ଚାଲିଲା; ମାହାଳ ଗଛ ତଳେ ।

**କେବଳ ପାଖବାନା ଓ ମହାବାନାଙ୍କ ଛଉକା ଆଖିରେ ଧରା ପଡିଯାଉଥିଲା ଘଣ୍ଟୁସାଆରଙ୍କ ଅସଲ ଜିତାପଟ।**

ଆରସନକୁ ଧୁମ୍‌ଧାମ୍‌ରେ ହୋଲି ପାଳିବାକୁ ସେଇଠି ସତ୍ୟପାଠ କରାଗଲା। ଏସବୁ ଭିତରେ ଘଣ୍ଟୁସାଆରେ କହିଲେ- "ଆଉ ଆଜ୍ଞାମାନେ! ମତେ ସେ ବାତୁଳା ଧନ୍ଦାରେ ପୂରାନ୍ତୁନି; ମୁଁ ପାରିବନି ଆଜ୍ଞା, ନମସ୍କାର। ମାତ୍ର ତା ପ୍ରାୟୋଜିତ ବାନାଙ୍କ ସହ କଣ୍ଠରେ କଣ୍ଠ ମିଳେଇ ବଡ ଜୋରରେ ଶୁଣାଗଲା- "ହୋଲି ଖେଳ ଜିନ୍ଦାବାଦ, ଘଣ୍ଟୁ ସାଆରେ ଜିନ୍ଦାବାଦ।"

ଘଣ୍ଟୁଙ୍କ ଭିତରେ ଏଣିକି କୁରୁକୁରିଆ ଭାବଭଙ୍ଗୀରେ ମାତ୍ର ଭିତରୁ ଉତୁରି ଆସୁଥିବା ଏମନ୍ତ କୁତୁକୁତକୁ ବିକୃତିଆ ମୁହଁକୁ ଢାଙ୍କଣା ଦେଇ ଚପାଇ ଦେଉଥିଲା ତାଙ୍କର ବାହାର ଗମ୍ଭୀରିଆ ଭାବ । କେବଳ ପାଖବାନା ଓ ମହାବାନାଙ୍କ ଛଉକା ଆଖିରେ ଧରା ପଡିଯାଉଥିଲା ଘଣ୍ଟୁସାଆରଙ୍କ ଅସଲ ଜିତାପଟ।

ତଥାପି ଚାଲିଥିଲା ସେଇ ଜିନ୍ଦାବାଦ। (କ୍ରମଶଃ)

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଳାପ**


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଚ୍ଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon Flipkart meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।


ପ୍ରବନ୍ଧ

# ଓଡ଼ିଆ ଭ୍ରମଣ ସାହିତ୍ୟରେ ସମାଜ, ସଂସ୍କୃତି ଓ ଶିକ୍ଷା



ଡ. ଜ୍ୟୋତିପ୍ରଭା ମହାନ୍ତି

ମନୁଷ୍ୟ ସାହିତ୍ୟ ମାଧ୍ୟମରେ ନିଜର ମନୋଭାବ ପ୍ରକାଶ କରିବାର କଳା ଶିଖିବାଦିନଠାରୁ ଭ୍ରମଣ ସମ୍ପର୍କିତ ଅନୁଭବକୁ ନାନାଭାବରେ ବଖାଣିବା ଆରମ୍ଭ କରିଛି, ମାତ୍ର ଭ୍ରମଣକାହାଣୀ ସାହିତ୍ୟ ଇତିହାସରେ ଏକ ପରବର୍ତ୍ତୀ ସଂଯୋଜନା। ଯେତେବେଳେ ସଭ୍ୟତା ପରିପକ୍ୱ ହୁଏ ଓ ମନୁଷ୍ୟ ଶିକ୍ଷା, ବ୍ୟବସାୟ ଓ କର୍ମସଂସ୍ଥାନ ପାଇଁ ଦେଶ ଛାଡ଼ି ବିଦେଶକୁ ଯାଏ ସେ ନିଜର ବିଦେଶ ଅନୁଭୂତି ନିଜର ପ୍ରିୟଜନଙ୍କ ଉଦ୍ଦେଶ୍ୟରେ ଲେଖିବାକୁ ଆରମ୍ଭ କରେ। ଏକଦା ତୀର୍ଥସ୍ଥାନ ଭ୍ରମଣ କାହାଣୀ ହିଁ ଭ୍ରମଣ ସାହିତ୍ୟ ପଦବାଚ୍ୟ ଥିଲା ମାତ୍ର ପରବର୍ତ୍ତୀ କାଳରେ ଏହାର ପରିବ୍ୟାପ୍ତି ହୋଇଛି।



ଭ୍ରମଣ ସାହିତ୍ୟ କହିଲେ ସାଧାରଣତଃ ଜଣେ ବ୍ୟକ୍ତି ଦ୍ୱାରା ପ୍ରଦତ୍ତ ଭୌଗୋଳିକ ବିବରଣୀକୁ କେବଳ ବୁଝାଏ ନାହିଁ ବରଂ ଜଣେ ବିଦଗ୍ଧ ସ୍ରଷ୍ଟାର ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ ଓ ଗଭୀର ଜ୍ଞାନବୋଧର ପରିଚୟ ବହନ କରେ। ତେଣୁ 'ଯାହା ଦେଖିଲି ତାହା କହିଲି' ଯଥାର୍ଥତଃ ଭ୍ରମଣ ସାହିତ୍ୟ ନୁହେଁ। ତେଣୁ ଜଣେ ବ୍ୟକ୍ତିର ସୂକ୍ଷ୍ମ ଦାର୍ଶନିକ ଦୃଷ୍ଟିଭଙ୍ଗୀ, ଅଭିଜ୍ଞତା ଓ ରସବୋଧ ଭ୍ରମଣ ସାହିତ୍ୟକୁ ଉପଜୀବ୍ୟ କରାଇଥାଏ।

ଯେତେବେଳେ ଗୋଟିଏ ପକ୍ଷୀ ଯାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ବସତି ସ୍ଥାପନ କରେ, ସେ ସେଠାକାର, ପାଣିପବନରେ ନିଜକୁ ବେଶ୍ ଭଲଭାବରେ ଖାପଖୁଆଇ ଚଳିଥାଏ। ତେଣୁ ଆମ ଓଡ଼ିଆରେ ଗୋଟିଏ ଉକ୍ତି ଅଛି "ଯେ ପକ୍ଷୀ ଉଡ଼େ ଯେତେ ଦୂର ସେ ଜାଣେ ତହିଁର ବେଭାର"। ଠିକ୍ ସେହିପରି ମଣିଷ ଗୋଟିଏ ସ୍ଥାନରୁ ଯାଇ ଯେତେବେଳେ ସେଠାକାର ସମାଜ, ସଂସ୍କୃତି, ସଭ୍ୟତା ସହ ନିଜକୁ ମିଶାଇ ତା'ର ଅନ୍ତର୍ଚକ୍ଷୁରେ ଆହରଣଗତ ଅନୁଭବକୁ ଉପସ୍ଥାପନ କରିଥାଏ, ସେହି କଳାକୌଶଳର କାରିଗରୀଟି ହେଉଛି ଭ୍ରମଣ ସାହିତ୍ୟ।

ବିଶ୍ୱରେ ସମ୍ପ୍ରତି ଭ୍ରମଣ ସାହିତ୍ୟ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି। ତେଣୁ ଭ୍ରମଣର ଗୁରୁତ୍ୱକୁ ଅନୁଭବ କରି ପାଶ୍ଚାତ୍ୟ ସମାଲୋଚକ ଅଗଷ୍ଟାଇନ ମତ ଦେଇଛନ୍ତି ଯେ "ଏ ପୃଥିବୀ ଏକ ବିରାଟ ଗ୍ରନ୍ଥ। ଯେଉଁମାନେ କେବେ ନିଜ ଘରୁ ଗୋଡ଼ କାଢ଼ି ବାହାରକୁ ଯାଇନାହାନ୍ତି, ସେମାନେ ଏପରି ଏକ ବିରାଟ ଗ୍ରନ୍ଥର ଗୋଟିଏ ମାତ୍ର ପୃଷ୍ଠା ପଢ଼ିଛନ୍ତି।" ଆଧ୍ୟାତ୍ମିକ ଅଭୀପ୍ସାର ପୂର୍ତ୍ତିସାଧନ, ନୂତନ ସ୍ଥାନ ଦର୍ଶନଜନିତ ଆକାଂକ୍ଷା ଓ ବ୍ୟକ୍ତିର ମୁକ୍ତି ଅଭିଳାଷ ମାନସିକ ସନ୍ତୁଳନ ରକ୍ଷା କରିବାରେ ଭ୍ରମଣର ଭୂମିକା କମ୍ ନୁହେଁ। ସେଥିପାଇଁ କୁହାଯାଇଛି- "ଟ୍ରାଭଲର୍ ହାଜ୍ ପ୍ରୁଭ୍‌ଡ ଟୁ ବି ଏ ଗ୍ରେଟ୍ ଲେଭେଲର୍ ଅଫ୍ ମେଣ୍ଟାଲ ଡିସ୍‌ପାରିଟିଜ୍"।

(ଖାନ୍ନା ଓ.ପି, 'ଟ୍ରାଭଲିଂ ଇଜ୍ ଏଜୁକେସନ', କମ୍ପିଟେସନ୍ ମାଷ୍ଟର, ଜୁଲାଇ-୧୯୯୨, ପୃ-୮୯୧)

ପୁନଶ୍ଚ ଅନ୍ଧବିଶ୍ୱାସ, ଅଜ୍ଞାନତାର ତନ୍ତୁଜାଲ କବଳରୁ ଭ୍ରମଣ ହିଁ ମଣିଷକୁ ମୁକ୍ତିଦେଇ ତାକୁ ଜ୍ଞାନାଲୋକର ସଂସ୍ପର୍ଶରେ ଆଣେ। ଶତ ଶତ ଉପଦେଶ ଯାହା କରି ନ ପାରେ ଗୋଟିଏ ଭ୍ରମଣ ମଣିଷକୁ ସେତିକି ଜ୍ଞାନ ଦେଇଥାଏ। ଯାହା ଦେଖି ମଣିଷ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା ସଂଗେ ସଂଗେ ନିଜ ମନ ମଧ୍ୟରେ ଥିବା ଅଳନ୍ଧୁକୁ ସଫା କରିପାରିଥାଏ।

## ବିସ୍ତୃତ ଜୀବନବୋଧ

ଭ୍ରମଣସାହିତ୍ୟ ହେଉଛି ବିସ୍ତୃତ ଜୀବନବୋଧ ଓ ସଂପ୍ରସାରିତ ମାନସ ଦୃଷ୍ଟିର ସାରସ୍ୱତ ଅଭିବ୍ୟକ୍ତି। ବିଭିନ୍ନ ଦେଶ, ଜାତି, ସେମାନଙ୍କର ରୀତିନୀତି, ଆଚାରବିଚାର, ସଂସ୍କୃତି ଭ୍ରମଣସାହିତ୍ୟର ପ୍ରଧାନ ହେତୁ ଅଟେ।

ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ "ଲିଖନ ଶୈଳୀର ଚମତ୍କାରିତା ଓ ବର୍ଣ୍ଣନା ରୀତିର ନିପୁଣତା ସହିତ ଏକ ଅର୍ଗଳହୀନ କଥକତା ଭ୍ରମଣସାହିତ୍ୟର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ।

ଭ୍ରମଣ ବୃତ୍ତାନ୍ତର ଲେଖକ ଯେଉଁଠି ଭାରସାମ୍ୟ ହରାଇ ବସନ୍ତି ଏବଂ ଯେତେବେଳେ ଅନୁପାତ ଜ୍ଞାନର ଅଭାବ ପରିଲକ୍ଷିତ ହୁଏ, ସେତେବେଳେ ସେଠାରେ ପାଠକର ରୁଚିବୋଧ ବ୍ୟାହତ ହୁଏ ଓ ଭ୍ରମଣ କାହାଣୀଟି ଯଥାଯଥ ସମାଦର ଲାଭ କରି ନ ଥାଏ।

(ଆଚାର୍ଯ୍ୟ ବୃନ୍ଦାବନ ଚନ୍ଦ୍ର, ଓଡ଼ିଆ ସାହିତ୍ୟରେ ଭ୍ରମଣ ବୃତ୍ତାନ୍ତ, ସମାଜ ଶ୍ରାଦ୍ଧ ସଂଖ୍ୟା- ୧୯୮୯, ପୃଷ୍ଠା-୭୨)

**ଭ୍ରମଣ ସାହିତ୍ୟ ସଂସ୍କୃତିର ତୁଳନାତ୍ମକ ଚିତ୍ର ଆଙ୍କିବା ସହ ସଭ୍ୟତାର ପ୍ରସାର ଓ ବିଶ୍ୱଭାବ ଜାଗ୍ରତ କରିବାରେ ସହାୟକ ହୋଇଥାଏ।**

ଅର୍ଥାତ୍ ଭ୍ରମଣ ସାହିତ୍ୟ ମଧ୍ୟରେ ଥିବା ସାହିତ୍ୟିକ ରସବୋଧ, ବର୍ଣ୍ଣନା ପରିପାଟୀ, ସ୍ରଷ୍ଟାର ଅନ୍ତର୍ନିହିତ ଜ୍ଞାନବୋଧ ଓ ରସବୋଧ ସହ ପରିବେଷଣ ଶୈଳୀ ଭ୍ରମଣ ସାହିତ୍ୟକୁ ସୌନ୍ଦର୍ଯ୍ୟମଣ୍ଡିତ ଓ ପଠନ ଉପଯୋଗୀ କରିପାରିଛି।

ଭ୍ରମଣ ସାହିତ୍ୟ ହେଉଛି ଆତ୍ମପରୀକ୍ଷଣ ଓ ଆତ୍ମନିରୀକ୍ଷଣଗତ କଳାକୌଶଳ। ଭ୍ରମଣ ସାହିତ୍ୟ ସଂସ୍କୃତିର ତୁଳନାତ୍ମକ ଚିତ୍ର ଆଙ୍କିବା ସହ ସଭ୍ୟତାର ପ୍ରସାର ଓ ବିଶ୍ୱଭାବ ଜାଗ୍ରତ କରିବାରେ ସହାୟକ ହୋଇଥାଏ। ଆନ୍ତର୍ଜାତିକ ସମ୍ପର୍କ ଓ ସଭ୍ୟତାର ମିଳନ ପାଇଁ ଜଣେ ଭ୍ରମଣକାରୀର ଯଥେଷ୍ଟ ଭୂମିକା ରହିଥାଏ। ସମ୍ପର୍କ ଶିକ୍ଷା, ସାହିତ୍ୟ, ସମାଜ, ସଂସ୍କୃତି, କଳା, ମାନବିକତା ତଥା ବିଜ୍ଞାନ ସ୍ତରରେ ଘଟିଥାଏ।

ଭ୍ରମଣ ବା ପର୍ଯ୍ୟଟନ ହେଉଛି ସେପରି ଏକ ମିଶ୍ରଧାରା। ଏହା ସାହିତ୍ୟର ବିଭିନ୍ନ ବିଭାଗ ଯଥା- ଉପନ୍ୟାସ, ପ୍ରବନ୍ଧ, କ୍ଷୁଦ୍ରଗଳ୍ପ, ନାଟକ ଓ କବିତା ଆଦିର ସମସ୍ତ ଦିଗକୁ ନିଜ ମଧ୍ୟରେ ପୁଞ୍ଜୀଭୂତ କରିପାରିଛି। ଏ ସମ୍ପର୍କରେ ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଲିଖିତ 'ଡାଏରୀ ଓ ପର୍ଯ୍ୟଟନ ସାହିତ୍ୟ ଦୃଷ୍ଟିରୁ ପେକିଂଡାଏରୀ' ନିବନ୍ଧଟିରେ ସେ ଦର୍ଶାଇଛନ୍ତି ଯେ "ଭ୍ରମଣରେ ଉପନ୍ୟାସର ବର୍ଣ୍ଣନାଚାତୁରୀ, କ୍ଷୁଦ୍ରଗଳ୍ପର ଇଙ୍ଗିତଧର୍ମିତା, ପ୍ରବନ୍ଧର ତଥ୍ୟଧର୍ମୀତା, ନାଟକର ଉତ୍କଣ୍ଠା, କବିତାର ସ୍ୱତସ୍ଫୂର୍ତ୍ତତା ଓ ନୂତନାନ୍ୱେଷାର ରୋମାଞ୍ଚ ପୂରି ରହିଥାଏ। ଏହା ଏପରି ଏକ ସାହିତ୍ୟ କଳା, ଯେଉଁଥିରେ ପର୍ଯ୍ୟଟନକାରୀ ପ୍ରତ୍ୟକ୍ଷରେ ନିଜର ଅନୁଭୂତିକୁ ପାଠକଠାରେ ପରିଲକ୍ଷିତ କରେ।"

(ପ୍ରଧାନ କୃଷ୍ଣଚନ୍ଦ୍ର, 'ସୁରେନ୍ଦ୍ର ସମୀକ୍ଷଣ', ପ୍ରକାଶକ- ଫ୍ରେଣ୍ଡସ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ-୧୯୯୮)

"ଘରର କ୍ଷୀର ସରପୁଳିରେ ମଣିଷର ସ୍ୱାଦ ନ ଥାଇ ପରଘରର ତୋରାଣି ହାଣ୍ଡିରେ ମନ" କଥାଟି ମଣିଷର ଭ୍ରମଣ ପ୍ରବୃତ୍ତିଟିକୁ ବୁଝାଇବାରେ ବେଶ୍ ସମର୍ଥ।

ଭ୍ରମଣକାରୀର ଚିନ୍ତାଧାରା ବୃତ୍ତି-ପ୍ରବୃତ୍ତି ଭେଦରେ ଭ୍ରମଣ ସାହିତ୍ୟର ଉପସ୍ଥାପନା ଶୈଳୀରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଭ୍ରମଣ ସାହିତ୍ୟ 'ନାନା ମୁନି ନାନା ମତ' ଭେଦରେ ମଧ୍ୟ ଭିନ୍ନ ହୋଇଥାଏ। ଗୋଟିଏ ସ୍ଥାନର ବିବରଣୀଜନିତ ଉପସ୍ଥାପନା ଅନ୍ୟ ଗୋଟିଏ ସ୍ଥାନର ବିବରଣୀଠାରୁ ପୃଥକ ହୋଇଥାଏ। ଜଣେ କଳା ଓ ସଂସ୍କୃତିକୁ ବିଶେଷ ଗୁରୁତ୍ୱ ଦେଲାବେଳେ କେହି ଶିକ୍ଷା, ଧର୍ମ, ବାଣିଜ୍ୟ-ବ୍ୟବସାୟ, ରୀତିନୀତି, ବିଜ୍ଞାନ ଆଦିର ବର୍ଣ୍ଣନା ପ୍ରଦାନ କରିଛନ୍ତି। ଭ୍ରମଣ ଯେଉଁସବୁ ଉପାଦାନଗୁଡ଼ିକ ସଂପର୍କରେ ପାଠକଙ୍କୁ ଅବଗତ କରାଇଥାଏ, ସେଗୁଡ଼ିକ ଯଥାକ୍ରମେ ସମାଜ, ସଂସ୍କୃତି, ଧର୍ମ, ରାଜନୀତି, କଳା-ସ୍ଥାପତ୍ୟ, ଶିକ୍ଷା, ଐତିହ୍ୟ ଓ ପ୍ରତ୍ନତତ୍ତ୍ୱ ଇତ୍ୟାଦି।

## ସମାଜକୁ ନେଇ ସାହିତ୍ୟ

ସାହିତ୍ୟ ଓ ସମାଜ ପରସ୍ପରର ପରିପୂରକ। ଗୋଟିଏ ଅନ୍ୟଟିକୁ ଛାଡ଼ି ନିଜର ସ୍ଥିତି ସୁଦୃଢ଼ କରିପାରିବ ନାହିଁ। ସମାଜକୁ ନେଇ ସାହିତ୍ୟ ଯେତିକି ପରିପୁଷ୍ଟ; ସାହିତ୍ୟକୁ ନେଇ ସମାଜ ସେତିକି ଗତିଶୀଳ ଓ ପ୍ରଗତିଗାମୀ ହୋଇଛି। ସାହିତ୍ୟ ହେଉଛି ସମାଜର ଦର୍ପଣ। ସମାଜର ଅନୁକୂଳ ଓ ପ୍ରତିକୂଳ ସ୍ଥିତି ସଂପର୍କରେ ଧାରଣା ପ୍ରଦାନ କରିବାରେ ବେଶ୍ ସମର୍ଥ ହୋଇଛି ଭ୍ରମଣ ସାହିତ୍ୟ। ଭ୍ରମଣ ସାହିତ୍ୟ ଯେ କେବଳ ଗୋଟିଏ

ସ୍ଥାନର ଭୌଗୋଳିକ ଅବସ୍ଥିତିକୁ ସୂଚିତ କରିଥାଏ, ତାହା ନୁହେଁ ବରଂ ସେହି ସ୍ଥାନମାନଙ୍କରେ ଥିବା ଦର୍ଶନୀୟ ଓ ତୀର୍ଥସ୍ଥାନମାନଙ୍କର ବିବରଣୀ ସହିତ ଲୋକମାନଙ୍କର ଜୀବନଯାପନ ପ୍ରଣାଳୀ, କର୍ମପ୍ରବଣତା, ନାରୀ-ପୁରୁଷର ସୂକ୍ଷ୍ମ ମନସ୍ତତ୍ତ୍ୱର ଅନ୍ତରାଳରେ ଥିବା ଯୌନଜାଙ୍ଗଳିକ ମନୋବୃତ୍ତିକୁ ଦର୍ଶାଇବାରେ ମଧ୍ୟ ବେଶ୍ ସଫଳ ହୋଇଛି। ନାରୀ-ପୁରୁଷ ମଧ୍ୟରେ ଥିବା ଭେଦଭାବ, ନାରୀ-ପୁରୁଷର ବେଶଭୂଷା, ନାରୀର ସାମାଜିକ ପ୍ରତିଷ୍ଠା, ପୁରୁଷ ସହ ସମକକ୍ଷ ହେବାର ଅଭିଳାଷ ଯେ କିପରି, ନାରୀକୁ ଉଚ୍ଚ ସୋପାନରେ ପହଞ୍ଚାଇଛି ବିଦେଶମାଟିରେ ତାହା ଦର୍ଶାଇବାରେ ସଫଳ ହୋଇଛି ଭ୍ରମଣ ସାହିତ୍ୟ। ଭାରତୀୟ ସମାଜ ଓ ବୈଦେଶିକ ସମାଜ ସହ ଥିବା ପାରମ୍ପରିକ ସମାଜତତ୍ତ୍ୱ ଓ ମାନବତ୍ୱର ଏକ ତୁଳନାତ୍ମକ ଅଧ୍ୟୟନ ମଧ୍ୟ ଦେଖିବାକୁ ମିଳିଥାଏ ଭ୍ରମଣ ସାହିତ୍ୟରେ।




ଓଡ଼ିଆ ସାହିତ୍ୟରେ ରଚିତ ହୋଇଥିବା ବହୁ ଭ୍ରମଣ ବୃତ୍ତାନ୍ତଗୁଡ଼ିକ ସମାଜର ଚିତ୍ର ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ସାହିତ୍ୟ ଯେକୌଣସି ପରିସ୍ଥିତି ବା ଯେକୌଣସି ରଙ୍ଗତୂଳିରେ ଫୁଟିଲେ ମଧ୍ୟ ସମାଜର ଛାପକୁ ଛାଡ଼ିପାରେ ନାହିଁ। ସେଇସବୁ ଦୃଷ୍ଟିକୋଣରୁ ବିଚାର କଲେ କୁଞ୍ଜବିହାରୀ ଦାଶଙ୍କ 'ଲଙ୍କାଯାତ୍ରା', 'ପଥ ଓ ପଥିକ', 'ମୋ ସ୍ୱପ୍ନର କାଶ୍ମୀର', 'ଆମେରିକାରୁ ଇଉରୋପ-ଆଫ୍ରିକା', 'ଆମେରିକା ପୁନଶ୍ଚ', 'ଦୁଇ ଦିଗନ୍ତର ଆକାଶ', ଡକ୍ଟର ସଦାଶିବ ମିଶ୍ରଙ୍କ 'ମାର୍କିନ ପରିକ୍ରମା', ଗୋବିନ୍ଦ ଦାସଙ୍କ 'ଦେଶେ ଦେଶେ', ଗଣେଶ୍ୱର ମିଶ୍ରଙ୍କ 'କ୍ୟାଣ୍ଟରବରୀ କାହାଣୀ', ସୁସ୍ମିତା ବାଗଚୀଙ୍କ 'ମୋ ଝର୍କାରୁ ପୃଥିବୀ', ପ୍ରତିଭା ରାୟଙ୍କ 'ଦୂର ଦ୍ୱିବିଧ', 'ମୈତ୍ରୀ ପାଦପର ଶାଖାପ୍ରଶାଖା', 'ରକ୍ତାକ୍ଷର', 'ଅପରାଧୀର ସ୍ୱେଦ' ପ୍ରଭୃତି ପ୍ରଧାନ।

## ଶୈଳୀତାତ୍ତ୍ୱିକ ବର୍ଣ୍ଣନା

ସୁସ୍ମିତା ବାଗଚୀଙ୍କର 'ମୋ ଝର୍କାରୁ ପୃଥିବୀ' ଭ୍ରମଣ ବୃତ୍ତାନ୍ତଟିରେ ଆମେରିକା ସମାଜରେ ଘଟୁଥିବା ହିଂସାକାଣ୍ଡ, ହତ୍ୟା, ହରଣଚାଲ, ନିଶାଦ୍ରବ୍ୟଜନିତ ଅସାମାଜିକ ଆଚରଣ, ଆମେରିକାର ପାରିବାରିକ ଜୀବନର ପ୍ରଭାବ କିପରି ବୃଦ୍ଧ ଓ ପିଲାମାନଙ୍କ ଉପରେ ପ୍ରଭାବ ପକାଉଛି ଏବଂ ବୃଦ୍ଧାବସ୍ଥାରେ ବୃଦ୍ଧାଶ୍ରମରେ ଅସହାୟ ଜୀବନଯାପନ କରୁଥିବାର ଏକ ଶୈଳୀତାତ୍ତ୍ୱିକ ବର୍ଣ୍ଣନା ପ୍ରଦାନ କରିଛନ୍ତି, ଯଥା- ପ୍ରାଗ୍ ଐତିହାସିକ ସମାଜ ଭଳି ଆମେ ଆମ ସମାଜର ବୟସ୍କ ବ୍ୟକ୍ତିମାନଙ୍କୁ ହତ୍ୟା କରୁନାହୁଁ ବରଂ ଅନୁଷ୍ଠାନମାନଙ୍କରେ ଜୀବନ୍ତ କବର ଦେଇଦେଉ। ଆମ ମୁଖଲଜ୍ଜା ପାଇଁ ଏସବୁକୁ ଘର ବୋଲି କହୁ।

(ବାଗ୍‌ଚୀ, ସୁସ୍ମିତା, ମୋ ଝର୍କାରୁ ପୃଥିବୀ, ପୃଷ୍ଠା-୨୪)

ଡକ୍ଟର ପ୍ରତିଭା ରାୟ 'ମୈତ୍ରୀ ପାଦପର ଶାଖାପ୍ରଶାଖା' ଓ 'ଅପରାଧୀର ସ୍ୱେଦ' ଭ୍ରମଣକାହାଣୀ ଦ୍ୱୟରେ ଋଷ୍ ଦେଶ ଓ ଅଷ୍ଟ୍ରେଲିଆ ମହାଦେଶର ଲୋକମାନଙ୍କର ଉନ୍ନତ ଜୀବନଯାପନ ପ୍ରଣାଳୀ, ନାରୀମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ, ଭାରତୀୟ ନାରୀ ଓ ସେ ଦେଶର ନାରୀମାନଙ୍କ ମନସ୍ତତ୍ତ୍ୱର ଭିନ୍ନ ଏକ ଦିଗ ଉନ୍ମୋଚନ କରିବାରେ ସଫଳ ହୋଇଛନ୍ତି, ଯଥା- "ଉଇ ଡୁ ନଟ୍ ଲିଭ୍ ବାଇ ବ୍ରେଡ୍ ଓନ୍‌ଲି"। ମଣିଷର ଜୀବନ ପାଇଁ ଖାଦ୍ୟ ଯଥେଷ୍ଟ ନୁହେଁ। ବୌଦ୍ଧିକ ଓ ସାଂସ୍କୃତିକ ବିକାଶ ମଧ୍ୟ ଜୀବନର ଅପରିହାର୍ଯ୍ୟ ଅଙ୍ଗ ବୋଲି ସୋଭିଏତ୍ ମହିଳା ବିଶ୍ୱାସ କରନ୍ତି।

(ରାୟ, ପ୍ରତିଭା, ମୈତ୍ରୀପାଦପର ଶାଖାପ୍ରଶାଖା, ପୃଷ୍ଠା-୧୭୦)

କୁଞ୍ଜବିହାରୀ ଦାଶଙ୍କର 'ଆମେରିକାରୁ ଇଉରୋପ-ଆଫ୍ରିକା', 'ଆମେରିକା ପୁନଶ୍ଚ', 'ଲଙ୍କାଯାତ୍ରା', 'ମୋ ସ୍ୱପ୍ନର କାଶ୍ମୀର' ଭ୍ରମଣ ବୃତ୍ତାନ୍ତଗୁଡ଼ିକରେ ଲେଖକ ଯେଉଁସବୁ ସ୍ଥାନମାନଙ୍କୁ ଭ୍ରମଣ କରିଛନ୍ତି ସେହି ସ୍ଥାନମାନଙ୍କରେ ସାମାଜିକ ଜୀବନଶୈଳୀ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଲେଷଣ କରି ଯେଉଁ ଭାବରସମାନ ଆହରଣ କରିବାରେ ସମର୍ଥ ହୋଇଛନ୍ତି ତାହାର ଯଥାର୍ଥ ଉପସ୍ଥାପନ କରିଛନ୍ତି।

ଆମେରିକା ଭ୍ରମଣ କାଳରେ ସେ ସେଠାରେ ବାସକରୁଥିବା ଭାରତୀୟମାନଙ୍କର ଜୀବନଶୈଳୀ ଓ

ଆମେରିକୀୟ ଜୀବନଶୈଳୀ ମଧ୍ୟରେ ଥିବା ପାର୍ଥକ୍ୟ, ଆମେରିକୀୟ ସଭ୍ୟତା ଓ ସଂସ୍କୃତିକୁ କେତେଦୂର ଭାରତୀୟମାନେ ଆପଣେଇ ପାରିଛନ୍ତି ଓ କିଭଳି ଜୀବନଯାପନ କରିଛନ୍ତି ତାହା ଦର୍ଶାଇବା ସହ ଆମେରିକାର କୃଷି, ଶିଳ୍ପ, ଦାସ ବ୍ୟବସାୟ, ବାଣିଜ୍ୟ, ଉନ୍ନତ ଯନ୍ତ୍ରପାତି, ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ପାଠକର ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୁରେନ୍ଦ ମହାନ୍ତି 'ପେକିଂ ଡାଏରୀ'ରେ କମ୍ୟୁନିଷ୍ଟ ଚୀନ୍‌ର କଠୋର ଶାସନ ବ୍ୟବସ୍ଥା, ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସ୍ୱାର୍ଥର ମହତ୍ତ୍ୱ। ରାଷ୍ଟ୍ର ଯଜ୍ଞରେ ଚୀନ୍ ନାଗରିକର ପ୍ରତି ମୁହୂର୍ତ୍ତରେ ଝାସଦେବା ସମ୍ପର୍କରେ ଦର୍ଶାଇ ବର୍ଣ୍ଣନା ପ୍ରଦାନ କରିଛନ୍ତି, ଯଥା- ଚୀନ୍‌ର ଜୀବନ ଅତ୍ୟନ୍ତ ଦୁର୍ବିଷହ, ବଞ୍ଚିବା ଏଠି ଉତ୍ପାଦନର ହିସାବ। ଚୀନ୍‌ର ଅତିଥି ସମ୍ବର୍ଦ୍ଧନା, ଚୀନ୍‌ର କୃଷି, ଶିଳ୍ପ, ଶିକ୍ଷା ସଂପର୍କରେ ସୁଦୃଢ଼ ମତବ୍ୟକ୍ତ କରିଛନ୍ତି। ଏଠାରେ ବ୍ୟକ୍ତିଗତ ଶିଳ୍ପ କିଛି ନାହିଁ, ସବୁ ରାଷ୍ଟ୍ରାୟତ୍ତ।

"ରାଷ୍ଟ୍ର ଏଠି କଳ। ବ୍ୟକ୍ତି ଏଠି ସେଥିରେ ନିର୍ଜୀବ ନଟବୋଲ୍ଟ ମାତ୍ର।"

(ମହାନ୍ତି, ସୁରେନ୍ଦ୍ର, ପେକିଂ ଡାଏରୀ, ପୃଷ୍ଠା-୪୧)

> **ଭ୍ରମଣ ବୃତ୍ତାନ୍ତଗୁଡ଼ିକରେ ସ୍ଥାନ ପାଇଥାଏ ଦର୍ଶନୀୟ ସ୍ଥାନମାନଙ୍କର ଐତିହାସିକ ଦଲିଲ।**

ଚୀନ୍ ବାସୀଙ୍କର ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା, ନାରୀମାନଙ୍କର ପୁରୁଷ ସମକକ୍ଷତା, ନାରୀ ପାଇଁ ସ୍ୱପ୍ନର ଆବିକଳ ନାହିଁ, ସେ କର୍ମପ୍ରବୀଣା, ପୁରୁଷର ଅର୍ଦ୍ଧାଙ୍ଗିନୀ ନୁହେଁ, ପୁରୁଷର ସହଚରୀ।

ଭ୍ରମଣ ବୃତ୍ତାନ୍ତଗୁଡ଼ିକ ଯେ କେବଳ ଦର୍ଶନୀୟ ସ୍ଥାନମାନଙ୍କର ଭୌଗୋଳିକ ପ୍ରଲେପ ଅଟେ ତାହା ନୁହେଁ, ସେଥିମଧ୍ୟରେ ସ୍ଥାନ ପାଇଥାଏ ଦର୍ଶନୀୟ ସ୍ଥାନମାନଙ୍କର ଐତିହାସିକ ଦଲିଲ। ଅତୀତ ଓ ଇତିହାସରେ ଘଟିଯାଇଥିବା ସଂଘର୍ଷ, ରକ୍ତପାତ ଓ ଜାତୀୟତାର ମହନୀୟ ଘଟଣାବଳୀ।

## ସଂସ୍କୃତିର ଚିତ୍ର

ଦେଶବିଦେଶରେ ବସବାସ କରୁଥିବା ଆଦିମ ଅଧିବାସୀ, ରାଜରାଜୁଡ଼ାଙ୍କର ଶାସନପଦ୍ଧତି, ପରମ୍ପରାକ୍ରମେ ଚଳିଆସୁଥିବା ବିଭିନ୍ନ ପୂଜାପଦ୍ଧତି, ସଂସ୍କାର ଆଦିର ସୁନ୍ଦର ଚିତ୍ର ପ୍ରଦାନ କରାଯାଇଅଛି। ଇତିହାସ ଓ ଅଧୁନା ସମୟର ତାଳରେ ମଣିଷର ଅଗ୍ରଗତି ଆଜି ମଣିଷକୁ ଯେଉଁ ସୋପାନରେ ପହଞ୍ଚାଇଛି ଏବଂ କଳକବ୍‌ଜା, ଅସ୍ତ୍ରଶସ୍ତ୍ର, ବୈଜ୍ଞାନିକ ଉପକରଣ କିପରି ମଣିଷକୁ ସଭ୍ୟ ସହ ଅସଭ୍ୟ କରିଛି। ପରମ୍ପରାର ଦ୍ୱାହି ଦେଇ ପଶୁତ୍ୱକୁ ବରଣ କରିଛି, ତାହାର ଜ୍ୱଳନ୍ତ ପ୍ରତିଫଳନ ଘଟିଛି ବହୁ ଭ୍ରମଣ ବୃତ୍ତାନ୍ତଗୁଡ଼ିକରେ।

ରାମଚନ୍ଦ୍ର ଦାଶଙ୍କର 'ଇଉରୋପରେ ମୋ ଅନୁଭୂତି' ଭ୍ରମଣ ପୁସ୍ତକରେ ଜର୍ମାନମାନଙ୍କ ମଧ୍ୟରେ ଥିବା ଆର୍ଯ୍ୟ ସଂସ୍କୃତି, ସ୍ୱାଧୀନତା ଓ ସୁଶୃଙ୍ଖଳ ଜୀବନଧାରଣ ପ୍ରଣାଳୀ, ଜର୍ମାନମାନଙ୍କ ଭାରତୀୟ ସଂସ୍କୃତି ପ୍ରତି ଥିବା ସମ୍ବେଦନଶୀଳ ଭାବ ଜର୍ମାନ ଓ ଭାରତୀୟତାର ସଂସ୍କୃତିଗତ ମିଳନର ଏକ ବଳିଷ୍ଠ ଧାରଣା।

ପୁନଶ୍ଚ ଜର୍ମାନୀର ବର୍ଲିନ ସହର ଏକଦା ଦୁଇଭାଗରେ ବିଭକ୍ତ। ପୂର୍ବ ବର୍ଲିନ ଓ ପଶ୍ଚିମ ବର୍ଲିନର ସଂପର୍କ, ସୌହାର୍ଦ୍ଦ୍ୟ, ତିକ୍ତତା, ଧ୍ୱଂସାବଶେଷର ଚିତ୍ର ରଷ ଆକ୍ରମଣ ଦ୍ୱାରା ଭାରାକ୍ରାନ୍ତ ବର୍ଲିନ ସହର ହିଟଲରଙ୍କ ଶାସନ ପ୍ରଣାଳୀ ବର୍ଣ୍ଣିତ ହୋଇଛି।

ଭୁବନେଶ୍ୱର ବେହେରା "ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି"ରେ ଆଫ୍ରିକା ମହାଦେଶର ଆଦିବାସୀ ସଂସ୍କୃତି, ସଭ୍ୟତା ସେମାନଙ୍କର ବୈବାହିକ ଜୀବନଯାପନ ପ୍ରଣାଳୀ, ସେଣ୍ଟି ସୋସାଇଟି ଆଦିବାସୀମାନଙ୍କର ଜୀବନର ଆରମ୍ଭ ପ୍ରଣାଳୀ ଏବଂ ଆଫ୍ରିକା ମହାଦେଶର ଲୋକମାନଙ୍କୁ ଇଉରୋପୀୟମାନେ କ୍ରୀତଦାସ କରି ଆଣି ଲାଇବେରିଆର ସ୍ଥାନେ ସ୍ଥାନେ ସ୍ଥାପନ ହୋଇଥିବାର ସୂଚନା ପ୍ରଦାନ କରିଛନ୍ତି।

କାନାଡ଼ା ଭ୍ରମଣକାଳରେ କିଶୋରୀ ଚରଣ ଦାସ କାନାଡ଼ା ଓ ଭାରତୀୟ ସଂସ୍କୃତି ମଧ୍ୟରେ ଥିବା ସଂସ୍କୃତିଗତ ମିଳନ ଘଟାଉଥିବା ବୌଦ୍ଧଧର୍ମର ମହାନତାକୁ ଦର୍ଶାଇଛନ୍ତି 'ଚେନାଏ ପୃଥିବୀ ଚିରୁଡ଼ାଏ ଘର' ଭ୍ରମଣ ବୃତ୍ତାନ୍ତଟିରେ। ଅତୀତରେ କାନାଡ଼ାରେ ବସବାସକରୁଥିବା ଭାରତୀୟମାନଙ୍କୁ ଇଂରେଜ ଓ ଫରାସୀମାନେ କିଭଳି କାନାଡ଼ା ପରିବେଶରେ ନିବେଶ କରି ଏକ ରଣାତୁଙ୍ଗ ପରିବେଶ ସୃଷ୍ଟି କରାଇଥିଲେ ତାହା ଦର୍ଶାଇଛନ୍ତି। ଠିକ୍ ସେହିପରି ମନୋଜ ଦାସ ତାଙ୍କର 'ଦୂରଦୂରାନ୍ତର' ଭ୍ରମଣ ବୃତ୍ତାନ୍ତଟିରେ ଐତିହାସିକ ସ୍ମୃତି ବିଜଡ଼ିତ ଟାୱାର ଅଫ୍ ଲଣ୍ଡନର ଅଭିଶପ୍ତ ଅଧ୍ୟାୟ ଏବଂ ନୃଶଂସତାର

କାହାଣୀ ସହ ଟଳି ପଡ଼ିଥିବା ଦେଶଭକ୍ତମାନଙ୍କର ଶିରଚ୍ଛେଦର କାହାଣୀ ବର୍ଣ୍ଣନା ସହ ଅତୀତ ଭାରତର 'ଗୀତାଞ୍ଜଳି' ଅରବିନ୍ଦଙ୍କର ଜୀବନକାହାଣୀ, ମାଡାମ ତୁଷାଡ୍‌ଙ୍କ ସଂଘର୍ଷମୟ ଜୀବନ ଓ ଯାଦୁଘର, କ୍ୟାଣ୍ଟବରୀର ଅତୀତ, ଦାର୍ଶନିକ ସେକ୍ସପିୟର ଓ ପ୍ଲୁଟୋଙ୍କ ଜୀବନବୃତ୍ତାନ୍ତ ସମ୍ପର୍କରେ ଦର୍ଶାଇଛନ୍ତି। ସଂସ୍କୃତି ସଚେତନ ଲେଖକ ମନୋଜ ଦାସ ଇତିହାସକୁ ପୋଛି, ସଂସ୍କୃତିକୁ ଭାଙ୍ଗି ଯେଉଁ ନୂତନ ଆତ୍ମଗରିମାର ପରିଚୟ ପ୍ରଦାନ କରିଛନ୍ତି ସେମାନଙ୍କ ମଧ୍ୟରେ କେତେ ଯେ ଆମମାନଙ୍କ ମଧ୍ୟରେ ରହିଥିବା ଗଣ୍ୟମାନ ବ୍ୟକ୍ତିବିଶେଷ ଅଟନ୍ତି ତା'ର ବର୍ଣ୍ଣନା ଯଥାର୍ଥରେ 'ଦୂରଦୂରାନ୍ତର'ରେ ଦର୍ଶାଇଛନ୍ତି, ଯଥା- "ମନ୍ଦିରକୁ ଆମେ ସିନେମାଘର କରିବୁ ନାହିଁ ସିନା, କିନ୍ତୁ ମନ୍ଦିର ଦିଅଁକୁ କେତୋଟି ମୁଦ୍ରା ବିନିମୟରେ ଅକାତରେ ବିକ୍ରି କରିଦେଇ ପାରିବୁ। ଅନ୍ୟ ଧର୍ମର ଲୋକେ ମନ୍ଦିର ବେଢ଼ା ଭିତରକୁ ପଶିପାରିବେ ନାହିଁ ସିନା କିନ୍ତୁ ଡଲାର ବିନିମୟରେ ମନ୍ଦିରର ଅମୂଲ୍ୟ ମୂର୍ତ୍ତିମାନ ସାତ ସମୁଦ୍ର ସେପାରିକୁ ଚାଲାଣ କରିଦେଇ ପାରିବାରେ ଆମ ଲୋକଙ୍କର ଦ୍ୱିଧା ନାହିଁ।"


(ଦାସ, ମନୋଜ, ଦୂରଦୂରାନ୍ତର, ପୃଷ୍ଠା-୬)

ଓଡ଼ିଆ ଭ୍ରମଣ ସାହିତ୍ୟର ଅନ୍ୟତମ ସ୍ରଷ୍ଟା ଆର୍ତ୍ତତ୍ରାଣ ମିଶ୍ର ତାଙ୍କର 'ତୁଷାର ତୀର୍ଥ ଅମରନାଥ', 'ଦେବଭୂମି ଦାକ୍ଷିଣାତ୍ୟ', 'ତିନିସାଗର ସଙ୍ଗମ' ଭ୍ରମଣ ବର୍ଣ୍ଣନାଗୁଡ଼ିକରେ ଦେଶର ମହନୀୟ ତୀର୍ଥସ୍ଥାନ, ଦର୍ଶନୀୟ ସ୍ଥାନମାନଙ୍କର ବର୍ଣ୍ଣନା ପ୍ରଦାନ କରିଛନ୍ତି ଧାର୍ମିକ ମର୍ଯ୍ୟାଦା ଓ ସାଂସ୍କୃତିକ ପରିସର ମଧ୍ୟ ଦେଇ।

## ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ

ଭୌଗୋଳିକ ସ୍ଥିତିଭେଦରେ ପ୍ରତ୍ୟେକ ଦେଶର ଶିକ୍ଷା ବ୍ୟବସ୍ଥା ଧାର୍ମିକ ଭାବନା ପରସ୍ପରଠାରୁ ପୃଥକ ଅଟେ। ଭାରତର ଆଞ୍ଚଳିକ ଭେଦରେ ମଧ୍ୟ ଧାର୍ମିକ ଭାବନାର ତଫାତ୍ ନେଇ ବହୁ ଦେବଦେବୀ ମନ୍ଦିରର ପୂଜାପଦ୍ଧତି, ସଂସ୍କାର ପରସ୍ପରଠାରୁ ଭିନ୍ନ ଅଟେ। ସାଧାରଣ ମଣିଷଠାରୁ ଆରମ୍ଭକରି ଗବେଷକ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଗର ଲୋକମାନଙ୍କ ମଧ୍ୟରେ ଥିବା ଦୃଷ୍ଟିଭଙ୍ଗୀର ଭିନ୍ନତା ସତ୍ତ୍ୱେ ପ୍ରତ୍ୟେକ ଭ୍ରମଣକାରୀ ମଧ୍ୟରେ ଥିବା ସୂକ୍ଷ୍ମ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣର ଏକ ଆଲୋକାୟିତ ଦିଗର ପରିଚୟ ମିଳିଥାଏ।

ଭ୍ରମଣ ଯେକୌଣସି ଏକ ସ୍ଥାନକୁ ନେଇ ନୁହେଁ ସେଠାରେ ପ୍ରଚଳିତ ଶିକ୍ଷାବ୍ୟବସ୍ଥା, ଜାଣିବାର ବ୍ୟାପକ କ୍ଷେତ୍ର ପ୍ରସ୍ତୁତ କରିଛି। ବିଶେଷତଃ ଶିକ୍ଷାବିତ୍‌ମାନଙ୍କର ବିଦେଶ ଯାଇ ଶିକ୍ଷାପ୍ରାପ୍ତ ଏବଂ ଅନେକ ବରିଷ୍ଠ ବ୍ୟକ୍ତିବିଶେଷଙ୍କର ଭ୍ରମଣ ଯୋଗୁ ଶିକ୍ଷା ଓ ଧର୍ମର ଏକ ସୁପରିକଳ୍ପିତ ଚିତ୍ର ଦେଖିବାକୁ ମିଳିଥାଏ।




ପ୍ରତିଭା ରାୟ 'ମୈତ୍ରୀପାଦପର ଶାଖାପ୍ରଶାଖା'ରେ ମଣିଷର ପରିପୂର୍ଣ୍ଣ ବ୍ୟକ୍ତି ଭାବରେ ବଞ୍ଚିରହିବା ଜୀବନର ଲକ୍ଷ୍ୟ ଓ ଏହା କିପରି ବଳବତ୍ତର ହେବା ଉଚିତ ତା' ସହିତ ଭାରତୀୟ ଶିକ୍ଷା ବ୍ୟବସ୍ଥା ଓ ଋଷ୍ ଦେଶର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ସାମ୍ୟ ବୈଷମ୍ୟକୁ ଦର୍ଶାଇଛନ୍ତି।

'ଅପରାଧୀର ସ୍ୱେଦ' ଭ୍ରମଣ ବୃତ୍ତାନ୍ତରେ ଲେଖିକା କ୍ୟାଥଲିକ ଓ ନ୍ୟାସନାଲ ସ୍କୁଲରେ ଯିଶୁଖ୍ରୀଷ୍ଟ ଓ ଇଂରେଜମାନଙ୍କର ବଡ଼ପଣକୁ ପୂଜା କରିବାର ପଦ୍ଧତିକୁ ବର୍ଣ୍ଣନା କରିବା ସହ ପୂର୍ବେ ନାରୀମାନଙ୍କୁ ଶିକ୍ଷାକ୍ଷେତ୍ରରେ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଯେଉଁ ବର୍ଣ୍ଣନା ପ୍ରଦାନ କରିଛନ୍ତି ତାହା ଅଷ୍ଟ୍ରେଲିଆ ଓ ଋଷର ଶିକ୍ଷା ବ୍ୟବସ୍ଥାର ଏକ ସମ୍ୟକ୍ ବିବରଣୀ ଅଟେ।

ଓଡ଼ିଆ ଭ୍ରମଣପୁସ୍ତକ ଗ୍ରନ୍ଥମାନଙ୍କ ମଧ୍ୟରେ ଗଣେଶ୍ୱର ମିଶ୍ରଙ୍କ 'କ୍ୟାଣ୍ଟରବରୀ କାହାଣୀ', ଭୁବନେଶ୍ୱର ବେହେରାଙ୍କ 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି', ପ୍ରାଣକୃଷ୍ଣ ପରିଜାଙ୍କ 'କେମ୍ବ୍ରିଜ ଅଧିବାସୀ', ଶ୍ରଦ୍ଧାକର ସୂପକାରଙ୍କ 'ଆମେରିକା ଅନୁଭୂତି' ପ୍ରଭୃତି ଶିକ୍ଷାଧର୍ମୀ ଭ୍ରମଣ ବୃତ୍ତାନ୍ତ ଅଟେ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭ୍ରମଣବୃତ୍ତାନ୍ତଗୁଡ଼ିକ ଏତଦ୍‌ଭିନ୍ନ ସାହିତ୍ୟର, ସମାଜର, ସଂସ୍କୃତିର ବହୁ ଦିଗକୁ ଉନ୍ମୋଚିତ କରିଛି, ଯାହାର ପରିସର ବିସ୍ତୃତି ମଧ୍ୟରୁ ମୋର ଏ ଏକ ସୂକ୍ଷ୍ମ ଆଲୋଚିତ ନିବନ୍ଧ ଅଟେ।

□□

ଲେଖିକାଙ୍କ ଇ-ମେଲ ଠିକଣା:
jyotipmohanty@gmail.com



ଅନୁଭୂତି

# ଚମ୍ବଲ୍ ଡକାୟତଙ୍କ ଜଗନ୍ନାଥ ଦର୍ଶନ

**ସନ୍ତୋଷ କୁମାର ପଟ୍ଟନାୟକ**

୧୯୮୨ ମସିହା ମେ ମାସର ବୋଧହୁଏ ଶେଷ ସପ୍ତାହ। ପୁରୀ ଜିଲ୍ଲା ପୁଲିସ ହେଡ୍‌କ୍ୱାର୍ଟର୍ସକୁ ଗୋଟିଏ ଅତି କ୍ଷୁଦ୍ର ଅଥଚ ଚମକପ୍ରଦ ବେତାର ବାର୍ତ୍ତା ପହଞ୍ଚିଥିଲା। ବାର୍ତ୍ତାଟି ସଂକ୍ଷିପ୍ତ କିନ୍ତୁ ଅତୀବ ଗୁରୁତ୍ୱପୂର୍ଣ୍ଣ ଥିଲା। ମଧ୍ୟପ୍ରଦେଶ ପୁଲିସ ମୁଖ୍ୟାଳୟରୁ ଏହି ବାର୍ତ୍ତାରେ ସୂଚାଇ ଦିଆଯାଇଥିଲା ଯେ, ଜଣେ ଅତି ଦୁର୍ଦ୍ଦାନ୍ତ ଚମ୍ବଲ ଡକାୟତ ଜୁନ ମାସ (୧୯୮୨) ମସିହାରେ ମଧ୍ୟପ୍ରଦେଶର ଶାସନ ମୁଖ୍ୟ ଅର୍ଜୁନ ସିଂଙ୍କ ପାଖରେ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି।ଏହି ଆତ୍ମସମର୍ପଣ ଆଗରୁ ପୁରୀ ଆସି ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ନିଜକୃତ ପାପ ମାର୍ଜ୍ଜନୀ ନିମନ୍ତେ ପ୍ରାର୍ଥନା କରିବେ।



ଏ ସମ୍ବନ୍ଧରେ ଗୁପ୍ତ ଅନୁସନ୍ଧାନ କରି ତଥ୍ୟ ଯଦି ସତ୍ୟ ହୁଏ, ତାଙ୍କୁ ଜଣାଇବା ପାଇଁ ଅନୁରୋଧ କରୁଥିଲେ। ଜଣେ ଅତି ଦକ୍ଷ ଓ ଅଭିଜ୍ଞତାସମ୍ପନ୍ନ ଡି.ଏସ୍.ପି.ଙ୍କ ନେତୃତ୍ୱରେ ଆମେ କେତେ ଜଣ ଅଫିସର ଓ କନେଷ୍ଟବଳ ସେବେ ଏହି କାମ ପାଇଁ ନିୟୋଜିତ ହୋଇଥିଲୁ। ଶ୍ରୀମନ୍ଦିରରେ ନିୟୋଜିତ କେତେଜଣ ପଣ୍ଡା ଓ ସେବକ ପୁଲିସ ପାଇଁ ଦରକାର ବେଳେ ବିଶ୍ୱାସଯୋଗ୍ୟ ତଥ୍ୟ ପ୍ରଦାନ କରୁଥିଲେ। କିନ୍ତୁ ତାହା କେବଳ ପକେଟମାର ସ୍ତ୍ରୀ ଲୋକଙ୍କର ବେକରୁ ଚେନ୍ ଛିଡାଉଥିବା ଅପରାଧୀଙ୍କ ସମ୍ବନ୍ଧରେ।

ତା' ଛଡା ଅନ୍ୟ କେତେଜଣ ସେବକ ମଧ୍ୟ ଶ୍ରୀମନ୍ଦିରରେ ଥାଆନ୍ତି। ସେମାନେ ଓଡ଼ିଶାରୁ ବାହାରର ବିଭିନ୍ନ ରାଜ୍ୟ ଗସ୍ତ କରି ଲୋକମାନଙ୍କୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରାଇବା ପାଇଁ ସାଙ୍ଗରେ ଆଣନ୍ତି। ଅଳ୍ପ ଖର୍ଚ୍ଚରେ ସେମାନଙ୍କ ଯିବା ଆସିବା ଛାଡି, ପୁରୀ ସହରରେ ଧର୍ମଶାଳାରେ ରଖିବା, ଖାଇବା ତଥା ବଡ ଦେଉଳରେ ବିଭିନ୍ନ ଦେବଦେବୀଙ୍କୁ ଦର୍ଶନ କରାଇଦେବା ତାଙ୍କର ମୁଖ୍ୟ କାମ। ସେମାନଙ୍କୁ ପୁରୀ ଭାଷାରେ ଧୂଳିଆ ଗୁମାସ୍ତା ବୋଲି କୁହାଯାଏ।

**ଗୁପ୍ତ ବୈଠକ**

ଏହି ଚମ୍ବଲ ଡକାୟତର ସମ୍ଭାବ୍ୟ ପୁରୀ ସହର ଗସ୍ତ ତଥା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ସମ୍ବନ୍ଧୀୟ ଅନୁସନ୍ଧାନ ପାଇଁ ଡି.ଏସ୍.ପି. ଆମେ ତିନି ଜଣ ଅଫିସର ଓ ଅନ୍ୟ ଚାରିଜଣକୁ ନେଇ ଏକ ଗୁପ୍ତ ବୈଠକ କରିଥିଲେ। ଉପସ୍ଥିତ ସମସ୍ତ ଅଫିସରମାନଙ୍କ ମଧ୍ୟରେ ମୁଁ ସବୁଠାରୁ କନିଷ୍ଠ ଥିଲି। ୧୯୮୨ ମସିହା ଫେବୃୟାରୀ ମାସରେ ମୋର ପ୍ରଶିକ୍ଷଣ ସମାପ୍ତ ହେବା ପରେ ପୁରୀ ଜିଲ୍ଲାରେ ପୋଷ୍ଟିଙ୍ଗ ହୋଇଥିଲା। ଚମ୍ବଲର ଡକାୟତ ପୁଣି ପୁରୀ ସହରରେ ? ସେ ସମ୍ବନ୍ଧରେ କ'ଣ କିପରି ତଥ୍ୟ ସଂଗ୍ରହ କରାଯିବ, ଜାଣିବାକୁ ନୂଆ ଚାକିରି ହେତୁ ମୁଁ ବହୁତ ଉତ୍ସାହିତ ଥିଲି। ଡି.ଏସ୍.ପି. ଏହି ସମ୍ବନ୍ଧରେ ତଥା ଚମ୍ବଲ ଡକାୟତର ସମ୍ଭାବିତ ପୁରୀ ସହର ଗସ୍ତ ବିଷୟରେ ଆମକୁ ବିସ୍ତୃତ ଭାବରେ ବୁଝାଇଲେ, ମୁଁ କ୍ରମେ ସ୍ପଷ୍ଟ ଜାଣିପାରିଲି ଯେ, ମୁଁ ଏ କାମଟିକୁ ଯେତେ ସରଳ ଭାବୁଥିଲି ତାହା ସେତେ ସହଜ ନୁହେଁ।

ପ୍ରଥମତଃ କେଉଁ ଡକାୟତ ଚମ୍ବଲରୁ ଆସି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେ ସମ୍ବନ୍ଧରେ ଖବର ସମ୍ପୂର୍ଣ୍ଣ ତଥ୍ୟଭିତ୍ତିକ ନ ଥିଲା, ଦ୍ୱିତୀୟତଃ କେଉଁ ତାରିଖ କିମ୍ବା ସପ୍ତାହରେ ସେ ଆସିବାର ସମ୍ଭାବନା ଅଛି ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ ନ ଥିଲା। ଡି.ଏସ୍.ପି. ସାର ନିମ୍ନ ପ୍ରକାରରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆମକୁ ବୁଝାଇଥିଲେ। ସେ

ସମୟରେ ସେଲ୍ ଫୋନ୍ କିମ୍ବା ଏସ୍.ଟି.ଡି. ମଧ୍ୟ ନ ଥିଲା। ରାଜ୍ୟ ରାଜ୍ୟ ଭିତରେ କୌଣସି ପ୍ରକାରର ଜରୁରୀ ସୂଚନା କେବଳ ବେତାରରେ ଏଚ୍.ଏଫ.(ହାଇ ଫ୍ରିକ୍ୱେନ୍ସି) ମାଧ୍ୟମରେ ହେଉଥିଲା। ସେ ସମ୍ବନ୍ଧରେ ଯାହା କିଛି ଅଧିକ ଖବର ସଂଗ୍ରହ କରୁଥିଲେ ଜଣାଇବା ଆଗରୁ ଗୋପନ ରଖିବାକୁ ଆମକୁ ତାଗିଦ୍ କରୁଥିଲେ। ସେ କହିଥିଲେ "ଯାହା କିଛି ଖବର ମୋ ପାଖରେ ଅଛି ତୁମମାନଙ୍କୁ ଜଣାଇ ଦେଉଛି, ଆସନ୍ତା ଜୁନ୍ ମାସରେ ଅନେକ ଡକାୟତ ମଧ୍ୟପ୍ରଦେଶ ସରକାରଙ୍କ ପାଖରେ ଆତ୍ମସମର୍ପଣ କରିବେ। ସେମାନଙ୍କ ମଧ୍ୟରୁ ଖୁବ୍ ସମ୍ଭବ ଦୁଇଜଣ ଯାହାଙ୍କ ନାଁ ବଳବନ୍ତ ସିଂ ତୋମାର ଓ ମାଲଖାନ୍ ସିଂ ହେଉଛି ଅନ୍ୟତମ। ଏ ଦୁଇ ଜଣ ଡକାୟତ ସବୁଠାରୁ ଅଧିକ ଦୁର୍ଦ୍ଦାନ୍ତ ଓ ଭୟଙ୍କର। ଯେହେତୁ ସେମାନେ ଆତ୍ମସମର୍ପଣ ଆଗରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଯିବେ, ଆମକୁ ସତର୍କ ରହିବାକୁ ପଡିବ। ସେମାନଙ୍କ ପାଖରେ ଅତ୍ୟାଧୁନିକ ମାରଣାସ୍ତ୍ର ଥିବାର ବହୁତ ସମ୍ଭାବନା। ଏମାନଙ୍କ ମଧ୍ୟରୁ ବଳୱନ୍ତ ସିଂ ତୋମାରଙ୍କ ଚେହେରା ସାଧାରଣ ଓ ମାଲଖାନ୍ ସିଂଙ୍କର ଉଚ୍ଚତା ପ୍ରାୟ ଛଅ ଫୁଟ। ଉଲ୍ଲେଖଯୋଗ୍ୟ ହେଉଛି ତାଙ୍କର ଅନ୍ତର୍ଭେଦୀ ଦୃଷ୍ଟି ଓ ହ୍ୟାଣ୍ଡଲବାର ନିଶ। ତାଙ୍କ ନାମରେ ପ୍ରାୟ ୧୦୦ଟି ହତ୍ୟା, ଅପହରଣ ଓ ଡକାୟତ ମକଦ୍ଦମା ହୋଇ ସାରିଛି।

**ଏ ଦୁଇ ଜଣ ଡକାୟତ ସବୁଠାରୁ ଅଧିକ ଦୁର୍ଦ୍ଦାନ୍ତ ଓ ଭୟଙ୍କର। ଯେହେତୁ ସେମାନେ ଆତ୍ମସମର୍ପଣ ଆଗରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଯିବେ, ଆମକୁ ସତର୍କ ରହିବାକୁ ପଡିବ।**

ଓଡ଼ିଆରେ କହିଲେ, ସେ ନିଶ ଗାଲ ପର୍ଯ୍ୟନ୍ତ ବଢ଼ି କାନତଳ ପର୍ଯ୍ୟନ୍ତ ବଢ଼ିଯାଇଥାଏ। ଆଉ ଗୋଟିଏ କଥା, ସେ ଡକାୟତ ଯଦି ଆସନ୍ତି, ତା'ହେଲେ ତାଙ୍କ ପାଇଁ ପୁରୀ ଠାରୁ ନୂଆଦିଲ୍ଲୀ ଯାଉଥିବା ଉତ୍କଳ ଏକ୍ସପ୍ରେସ ଟ୍ରେନ୍‌ଟି ବହୁତ ସୁବିଧାଜନକ। କାରଣ ଏହା ନୂଆଦିଲ୍ଲୀରୁ ପୁରୀ ଆସିବା ବେଳେ, ଚମ୍ବଲ ଭିତରେ ପଶି ଆସେ। ଚମ୍ବଲ ଇଲାକାକୁ ଲାଗିଥିବା ଗୋଆଲିୟର ଷ୍ଟେସନରେ ବେଶ୍ କିଛି ସମୟ ରହେ। ଅନ୍ୟାନ୍ୟ ରାସ୍ତା ଅପେକ୍ଷା ଉତ୍କଳ ଏକ୍ସପ୍ରେସ ଟ୍ରେନ୍‌ରେ ସେମାନେ ଆସିବାର ସମ୍ଭାବନା ଟିକେ ବେଶି। ଏହା ସିଧାସଳଖ ଚମ୍ବଲ ଅଞ୍ଚଳରୁ ପୁରୀ ସହିତ ସଂଯୁକ୍ତ। ଆମକୁ ଷ୍ଟେସନ୍‌କୁ ଯାଇ ଉତ୍କଳ ଏକ୍ସପ୍ରେସର ଯାତ୍ରୀମାନଙ୍କୁ ଆଣୁଥିବା ଧୂଳିଆ ଗୁମାସ୍ତାମାନଙ୍କୁ ବିଶ୍ୱାସକୁ ନେଇ ଏ ସମ୍ବନ୍ଧରେ ଖବର ସଂଗ୍ରହ କରିବାକୁ ହେବ। ଏହାଛଡା ଲଜିଂ ଓ ଧର୍ମଶାଳାଗୁଡିକରୁ ମଧ୍ୟ ଖବର ସଂଗ୍ରହ କରିବାକୁ ଆମକୁ କୁହାଯାଇଥିଲା। ପୁରୀ ବସ୍‌ଷ୍ଟାଣ୍ଡ ଓ ରେଲୱେ ଷ୍ଟେସନ ପ୍ରତି ଜଣେ ଜଣେ ଅଫିସର ଓ ଦୁଇ ଜଣ କନେଷ୍ଟବଳଙ୍କୁ ଦାୟିତ୍ୱ ଦିଆଗଲା। ପୁରୀ ସହରର ପ୍ରତ୍ୟେକ ଲଜିଂ ଓ ଧର୍ମଶାଳାକୁ ଯାଞ୍ଚ କରିବା ପାଇଁ ଦୁଇଜଣ ଅଫିସର୍ ଓ ଚାରିଜଣ କନେଷ୍ଟବଳଙ୍କୁ ନିଯୁକ୍ତ କରାଯାଇଥିଲା। ଏସବୁ କାମ ଆମେ ସାଦା ପୋଷାକରେ କରୁଥିଲୁ।

**ଅତି କଷ୍ଟକର**

ଏହି କାମଟି ଆରମ୍ଭରୁ ଆମକୁ ଯେତେ ସହଜ ମନେ ହେଉଥିଲା ପ୍ରକୃତରେ ଦିନ ପରେ ଦିନ ଗଡି ଗଲା ପରେ ଅତି କଷ୍ଟକର ମନେ ହେଉଥିଲା। ସବୁଦିନ ପୁରୀ ସହରକୁ ବସ୍ ଓ ଟ୍ରେନ୍‌ରେ ହଜାର ହଜାର ଯାତ୍ରୀ ଆସନ୍ତି ଓ ଯାଆନ୍ତି, ତା' ଭିତରେ ଏପରି ଜଣେ ଡକାୟତ ପୁରୀ ଆସିବା ଓ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଚାଲିଯିବା ସମ୍ବନ୍ଧରେ ସଠିକ୍ ଖବର ନେବା ଏକ ପ୍ରକାରର ଅସମ୍ଭବ ମନେ ହେଉଥିଲା। ଯା ମଧ୍ୟରେ ଆମେ ପ୍ରାୟ ଶତାଧିକ ଧୂଳିଆ ଗୁମାସ୍ତା ଓ ଯାତ୍ରୀ ଗୁମାସ୍ତାଙ୍କୁ ପଚରାଉଚରା କରିସାରିଥିଲୁ। ପୁରୀର ରେଲୱେ ଷ୍ଟେସନରେ ଅନୁସନ୍ଧାନ ଓ ଖବର ସଂଗ୍ରହ ଦାୟିତ୍ୱରେ ମୁଁ ଥିଲି। ପାଞ୍ଚ, ଛଅ ଦିନ ବିତିଯାଇ ଜୁନ୍ ମାସ ଆରମ୍ଭ ହେବାକୁ ଯାଉଥିଲା। କୌଣସି ଖବର ନ ଥିଲା। ସବୁଦିନ ପରି ଆମେ ଡି.ଏସ୍.ପି. ସାହେବଙ୍କ ଅଫିସରେ ଦିନ ଦଶଟା ସମୟରେ ପହଞ୍ଚି ତାଙ୍କୁ ସଂଗୃହୀତ ଖବର ସମ୍ପର୍କରେ ଜଣାଉଥିଲୁ। ସେଦିନ ବୋଧହୁଏ ମେ ମାସର ଶେଷ ତାରିଖ ଥିଲା। ଆମମାନଙ୍କଠାରୁ କୌଣସି ବିଶେଷ ଖବର ନ ପାଇ ଡି.ଏସ୍.ପି. ଚିନ୍ତିତ ଦେଖାଯାଉଥିଲେ। ତାଙ୍କ ଅଫିସରେ ଲାଗିଥିବା ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରକୁ ଯୋଡ଼ହସ୍ତରେ ପ୍ରଣାମ ଜଣାଇ ଆଗକୁ କହିଲେ, "ଆଜି ମେ ମାସର ଶେଷ ତାରିଖ କାଲିଠାରୁ ଜୁନ୍ ମାସ ଆରମ୍ଭ ହୋଇଯିବ, ଯଦି କୌଣସି ଡକାୟତ ବଡଦେଉଳକୁ ଠାକୁରଙ୍କ ଦର୍ଶନ ପାଇଁ ଆସିଥିବ ତା' ହେଲେ ଆଜି ଜଣାପଡିଯିବ। ନ ହେଲେ ସେ

ଏମିତି ବି ଜୁନ୍ ମାସରେ ଆତ୍ମସମର୍ପଣ କରିବ, ତେଣୁ କାଲିଠାରୁ ଆମେ ତାକୁ ଖୋଜିବା କିମ୍ବା ତା' ସମ୍ବନ୍ଧରେ ଖବର ସଂଗ୍ରହ କରିବା ନିରର୍ଥକ।" ଆମେ ଡି.ଏସ୍.ପି. ସାହେବଙ୍କର କଥାର ଗୁରୁତ୍ୱ ବୁଝିପାରୁଥିଲୁ। କିନ୍ତୁ ନିରୁପାୟ ଥିଲୁ। ଗତ ଏକ ସପ୍ତାହ ହେଲା ଆମେ ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରୁଥିଲୁ। କିନ୍ତୁ ସେ ସମ୍ବନ୍ଧରେ କୌଣସି ଖୋଜ ଖବର ମିଳୁ ନ ଥିଲା। ସେଦିନ ସାରା ଷ୍ଟେସନ ଏରିଆରେ ବୁଲାବୁଲି କରି ଥକ୍କାହୋଇ ସାମନାରେ ଥିବା ଏକ ବରଗଛର ସିମେଣ୍ଟ ଚାନ୍ଦିନୀ ଉପରେ ବସିଛି, ଏତିକିବେଳେ ଜଣେ ଯାତ୍ରୀ ଗୁମାସ୍ତା ଆସି ମତେ ଅଭିବାଦନ କରି ପଚାରିଲେ-, "କ'ଣ ଆଜ୍ଞା କିଛି ଖବର ପାଇଲେ ?"

"ନାଁ ବର୍ତ୍ତମାନ ପର୍ଯ୍ୟନ୍ତ ବି କୌଣସି ଖବର ନାହିଁ।"

"ମୋ ସାଙ୍ଗରେ ଟିକେ ଆସନ୍ତୁ"। ନିମ୍ନ ସ୍ୱରରେ ଏକଥା କହି ତାଙ୍କ ପଛେ ପଛେ ମତେ ଯିବା ପାଇଁ ସଂକେତ ଦେଇଥିଲେ। ଷ୍ଟେସନଠାରୁ କେତେ ଶହ ମିଟର ଦୂର ପରେ ଗୋଟିଏ ଅପେକ୍ଷାକୃତ ନିରୋଳା ସ୍ଥାନରେ ରାସ୍ତା କଡରେ ଠିଆ କରାଇ ପାଖରେ ଥିବା ଗୋଟିଏ ଛୋଟ ଚାହା ଦୋକାନକୁ ଗଲେ। ଫେରିଲାବେଳେ ତାଙ୍କ ସାଙ୍ଗରେ ଜଣେ ବେଶ୍ ହୃଷ୍ଟପୁଷ୍ଟ ଲୋକ ଥିଲେ। ତାକୁ ଦେଖାଇ ମତେ କହିଲେ, "ଆଜ୍ଞା ଏ ହେଉଛି ଶିବ ଖୁଣ୍ଟିଆ, ଇଏ ଉତ୍କଳ ଏକ୍ସପ୍ରେସ୍‌ର ଯାତ୍ରୀମାନଙ୍କୁ ଷ୍ଟେସନରୁ ଶ୍ରୀମନ୍ଦିର ନିଆଅଣା କରେ। ଅନ୍ୟମାନଙ୍କ ସାଙ୍ଗରେ ମିଶି ଧୂଳିଆ ଗୁମାସ୍ତା କାମ କରେ। ଆପଣ କହିଥିବା ବିଷୟରେ ମୁଁ ତା' ସାଙ୍ଗରେ କଥାବାର୍ତ୍ତା କରିଥିଲି। ସେ ବିଷୟରେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ମୁଁ ସେ ଲୋକଟିକୁ ନିରୀକ୍ଷଣ କଲି। ସେ ବୋଧହୁଏ ପୁରୀ ଜାଗା ଘରେ କୁସ୍ତି କସରତ କଲା ପରି ମତେ ମନେ ହେଲା। ବେଶ୍ ମାଂଶପେଶୀ ବହୁଳ ଶକ୍ତ ଶରୀର। ତା'ର ମୁଖଭଙ୍ଗୀ ଦେଖି ମତେ ଲାଗିଲା ଯେ ସେ ଟିକେ ଭୟଭୀତ ହୋଇଯାଇଛି। ମୁଁ ତା'ର ଅତି ନିକଟକୁ ଯାଇ ନରମ ସ୍ୱରରେ ତାକୁ କହିଲି, "ତମେ ଭୟ କରିବାର କୌଣସି କାରଣ ନାହିଁ। ଏ କଥା ତୁମେ ଓ ମୋ ଛଡା ଆଉ କେହି ଜାଣିପାରିବେ ନାହିଁ। ତା'ଛଡା ତୁମର ନାଁ ମୁଁ ଅନ୍ୟ କେଉଁଠି କହିବି ନାହିଁ। ତୁମେ ନିର୍ଭୟରେ ମତେ ସମସ୍ତ କଥା କହିପାର।"


## ଗୋପନ ସମ୍ବାଦଦାତା

ଆମ ସାଙ୍ଗରେ ଜିଲ୍ଲା ଡି.ଆଇ.ଜି.ର ଜଣେ କନେଷ୍ଟବଳ ଥିଲା। ସାଧାରଣତଃ ଅପରାଧ ସମ୍ବନ୍ଧୀୟ କୌଣସି ଗୁରୁତ୍ୱପୂର୍ଣ୍ଣ ଖବର ସଂଗ୍ରହ କରିବାକୁ ହେଲେ ସେହି ସମ୍ବାଦଦାତାକୁ କିଛି ଆର୍ଥିକ ପ୍ରୋତ୍ସାହନର ସରକାରୀ ବ୍ୟବସ୍ଥା ଥାଏ। ମୋ ଇଙ୍ଗିତରେ ସେ ଡି.ଆଇ. କନେଷ୍ଟବଳ କେତୋଟି ନୋଟ ଶିବ ଖୁଣ୍ଟିଆକୁ ଦେଇଥିଲେ। ନୋଟଗୁଡିକୁ ପରଖି, ଗଣି ଅଣ୍ଟିରେ ସୁରକ୍ଷିତ ଭାବରେ ଖୋସି ଶିବ ଖୁଣ୍ଟିଆ ଗୋଟିଏ ଛୋଟିଆ ଦୀର୍ଘ ନିଃଶ୍ୱାସ ନେଇ ତାଙ୍କର ବୟାନ ଆରମ୍ଭ କରିଥିଲେ। ସେ କିଛି କହିବା ଆଗରୁ ମୁଁ ତାଙ୍କୁ ସ୍ପଷ୍ଟ କରିଥିଲି ଯେ, ସେ ଯେତିକି ଜାଣିଛନ୍ତି ତା' ଯଦି ସତ ବୋଲି ଭାବୁଛନ୍ତି ସେତିକି କହିବା ଉଚିତ। କୌଣସି ପ୍ରକାର ମନଗଢ଼ା ବା ଅତିରଞ୍ଜିତ କଥା କହିବା ଉଚିତ ନୁହେଁ। ସେ କହିଥିଲେ, "ନାଇଁ ସାର ମୁଁ ଆଦୌ ମିଛ କହିବି ନାହିଁ, ଯାହା ମୋ ସାଙ୍ଗରେ ହେଇଛି ମୁଁ କେବଳ ସେତିକି କହୁଛି।" ଏତିକି କହି ସେ ନିଜର ବୟାନ ନିମ୍ନଲିଖିତ ମତେ ଦେଇଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ମୁଁ ତାଙ୍କ ବକ୍ତବ୍ୟର ଅବିକଳ ନକଲ ନିମ୍ନରେ ଉଲ୍ଲେଖ କରୁଛି।

"ଆଜ୍ଞା ମୁଁ ଯାତ୍ରୀ ଗୁମାସ୍ତା ଭାବରେ କାମ କରେ। ପୂର୍ବ କାଳରେ ଆମେ ଶ୍ରୀଜଗନ୍ନାଥଙ୍କ ଦର୍ଶନାଭିଳାଷୀମାନଙ୍କ ପାଖକୁ ଯାଇ ଦୂରଦୂରାନ୍ତରୁ ଚାଲି ଚାଲି ଯାଇ ଆଣୁଥିଲୁ। କିନ୍ତୁ ବର୍ତ୍ତମାନ ସବୁ ଆଡକୁ ଟ୍ରେନ ଓ ବସ୍ ଚାଲୁଥିବାରୁ ଲୋକମାନେ ଠାକୁରଙ୍କୁ ସହଜରେ ଦର୍ଶନ କରିପାରୁଛନ୍ତି। ମୁଁ ଓ ଅନ୍ୟ କେତେଜଣ ଯାତ୍ରୀ ଗୁମାସ୍ତା ରେଳ ଷ୍ଟେସନରେ ଯାତ୍ରୀମାନଙ୍କୁ ଡାକି ସାଙ୍ଗରେ ଆଣି ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରାଇଥାଉ। ସେମାନଙ୍କୁ ପୁରୀ ସହରରେ ଧର୍ମଶାଳା ବା ହୋଟେଲରେ ରହିବା ବ୍ୟବସ୍ଥା କରାଇଥାଉ। ସବୁଦିନ ଦିଲ୍ଲୀରୁ ଆସୁଥିବା ଉତ୍କଳ ଏକ୍ସପ୍ରେସ୍‌କୁ ଷ୍ଟେସନରେ ଲାଗିବା ମାତ୍ରେ ଗହଳି ଚହଳି ବଢ଼ିଯାଏ। ଯାତ୍ରୀମାନଙ୍କ ପାଖକୁ ଯାଇ ଧାଁଧପଡ

**ଅପରାଧ ସମ୍ବନ୍ଧୀୟ କୌଣସି ଗୁରୁତ୍ୱପୂର୍ଣ୍ଣ ଖବର ସଂଗ୍ରହ କରିବାକୁ ହେଲେ ସେହି ସମ୍ବାଦଦାତାକୁ କିଛି ଆର୍ଥିକ ପ୍ରୋତ୍ସାହନର ସରକାରୀ ବ୍ୟବସ୍ଥା ଥାଏ।**

କରି ତାଙ୍କୁ ସାଙ୍ଗରେ ଆଣିବାକୁ ଚେଷ୍ଟା କରିଥାଉ । ଏଠି ଆମେ ପ୍ରତ୍ୟେକ ଯାତ୍ରୀ ଗୁମାସ୍ତାମାନେ ଷ୍ଟେସନ ସାମ୍ନାରେ ତିନି ଚାରିଟା ରିକ୍ସା ଯୋଗାଡ କରି ରଖିଥାଉ । ଯାତ୍ରୀମାନଙ୍କୁ ଡକାହକା କରି ରିକ୍ସାରେ ବସାଉ ବସାଉ ଭିଡ ଧୀରେ ଧୀରେ କମିଯାଏ ଓ ଆମେ ଯେ ଯାହାର ଯାତ୍ରୀ ବସିଥିବା ରିକ୍ସାମାନଙ୍କ ସହିତ ବଡଦାଣ୍ଡ ମଧ୍ୟରେ ପ୍ରବେଶ କରୁ । ବେଳେବେଳେ ଯେଉଁଦିନ ଅଧିକ ଭିଡ ଥାଏ, ଯାତ୍ରୀମାନଙ୍କୁ ନିଜ ଅକ୍ତିଆରକୁ ନେବା ପାଇଁ ଆମ ଗୁମାସ୍ତାମାନଙ୍କ ଭିତରେ ମଧ୍ୟ ପାଟିତୁଣ୍ଡ ଓ ସାମାନ୍ୟ ହାତାହାତି ମଧ୍ୟ ହୋଇଯାଇଥାଏ । ତେବେ ଏଇଟା ସେଇ ସମୟ ପାଇଁ, ତା'ର ପର ମୁହୂର୍ତ୍ତରେ ଆମେ ମିଶିଯାଇଥାଉ । ଏବେ ଘଟଣାଟି କହୁଛି । ତାରିଖ ମୋର ସଠିକ୍ ମନେ ନାହିଁ। ପ୍ରାୟ ଦଶବାର ଦିନ ହେବ, ମୁଁ ଯାତ୍ରୀମାନଙ୍କର ଆଗମନ ପାଇଁ ଉତ୍କଳ ଏକ୍ସପ୍ରେସକୁ ଅପେକ୍ଷା କରିଥାଏ । ଆମ ସମସ୍ତଙ୍କ ରିକ୍ସାଗୁଡିକ ଆଗପଛ ହୋଇ ଗୋଟିଏ ଧାଡିରେ ଷ୍ଟେସନ ଆଗରେ ଥାଏ । ମୋ ପାଖରେ ଥିବା ରିକ୍ସା ତୁଳନାରେ ମୋର ଯାତ୍ରୀ ସଂଖ୍ୟା ଅଧିକା ହୋଇଥିବାରୁ, ମୋର ଗୋଟିଏ ରିକ୍ସାରେ ଯାତ୍ରୀମାନଙ୍କୁ ଧର୍ମଶାଳା ପଠାଇ ତୁରନ୍ତ ଷ୍ଟେସନକୁ ଆସି ମୋର ଅନ୍ୟ ଯାତ୍ରୀମାନଙ୍କୁ ନେବାକୁ ମୁଁ ବହୁତ ବ୍ୟସ୍ତ ଥିଲି । ମୋ ରିକ୍ସା ଆଗରେ ଆଉ ଗୋଟିଏ ରିକ୍ସାରେ ଯାତ୍ରୀ ଓ ତାଙ୍କର ସାମାନ୍ ରଖି ସାରିଥିଲେ ମଧ୍ୟ ସେ ମୋ ରିକ୍ସାକୁ ଆଗକୁ ଯିବାକୁ ଦେଉ ନ ଥିଲା । ମୁଁ ରାଗି କି ଦୌଡି ଆସି ସେଇ ଆଗରେ ଥିବା ରିକ୍ସାବାଲାକୁ ଆମ ପୁରୀ ବୋଲିରେ କାହିଁକି ଆଗକୁ ଯାଉନାହୁଁ ବୋଲି ଗାଳି କରି ପଚାରିଥିଲି । ସେ ରିକ୍ସାବାଲା ରିକ୍ସାରେ ବସିଥିବା ଲୋକକୁ ଦେଖାଇ କହିଲା "ପାସେଞ୍ଜର ଅପେକ୍ଷା କରିବାକୁ କହିଛନ୍ତି ।"



**ରିକ୍ସାବାଲାକୁ ଚାପୁଡ଼ା**

ମୁଁ ରାଗରେ ପଚାରିଥିଲି । "କାହିଁକି ଅଟକିଛୁ, ସିଏ କ'ଣ ଇନ୍ଦ୍ର ?" ଏତିକି କହି ଧମକ ଦେଲି ତୁରନ୍ତ ଆଗକୁ ଚାଲ ମୋର ଯାତ୍ରୀମାନେ ବି ପଛ ରିକ୍ସାରେ ଅଛନ୍ତି । ଜଲ୍ଦି ବାଟ ଛାଡ । ସେ ମନେ ଅନାଇ ହାତ ହଲାଇ ମନା କଲା, ମୁଁ ତ କହୁଛି ଆଜ୍ଞା ଏଥର ମୋ ମୁଣ୍ଡକୁ ପିତ୍ତ ଚଢ଼ିଗଲା । ମୁଁ ଆଗକୁ ମାଡିଯାଇ ରିକ୍ସାବାଲାକୁ ଠୋ କରି ଗୋଟିଏ ଚାପୁଡା କଷି ଦେଲି । ଆଜ୍ଞା ତା'ପରେ ଯାହା ଘଟିଲା, ମୁଁ ଜୀବନରେ କେବେ ଭୁଲିପାରିବି ନାହିଁ । ସେ ରିକ୍ସାରେ ମୁଣ୍ଡରୁ ଅଣ୍ଟା ପର୍ଯ୍ୟନ୍ତ ଗୋଟିଏ ଚାଦର ଘୋଡେଇ ହୋଇ ଲୋକଟିଏ ବସିଥିଲା । ମୁଁ ତା' ରିକ୍ସାବାଲାକୁ ଚାପୁଡା ମାରିବା ଦେଖି ସେ ତଳକୁ ଡେଇଁ ପଡିଲା । ମୁଁ ଚାହିଁଥିଲି । ପାଞ୍ଚ ହାତ ମର୍ଦ୍ଦ ଆଜ୍ଞା, ତା'ର ନାକକୁ ଛାଡି ପୂରା ମୁହଁକୁ ଢାଙ୍କିଥିବା ଚାଦରକୁ କାଢ଼ିବାରେ ସେପରି ଭୟଙ୍କର ମୁହଁ ମୁଁ ଆଗରୁ କେବେ ଦେଖି ନ ଥିଲି । ନାକତଳର ମୋଟା ନିଶ ଦୁଇ ପଟକୁ ବଢ଼ି ଗାଲ ପର୍ଯ୍ୟନ୍ତ ଉପରକୁ ମୋଡି ହୋଇଛି । ଆଉ ଆଖି ଦିଟା କଥା କ'ଣ କହିବି ଆଜ୍ଞା, ଯେମିତି ନିଆଁଝୁଲ ଖସୁଛି । ମତେ ଚାହିଁ ହିନ୍ଦୀରେ କ'ଣ କହିଲା ମୁଁ ପୂରା ବୁଝି ପାରିଲି ନାହିଁ । ମୋର ସର୍ବାଙ୍ଗ ଶରୀର ଥରିବାକୁ ଲାଗିଲା । ମୁଁ ଯାହା ବୁଝିଲି ସେ ବୋଧହୁଏ ମତେ କହିଲା "ଏ ପିଲା ! ତୁ ଏ ଗରିବ ଓ ମଜଦୁର ରିକ୍ସାବାଲା ଉପରେ ହାତ ଉଠାଇବାକୁ ସାହସ କଲୁ କେମିତି ? ତୋ ଭାଗ୍ୟ ଭଲ ଯେ, ଏ ସବୁ ମୋ ଆଗରେ ଘଟିଥିଲେ ମଧ୍ୟ ମୁଁ ଚୁପ ହୋଇ ରହିବାକୁ ବାଧ୍ୟ ହେଉଛି ।" ଜଣେ ବାହାର ଲୋକଠାରୁ ଏ କଥା ଶୁଣି ଆମେ (ମୁଁ) ଚୁପ୍ ରହିବା ଲୋକ ନୁହେଁ ଆଜ୍ଞା । ତାକୁ ଠିକ୍ ଜବାବ୍ ଦେବାକୁ ପ୍ରସ୍ତୁତ ହେଲି । କିନ୍ତୁ ତାକୁ ଆଉ ଥରେ ଚାହିଁବା ମାତ୍ରେ ମୋର ତଣ୍ଟି ଶୁଖିଗଲା । କିଛି ଶବ୍ଦ ବାହାରିଲା ନାହିଁ । ମୁଁ ଭୟରେ ସେଠାରୁ ମୋ ଯାତ୍ରୀମାନଙ୍କୁ ଧରି ପଳାଇ ଆସିଥିଲି । ମୁଁ ବିଭିନ୍ନ ପ୍ରକାର ହଜାର ହଜାର ଯାତ୍ରୀଙ୍କୁ ଆଣି ଠାକୁର ଦର୍ଶନ କରାଉଛି କିନ୍ତୁ ଏପରି ଭୟଙ୍କର ମୁହଁ ଓ ଆଖି ମୁଁ ଆଗରୁ କେବେ ଦେଖି ନ ଥିଲି । ଆପଣ ଯାହାକୁ ଖୋଜୁଛନ୍ତି ସେ ହିଁ ନିଶ୍ଚିତ ହୋଇଥିବ ।"

ଶିବ ଖୁଣ୍ଟିଆଙ୍କର ବୟାନକୁ ମୁଁ ବି ଗଭୀର ଭାବରେ ଯତ୍ନର ସହିତ ଲିପିବଦ୍ଧ କରିଥିଲି । ଏତେଦିନ ହେବ କୌଣସି ଖବର ନ ଥିଲା । ବର୍ତ୍ତମାନ ଶିବ ଖୁଣ୍ଟିଆଙ୍କଠାରୁ କିଛି ଖବର ମିଳିବା ପରେ ଆମେ ସାମାନ୍ୟ ଉତ୍ସାହିତ ଥିଲୁ । ଲଜିଂ ଓ ହୋଟେଲର

ଯାଞ୍ଚ ଦାୟିତ୍ୱରେ ଥିବା ଅଫିସରମାନଙ୍କୁ ଖବର ଏବଂ ଶାରୀରିକ ଗଠନ ଏବଂ ନିଶ ଇତ୍ୟାଦିର ବିଶେଷତ୍ୱ ଜଣାଇଥିଲୁ ଏବଂ ଏହାକୁ ଆଖି ଆଗରେ ରଖି ଅଧିକ ଖବର ସଂଗ୍ରହ କରିବାକୁ କୁହାଯାଇଥିଲା।

ଦୁଇଦିନ ପରେ ଏ ସଂକ୍ରାନ୍ତରେ ପୁରୀର ଗୋଟିଏ ଧର୍ମଶାଳାରୁ ଏକ ଚମକପ୍ରଦ ଖବର ମିଳିଥିଲା। ଧର୍ମଶାଳାର ମ୍ୟାନେଜର ବିଜୟ ସିଂ, ଯାହାଙ୍କର ଘର ମଧ୍ୟପ୍ରଦେଶରେ ତାଙ୍କର ବୟାନ ଏ ସମ୍ବନ୍ଧରେ ଲିପିବଦ୍ଧ କରାଯାଇଥିଲା। ତା'ର ସାରାଂଶ ନିମ୍ନମତେ ଥିଲା।

ମୋର ନାମ ବିଜୟ ସିଂ। ମୁଁ ପୁରୀର ମନ୍ଦିର ନିକଟସ୍ଥ ଏହି ଧର୍ମଶାଳାରେ ବିଗତ ପ୍ରାୟ କୋଡିଏ ବର୍ଷ ହେଲା ମ୍ୟାନେଜର ଭାବେ କାମ କରି ଆସୁଛି। ବିଗତ ଦଶ ଦିନ ତଳେ ଉତ୍ତର ଭାରତର ତିନିଜଣ ଲୋକ ଆସି ମତେ ଧର୍ମଶାଳାରେ ଗୋଟିଏ କୋଠରି ଦେବାକୁ ଅନୁରୋଧ କରିଥିଲେ। ଆମେ ପ୍ରାୟ ଦଶଜଣ ଲୋକଙ୍କୁ ଗୋଟିଏ କୋଠରି ଦେଇଥାଉ କିନ୍ତୁ ସେମାନେ ତିନିଜଣ ଆଉ କାହା ସାଙ୍ଗରେ ରହିବାକୁ ଆଦୌ ରାଜି ନ ହେବାରୁ ବାଧ୍ୟ ହୋଇ ମୁଁ ତାଙ୍କୁ ଅପେକ୍ଷାକୃତ ଗୋଟିଏ ଛୋଟ କୋଠରି ଦେଇଥିଲି। ସେମାନେ କେଉଁ ହୋଟେଲରେ ଉତ୍ତର ଭାରତୀୟ ଖାଦ୍ୟ ପାଇବେ ସବୁ ମୁଁ ତାଙ୍କୁ କହିଥିଲି। କିନ୍ତୁ ସେମାନେ ସାଙ୍ଗରେ "ଡିବିରି" କିରାସିନରେ ଜଳୁଥିବା ଚୁଲି ଆଣିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବେଶ୍ ଭଲ ଓ ଏମାନଙ୍କର ନେତା ବା ଗୁରୁଜନ ଭଳି ଜଣାପଡୁଥିଲେ। ସେ ସବୁବେଳେ ନିଜର ମୁହଁ ତଥା ଦେହର ଅଧିକାଂଶ ଅଂଶ ଚାଦରରେ ଘୋଡାଇ ରଖୁଥିଲେ। ସେ କାହା ସାଙ୍ଗରେ କିଛି କଥାବାର୍ତ୍ତା କରୁ ନ ଥିଲେ। ଯେଉଁଦିନ ସେମାନେ ପହଞ୍ଚିଲେ ସେଦିନ ମଧ୍ୟାହ୍ନରେ ଚୁଲି ଲଗାଇ ରୁଟି ପ୍ରସ୍ତୁତ କରୁଥିଲେ। ଦୁଇ ହାତରେ ପିଟି ରୁଟି କରି ତାକୁ ପିତ୍ତଳ ବେଲାରେ ଥିବା ଗରମ ଘିଅରେ ବୁଡାଇ ତାଙ୍କ ନେତାକୁ ଦେଉଥିଲେ। ଆଳୁ, ବାଇଗଣ ଛୁଙ୍କ ସହିତ ଶୁଦ୍ଧ ଘିଅର ଏତେ ବାସ୍ନା କେଉଁଠୁ ଆସୁଛି ବୋଲି ମୁଁ ଯାଇ ତାଙ୍କ କୋଠରି ଦ୍ୱାରରେ ପହଞ୍ଚିଥିଲି।

**ଦୁଇଦିନ ପରେ ଏ ସଂକ୍ରାନ୍ତରେ ପୁରୀର ଗୋଟିଏ ଧର୍ମଶାଳାରୁ ଏକ ଚମକପ୍ରଦ ଖବର ମିଳିଥିଲା। ଧର୍ମଶାଳାର ମ୍ୟାନେଜରଙ୍କର ବୟାନ ଏ ସମ୍ବନ୍ଧରେ ଲିପିବଦ୍ଧ କରାଯାଇଥିଲା।**

ରୁଟି ଖାଉଥିବା ଲୋକର ଅନାବୃତ ମୁହଁକୁ ପ୍ରଥମ ଥର ପାଇଁ ଦେଖିଲି। ତା'ର ଜଳନ୍ତା ଆଖି ଓ ବାଘପରି ମୁହଁ ଦେଖି ମତେ ଛାନିଆ ଲାଗିଥିଲା। ମୋର ମାମୁଘର ଗୋଆଲିୟର। ସେଠିକି ବୁଲି ଗଲାବେଳେ ମୁଁ ଦେଖିଲି ଚମ୍ବଲ ଡକାୟତଙ୍କ ନେତାମାନେ କାଳେ ଏପରି ନିଶ ରଖନ୍ତି।

**ମଧ୍ୟପ୍ରଦେଶକୁ ବାର୍ତ୍ତା**

ଏହା ଜାଣିବା ପରେ ଆମେ ମଧ୍ୟପ୍ରଦେଶ ପୁଲିସକୁ ନିମ୍ନମତେ ଗୋଟିଏ କ୍ଷୁଦ୍ର ଓ ତଥ୍ୟଭିତ୍ତିକ ବେତାର ବାର୍ତ୍ତା ପଠାଇଥିଲୁ। "ଆପଣଙ୍କ ଚିଠି ଅନୁସାରେ ପୁରୀ ସହରକୁ ଚମ୍ବଲ ଡକାୟତ ଆସିଛନ୍ତି କି ନାହିଁ, ସେ ସମ୍ବନ୍ଧରେ ବିଶେଷ ଅନୁସନ୍ଧାନ କରାଗଲା। ବିଶେଷ ଯାଞ୍ଚରୁ ଜଣାଗଲା ସମ୍ଭବତଃ ଜଣେ ଚମ୍ବଲ ଡକାୟତ ତାଙ୍କର ଦୁଇଜଣ ସାଥୀଙ୍କ ସହ ପ୍ରାୟ ଦଶ, ଏଗାର ଦିନ ଆଗରୁ ପୁରୀ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଫେରିଯାଇଛନ୍ତି। ସମ୍ଭବତଃ ସେମାନେ ଆତ୍ମସମର୍ପଣ କରିପାରନ୍ତି।" (ବାର୍ତ୍ତା ସମାପ୍ତ)

ଏ ଚିଠି ଯିବାର ପ୍ରାୟ ଦୁଇ ସପ୍ତାହ ପରେ ମଧ୍ୟପ୍ରଦେଶ ପୁଲିସଠାରୁ ଚିଠି ଆସିଥିଲା, "ଗତ ଜୁନ୍ ୧୫ ତାରିଖରେ ଡକାୟତଙ୍କ ନେତା ମାଲଖାନ ସିଂ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂଙ୍କ ସମ୍ମୁଖରେ ପ୍ରାୟ ତିରିଶ ହଜାର ଲୋକଙ୍କ ଉପସ୍ଥିତିରେ ନିଜର ସାଥୀମାନଙ୍କ ସହିତ ଆତ୍ମସମର୍ପଣ କରିଛନ୍ତି। ଆମ ଅନୁରୋଧରେ ଯାଞ୍ଚ କରିଥିବାରୁ ଧନ୍ୟବାଦ। ଏହା ସହିତ ଗୋଟିଏ ହିନ୍ଦୀ ସମ୍ବାଦରେ ପ୍ରକାଶିତ ଫଟୋଚିତ୍ର ମଧ୍ୟ ପଠାଇଥିଲେ। କୌତୂହଳବଶତଃ ଆମେ ଶିବ ଖୁଣ୍ଟିଆଙ୍କୁ ସେ ସମ୍ବାଦପତ୍ରରେ ପ୍ରକାଶିତ ଡକାୟତଙ୍କ ଫଟୋଚିତ୍ର ଦେଖାଇଥିଲୁ। ଫଟୋ ବେଶ୍ ସ୍ପଷ୍ଟ ଥିଲା। ଶିବ ଖୁଣ୍ଟିଆ ସେ ଫଟୋ ଦେଖି ହତବମ୍ବ ହୋଇ କହିଲେ ଇଏ ସେଇ ତ ଆଜ୍ଞା, ଯାର ଫଟୋ କେମିତି ଉଠିଲା। ମୁଁ କିଛି କହିବା ଆଗରୁ ଆମର ଡି.ଆଇ. ଷ୍ଟାଫ କହିଥିଲେ "ସରେଣ୍ଡର"।

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com


**ଗଳ୍ପ**

# ପୂଜା



ବିମଳ କୁମାର ରାଉଳ

ମଧ୍ୟାହ୍ନ ଭୋଜନର ବିରତି। ବିଦ୍ୟାଳୟ ବାରଣ୍ଡାରେ ପିଲାମାନେ ବୁଲାବୁଲି କରୁଛନ୍ତି। ଆଉ କିଛି ଶ୍ରେଣୀ କୋଠରିରେ ଗପସପରେ ମାତିଛନ୍ତି। କୋଠରିର ସବା ଶେଷ ଧାଡ଼ି। ଗଣିତ ବହି ବାହାର କରି ମହେଶ କିଛି ଲେଖାଲେଖି କରୁଛି। ଏତିକିବେଳେ ବେତଟିଏ ଧରି ପଶି ଆସିଲେ ପ୍ରଧାନଶିକ୍ଷକ ଚୌଧୁରୀ ସାର୍। ସାର୍‌ଙ୍କୁ ଦେଖି ପିଲାମାନେ ନିରବ ହୋଇଗଲେ। ବେଞ୍ଚ୍ ଉପରେ ବାଡ଼ିଟାକୁ ଜୋରରେ ବାଡେଇ ଚୌଧୁରୀ ସାର୍ ନିଜ ଉପସ୍ଥିତି ଜାହିର କରି କହିଲେ, 'ହେଇରେ ମହିଆ, ସେଠି ବସି କ'ଣ କରୁଚୁ? ଭାରି ପାଠୁଆଟା, ସବୁ ତାଡ଼ି ପକେଇବ। ତୋତେ କ'ଣ କହିଥିଲି??'



ମହେଶ ତଳକୁ ମୁହଁ କରି ଛିଡ଼ା ହୋଇଥାଏ।

ପୁଣି ପ୍ରଧାନଶିକ୍ଷକ ଗର୍ଜି ଉଠିଲେ, 'ତୋ ଚଉଦ ପୁରୁଷରେ କେହି ପାଠ ପଢ଼ିଛି ବେ। ତମେ ଯଦି ପାଠ ପଢ଼ିବ, ମୂଲ ଲାଗିବ କିଏ? ତୋତେ ବା କହିଥିଲି ଅଫିସ ଆଗରେ ସେ ଅଳିଆଗୁଡ଼ାକ ନେଇ ବାହାରେ ଫିଙ୍ଗି ଦେବୁ ବୋଲି।'

'ସାର୍ ! ଏଇନେ ପକେଇ ଦେଇ ଆସୁଛି।' ଏତିକି କହି ମହେଶ କୋଠରିରୁ ବାହାରକୁ ଯାଉଥିଲା। ଚୌଧୁରୀ ସାର୍ ତା' ପଛପଟକୁ ଜୋରରେ ଛାଟେ ଦେଲେ। ମହେଶ ମାଆ ଲୋ କହି ଏକା ନିଃଶ୍ୱାସରେ ଦୌଡ଼ିଲା।

ମହେଶ ପାଇଁ ଏହା କିଛି ନୂଆ କଥା ନୁହଁ। ପ୍ରଧାନଶିକ୍ଷକ ନିଇତି ଏମିତି କିଛି ନା' କିଛି ସ୍କୁଲ କାମ କରାନ୍ତି। ବିଳମ୍ବ ହେଲେ ଜାତି ଗୋତ୍ର ଉଠାଇ ଗାଳିଗୁଲଜ କରନ୍ତି। ମହେଶ ଏସବୁ କଥା ଘରେ କିଛି ଜଣାଏ ନାହିଁ। କାରଣ ତା' ବାଆ ଠିକ୍ ସମୟରେ ସ୍କୁଲ ଫି' ଦେଇପାରନ୍ତି ନାହିଁ। ଚୌଧୁରୀ ସାର୍ ଭାରି ବିରକ୍ତ ହୁଅନ୍ତି, ମାଡ଼ ବି ମାରନ୍ତି। ମହେଶ ସବୁ ସହିଯାଇ ନିଜ ପାଠ ପଢ଼ାରେ ମନଦିଏ।


ମହେଶର ବାଆ ଘନଶ୍ୟାମ (ଘନ) ମୁଖୀ ଦିନମଜୁରିଆ। ମାଆ ଲକ୍ଷ୍ମୀ ପର ଘରେ ପାଇଟି କରେ। ସାନ ଭାଇ ଭରତ, ଗାଁର ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢୁଛି। ମହେଶ ବି ସେହି ସ୍କୁଲରେ ପଞ୍ଚମ ଶ୍ରେଣୀ ଯାଏ ପଢ଼ିଛି। ସେ ଭଲ ପଢ଼େ। ଷଷ୍ଠ ଶ୍ରେଣୀ ବେଳକୁ ତା' ବାଆ ପାଖ ଗାଁର ଏକ ଘରୋଇ ଓଡ଼ିଆ ସ୍କୁଲରେ ନାଁ ଲେଖାଇ ଦେଇଛନ୍ତି। ଘନର ଇଚ୍ଛା, 'ପିଲାଟା ଭଲ ପଢୁଛି, ଯେତେ କଷ୍ଟ ହେଲେ ବି ତାକୁ ପଢ଼ାଇବି। ଗାଁରେ ବଡ଼ ସ୍କୁଲ ଥିଲେ ଦୂରକୁ ଛାଡ଼ି ନ ଥାନ୍ତି। ଈଶ୍ୱର ତାକୁ ଆଶୀର୍ବାଦ କରନ୍ତୁ। ସେ ଆହୁରି ଭଲ ପଢୁ।' କିନ୍ତୁ ଘରୋଇ ସ୍କୁଲରେ ତ ଖାଲି ନାଁ ଲେଖେଇ ଦେଲେ ହେବନି, ସେମାନଙ୍କ ଖର୍ଚ୍ଚ ଭରଣ କରି ପାରିଲେ ସିନା ହେବ। ସ୍କୁଲର ପ୍ରଧାନଶିକ୍ଷକ ଦିଗାମ୍ବର ଚୌଧୁରୀ, ଗରିବ ମଳିମୁଣ୍ଡିଆଙ୍କ ପ୍ରତି ଭାରି ନିଷ୍ଠୁର। ଠିକ୍ ସମୟରେ ମାସିକ ସ୍କୁଲ ଫି' କିମ୍ବା ଅନ୍ୟାନ୍ୟ ଚାନ୍ଦା ଭେଦା ଦେଇ ନ ପାରିଲେ, ପିଲାଙ୍କ ଉପରେ ଭାରି ଅତ୍ୟାଚାର କରନ୍ତି। ଅଭାବ ଅସୁବିଧା କିଛି ବୁଝନ୍ତି ନାହିଁ।

ସାତ ଦିନ ପରେ ଗଣେଶ ପୂଜା। ଷଷ୍ଠ ଶ୍ରେଣୀ ପାଇଁ ଶହେ ଟଙ୍କା ଚାନ୍ଦା। ପ୍ରତି ଦିନ ପ୍ରଥମ ପିରିୟଡରେ ଚାନ୍ଦା ଆଦାୟ ହୁଏ। ମହେଶ ଦୁଇ ଥର ତା' ବାଆକୁ ଏ କଥା କହିଲାଣି। କିନ୍ତୁ ଘନ ଯେ ନିରୁପାୟ, ବର୍ଷା ଦିନରେ କାମଦାମ ମିଳିବା ଭାରି କଷ୍ଟ। ତେଣୁ ସେ ବି ନିରବ ରହିଛି।

ପୂଜାକୁ ଆଉ ଦୁଇ ଦିନ ରହିଲା। ଶ୍ରେଣୀ ଶିକ୍ଷକ ଚାନ୍ଦା

ଦେଇ ନ ଥିବା ପିଲାଙ୍କୁ ଛିଡ଼ା କରାଇ କହିଲେ, 'ତୁମେମାନେ କାହିଁକି ପଇସା ଦେଇନ? ପ୍ରଧାନ ଶିକ୍ଷକଙ୍କ କଡ଼ା ତାଗିଦ। କାଲି ସବୁ ନେଇ ଆସିବ। ନ ହେଲେ ଅବସ୍ଥା କ'ଣ ହେବ ତାହା ସମସ୍ତେ ଜାଣିଚ।' ମାଡ଼ ଅପମାନ ଭୟରେ ମହେଶ ତହିଁ ପରଦିନ ଆଉ ସ୍କୁଲ ଗଲା ନାହିଁ।

ଅପରାହ୍ନରେ ଜଣେ ବାବୁଙ୍କର କିଛି କାମ ଶେଷ କରୁ କରୁ ସନ୍ଧ୍ୟା ହୋଇଗଲା। ଫେରିଲା ବେଳକୁ ଘନ ହାତକୁ ବାବୁ ଶହେ ଟଙ୍କା ବଢ଼େଇ ଦେଲେ। କହିଲେ, ଆଉ କିଛି କାମ ବାକି ରହିଲା। ପୁଣି କେତେବେଳେ ଆସି ସେତକ କରି ସବୁ ପଇସା ନେଇଯିବ।' ଘନ ଘରକୁ ଫେରିଲା, ଅଣ୍ଟିରୁ ଟଙ୍କା ବାହାର କରି ପୁଅକୁ ଧରେଇ ଦେଲା। ମହେଶ ଖୁସି ହେଲା, କିନ୍ତୁ ତା' ଛୋଟ ମନଟା କେମିତି ଗୋଳେଇ ଘାଣ୍ଟି ହେଲା। ନିଜକୁ ପ୍ରଶ୍ନ କଲା, 'ସ୍କୁଲରେ ସାର୍ ମାନେ ଆମ ଭଳି ଗରିବ ପିଲାଙ୍କ ଠାରୁ ଚାନ୍ଦା ନ ନେଲେ ହୁଅନ୍ତା ନାହିଁ? ମୋ ବାଆ କାମ କରି ଯାହା ଆଣିଲେ ସବୁ ମୋ ହାତରେ ଧରାଇ ଦେଲେ। ଏତକ ସ୍କୁଲରେ ଦେଇଦେଲେ ଆମେ ଖାଇବୁ କ'ଣ?'



ମହେଶ କହିଲା, 'ବାଆ ଏ ଟଙ୍କା ରଖ। ମୁଁ ପୂଜାକୁ ଯିବି ନାହିଁ। ଆଉ ଦି'ଦିନ ଘରେ ରହିଯିବି। କାମ କରି ଯାହା ତ ଆଣିଲ ସବୁ ମୋ ହାତକୁ ବଢ଼େଇ ଦେଲ, କାଲି ଆମେ କ'ଣ ଖାଇବୁ?' ପୁଅକୁ ଛାତିରେ ଜାବୁଡ଼ି ଧରି ଘନ କହିଲା, 'ଆରେ କାଲି କିଏ ଦେଖିଛି, ଆଜି ପାଇଁ ଚଳିଯାଉ ନା। ଦେଖ ମୋ ପୁଅ ମୁଣ୍ଡରେ କେତେ ବୁଦ୍ଧି। କଷ୍ଟ କଲେ ସିନା କୃଷ୍ଣ ମିଳିବେ। ତୁ ପାଠ ପଢ଼ି ଯେବେ ବଡ଼ ମଣିଷ ହେବୁ ଆମର କି ଆଉ ଏ ଦୁଃଖ ରହିବ? ମନ ଊଣା କରନି। ଏ ଟଙ୍କା ସ୍କୁଲରେ ଦେଇଦେବୁ। ଆଜି ଶିକ୍ଷକ ଯାହା ପଢ଼ାଇଲେ ତାହା କି ତୁ ଜାଣି ପାରିଲୁ ? ଏମିତି ଆଉ କେବେ କରିବୁ ନାହିଁ?'

ମହେଶ କହିଲା– 'ବାପା, ଆଜି ଯାହା ପଢ଼ା ହେବାର ଥିଲା ମୁଁ ଆଗରୁ ସେ ପାଠ କରି ଦେଇଛି।'

: 'ହଁ.. ଯେ କିନ୍ତୁ ଭଲ ଛାତ୍ରମାନେ ସବୁ ଦିନ ସ୍କୁଲ ଯାଆନ୍ତି। ତୁ ତୋ ମୋ ସୁନା ପୁଅ। ଏମିତି ଭୁଲ ଆଉ କରିବୁନି।'

ବୁଝିଗଲା ମହେଶ। କିନ୍ତୁ ପ୍ରଧାନଶିକ୍ଷକଙ୍କ ବ୍ୟବହାରରେ ସେ ଭାରି ଅତିଷ୍ଠ। ଭାବୁଥିଲା ବାଆକୁ ସବୁ କଥା କହିଦେବ, କିନ୍ତୁ କ'ଣ ଭାବି ସେ ଅଟକିଗଲା।

ନୂଆ ସ୍କୁଲରେ ମହେଶର ପ୍ରଥମ ଗଣେଶ ପୂଜା। ସେଦିନ ବଡ଼ିଭୋରରୁ ସେ ଉଠି ଫୁଲ ତୋଳି ମାଳ ଗୁନ୍ଥିଛି। ଉପବାସରେ ଅଛି। ସ୍କୁଲରେ ଠାକୁରଙ୍କୁ ଏ ମାଳ ଲଗେଇ ପୁଷ୍ପାଞ୍ଜଳି ଦେବ। କିଛି ବହି ଖାତା ଖବରକାଗଜରେ ଗୁଡ଼େଇ ବାନ୍ଧି ରଖିଲା। ନିଜେ ସାବୁନ ଲଗେଇ ଗାଧୋଇ ହେଲା, ଭାଇକୁ ବି ଗାଧୋଇ ଦେଲା। ସଫା ପ୍ୟାଣ୍ଟ ସାର୍ଟ ପିନ୍ଧି ବହି ଆଉ ଫୁଲମାଳ ଧରି ସ୍କୁଲ ବାହାରିଲା। ପ୍ରଥମେ ଭରତକୁ ଛାଡ଼ି ସେ ନିଜ ସ୍କୁଲକୁ ଗଲା।

ଫୁଲମାଳ ଆଉ ବହିଖାତା ଯଥା ସ୍ଥାନରେ ରଖି ଦେଇ ମହେଶ ଛିଡ଼ା ହୋଇଛି। ଗଣେଶଙ୍କ ପ୍ରତିମା ଉପରେ ତା' ଆଖି ଲାଖି ରହିଛି। ସତରେ ଗଣେଶ ଯେମିତି ହସୁଛନ୍ତି। ହାତ ଯୋଡ଼ି ଆଖି ବନ୍ଦ କରିଦେଲା ମହେଶ। 'ଠାକୁରେ! ଏତିକି ବିନତି, ମୋତେ ଶୀଘ୍ର ଶୀଘ୍ର ବଡ଼ କରାଇ ଗୋଟେ ଚାକିରି କରାଇଦିଅ। ତାହା ହେଲେ ମୋ ବାଆ, ମାଆକୁ ଆଉ ଏତେ କଷ୍ଟ କରିବାକୁ ପଡ଼ିବନି।'

ଏତିକିବେଳେ ପଛରୁ ପଡ଼ିଲା ଶକ୍ତ ବେତ ପାହାର। ମହେଶ ମାଆ ଲୋ କହି ଦୁଇ ହାତ ଆଗକୁ ଡେ଼ଇଁ ପଡ଼ିଲା। ଭୋଗ ଥାଳି ଉପରକୁ ହାବୁଡ଼ି ଯାଇ ନିଜକୁ ନିୟନ୍ତ୍ରଣ କରିନେଲା। ପଛକୁ ବୁଲି ଦେଖେ ତ, ଚୌଧୁରୀ ସାର୍!! ଭୟଙ୍କର ମୂର୍ତ୍ତିରେ ବେତ ଧରି ଛିଡ଼ା ହୋଇଛନ୍ତି। ଆଖି ଯୋଡ଼ାକରୁ ଯେମିତି ନିଆଁ ହୁଳା ବାହାରୁଛି। ମହେଶର ଛୋଟ ପିଣ୍ଡରୁ ଯେମିତି କୁନି ପ୍ରାଣଟା ବାହାରି ଗଲା। 'ହେ ଗଣେଶ! ମୋତେ ବଞ୍ଚାଅ'। ଜୋରରେ ସିଂହ ଭଳି ଗର୍ଜନ ଗଲେ ଚୌଧୁରୀ ସାର୍।

'ରେ କୁଳାଙ୍ଗାର କ'ଣ କଲୁ ତୁ? ଜାଣିନୁ ତୁ ଅଛବ ବୋଲି। ତୋର ତ ଭାରି ସାହସ। ସବର୍ଣ୍ଣ ପିଲାଙ୍କ ବହି, ଫୁଲକୁ ତୁ ଅସବର୍ଣ୍ଣଟା କେମିତି ଛୁଇଁଲୁ ବେ।' ସାର୍‌ଙ୍କ କଥା ମହେଶର

କାନକୁ ଶୁଣାଯାଉ ନ ଥିଲା। ସେ ଗଣେଶଙ୍କୁ ଏତିକି ଗୁହରି କରୁଥାଏ, 'ଠାକୁରେ ମୋତେ ବଞ୍ଚାଅ।' ଗୋରୁ ମଇଁଷିଙ୍କୁ ପିଟିଲା ଭଳି ବେତରେ କଷି ଦେଇ ଗଲେ ଚୌଧୁରୀ ସାର୍। ନିରୀହ ପିଲାଟା ପ୍ରତି ତାଙ୍କ ହୃଦୟରେ ଟିକିଏ ବି ଦୟା ନ ଥିଲା। ମହେଶ ତଳେ ଗଡ଼ି ଛଟପଟ ହେଉଥାଏ। ହାତ ଯୋଡ଼ି ନେହୁରା ହୋଇ କହୁଥାଏ, 'ସାର୍ ଭୁଲ ହୋଇଗଲା। ମୋତେ ଛାଡ଼ି ନିଅନ୍ତୁ। ଏମିତି ଭୁଲ ଆଉ କେବେ ହବନି।' ଗଣିତ ସାର୍ ପ୍ରଭାକର ବାବୁ କହିଲେ, 'ସାର୍! ଛୋଟ ପିଲାଟା, ଛାଡ଼ି ଦିଅନ୍ତୁ ନା।'

ଏତିକିରେ ଚୌଧୁରୀ ସାରଙ୍କ ରାଗ ଶାନ୍ତ ହେଲା ନାହିଁ। ମହେଶକୁ ପୂଜା କୋଠରିରୁ ବାହାର କରିଦେଲେ। ବଡ଼ିଭୋରରୁ ଉଠି ଗଣେଶଙ୍କ ପାଇଁ ଭକ୍ତିରେ ଗୁନ୍ଥିଥିବା ଫୁଲମାଳ ଆଉ ବହି ଖାତାକୁ ତା' ଉପରକୁ ଫୋପାଡ଼ି ଦେଲେ।


ବାହାରେ ପ୍ରବଳ ବର୍ଷା। ବହି ଖାତା, ଫୁଲ ଏଣେ ତେଣେ ବିଛାଡ଼ି ହୋଇ ପଡ଼ିଥାଏ। ସେପଟେ ବ୍ରାହ୍ମଣ ମନ୍ତ୍ର ଉଚ୍ଚାରଣ କରୁଥାନ୍ତି, 'ନମଃ, ବିଘ୍ନେଶ, ଗିରିଜା ନନ୍ଦନ ପ୍ରଭୁ...' ଘଣ୍ଟ ଘଣ୍ଟିରେ ଚାରି ଆଡ଼େ ପ୍ରକମ୍ପିତ ହେଉଥାଏ। ଝୁଣା, ଧୂପର ବାସ୍ନାରେ ଚତୁର୍ଦ୍ଦିଗ ମହକି ଉଠୁଥାଏ। ମହେଶର ଶିଥିଳ ଶରୀରଟା ଚଳଚଞ୍ଚଳ ହୋଇ ଉଠିଲା। ଆଖିରୁ ଲୁହ ପୋଛିଦେଲା, ଓଦା ବହି ଖାତା ତଳୁ ଉଠାଇ ଛାତିରେ ଜାବୁଡ଼ି ଧରି ଏକ ମୁହାଁ ହୋଇ ଘରକୁ ଦୌଡ଼ିଲା।

... ଓଦା ସର ସର ହୋଇ ଘରେ ପହଞ୍ଚିଲା। ପୁଅକୁ ଦେଖି ଲକ୍ଷ୍ମୀ ଚୁଲି ମୁଣ୍ଡରୁ ଉଠି ଆସି ପଚାରିଲା, 'ଏତେ ଶୀଘ୍ର ଫେରି ଆସିଲୁ ଯେ! ବର୍ଷା ଛାଡ଼ିଥିଲେ ଆସିଥିଲେ ହୋଇ ନ ଥାନ୍ତା।' ମହେଶ କିଛି ଉତ୍ତର ନ ଦେଇ ମାଆକୁ କୁଣ୍ଢେଇ ଧରିଲା। 'ମାଆ! ଆଉ ସେ ସ୍କୁଲକୁ ଯିବିନି।' ଏତିକି କହି ସେ ଜୋରରେ କାନ୍ଦିବାକୁ ଲାଗିଲା।

**'ମାଆ ! ଆଉ ସେ ସ୍କୁଲକୁ ଯିବିନି।' ଏତିକି କହି ସେ ଜୋରରେ କାନ୍ଦିବାକୁ ଲାଗିଲା।**

□□

ଲେଖକଙ୍କ ଇ-ମେଲ୍ ଠିକଣା:
kumar.bimal09@gmail.com




**ମୂଲ୍ୟ : ଟ. ୧୨୦/-**

**ପ୍ରକାଶ ପାଇଲା**

**ଅଭୟାନନ୍ଦ ଉବାଚ**

**ଆମର ସାମାଜିକ, ପାରିବାରିକ ତଥା ରାଜନୈତିକ ଜୀବନର ବିଭିନ୍ନ ବିସଙ୍ଗତିକୁ ନେଇ ଶାଣିତ ବ୍ୟଙ୍ଗ ମାଧ୍ୟମରେ ରୂପାୟିତ ଏହି ପୁସ୍ତକଟିରେ ସ୍ଥାନିତ ହୋଇଛି ଡା. ଅଭୟ ଦାଶଙ୍କ ଦ୍ୱାରା ରଚିତ ୩୩ଟି ରମ୍ୟରଚନା। ଏକ ଅନନ୍ୟ ପାଠକୀୟ ଅନୁଭବର ପ୍ରତିଶ୍ରୁତି ରଖନ୍ତି ପ୍ରତ୍ୟେକଟି ଲେଖା।**

ପ୍ରକାଶକ : ସାହିତ୍ୟ ଚର୍ଚ୍ଚା

ନିକଟସ୍ଥ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନୁସନ୍ଧାନ କରନ୍ତୁ। ଅନ୍‌ଲାଇନ୍‌ରେ ଆମାଜନ୍ ଜରିଆରେ ମଧ୍ୟ ଉପଲବ୍ଧ।



ପ୍ରବନ୍ଧ

# ଓଡ଼ିଆ ପତ୍ରୋପନ୍ୟାସ : ଏକ ବିହଙ୍ଗାବଲୋକନ

ଡ. ରାକେଶ କୁମାର ବିଶି

ଊନବିଂଶ ଶତାବ୍ଦୀର ଶେଷ ପାଦରେ ଭୂମିଷ୍ଠ ହୋଇ, ଓଡ଼ିଆ ସାହିତ୍ୟକୁ ନୂତନ ସ୍ୱାଦ, ନୂତନ ଚେତନାରେ ପାଠକକୁ ଉଦ୍‌ବୁଦ୍ଧ କରିଥିବା ଏକ ବିଶିଷ୍ଟ ସାରସ୍ୱତ ବିଭବ ହେଉଛି ଉପନ୍ୟାସ। ଏହି ଉପନ୍ୟାସ ଆଧୁନିକ ସାହିତ୍ୟ ସୃଷ୍ଟିର ଅନ୍ୟତମ ସର୍ବୋତ୍ତମ କଳାସୃଷ୍ଟି।

ଏହି ଉପନ୍ୟାସ ଆଜି ଚିରସ୍ରୋତା ସମୟର ନିରବଧି ଧାରାରେ ପ୍ରବାହିତ ହୋଇ ବିଭିନ୍ନ ରୂପ ପରିଗ୍ରହଣ କରି ନାନାଦି ବର୍ଣ୍ଣରେ ବର୍ଣ୍ଣୋଜ୍ଜ୍ୱଳ ହୋଇପାରିଛି। ଏପରିକି ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ବିଶ୍ୱମୁଖୀ ହେବାରେ ପୂର୍ଣ୍ଣତଃ ସମର୍ଥ ହୋଇପାରିଛି। ତନ୍ମଧ୍ୟରୁ ପତ୍ରଶୈଳୀ ଉପନ୍ୟାସ ରଚନା ସମ୍ପୂର୍ଣ୍ଣ ଭାବରେ ଅନନ୍ୟ ଓ ସ୍ୱତନ୍ତ୍ର ଶୈଳୀ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ। ତେବେ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ରଚିତ ହୋଇଥିବା ପତ୍ରୋପନ୍ୟାସ ସମ୍ପର୍କିତ ସଂକ୍ଷିପ୍ତ ଆଲୋଚନା କରିବା ହେଉଛି ଏହି ନିବନ୍ଧର ମୂଳ ଲକ୍ଷ୍ୟ।




## ପ୍ରଥମ ପତ୍ରୋପନ୍ୟାସ

ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସକୁ ଦୃଷ୍ଟିନିକ୍ଷେପ କଲେ ସର୍ବପ୍ରଥମେ ଦୃଷ୍ଟିପଥାରୂଢ଼ ହେଉଥିବା ପ୍ରଥମ ପତ୍ରୋପନ୍ୟାସ ହେଉଛି 'ପ୍ରେମପଥେ'। ଯାହା ୧୯୩୨ ମସିହାରେ ରଚିତ ହୋଇଥିଲା। ଅର୍ଥାତ୍, ପ୍ରଥମ ଓଡ଼ିଆ ପତ୍ରୋପନ୍ୟାସ ହେଉଛି 'ପ୍ରେମପଥେ' ଏବଂ ପ୍ରଥମ ପତ୍ରୋପନ୍ୟାସିକ ହେଉଛନ୍ତି ଗୋଦାବରୀଶ ମହାପାତ୍ର। ଏହି ଉପନ୍ୟାସଟି ଔପନ୍ୟାସିକଙ୍କର ସମ୍ପୂର୍ଣ୍ଣ ମୌଳିକ ସୃଷ୍ଟି ଅଟେ।

'ପ୍ରେମପଥେ' ଉପନ୍ୟାସଟି ତ୍ରିକୋଣୀୟ ପ୍ରେମକୁ ନେଇ ରଚିତ, ଯେଉଁଠି ନାୟକ ହରିଚରଣ, ନାୟିକା କନକ ଏବଂ ଚଞ୍ଚଳା। ଏହି ତିନି ଜଣଙ୍କ ମାନସିକତାକୁ ଆଧାର କରି କାହାଣୀଟି ଗତିଶୀଳ। ଉକ୍ତ ଉପନ୍ୟାସଟିରେ ସାମ୍ପ୍ରତିକ ପାଶ୍ଚାତ୍ୟ ଶିକ୍ଷାର ଦୁଷ୍ପ୍ରଭାବ, ସମାଜ ପ୍ରତି ବିଶେଷ କରି ଶିକ୍ଷିତ ଯୁବ ସମାଜ ପ୍ରତି ତା'ର କୁପ୍ରଭାବ କେତେ ଯେ ଭୟଙ୍କର ତାହା ଏହି ଉପନ୍ୟାସରେ ଉଲ୍ଲିଖିତ। ତତ୍ ସହିତ ଏଥିରେ ନାରୀ ଜାଗରଣ ଓ ସଚେତନତାର ଆହ୍ୱାନ ଅନୁରଣିତ। ଉପନ୍ୟାସର ସମଗ୍ର କଥାବସ୍ତୁଟି ୩୪ ଗୋଟି ପତ୍ରକୁ ଉପଜୀବ୍ୟ କରି ସୃଷ୍ଟ। ତନ୍ମଧ୍ୟରୁ ୧୭ଟି ପତ୍ର କନକ ତା'ର ବାନ୍ଧବୀ ଉଦ୍ଦେଶ୍ୟରେ ଲେଖିଥିବା ବେଳେ, ୧୭ଟି ପତ୍ର ହରିଚନ୍ଦନ ତା'ର ବନ୍ଧୁ ରମେଶ ନିକଟକୁ ଲେଖିଛି।

୧୯୩୫ ମସିହାରେ ରଚିତ ହୋଇଥିବା ଦ୍ୱିତୀୟ ପତ୍ରୋପନ୍ୟାସ ହେଉଛି 'ହାଅନ୍ନ', ଯାହାର ଔପନ୍ୟାସିକ ହେଲେ କାହ୍ନୁଚରଣ ମହାନ୍ତି। ସମ୍ପୂର୍ଣ୍ଣ ପତ୍ର ଶୈଳୀରେ ରଚିତ ନ ହେଲେ ମଧ୍ୟ ପତ୍ର ଲେଖିବା କୌଶଳ ଏଥିରେ ବ୍ୟବହୃତ।

୧୯୩୮ ମସିହାରେ ରଚିତ ହୋଇଥିବା ପତ୍ରୋପନ୍ୟାସ ହେଲା- ଚନ୍ଦ୍ରମଣି ଦାସଙ୍କ ରଚିତ 'ଭୁଲ୍ କାହାର'। ସମଗ୍ର ଉପନ୍ୟାସଟି ୧୫ ଖଣ୍ଡ ପତ୍ର ଦ୍ୱାରା ସଜ୍ଜିତ। ନାୟକ ରାଜକିଶୋର ଓ ନାୟିକା ସୁରମାର ବିଶୃଙ୍ଖଳିତ ଜୀବନର ନଗ୍ନ ଚିତ୍ର ଏଥିରେ ଚିତ୍ରିତ। ରାଜକିଶୋର ଓ ସୁରମାର ପ୍ରେମ, ପ୍ରେମରୁ ପ୍ରେମ ବିବାହ, ଭୁଲ୍ ବୁଝାମଣାର ପରିଣାମ ସ୍ୱରୂପ ସୁରମାର ବାନ୍ଧବୀ ବିନ୍ଦୁ ସହିତ ରାଜକିଶୋରର ପୁନର୍ବିବାହ ଏବଂ ପରବର୍ତ୍ତୀ ସମୟରେ ମାନସିକ ଯନ୍ତ୍ରଣା ସହ ପଶ୍ଚାତାପର ବିଷୟ ଏହି ଉପନ୍ୟାସରେ ବର୍ଣ୍ଣିତ।

୧୯୪୨ ମସିହାରେ ବିରଚିତ 'ଚରିତ୍ରହୀନାର ଚିଠି'

ଲକ୍ଷ୍ମୀଧର ନାୟକଙ୍କ ଏକ ସଫଳ ପତ୍ରୋପନ୍ୟାସ। ଏହି ଉପନ୍ୟାସରେ ନାୟିକା ଆଶାମଣୀ, ନାୟକ ବିମଳ ବାବୁଙ୍କୁ ପତ୍ର ଲେଖିଛନ୍ତି, ଯେଉଁଠି ନାରୀ ଜୀବନର ଗୋପନ ରହସ୍ୟକୁ ପତ୍ର ମାଧ୍ୟମରେ ବ୍ୟକ୍ତ କରିଛନ୍ତି।

୧୯୪୭ ମସିହାରେ ରଚିତ ହୋଇଛି 'ପୁରୀ ପକ୍ଷୀ' ନାମକ ପତ୍ରୋପନ୍ୟାସ। ଏଥିରେ ରାଜକିଶୋର ପଟ୍ଟନାୟକ ମଣିଷର ଅସହାୟ ଜୀବନର ଅକୁହା କଥାକୁ ବ୍ୟକ୍ତ କରିଛନ୍ତି ଚମତ୍କାର ଢଙ୍ଗରେ।

**ବାସ୍ତବଧର୍ମୀ ଚିତ୍ରାୟନ**

୧୯୪୭ ମସିହାରେ ଆଉ ଏକ ପତ୍ରୋପନ୍ୟାସ ଦୃଷ୍ଟି ଆକର୍ଷଣ କରେ ବିଭୁଧେନ୍ଦୁ ମିଶ୍ରଙ୍କ 'ଖିଆଲ' ଉପନ୍ୟାସ। ଏହି ଉପନ୍ୟାସଟିରେ ଆମେ ଆବିଷ୍କାର କରୁ ଆମ ସମାଜରେ ବଞ୍ଚିଥିବା କିଛି ବାସ୍ତବ ଚରିତ୍ରମାନଙ୍କୁ। ସୁରେନ୍ଦ୍ର ମହାନ୍ତିଙ୍କ ଉପନ୍ୟାସ 'କଲେଜ ବୟ' ଯାହା ପ୍ରକାଶିତ ହୋଇଥିଲା ସେହି ୧୯୪୭ ମସିହାରେ। ଏହି ଉପନ୍ୟାସଟିରେ ୧୦ଟି ପତ୍ର ସଂଯୋଜିତ। ପତ୍ର ମାଧ୍ୟମରେ କଲେଜ ଜୀବନର କାହାଣୀ ପ୍ରକାଶିତ। କଲେଜ ପଢୁଥିବା ଯୁବକ ଯୁବତୀମାନେ ଆଜିକାଲି ପାଠପଢାକୁ ଗୌଣ କରି କିପରି ପ୍ରେମ ନାଆରେ ଦୈହିକ ଲାଳସାରେ ନିମଜ୍ଜିତ ତଥା ସାମାଜିକ ଭ୍ରଷ୍ଟାଚାର ସୃଷ୍ଟି କରିବାରେ ସେମାନେ କିପରି ଅଗ୍ରସର ଏହି କଥା ଉକ୍ତ ଉପନ୍ୟାସରେ ଉଲ୍ଲିଖିତ।

**୧୯୫୫ ମସିହାରେ ପ୍ରକାଶ ପାଇଥିବା ଅନ୍ୟତମ ପତ୍ରୋପନ୍ୟାସ ହେଉଛି ବିଭୂତି ପଟ୍ଟନାୟକଙ୍କ 'ଶେଷ ବସନ୍ତ'। ଏଥିରେ ସ୍ଥାନିତ ହୋଇଛି ଦୁଇଟି ପତ୍ର।**

୧୯୪୯ ମସିହାରେ ଦୁଇଟି ପତ୍ରୋପନ୍ୟାସ ଦୃଷ୍ଟିଗୋଚର ହୁଏ, ନରସିଂହ ସାହୁଙ୍କ 'ମିନତି' ଓ ଶୁକଦେବ ସାହୁଙ୍କ 'ନବଜନ୍ମ'। 'ମିନତି' ଉପନ୍ୟାସରେ ନାରୀ ମନସ୍ତତ୍ତ୍ୱର କଥା କୁହାଯାଇଥିବା ବେଳେ, 'ନବଜନ୍ମ' ଉପନ୍ୟାସଟି ନାୟକ ବୀରର ଆତ୍ମସଂଳାପ ମାଧ୍ୟମରେ ପରିକଳ୍ପିତ। ଉପନ୍ୟାସଟି ସମ୍ପୂର୍ଣ୍ଣ ରୂପେ ପତ୍ରଶୈଳୀଧର୍ମୀ ନ ହେଲେ ହେଁ ବାଲ୍ୟବନ୍ଧୁ ବୀର ଓ ନୀରୁ ମଧ୍ୟରେ ସଂଘଟିତ ହୋଇଥିବା ପ୍ରେମ-ମାନ-ଅଭିମାନଭରା ବିଭିନ୍ନ ସ୍ମୃତି ପତ୍ର ମାଧ୍ୟମରେ ପ୍ରକାଶିତ।

୧୯୫୧ ମସିହାରେ ପୁଣି ପ୍ରକାଶିତ ହୁଏ ଆଉ ଏକ ପତ୍ରୋପନ୍ୟାସ ଶୁକଦେବ ସାହୁଙ୍କ 'ଖସଡ଼ା ପଥରେ'। ପ୍ରଭାତ, ଶରତ, ସନ୍ଧ୍ୟା ମଧ୍ୟରେ ପତ୍ରଗୁଡ଼ିକ ଆଦାନପ୍ରଦାନ ହୋଇଛି। ପ୍ରଭାତ ଓ ସନ୍ଧ୍ୟା ମଧ୍ୟସ୍ଥ ପ୍ରେମ, ସନ୍ଧ୍ୟାର ଅନ୍ୟତ୍ର ବିବାହ, ପ୍ରଭାତର ଲତା ସହ ବିବାହ, ପ୍ରଭାତ ଓ ଶରତ, ଦୁହିଁଙ୍କ ନିବିଡ଼ ବନ୍ଧୁତା, ସନ୍ଧ୍ୟାର ସ୍ୱାମୀ ରମେଶବାବୁଙ୍କ ସହ ପ୍ରଭାତର ବନ୍ଧୁତ୍ୱ, ଶେଷରେ ସନ୍ଧ୍ୟାର ମୃତ୍ୟୁ ପ୍ରଭୃତି ଭିତରେ ଉପନ୍ୟାସର ପ୍ରାରମ୍ଭ ଓ ସମାପ୍ତି ଘଟିଛି।

୧୯୫୫ ମସିହାରେ ପ୍ରକାଶ ପାଇଥିବା ଅନ୍ୟତମ ପତ୍ରୋପନ୍ୟାସ ହେଉଛି ବିଭୂତି ପଟ୍ଟନାୟକଙ୍କ 'ଶେଷ ବସନ୍ତ'। ଏଥିରେ ସ୍ଥାନିତ ହୋଇଛି ଦୁଇଟି ପତ୍ର। ଗୋଟିଏ ହେଉଛି ରମାକାନ୍ତ ସାର୍‌ଙ୍କ ପାଖକୁ ଛନ୍ଦାର ପତ୍ର ଓ ଦ୍ୱିତୀୟଟି ହେଉଛି ରମାକାନ୍ତଙ୍କୁ ରମୁ ଭାଇ ସମ୍ବୋଧନ କରି ଛବିର ପତ୍ର।

୧୯୫୮ ମସିହାରେ ପୁଣି ଥରେ ଶୁକଦେବ ସାହୁଙ୍କ ଆଉ ଏକ ପତ୍ରୋପନ୍ୟାସ ପ୍ରକାଶ ପାଏ ଯାହାର ନାମ ହେଉଛି 'ପ୍ରିୟା ଓ ପରକୀୟା' ଏବଂ ସୁଧୀର ରଞ୍ଜନଙ୍କ 'ଭୁଲି ନାହିଁ' ଉପନ୍ୟାସ। 'ପ୍ରିୟା ଓ ପରକୀୟା' ଉପନ୍ୟାସର ଆରମ୍ଭରୁ ହିଁ ରବି ନିକଟରୁ ନୂଆବୋହୂ ଊର୍ମିର ପତ୍ର ପ୍ରେରଣ ଦୃଶ୍ୟମାନ ହେଉଥିବା ବେଳେ 'ଭୁଲି ନାହିଁ' ଉପନ୍ୟାସରେ ଔପନ୍ୟାସିକ ଆପଣାର ବ୍ୟକ୍ତିଗତ କଥାକୁ ହିଁ ବ୍ୟକ୍ତ କରିଛନ୍ତି। ଏଠି ନାୟକ ନିଜେ ଲେଖକ ସୁଧୀର ରଞ୍ଜନ ଓ ନାୟିକା ସ୍ନେହଲତା। ଏହି ଦୁହିଁଙ୍କ ମଧ୍ୟରେ କାଲିଫର୍ଣ୍ଣିଆ ଅବସ୍ଥାନ କାଳରେ ସଂଘଟିତ ହୋଇଥିବା ପ୍ରେମ କାହାଣୀ, ଉଭୟ ଉଭୟଙ୍କ ପ୍ରତି ସନ୍ଦେହର ପରିଣତି ସ୍ୱରୂପ ପରସ୍ପରଠାରୁ ବିଚ୍ଛେଦ ଏବଂ ବିଚ୍ଛେଦ ପରେ ପୁନର୍ବାର ପତ୍ର ସହାୟତାରେ ମିଳନ ଭିତରେ ଉପନ୍ୟାସର କଥାବସ୍ତୁ ଗତିଶୀଳ। ନାୟକ ସୁଧୀର ରଞ୍ଜନ ଓ ନାୟିକା ସ୍ନେହଲତା ମଧ୍ୟରେ ୧୩ ଖଣ୍ଡ ପତ୍ରର ଆଦାନ ପ୍ରଦାନ ଉକ୍ତ ଉପନ୍ୟାସରେ ପରିଦୃଷ୍ଟ।

୧୯୫୯, ୧୯୬୨, ୧୯୬୩ ମସିହାରେ ରଚିତ ହୋଇଥିବା ବିଭୂତି ପଟ୍ଟନାୟକଙ୍କ ତିନୋଟି ପତ୍ରୋପନ୍ୟାସ ରହିଛି, ଯଥା- 'ଦିନ ଯାଏ ଚିହ୍ନ ରହେ', 'ଚପଳାଛନ୍ଦା' ଓ 'କେଶବତୀ କନ୍ୟା'। 'ଦିନ ଯାଏ ଚିହ୍ନ ରହେ' ଉପନ୍ୟାସର ନାୟକ ସାଗର ଓ ନାୟିକା ବେବି। ନାୟିକା ବେବି ତା'ର

ବାନ୍ଧବୀ ସନ୍ଧ୍ୟାଙ୍କୁ ପତ୍ର ମାଧ୍ୟମରେ ଯାହା ବ୍ୟକ୍ତ କରିଛି, ତାହା ଏହି ଉପନ୍ୟାସର କଥାବସ୍ତୁ। 'ଚପଳାଛନ୍ଦା' ଉପନ୍ୟାସରେ ସମ୍ପୂର୍ଣ୍ଣ ପତ୍ରାତ୍ମକ ଶୈଳୀର ପ୍ରୟୋଗ ହୋଇ ନ ଥିଲେ ମଧ୍ୟ ପତ୍ର ବ୍ୟବହାରରେ ଉପସ୍ଥିତି ଉପନ୍ୟାସକୁ ପତ୍ରୋପନ୍ୟାସ ଶ୍ରେଣୀଭୁକ୍ତ କରିଛି। 'କେଶବତୀ କନ୍ୟା' ଏକ ସଫଳ ପତ୍ରୋପନ୍ୟାସ ଅଟେ। ଉପନ୍ୟାସଟି ତିନି ଭାଗରେ ପାଠକର ଦୃଷ୍ଟିଆକର୍ଷଣ କରେ। ପ୍ରଥମେ ନିରଞ୍ଜନ ଡାଏରୀ ଶୈଳୀରେ ନିଜ ଜୀବନର କଥା କହୁଥିବା ଦେଖାଯାଏ। ଦ୍ୱିତୀୟରେ ସୁଷମା ନିଜ ବିବାହ ଜୀବନର ଅବ୍ୟକ୍ତ ବକ୍ତବ୍ୟକୁ ସାତ ଗୋଟି ପତ୍ର ମାଧ୍ୟମରେ ରୁନୁ ପାଖରେ କହିଛି। ତୃତୀୟରେ ସୁଧାଂଶୁ ଦିନଲିପି ମାଧ୍ୟମରେ ଜୀବନର ଏକାନ୍ତ ରହସ୍ୟ ପ୍ରକାଶ କରିବା ଦେଖାଦେଇଛି।

୧୯୬୩ ମସିହାରେ ଭଗବାନ ପଣ୍ଡାଙ୍କ 'ସତେକି ଆସିବ ଫେରି' ଓ ଶ୍ୟାମ ସୁନ୍ଦର ମିଶ୍ରଙ୍କ 'ଚକୋରୀ' ପତ୍ରୋପନ୍ୟାସ ଦୁଇଟି ଆତ୍ମପ୍ରକାଶ ପାଏ। 'ସତେକି ଆସିବ ଫେରି' ଉପନ୍ୟାସରେ ସର୍ବମୋଟ ୪ ଖଣ୍ଡ ପତ୍ରର ଅବତାରଣା ରହିଛି। ଜେଜେ ବାପା ଶଶୀକାନ୍ତଙ୍କ କରୁଣ ଆତ୍ମଲିପି ଏହି ଉପନ୍ୟାସର ବିଷୟବସ୍ତୁ ଅଟେ।

**୧୯୬୯ରେ ପାଠକ ପାଖରେ ପହଞ୍ଚି ବେଶ୍ ଆଲୋଡ଼ନ ସୃଷ୍ଟି କରିଥିବା ଉପନ୍ୟାସଟି ହେଉଛି ଉମେଶଚନ୍ଦ୍ର ପାଢୀଙ୍କ 'ଅଶ୍ରୁଟୀକା'।**

## ଆମାବାସ୍ୟାର ଚନ୍ଦ୍ର

୧୯୬୪ ମସିହାରେ ପ୍ରକାଶ ପାଇଛି ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' ଓ ରଘୁନାଥ ନାୟକଙ୍କ 'ଦଶଦୀପ' ନାମକ ଅନ୍ୟ ଦୁଇଟି ପତ୍ରୋପନ୍ୟାସ। 'ଅମାବାସ୍ୟାର ଚନ୍ଦ୍ର' ଏକ ଚର୍ଚ୍ଚିତ ଓ ପାଠକୀୟ ଆଦୃତି ଲାଭ କରିଥିବା ଉପନ୍ୟାସ। ଏହି ଉପନ୍ୟାସର ଚରିତ୍ର କାଉଲ୍ ଏକ ସଫଳ ସୃଷ୍ଟି। ଉପନ୍ୟାସର ଆରମ୍ଭ 'ତୁମେ କାଉଲ୍' -ଏହିପରି ପତ୍ରଶୈଳୀରେ ସମ୍ବୋଧନରୁ ପ୍ରାରମ୍ଭ ହୋଇ 'ଇତି ତୁମର ବଧୂ ମନୀଷା'- ର ସମ୍ବୋଧନରେ ସମାପ୍ତ ହୋଇଛି। ଏହି ଉପନ୍ୟାସରେ ଜୀବନ ପ୍ରତି ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଥିବା ପରିଲକ୍ଷିତ।

୧୯୬୯ରେ ପାଠକ ପାଖରେ ପହଞ୍ଚି ବେଶ୍ ଆଲୋଡ଼ନ ସୃଷ୍ଟି କରିଥିବା ଉପନ୍ୟାସଟି ହେଉଛି ଉମେଶଚନ୍ଦ୍ର ପାଢୀଙ୍କ 'ଅଶ୍ରୁଟୀକା'। ଏହି ଉପନ୍ୟାସଟି ଡାଏରୀ ଶୈଳୀରେ ଉପସ୍ଥାପିତ। ଡାଏରୀଟିଏ ଲେଖିଲା ବେଳେ ଆମେ ଯେମିତି ତାରିଖ ଓ ସମୟ ଲେଖିଥାଉଁ, ଠିକ୍ ସେହିପରି ଏହି ଉପନ୍ୟାସ ଜୁଲାଇ ୬ ତାରିଖ ରାତି ୧୨ଟା ସମୟରୁ ଡିସେମ୍ବର ୨୮ ତାରିଖ ରାତି ୧୨ ଟା ପର୍ଯ୍ୟନ୍ତ ସମୟ ସୀମା ମଧ୍ୟରେ ୩୮ ଟି ପତ୍ର ଡାଏରୀରେ ମଣ୍ଡିତ। ଉପନ୍ୟାସରେ ନାୟକ ଅଶୋକବାବୁଙ୍କ ହୃଦୟରେ ପ୍ରଜନ୍ମିତ ପ୍ରେମର ଆବେଗମୟ ଅଭିବ୍ୟକ୍ତି ବର୍ଣ୍ଣିତ।


୧୯୭୦ ମସିହାରେ ଆତ୍ମପ୍ରକାଶ ପାଏ ବିଭୂତି ପଟ୍ଟନାୟକଙ୍କ ଅନ୍ୟତମ ପତ୍ରୋପନ୍ୟାସ 'ଅଶୋକ ବନର ସୀତା'। ଏହା ମଧ୍ୟ ଏକ ଡାଏରୀ ଶୈଳୀ ଉପନ୍ୟାସ। ଏହି ଉପନ୍ୟାସର ନାୟିକା ଶ୍ରୀମୟୀ ଓ ନାୟକ ପ୍ରିୟନାଥ। ନାୟିକା ଶ୍ରୀମୟୀ ସମଗ୍ର ଉପନ୍ୟାସଟିରେ ପ୍ରିୟ ସମ୍ବୋଧନ କରି ଆପଣା ଜୀବନର ବ୍ୟଥାତୁର କଥା ବଖାଣିବା ପରିଦୃଶ୍ୟ ହୁଏ।

୧୯୭୪ ମସିହାରେ ପୁନର୍ବାର ନରସିଂହ ସାହୁଙ୍କ ଦ୍ୱାରା ରଚିତ ହୁଏ ଆଉ ଏକ ପତ୍ରୋପନ୍ୟାସ 'ଝଡ଼ର କବରୀ'। ପାଠକୀୟ ଶ୍ରଦ୍ଧାଭାଜନ ହୋଇପାରିଥିବା ଏକ ସଫଳ ଉପନ୍ୟାସ ହେଉଛି 'ଝଡ଼ର କବରୀ'। ଉପନ୍ୟାସର ନାୟକ ପ୍ରଦୀପ ଓ ନାୟିକା ଚିନ୍ମୟୀ। ଚିନ୍ମୟୀ ପ୍ରତି ପ୍ରଦୀପର ଗଭୀର ଭଲପାଇବା, ପ୍ରଦୀପର ନିରୁତା ପ୍ରେମକୁ ଚିନ୍ମୟୀ ପ୍ରତ୍ୟାଖ୍ୟାନ କରିବା, ଚିନ୍ମୟୀ ବିନାୟକକୁ ବିବାହ କରିବା, ପ୍ରଦୀପ ଚିନ୍ମୟୀ ଜୀବନରୁ ସବୁଦିନ ପାଇଁ ଚାଲିଯିବା, ପ୍ରଦୀପ ଚାଲିଯିବା ପରେ ଚିନ୍ମୟୀ ପ୍ରଦୀପର ଭଲପାଇବାକୁ ଝୁରିହେବା ଓ ଶେଷରେ ପ୍ରଦୀପର ଅକାଳ ମୃତ୍ୟୁ ଚିନ୍ମୟୀ ଜୀବନର ସମସ୍ତ ଖୁସି ଛଡ଼ାଇନେବା ଭିତରେ କଥାବସ୍ତୁଟି ପରିକଳ୍ପିତ।

୧୯୭୬ ମସିହାରେ ବସନ୍ତ କୁମାରୀ ପଟ୍ଟନାୟକ ଓ ନଟବର ପ୍ରଧାନ ଦୁଇଟି ପତ୍ରୋପନ୍ୟାସ ଭେଟି ଦିଅନ୍ତି ପାଠକମାନଙ୍କୁ ଯଥା- 'ଅଲିଭାଚିତା' ଓ 'ଦୁଇଟି ମିଶାବନ୍ଦୀର କାହାଣୀ'। 'ଅଲିଭାଚିତା' ଉପନ୍ୟାସଟି ନାୟିକା ଲୋଭାର ପତ୍ରରେ ଗୁନ୍ଥିତ। ୧୦.୩.୧୯୪୯ ଠାରୁ ୨୩.୧୧.୧୯୪୯ ମଧ୍ୟସ୍ଥ ୬୭ ଟି ପତ୍ର ସଂଯୁକ୍ତ ଉକ୍ତ ଉପନ୍ୟାସରେ, ଯେଉଁଠି ଲୋଭା ଆପଣାର ଅସଫଳ ପ୍ରେମ

ଜୀବନର ଅସହନୀୟ ବେଦନାକୁ ବ୍ୟକ୍ତ କରିଛି। ଅନ୍ୟଟି 'ଦୁଇଟି ମିଶାବନ୍ଦୀର କାହାଣୀ' କିନ୍ତୁ ସମ୍ପୂର୍ଣ୍ଣ ନିଆରା ଓ ସ୍ୱତନ୍ତ୍ର ଧରଣ ଉପନ୍ୟାସ ଅଟେ। ଏଥିରେ ନିଜେ ଲେଖକ ୧୯୭୫ ମସିହାରେ ଇମର୍‌ଜେନ୍‌ସି ସମୟରେ ଜାତୀୟ ନିରାପତ୍ତା ଆଇନ ବା ମିସା ବଳରେ ଫୁଲବାଣୀ ଜେଲରେ ବନ୍ଦୀଥିବା ବେଳର ଘଟଣା ଉଲ୍ଲେଖ କରିଛନ୍ତି। ଜେଲ୍ ଭିତରେ ଦିଆଯାଉଥିବା ଅକଥନୀୟ ଯନ୍ତ୍ରଣାକୁ ଲେଖକ ଏଠି ବୟାନ୍ କରିଛନ୍ତି। ଏହି ଉପନ୍ୟାସରେ ୧୩ଟି ପତ୍ର ସଂଯୋଜିତ।

୧୯୮୩ ମସିହାରେ ପ୍ରକାଶିତ ଚର୍ଚ୍ଚିତ ଔପନ୍ୟାସିକା ପ୍ରତିଭା ରାୟଙ୍କ 'ଶିଳାପଦ୍ମ' ଉପନ୍ୟାସ। 'ଶିଳାପଦ୍ମ' ଉପନ୍ୟାସର ଆରମ୍ଭରେ ହିଁ ପାଠକ ଦେଖେ ଋଲର୍ସର ଛୋଟ ପତ୍ରଟିଏ ଏବଂ ଏହି ପତ୍ର ହିଁ ସମଗ୍ର ଉପନ୍ୟାସକୁ ଗତିଶୀଳ କରାଇଛି।




୧୯୮୪ ମସିହାରେ ପ୍ରକାଶିତ ହୁଏ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଅନ୍ୟତମ କିମ୍ବଦନ୍ତୀ ପୁରୁଷ ବିଭୂତି ପଟ୍ଟନାୟକଙ୍କ 'ପ୍ରେମିକା' ଉପନ୍ୟାସ। ପାଠକ ଉପନ୍ୟାସର ପୃଷ୍ଠଭୂମିରେ ଆବିଷ୍କାର କରେ 'ପ୍ରେମିକାର ପତ୍ରଲିପି' ନାମକ ଶୀର୍ଷକକୁ ଓ ଶେଷରେ ଦୀର୍ଘ ପତ୍ରଟିଏ ପ୍ରେରିତ ହେବା ଦେଖାଯାଏ ପ୍ରେମିକାର ପତ୍ର ପ୍ରେମିକ ନିକଟକୁ। ପ୍ରେମକୁ ପ୍ରଧାନ ଉପଜୀବ୍ୟ ବିଷୟ କରି ସମଗ୍ର ଉପନ୍ୟାସଟି ପରିକଳ୍ପିତ। ନାୟିକା ଓ ନାୟକର ଅମିଳନର କାରୁଣ୍ୟ ପରିଣତି ଭିତରେ ଉପନ୍ୟାସଟିର ପରିମସାପ୍ତି ଘଟିଛି।

## 'ଯାଜ୍ଞସେନୀ'ରେ ପତ୍ରଶୈଳୀ

୧୯୮୫ ମସିହାରେ ପ୍ରକାଶ ପାଏ କେବଳ ଓଡ଼ିଆ ସାହିତ୍ୟ ନୁହଁ ଭାରତୀୟ ସାହିତ୍ୟରେ ଏକ ସ୍ୱତନ୍ତ୍ର ପରିଚିତିଟିଏ ସୃଷ୍ଟି କରିଥିବା ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ' ଉପନ୍ୟାସ। ସମ୍ପୂର୍ଣ୍ଣ ଉପନ୍ୟାସଟି ପତ୍ରଶୈଳୀରେ ରଚିତ। ଯଜ୍ଞସମ୍ଭୂତା ଯାଜ୍ଞସେନୀ ଆପଣାର ଜୀବନର ଯନ୍ତ୍ରଣାତିକ୍ତ ବେଦନାକୁ ଅର୍ପଣ କରିଛନ୍ତି ସଖାଶ୍ରେଷ୍ଠ କୃଷ୍ଣଙ୍କ ଉଦ୍ଦେଶ୍ୟରେ। ଅର୍ଥାତ୍, ନାରୀ ଜୀବନର କରୁଣ ଆତ୍ମଲିପି ହେଉଛି 'ଯାଜ୍ଞସେନୀ'।

୧୯୮୮ ମସିହାରେ ରୋଜାଲି ନନ୍ଦଙ୍କ 'କର୍ଣ୍ଣ' ଉପନ୍ୟାସ ମଧ୍ୟ ପତ୍ରଶୈଳୀର ସାର୍ଥକତା ବହନ କରେ। ଉପନ୍ୟାସଟି ପୌରାଣିକ ମିଥ୍ ଆଧାରିତ। ଉପନ୍ୟାସର ପ୍ରାରମ୍ଭରୁ ସଖା କର୍ଣ୍ଣ ଭାବେ ସମ୍ବୋଧନ କରି ଶେଷରେ ତୁମ ଭାରତ ଭାବେ ପତ୍ରଟି ରହିଛି। ମୋଟାମୋଟି ଭାବେ ସମସ୍ତ ସ୍ନେହ, ଶ୍ରଦ୍ଧା, ପରିବାର ସୁଖଠାରୁ ବଞ୍ଚିତ ଲାଞ୍ଛିତ ଚରିତ୍ର କର୍ଣ୍ଣର କରୁଣ ଜୀବନ କାହାଣୀ ହେଉଛି 'କର୍ଣ୍ଣ' ଉପନ୍ୟାସ।

୧୯୯୦ ମସିହାରେ ପ୍ରକାଶ ପାଏ ପରମାନନ୍ଦ ମିଶ୍ରଙ୍କ ପତ୍ରୋପନ୍ୟାସ 'ବିରହ ମିଳନ'। ସମଗ୍ର ଉପନ୍ୟାସଟି ତିନି ଖଣ୍ଡ ପତ୍ରକୁ ଆଧାର କରି ପରିପୁଷ୍ଟ। ପ୍ରଥମ ପତ୍ରଟି – 'ମୋର ହୃଦୟର ସମ୍ମାନନୀୟ ଚିନ୍ତାମଣି ବାବୁ' ସମ୍ବୋଧନରେ ଆରମ୍ଭ ଓ 'ଇତି ତୁମର ଏକଦା ମାନସୀ'ରେ ଶେଷ ହୋଇଥିବା ବେଳେ, ଦ୍ୱିତୀୟ ପତ୍ରରେ – 'ମାନ ଅଭିମାନର ମାନସୀ ମୋର' ରୁ ଆରମ୍ଭ ହୋଇ 'ଇତି ତୁମର ଏକାନ୍ତ'ରେ ସମାପ୍ତ ହୋଇଛି ଏବଂ ତୃତୀୟ ପତ୍ରଟିର ଆରମ୍ଭ ହୋଇଛି – 'ମନର ମଧୁପ ମୋର' ଓ ଶେଷ ହୋଇଛି 'ତୁମର ମାନସୀ' ଭାବରେ। ଏକ ନିରୁତା ପତ୍ରୋପନ୍ୟାସ ହେଉଛି 'ବିରହ ମିଳନ'।

୧୯୯୬ ଓ ୧୯୯୭ରେ ଯଥାକ୍ରମେ ପ୍ରକାଶିତ ହୁଏ ମନୋଜ ଦାସଙ୍କ 'ଅମୃତଫଳ', 'ଆକାଶର ଇଶାରା' ନାମକ ଦୁଇଟି ପତ୍ରୋପନ୍ୟାସ। 'ଅମୃତଫଳ' ଉପନ୍ୟାସର ନାୟକ ଅମରନାଥ ନିକଟକୁ ବଳଦେବଙ୍କ ପତ୍ର ପ୍ରେରଣ, ଅମରନାଥଙ୍କ ବଳଦେବ ନିକଟକୁ ପତ୍ର, ଅମରନାଥଙ୍କ ନିକଟକୁ ଝିଅ ମନୀଷା ଦେଇଥିବା ପତ୍ରାଦି ଏଥିରେ ଉଲ୍ଲିଖିତ।

୨୦୦୨ ମସିହାରେ ଆତ୍ମପ୍ରକାଶ ପାଇଥିବା ମମତା ଦାସଙ୍କ ପତ୍ରୋପନ୍ୟାସ 'କେହି ଜଣେ ବିଶାଖା' ଏକ ନୂତନ ସଂଯୋଗ। ନାୟିକା ବିଶାଖାର ଜୀବନ-ଦର୍ଶନ ଆଧାରିତ ହେଉଛି ଏହି ଉପନ୍ୟାସ। ବିକ୍ଷିପ୍ତ ଭାବରେ ଅନେକ ପତ୍ରର ଦୃଷ୍ଟାନ୍ତ ଉପନ୍ୟାସରେ ଦେଖିବାକୁ ମିଳେ। ମୁକ୍ତ ବିହଙ୍ଗ ପରି ଜଣେ ବିମୁକ୍ତ ନାରୀର ଜୀବନ ଯାତ୍ରାର କାହାଣୀ ହେଉଛି ଉକ୍ତ ଉପନ୍ୟାସ।

୨୦୦୩ ମସିହାରେ ପାଠକର ଦୃଷ୍ଟି ଆକର୍ଷଣ କରେ

ପ୍ରକାଶିତ ଦୁଇଟି ପତ୍ରୋପନ୍ୟାସ, ପ୍ରଥମଟି ହେଲା – ସତ୍ୟପ୍ରିୟ ମହାଳିକଙ୍କ 'କଭରଷ୍ଟୋରୀ' ଓ ଦ୍ୱିତୀୟଟି ହେଲା – ପ୍ରବୀଣା ମହାନ୍ତିଙ୍କ 'ଶ୍ରେୟସୀ'। ଯଦିଓ ଦୁଇଟି ଯାକ ଉପନ୍ୟାସ ନିରୋଳା ପତ୍ରୋପନ୍ୟାସ ନୁହଁ, ତଥାପି ପତ୍ରୋପନ୍ୟାସ ଗୁଣଧର୍ମ ଏଥିରେ ପ୍ରତିଫଳିତ। 'କଭରଷ୍ଟୋରୀ' ଉପନ୍ୟାସଟିରେ ସାଂପ୍ରତିକ ସମାଜର ଅମାନୁଷିକ ଘଟଣାବଳୀ ଉପରେ ଆଲୋକପାତ କରାଯିବା ସହିତ ଓ ସଚେତନତାର ବାର୍ତ୍ତା ଅନୁରଣିତ ହୋଇଥିବା ବେଳେ 'ଶ୍ରେୟସୀ' ଉପନ୍ୟାସଟି ନାରୀବାଦ ଭାବନା ଉପରେ ପର୍ଯ୍ୟବସିତ।

**ନାୟିକାର ପ୍ରେମ ଭାବନାରେ ଛଳଛଳ ପତ୍ର ପ୍ରେରଣ, ଯାହା ପ୍ରେମିକ ନିତିଆ ଉଦ୍ଦେଶ୍ୟରେ ରଚିତ, ବାସ୍ତବରେ ପାଠକର ଚିତ୍ତ ହରଣ କରେ।**

୨୦୧୪ ମସିହାରେ ପ୍ରକାଶ ପାଏ ଅଜୟ ସ୍ୱାଇଁଙ୍କ ପତ୍ରୋପନ୍ୟାସ 'ଶିରୀଷ ଗଛର ଛାଇଗୋ'। ଏହି ଉପନ୍ୟାସର ନାୟକ ହେଲେ ନିତିଆ ଓ ନାୟିକା ହେଲେ ଦେବୀ। ନାୟିକା ଦେବୀର ପ୍ରେମ ଭାବନାରେ ଛଳଛଳ ପତ୍ର ପ୍ରେରଣ (ଯାହା ପ୍ରେମିକ ନିତିଆ ଉଦ୍ଦେଶ୍ୟରେ ରଚିତ) ବାସ୍ତବରେ ପାଠକର ଚିତ୍ତ ହରଣ କରେ। ନାୟିକା ଦେବୀରୁ ଦେବକୀ ହେବାର ଯାତ୍ରା କାହାଣୀ ଉକ୍ତ ଉପନ୍ୟାସରେ ବର୍ଣ୍ଣିତ।

ଏତତ୍ ବ୍ୟତୀତ 'ଭଲ ପାଇବାର ଶେଷ କଥା' ନାମକ ଯୌଥ ପତ୍ରୋପନ୍ୟାସ, ସୁନୀତି ମୁଣ୍ଡଙ୍କ ୨୦୧୫ ମସିହାରେ ପ୍ରକାଶିତ 'ମାଟ୍ରିମୋନୀ ଡଟ୍ କମ୍' ଉପନ୍ୟାସଗୁଡ଼ିକ ସ୍ମରଣୀୟ।

ଓଡ଼ିଆ ସାହିତ୍ୟରେ ପତ୍ରୋପନ୍ୟାସ ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ହେଲେ ହେଁ, ତା'ର ଏକ ସ୍ୱତନ୍ତ୍ର ସ୍ଥାନ ନିରୂପଣ ହୋଇସାରିଛି ପାଠକର ହୃଦୟ ବେଦୀରେ। ଅଦ୍ୟାବଧି ଓଡ଼ିଆ ସାହିତ୍ୟରେ ପରିଦୃଶ୍ୟ ହେଉଥିବା ପତ୍ରୋପନ୍ୟାସଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏ ସମସ୍ତ ପତ୍ରୋପନ୍ୟାସ ନିରୋଳା ପତ୍ରୋପନ୍ୟାସ ନୁହେଁ, ତନ୍ମଧ୍ୟରୁ କିଛି ଡାଏରୀ ଶୈଳୀ ପତ୍ର ହୋଇଥିବା ବେଳେ ଆଉ କିଛି ଗଦ୍ୟର ଆଙ୍ଗିକରେ ରଚିତ। ତଥାପି ପତ୍ରୋପନ୍ୟାସର ସୃଷ୍ଟି ଉପନ୍ୟାସ ସାହିତ୍ୟ ଜଗତରେ ଅନନ୍ୟ, ସ୍ୱତନ୍ତ୍ର ଓ ପାଠକୀୟ ସ୍ପୃହା ଭାଜନରେ ଯେ ସମର୍ଥ ଏହା ନିଃସନ୍ଦେହ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
rakeshkumarbishi1981@gmail.com



କବିତା

# ଗୋଟିଏ ସଭ୍ୟତାର ଇତିହାସ



ହରପ୍ରସାଦ ଦାସ

ସମସ୍ତେ ଆସିଲେ ଡକାହୋଇ ବଟମୂଳକୁ
ଏକା ଆସିଲାନାହିଁ ଝୁଲ, ହାତୀ ରଣାଙ୍କ
ମା' ଛେଉଣ୍ଡ ବାୟା ପୁଅ
କେହି ଡାକିନଥିଲେ ତାକୁ, କାହିଁକି ବା କିଏ ଲୋଡିଥାନ୍ତା
ଗୋଟେ ବନ୍ଧ ପାଗଳକୁ ଏ ସଭାରେ
ଯୋଉଠି ଗାଁର ଗୁଣୀମାନଙ୍କ ଆଗରେ
ପ୍ରଶ୍ନ ଗମ୍ଭୀର, ଉତ୍ତର ଭାରି
ଦେବା କି ନଦେବା ରଜତଗିରି !

ଉଭାବଟମୂଳେ ଶୁଏ ଯୋଉଠି ପବନ,
ଯୋଉଠି ମୁହଁସଂଜରେ ଅତୁଠଗାଧୋଇ ଓଦା ସର ସର ଲୁଗା
ଶୁଖାଏ ବ୍ରହ୍ମରାକ୍ଷସ ମଦନ,
ଯୋଉଠି ଓହଳରୁ ଓହଳକୁ ଯାଇ ଅଧରାତିରେ
ଟେଣ୍ଟେଇ ସ୍ୱରରେ କଳି ଲଗାନ୍ତି ତିନି ପେତିନୀ
କୁତୁରୀକାଳି, ଭୁତୁରିବାଳି, ସୁତୁରୀମାଳି,
ଯୋଉଠି ନିତେଇ ଧୋବଣୀ ହାତରୁ ମଣ୍ଡେଇଦେଇ
ଠାକୁରାଣୀ ପିଏ ନବାତପାଣି,
ରଙ୍କୁଣି ନଈରେ ଭରା ଉଜାଣି !
ସେଇଠି ଆଜି ଉପର ଓଳି ଏକାଠି
ଗାଁ ଖୁମାଣି
ପ୍ରଶ୍ନ ଗମ୍ଭୀର, ଉତ୍ତର ଭାରି
ଦେବା କି ନଦେବା ରଜତଗିରି !



ଦେଇ ଦିଅ ହେ ଦେଇଦିଅ
ମୋ ମାଆକୁ ମତେ
ହେ ହେ ହେ ହେ ହେ ହେ ହେ ହେ ହେ ହେ
ବୁଲିଗଲା ଝୁଲ ରଣାର ରଡ଼ି,
ପାହାଡ଼ରେ ବାଜି ଗାଁ ଉପରେ ଘେରାଏ।
ଚମକିଗଲେ ଲୋକେ,
ପତ୍ର ଝାଡିଦେଇ ଗଛ ମୂଳରୁ
ଉଠିଚାଲିଗଲା ପବନ !



ହୋ କିନା ଉଠିଲେ ଲୋକେ
ନା ନା ନା ନା ନା ନା ନା ନା ନା
ଏ ପାହାଡ଼ ଆମର, ଏ ରୁପା ଆମର
ଆମ ସମ୍ପତ୍ତି, ଆମ ଅଧିକାର
ଖୋଳ ପାହାଡ଼, ଖୋଲ ଭଣ୍ଡାର,
ଜଣକ ଭାଗରେ କେତେପଡ଼ିଲା
ହିସାବ କର, ହିସାବ କର, ହିସାବ କର, ହିସାବ କର !
ତଫାତ ଯାଅ କଣ୍ଟ୍ରାକ୍ଟର
ତଫାତ ଯାଅ ସରକାର !
ପ୍ରଶ୍ନ ଗମ୍ଭୀର ଉତ୍ତର ଭାରି
ଏ ହାତରେ ଦିଅ ରୁପାରେ ଭାଗ
ସେ ହାତରେ ନିଅ ମଣ୍ଡା ପାହାଡ଼ ସେ ରଜତଗିରି !

ସେଦିନ ରାତିରେ
ମଣ୍ଡା ପାହାଡ଼କୁ ଯାଇ ଆଉ ଫେରିଲା ନାହିଁ ଝୁଲ।
କିଏ କହିଲା ଗାଁ ଲୋକେ ମାରିଦେଲେ ଝୁଲକୁ
କିଏ କହିଲା ଛେଉଣ୍ଡକୁ କୋଳେଇ ନେଲା ତା ମା'
କିଏ କହିଲା ଯଖ ହାବୁଡ଼ରେ ପଡ଼ିଗଲା ପିଲାଟା
ମିଳେଇଗଲା ଶୁନ୍ୟରେ !

ସବୁଠୁ ବଡ଼ କଥା
ବହୁ ଖୋଳାଖୋଳି ପରେବି ମିଳିଲାନାହିଁ ରୁପା
କେବଳ ମିଳିଲା ପ୍ରମାଣ ଯେ ପ୍ରସ୍ତର ଯୁଗର ମଣିଷ ଥିଲେ
ଏଠି, ଏ ମଣ୍ଡା ପାହାଡ଼ରେ !

ଆଜିବି ଅଛି ଏ ଖୁମାଣି ଗାଁଏଠି, ନୂଆଗାଁ-ଖୁମାଣି ନାଁରେ
ନାହିଁ ମଣ୍ଡା ପାହାଡ଼, ପାହାଡ଼ ହେଇ
ନାହାନ୍ତି ବଟମୂଳେ ସିଦ୍ଧ ମଣ୍ଡେଇ ଦେଇ
ନାହିଁ ସେ ବଟ, ନାହିଁ ବ୍ରହ୍ମ ରାକ୍ଷସ
ନାହାନ୍ତି ତିନିପେତିନୀ
ବହିଯାଉଚି ବାଲିରେ ବାଟ ଦେଇ ସମୟର ରଂକୁଣି ନଈ !

□□

କବିଙ୍କ ଇ-ମେଲ ଠିକଣା: hpd1945@gmail.com



ଗଳ୍ପ


# ବୋଉ

ଚୌଧୁରୀ ବରଦାପ୍ରସନ୍ନ ଦାସ

ସୁମନ୍ତ ଆଉ ସୁଭଦ୍ରା ଖୁବ୍ ଖୁସି ହେଲେ ଯେତେବେଳେ ଛୋଟ ପୁଅ ପାପୁନକୁ ନେଇ ଭୁବନେଶ୍ୱରର ଇଣ୍ଟରନ୍ୟାସନାଲ ଗୁରୁକୁଳ ଆବାସିକ ବିଦ୍ୟାଳୟରେ ଛାଡି ଆସିଲେ। ଏଇ ବିଦ୍ୟାଳୟର ନାମରେ ଯଦିଓ ଗୁରୁକୁଳ ଶବ୍ଦଟି ଲାଗିଛି ବାସ୍ତବରେ ଏହା ବୈଦିକ ଯୁଗର ଗୁରୁକୁଳ ପରି ନୁହେଁ। ବରଂ ଏହା ଗୋଟିଏ ସୁଖ ସ୍ୱାଚ୍ଛନ୍ଦ୍ୟଯୁକ୍ତ ହୋଟେଲଟିଏ। ଏହାର ପ୍ରତ୍ୟେକ ରୁମରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏ.ସି., ଟେଲିଭିଜନ ଆଦି ଉପଲବ୍ଧ। ହଷ୍ଟେଲର କ୍ୟାଣ୍ଟିନରେ ମିଳେ ମନମୁତାବକ ପାଶ୍ଚାତ୍ୟ ଖାଦ୍ୟ। କ୍ୟାମ୍ପସ ମଧ୍ୟରେ ଘୋଡାଚଢା ପାଇଁ ରେସ୍ କୋର୍ସ, ଜିମ୍, ସୁଇମିଂ ପୁଲ୍ ଆଦିର ସୁବିଧା ଏଇ ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଶିକ୍ଷକ, ଶିକ୍ଷୟିତ୍ରୀମାନେ ବାହାର ପଢୁଆ।

ଏଇ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ଭିତରେ ହିନ୍ଦୀ କିମ୍ବା ଇଂରାଜୀରେ କଥା ହେବାପାଇଁ ଅଲିଖିତ କିନ୍ତୁ କଠୋର ନିର୍ଦ୍ଦେଶ ଥାଏ। ଏପରିକି ଯେଉଁ ଛାତ୍ରମାନେ ଦିବାଧାୟୀ ସେମାନଙ୍କୁ ମଧ୍ୟ ଘରେ ବାପା ମା'ଙ୍କ ସାଙ୍ଗରେ ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ କଥା ହେବାକୁ କୁହାଯାଏ। ଅଭିଭାବକମାନଙ୍କ ସହ ମାସିକ ମିଟିଂବେଳେ ମଧ୍ୟ ଏ ବିଷୟରେ ସେମାନଙ୍କୁ ସଚେତନ କରାଯାଏ। ଏପରି ଏକ ଆଧୁନିକ ବିଦ୍ୟାଳୟରେ ପିଲାଙ୍କୁ ପଢାଇବା ଗୋଟାଏ ଗର୍ବର କଥା ବୋଲି ସବୁ ବାପା'ମା ଖୁସିରେ ପ୍ରକାଶ କରନ୍ତି। ଏପରି ଏକ ସ୍କୁଲରେ ପିଲାକୁ ଛାଡି ସୁମନ୍ତ ଆଉ ସୁଭଦ୍ରାଙ୍କ ପରି ଆଧୁନିକ ଦମ୍ପତି ଖୁସି ନ ହେବେ ବା କାହିଁକି ?

ସୁମନ୍ତ ଆଉ ସୁଭଦ୍ରା ଦେଶର ରଙ୍ଗିନ ନଗରୀ ବାଙ୍ଗାଲୋରରେ ଏକ ବହୁରାଷ୍ଟ୍ରୀୟ ସୂଚନା ବିଜ୍ଞାନ ବା ଆଇଟି କମ୍ପାନୀରେ ଉଚ୍ଚ ପଦବୀରେ କାମ କରନ୍ତି। ମାସିକ ଦରମା ଆକାଶଛୁଆଁ। ଇଣ୍ଟରନ୍ୟାସନାଲ ଗୁରୁକୁଳ ପରି ବିଦ୍ୟାଳୟରେ ପିଲାକୁ ପାଠ ପଢାଇବା ବ୍ୟୟବହୁଳ ହେଲେ ବି ଖର୍ଚ୍ଚଟା ସେମାନଙ୍କ ପାଇଁ କିଛି ନୁହେଁ।



ହଷ୍ଟେଲରେ ପୁଅକୁ ଛାଡି ଓଲଡ଼୍‌ଟାଉନରେ ଥିବା ବାପଘରକୁ ଫେରିଲା ବେଳେ ମୋବାଇଲ ଫୋନ୍‌ରେ ବାଙ୍ଗାଲୋରରେ ଥିବା ସାଙ୍ଗମାନଙ୍କୁ ପୁଅକୁ ହଷ୍ଟେଲରେ ଛାଡିବାର ଖୁସି ଖବରଟା ଦେଇଥିଲା ସୁଭଦ୍ରା। କାହାର ଫୋନ୍ ନ ଲାଗିଲେ ମେସେଜଟି କରି ଦେଇଥିଲା। ସୁମନ୍ତ ଆଉ ପାଦେ ଆଗକୁ ଯାଇ ନିଜର ଫେସ୍‌ବୁକରେ ସ୍କୁଲର ଫଟୋ ଦେଇ ଖବରଟା ପୋଷ୍ଟ କରିଦେଇଥିଲେ। ତା'ପରେ ଛୁଟିଥିଲା ଶୁଭେଚ୍ଛାର ବାର୍ତ୍ତା।

ପୁଅ ପାପୁନକୁ ଏଇ ଦୂର ଆବାସିକ ସ୍କୁଲରେ ଛାଡିବାର ଖୁସିର କାରଣ କିନ୍ତୁ ଭିତରେ ଥିଲା ଅଲଗା। ସପ୍ତାହ ସାରା ମେସିନ ପରି କାମକରି ଏମାନେ ବିରକ୍ତ ହୋଇ ଅପେକ୍ଷା କରନ୍ତି ସପ୍ତାହନ୍ତ ଆସରକୁ। ଏଇ ରଙ୍ଗିନ ପାର୍ଟିରେ ଏମାନେ ପାଲଟି ଯାଆନ୍ତି ସତେ ଅବା ଗୋଟାଏ ଗୋଟାଏ ପରୀ ଅବା ଗନ୍ଧର୍ବ। ଆଖିରେ ଲାଗେ ପାରିଜାତର ରଙ୍ଗ। ଦାମୀଦାମୀ ପାନୀୟକୁ ପ୍ରତିଯୋଗିତା କରିପିଅନ୍ତି। ବସନ ବିପର୍ଯ୍ୟସ୍ତ ହେଲେବି ସଚେତନ ନ ଥାଆନ୍ତି। ଅଫିସ୍ ଦିନରେ ଘରକୁ ଫେରିଲେ ଭ୍ୟାନିଟି କି ବ୍ରିଫ୍‌କେଶରେ ଥାଏ ରାତିର ସାଥୀ ଉତ୍ତେଜକ ପାନୀୟ। ପିଲାମାନେ ଏମାନଙ୍କୁ ଲାଗନ୍ତି ନିଜର ଏଇ ଖୋଲାମେଲା ଜୀବନରେ ବାଧକ ପରି।

ନୂଆ ନୂଆ ବାହାଘର ପରେ ଗାଁରୁ ଶାଶୂଶ୍ୱଶୁର ଆପେଆପେ ଆସି ରହିଗଲେ ତାଙ୍କ ଫ୍ଲାଟରେ। ଶାଶୁ ସମସ୍ତଙ୍କୁ କହନ୍ତି,

ନୂଆ ବୋହୂଟା ପାଖରେ ରହି ଟିକେ ଚଳେଇଦେବା ଆମ କାମ। ପ୍ରଥମେ ପ୍ରଥମେ ହସୁଥିଲେ ବି ଧୀରେ ଧୀରେ ବିରକ୍ତ ହୋଇଗଲା ସୁଭଦ୍ରା। ତାଙ୍କ ଆପାର୍ଟମେଣ୍ଟରେ ଅନ୍ୟ ସାଥୀମାନେ ବି ମନେ ମନେ ହସନ୍ତି। ହାଲୁକା ସମୟରେ ଏଇମାନଙ୍କ ଚାଲିଚଳଣିକୁ ନେଇ ଚର୍ଚ୍ଚାହୁଏ। ଭଲନୁହେଁ ମନ୍ଦର। ଶାଶୁ ଶ୍ୱଶୁର କାହା ବିଷୟରେ କିଛି କହନ୍ତି ନାହିଁ। କିନ୍ତୁ ସମସ୍ତଙ୍କର ନିଜ ମନର ପାପ ନିଜ ମନକୁ ଛୁଏଁ।

ସୁଭଦ୍ରା ଦେଖେ ରାତିରେ ଯେତେ ବିଳମ୍ବ ହେଲେ ବି ପୁଅ ସୁମନ୍ତର ଫେରିବା ବାଟକୁ ଅନେଇ ବସୁଛନ୍ତି ଶାଶୁ। ଟିକେ କାହାର ଦେହ ଖରାପ ହେଲେ ଠାକୁରଙ୍କ ପାଖରେ ମୁଣ୍ଡ ପିଟିଦେଉଛନ୍ତି। ଅବଶ୍ୟ ତା' ବୋଉ ବି ଠିକ୍ ଏଇପରି। ହେଲେ ସମୟ ସାଥୀରେ ବଦଳି ନାହାନ୍ତି ଏଇ ମଣିଷଗୁଡାକ। ବହୁତ ବିରକ୍ତ ଲାଗେ ଯେତେବେଳେ ଶ୍ୱଶୁର ନାତିଟାକୁ ପାଖରେ ବସାଇ ଇଂରାଜୀ ରାଇମ ବଦଳରେ "ଥିଲା ଏକ ଠେକୁଆ" ପରି ଗ୍ରାମ୍ୟଗୀତ ଅବା ପୁରାଣର ପିତୃମାତୃ ଭକ୍ତ ଶ୍ରବଣ କୁମାରର କାହାଣୀ କହନ୍ତି। ସୁଭଦ୍ରା ବେଶି ବିରକ୍ତ ହୋଇଥିଲା ଯେତେବେଳେ ଏମାନେ ଡାଡି ମମି ବଦଳରେ ବୋଉ ବାପା ଡାକିବାକୁ ଶିଖେଇଲେ। ଏଇଥିପାଇଁ କମ୍ ହସିନାହାନ୍ତି ତାଙ୍କର ସାଙ୍ଗମାନେ। ପ୍ରଥମେ ପ୍ରଥମେ କେହି ଖୋଲି କହୁ ନ ଥିଲେ ବି ଧୀରେ ଧୀରେ ଏଇ ଶାଶୁଶ୍ୱଶୁରମାନେ ଗୋଟାଏ ଗୋଟାଏ କୌତୁକିଆ ବସ୍ତୁରେ ପରିଣତ ହୋଇଗଲେ। ଖୁବ୍ ହାଲୁକା ଲାଗିଥିଲା, ତାକୁ ଯେଉଁଦିନ ଏବେକାର ଚାଲିଚଳଣିରେ କଣ୍ଟାପରି ଲାଗୁଥିବା ଶାଶୁଶ୍ୱଶୁରଙ୍କୁ ଗାଁକୁ ପଠେଇ ଦେବାରେ ସମର୍ଥ ହେଲା। ହେଲେ ସେମାନେ ଗାଁକୁ ଚାଲିଗଲା ପରେ ପୁଅ ପାପୁନ୍‌ଟାର ଆଚରଣ ଏଇ ଦମ୍ପତିଙ୍କୁ ଅଡୁଆଅଡୁଆ ଲାଗିଲା। ଜେଜେ, ଜେଜେମାଙ୍କ ସାନ୍ନିଧ୍ୟରେ ସେ ଯେମିତି ପାଲଟି ଯାଇଥିଲା ତାଙ୍କର ଗୋଟାଏ ଅବତାର। ପିଲାଟାଏ ହେଲେ କଥା କହିବ ବୁଢାଙ୍କପରି। ଜେଜେ, ଜେଜେ ମା ଏଠୁ ଚାଲିଯାଆନ୍ତୁ ବୋଲି ଆଦୌ ଚାହୁଁ ନ ଥିଲା ପିଲାଟା। ନାନାକଥା କହି ବୁଝେଇବାକୁ ପଡିଲା ତାକୁ।

**ଖୁବ୍ ହାଲୁକା ଲାଗିଥିଲା, ତାକୁ ଯେଉଁଦିନ ଏବେକାର ଚାଲିଚଳଣିରେ କଣ୍ଟାପରି ଲାଗୁଥିବା ଶାଶୁଶ୍ୱଶୁରଙ୍କୁ ଗାଁକୁ ପଠେଇ ଦେବାରେ ସମର୍ଥ ହେଲା।**

ଇଣ୍ଟରନ୍ୟାସନାଲ ଗୁରୁକୁଳ ସ୍କୁଲ ହଷ୍ଟେଲରେ ପାପୁନ୍‌କୁ ଛାଡି ପୁରୁଣା ଭୁବନେଶ୍ୱରରେ ଥିବା ବାପଘରକୁ ଫେରିଲାବେଳେ ବିନ୍ଦୁସାଗର କୂଳ ଭିଡ ରାସ୍ତାରେ ବାଧ ହୋଇ ଗାଡିରୁ ଓହ୍ଲାଇ ଚାଲିଲେ ଏଇ ସ୍ୱାମୀ ସ୍ତ୍ରୀ। ଡ୍ରାଇଭର ଅନ୍ୟ ରାସ୍ତାରେ ବୁଲାଇ ଗାଡି ନେଇ ପରେ ଯିବ।

ଅନନ୍ତ ବାସୁଦେବଙ୍କ ମନ୍ଦିର ସାମନାରେ ମେଳିହୋଇ ଠିଆ ହୋଇ କ'ଣ ଦେଖୁଛନ୍ତି ଲୋକେ। ଏତେ ଲୋକ ଯେ ମୁଣ୍ଡ ଉପରେ ଥାଳି ଚଳେଇଦେଲେ ଚାଲିଯିବ। ହେଲେ ଆଶ୍ଚର୍ଯ୍ୟ ଲାଗିଲା, ଏତେ ଲୋକ କିନ୍ତୁ ପାଟି ଟିକିଏ ବି ଶୁଭୁନି। ନିରବରେ ଠିଆ ହୋଇଛନ୍ତି।

ହସ ଲାଗିଲା ତାକୁ ଗୋଟାଏ ବୁଲା କୁକୁର ଚାଲିଚାଲି ଯାଉଛି। ଦାନ୍ତରେ ଧରିଛି ଗୋଟାଏ ଛୁଆ, ପଛରେ ଦଉଡୁଛି ଆଉ ଗୋଟାଏ ଛୁଆ। ପୁଣି ଖଣ୍ଡେ ଦୂରରେ ଖାଇଲାପରେ ଫୋପଡା ଯାଇଥିବା ପତ୍ରକୁ ଚାଟୁଛନ୍ତି ଆଉ ଦିଇ ତିନିଟା କୁକୁର ଛୁଆ ବେଳେବେଳେ ବୁଲିବୁଲି ଅନଉଛନ୍ତି ଦାନ୍ତରେ ଛୁଆଟିଏ ଧରି ଯାଉଥିବା ମା'କୁକୁରଟିକୁ।

ବିରକ୍ତ ଲାଗିଲା ସୁଭଦ୍ରାକୁ। ଭିଡ କରିଥିବା ଲୋକଗୁଡାଙ୍କୁ ଆକ୍ଷେପ କରି ମନକୁ ମନ କହିଲା ସ୍ୟାଭେଜ। କଥା ଯୋଡି ଆଉ ପାଦେ ଆଗକୁ ଯାଇ ସୁମନ୍ତ କହିଲେ ଆମ ଏ ଓଡିଆମାନେ କେବେ ଡିସିପ୍ଲିନ ଶିଖିବେ କେଜାଣି। ଆମ ମା' ମାଟିକି ନ୍ୟୁନ୍ କରିବା ଆମପରି ଆଧୁନିକ ମଣିଷମାନଙ୍କର ଗୋଟାଏ ବାହାଦୁରୀ ନିଶ୍ଚୟ। କିନ୍ତୁ ଭିଡ଼ ଜମେଇଥିବା ଜନତାଙ୍କ ମୁହଁଗୁଡାକ କେମିତି ଅଲଗା ଲାଗୁଥିଲା ସୁଭଦ୍ରା ଆଉ ସୁମନ୍ତଙ୍କୁ। ସମସ୍ତେ ଏମିତି ନିରବ ରହିଛନ୍ତି କାହିଁକି ? ଆଶ୍ଚର୍ଯ୍ୟ ହେଲେ ଯେତେବେଳେ ଦେଖିଲେ ଏ ଭିଡ ଭିତରେ ବି ତାଙ୍କ ଭାଉଜ ଅଛନ୍ତି। ନିବିଷ୍ଟ ଆଖିରେ ଚାହିଁ ରହିଛନ୍ତି ଏଇ ବୁଲାକୁକୁର ଆଉ ତା'ର ପିଲା କେଇଟାକୁ। ଆଖି ତାଙ୍କର କରୁଣା ବିଗଳିତ।

ଆଶ୍ଚର୍ଯ୍ୟରେ ଚାହିଁଲେ ସୁଭଦ୍ରା ଆଉ ସୁମନ୍ତ। ଯେତେବେଳେ ତା'ର ଭାଉଜ କହିଲେ ଜାଣିଛ ଗୋଟାଏ ମା' କୁକୁର କେମିତି ତା'ର ମାସ କେଇଟାର ଛୁଆମାନଙ୍କୁ ଖୁଆଇବାକୁ ଏଇ ଅଇଁଠାପତ୍ର ଗଦା ପାଖକୁ ଆଣୁଛି।

ଲୋକମାନେ ଖାଇଲା ପରେ ଫୋପାଡି ଦେଇଥିବା ଅବଡାକୁ ନିଜେ ନ ଖାଇ ପିଲାଙ୍କୁ ଆଗ ଖାଇବା ପାଇଁ ଛାଡି ଦଉଛି ଆଉ ପିଲାମାନେ ଖାଇଲାବେଳେ କାଳେ ବିପଦ ଆପଦ ପଡିବ ବୋଲି ଅନେଇ ବସୁଛି।

ଆଶ୍ଚର୍ଯ୍ୟ ଲାଗିଲା ସେମାନଙ୍କୁ, ଘଟଣାଟା ନିତିଦିନିଆ ହେଲେ ବି ଆବିଷ୍କାର କଲାପରି ଲାଗିଲା। ଭାଉଜ ପୁଣି କଥା ଯୋଡିଲେ। କୁକୁରଟି ଆଗ ଗଳି ମୁଣ୍ଡରେ ଗୋଟାଏ ଜଡାବୁଦା ପାଖରେ ରହେ। ଦେଖ ଦୁର୍ବଳ ଛୁଆଗୁଡାକୁ ଦାନ୍ତରେ କାମୁଡି ଧରି ମା' କୁକୁରଟି ରାସ୍ତାର ଭିଡ ଭିତରେ ନିରାପଦରେ ନେଇଯାଉଛି। ସୁଭଦ୍ରା ଦେଖୁଥିଲା ଗଲାବେଳେ ଏପଟ ସେପଟ ଚାହୁଁଛି ମା' କୁକୁରଟି। ଲାଗୁଛି ଯେମିତି କାଳେ କୋଉପଟରୁ ବିପଦ ଆସିବ ବୋଲି ଡରୁଛି। ନିଶ୍ଚୟ ଆଶଙ୍କା କରୁଛି କେତେବେଳେ ଗାଡିମୋଟରଟିଏ ମାଡିଆସିବ ବୋଲି। କୁକୁରଟି ଚାଲିଗଲାପରେ ଦେଖଣାହାରୀ ଭିତରୁ କିଏ କହୁଥିବାର ଶୁଭିଲା "ମା' ନାହିଁ ଯାହାର ସାହା ନାହିଁ ତାହାର। ପଶୁ ହେଉକି ମଣିଷ, ସବୁ ମାଆ ଏକାପରି। ପିଲା ପାଇଁ ନିଜର ସବୁ ସୁଖ ଛାଡି ଭୋକ ଉପାସରେ ସୁଖକୁ ଅନେଇଥିବେ।



ହାତରେ ଅନନ୍ତ ବାସୁଦେବଙ୍କର ପ୍ରସାଦଭରା ଟିଫିନ୍ କ୍ୟାରିଅର ଧରି କୋଟି ତୀର୍ଥ ଲେନ୍ ଭିତରକୁ ପଶିଲାବେଳେ ସୁଭଦ୍ରା ଆଉ ସୁମନ୍ତ ଦେଖିଲେ ଜଡାବୁଦା ମୂଳରେ ମାଆ କୁକୁର ଆମ୍ପୁଡି କରି ତିଆରି କରିଥିବା ମାଟିର ମଳା ଉପରେ ଛୁଆଗୁଡାକ ଗଡୁଛନ୍ତି। ଭାଉଜ ଟିକେ ଦୂରରେ ଠିଆହୋଇ ଏମାନଙ୍କୁ ଲକ୍ଷ୍ୟ କରୁଥିବା ଅଣ୍ଡିରା କୁକୁରଟିକି ଦେଖେଇ ଦେଇ କହିଲେ ଦେଖ ଏ ଅଣ୍ଡିରା କୁକୁରଟା କେମିତି ଚାହିଁଛି। ସତେ ଯେମିତି ଛୁଆଗୁଡାଙ୍କ ସାଙ୍ଗରେ କିଏ ଲାଗିଲେ ଝୁଣିଦବ।

ଘରକୁ ଆସି ପ୍ରସାଦ ପାଇଲା ପରେ କେମିତି ଗୋଟାଏ ନିରବତା ଭିତରେ ବୁଡିଗଲେ ସୁଭଦ୍ରା ଆଉ ସୁମନ୍ତ ଦମ୍ପତି। ମା' କୁକୁରଟା ଦାନ୍ତରେ ଧରି ଦୁର୍ବଳିଆ ପିଲାକୁ ନିରାପଦ ସ୍ଥାନକୁ ନେବା, ନିଜେ ନ ଖାଇ ଛୁଆକୁ ଖାଇବାକୁ ଛାଡିବା ପୁଣି ଅଣ୍ଡିରା କୁକୁରଟା ପ୍ରହରି ପରି ଜଗିରହିବା ଦୃଶ୍ୟ ସେମାନଙ୍କ ମନକୁ ବେଳକୁ ବେଳ ଆଚ୍ଛାଦିତ କରୁଥିଲା। ଗୋଟାଏ ପାପବୋଧ ଘାରୁଥିଲା ତାଙ୍କ ମନକୁ। କାହାକୁ କେହି କିଛି ନ କହିଲେ ବି ମନେ ମନେ ଆଲୋଚନା କରୁଥିଲେ ମାତୃପ୍ରେମର ଏଇ ନମୁନାକୁ। ସପ୍ତାହନ୍ତ ପାର୍ଟିରେ ନିଶାସକ୍ତ ହୋଇ ନିଜର ଅସଜଡା ବସନ କଥା ମନେପକେଇ ସେ କେବେ ପାପ କଲାପରି ଅନୁଭବ କରିନାହାନ୍ତି। ଆଉ ଆଜି ଲାଗିଲା ତାଙ୍କର ଅଙ୍ଗବାସ ଯେମିତି ଭରପୂର ରାଜରାସ୍ତାରେ ଖୋଲିଯାଇଛି। ଆଉ ସେମାନେ ତାଙ୍କର କେବଳ ଉଲଗ୍ନ ଦେହ ନୁହେଁ, ମନକୁ ଲୁଚେଇ ପାରୁନାହାନ୍ତି। ଏଇ କୁକୁର କେତେଟା ଯେମିତି ତାଙ୍କ ମନକୁ ଝୁଣି ରକ୍ତାକ୍ତ କରିଦେଉଛନ୍ତି। ବାରବାର ଭିଡ ଭିତରର ସେଇ ଅଜଣା ଲୋକଟିର ତୁଣ୍ଡରୁ ଶୁଭୁଥିଲା- ମାଆ ନାହିଁ ଯାହାର, ସାହା ନାହିଁ ତାହାର।

କାଲି ସକାଳେ ସେମାନେ ଫାଷ୍ଟ ଫ୍ଲାଇଟରେ ବାଙ୍ଗାଲୋର ଫେରିଯିବେ। ରାତି ପାଇଁ ବିଦାୟ ନେଇ ଶୀଘ୍ର ଶୋଇପଡ କହି ଭାଉଜ ବିଦାୟ ନେଲା ପରେ ଆଉ ଶୋଇପାରିଲେନି ଆଧୁନିକତାର ନିଶାରେ ନିଶାଗ୍ରସ୍ତ ଏଇ ଦମ୍ପତି। କାନକୁ ଖାଲି ଶୁଭିଲା ମୁଁ କାହା ପାଖରେ ଶୋଇବି। ହୁଏତ ଗବଗଛର ସେଇ ବୁଦାତଳ ମଳାରେ ସେତେବେଳେ କୁକୁର ଛୁଆଗୁଡାକ କୁଲୁକୁଲୁ ହେଉଥିବେ। ସେମାନେ ବେଳକୁ ବେଳ ନିଜକୁ ଅଧିକ ଅଧିକ ଦୋଷୀ ବୋଲି ଭାବୁଥିଲେ। ବିଭିନ୍ନ ଆଳଦେଖେଇ ଏମାନେ ସୁମନ୍ତର ସଦା ସ୍ନେହଶୀଳ ଜନକ ଜନନୀଙ୍କୁ ଗାଁକୁ ପଠେଇ ଦେଇଛନ୍ତି।

ତା'ପରଦିନ ସୁଭଦ୍ରା ଆଉ ସୁମନ୍ତ, ପରିବାରର ସମସ୍ତଙ୍କୁ ଚକିତ କରି କହିଲେ, ପାପୁନ୍‌କୁ ଆଉ ପାଖରୁ ଅଲଗା କରି ଏତେ ଦୂରରେ ଛାଡିବାକୁ ଇଚ୍ଛା କାହିଁ ହଉନି। ତାଠୁଁ ବାରବାର କାହିଁ 'ବୋଉ' ଡାକ ଶୁଣିବାକୁ ଇଚ୍ଛା ହେଉଛି। ଆହୁରି ଚକିତ ହେଲେ ସମସ୍ତେ ଯେତେବେଳେ ସୁଭଦ୍ରା ଗାଁରୁ ବି ଶାଶୁ ଶ୍ୱଶୁରଙ୍କୁ ପାଖକୁ ନେଇ ଯିବାକୁ କହିଲେ।

□□

ଲେଖକଙ୍କ ଇ-ମେଲ ଠିକଣା:
barada.das@gmail.com

ପ୍ରବନ୍ଧ


# ଏକ ଅଭିନବ ଭୂମିକାରେ ପାଠକ ଓ ଲେଖକ



ଅଜୟ ମହାଲା

ଏଇମାତ୍ର କେତେଦିନ ତଳେ ଭୁବନେଶ୍ୱରର ଗୋଟିଏ ସାହିତ୍ୟ ଫେଷ୍ଟିଭାଲରେ ପାଠକଙ୍କ ଦର୍ଶନ ମିଳିଲା ନାହିଁ। ଦର୍ଶକ ଗ୍ୟାଲେରୀର ଆଗ ଦୁଇ ଧାଡ଼ିରେ କେବଳ ଭାଗ ନେବାକୁ ଆସିଥିବା ଲେଖକମାନେ ନିଜର ଆସ୍ଥାନ ଜମେଇଥିଲେ। ଲଜ୍ଜାକର ପରିସ୍ଥିତିରୁ ବଞ୍ଚିବା ପାଇଁ ଆୟୋଜକ ପରଦିନ ଗୋଟିଏ କଲେଜ ହଷ୍ଟେଲର ପିଲାମାନଙ୍କୁ ଟି-ସାର୍ଟ ଆଉ ମଧ୍ୟାହ୍ନଭୋଜନର ଲାଳସା ଦେଇ ଡକେଇଥିଲେ। ଏହି ଦୟନୀୟ ସ୍ଥିତି କ୍ୟାମେରା ଆଖିରେ ନ ପଡୁ ସେଥିପାଇଁ ପିଲାମାନଙ୍କୁ ପୂରା ଗ୍ୟାଲେରୀରେ ବାଣ୍ଟି ହୋଇ ବସିବାକୁ କୁହାଯାଇଥିଲା। ଏହିପରି ଘଟଣା ପ୍ରାୟ ନୂଆ ନୁହେଁ। ଏହା ଦେହସୁହା ହୋଇଗଲାଣି।

ଠିକ୍ ସେହିପରି ପ୍ରକାଶକ ଓ ଲେଖକକୁଳଙ୍କୁ ଗୋଟିଏ ବିରାଟ ଚିନ୍ତା ଘାରିଛି; ତାହା ହେଲା ବହି ପ୍ରକାଶିତ ହେଲା ପରେ ନିରୁତା ପାଠକର ଦର୍ଶନ ନାହିଁ। ମରୁଭୂମିରେ ମୃଗତୃଷ୍ଣାର ଅନୁସରଣ କଲେ ପାଣି କଦବା କେମିତି ମିଳିପାରେ, କିନ୍ତୁ ଗୋଟିଏ ନିରୁତା ପାଠକଟିଏ ଠାବ କରିବାର ସମ୍ଭାବନା ଶୂନ୍ୟପ୍ରାୟ ହୋଇ ଯାଇଛି। ଏହା ଯେପରି ଗୋଟିଏ ବିଲୁପ୍ତପ୍ରାୟ ପ୍ରଜାତି ହୋଇ ଯାଇଛି। ଏହି ସଙ୍କଟ ପାଇଁ ଯେ ଗଭୀର ଆତ୍ମବଲୋକନର ଆବଶ୍ୟକତା ରହିଛି, ତାହା ଅନେକଙ୍କ ହୃଦ୍‌ବୋଧ ହୋଇନାହିଁ।



କେଇ ଦଶନ୍ଧି ତଳେ ଲେଖକଟିଏ ବିଷୟରେ ଭାବି ବସିଲେ ପ୍ରକାଶକଙ୍କ ଲୌହ ଫାଟକ ବାହାରେ ଥାଇ ପରିସର ଭିତରକୁ କୌଣସି ମତେ ପ୍ରବେଶ ପାଇଁ ଚେଷ୍ଟିତ ଥିବା ଗୋଟିଏ ଝୋଲାଧାରୀ ଶ୍ମଶ୍ରୁସର୍ବସ୍ୱ ଯୁବକର ମୁଖଚିତ୍ର ଦିଶିଯାଉଥିଲା। ଆଉ ଉପନ୍ୟାସ ପଢ଼ାରେ ନିମଗ୍ନା ପାଠିକାଟିଏ ତକିଆ ଉପରେ କହୁଣି ରଖି ପଛ ପଟରେ ଗୋଡ଼ ଦୁଇଟିକୁ ଯୋଡ଼ି ନାଗୁଣୀ ପରି ପାଦ ହଲାଇବାର ଚିତ୍ର। ସେତେବେଳେ ସେମାନଙ୍କ ଭୂମିକା ଶୁଦ୍ଧ ରୂପରେ ଗୋଟିଏ ଲେଖକ ବା ପାଠିକା ଭାବରେ ଥିଲା। ଲେଖକଙ୍କ କଥା ଛାଡ଼ନ୍ତୁ, ଆଜି ଯଦି ସେପରି ଶୁଦ୍ଧ ପାଠକର ତଲାସ କରାଯାଏ, ତାହାହେଲେ ଅନ୍ୱେଷକଙ୍କୁ ପ୍ରାୟତଃ ଖାଲି ହାତରେ ଫେରିବାକୁ ପଡିବ। ଶୁଣିଲେ ଆମେ ସମସ୍ତେ ଚମକି ପଡ଼ିବା ଯେ ଯେଉଁ ରୂପରେ ଆମେ ପାଠକ ଜଗନ୍ନାଥଙ୍କୁ ଦେଖିବାକୁ ଚାହୁଁଥିଲେ ସେ ଆଜି ହୁଏତ ସେ ରୂପରେ ନାହିଁ। ପାଠକର ରୂପାନ୍ତରୀକରଣ ହୋଇ ସାରିଛି।

## ପରିବର୍ତ୍ତନର ଧାରା

ଏଥିପାଇଁ ବେଶି ବ୍ୟଥିତ ହେବା ଆବଶ୍ୟକ ନାହିଁ। ସବୁ କ୍ଷେତ୍ରରେ ଏହିପରି ପରିବର୍ତ୍ତନ ଘଟିଛି। ପୂର୍ବେ ବ୍ୟବସାୟ କରୁଥିବା ବ୍ୟକ୍ତିମାନେ ସ୍ୱତନ୍ତ୍ରରୂପେ ବେପାରୀ ବର୍ଗ ରୂପେ ଜଣାଯାଉଥିଲେ। ସେମାନଙ୍କୁ ପେସାଦାର ଆକାଉଣ୍ଟାଣ୍ଟ ଓ ଓକିଲମାନେ ନିଜର ସେବା ଦେଉଥିଲେ। ଏବେ କିନ୍ତୁ ଅନେକ ଆଧୁନିକ ବ୍ୟବସାୟୀ ନିଜେ ଆକାଉଣ୍ଟ ବିଦ୍ୟା ଓ କାନୁନ ବିଷୟରେ ସ୍ୱୟଂନିପୁଣ। ଆଜିକାଲି ସରକାରୀ ଅଫିସର ଚପରାସି ବା ଦପ୍ତରୀ କେବଳ ଘଣ୍ଟିଶୁଣିବା, ପାଣି ପିଆଇବା ପରି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ କାମ କରୁଥିଲେ। କିନ୍ତୁ ଆଜିକାଲି କେନ୍ଦ୍ର ସରକାର ଯେଉଁ କର୍ମଚାରୀଙ୍କୁ ନିଯୁକ୍ତ କରୁଛନ୍ତି, ସେମାନେ ସମସ୍ତେ ମଲ୍ଟିଟାସ୍କିଙ୍ଗ କର୍ମଚାରୀ। ଚପରାସି ବା ଦପ୍ତରୀଙ୍କ ପାରମ୍ପରିକ କାର୍ଯ୍ୟ ସହ ସେମାନେ କମ୍ପ୍ୟୁଟର ଆଉ ଗାଡ଼ି

ଚଳାଇବା ପରି ବହୁବିଧ କାମ କରୁଛନ୍ତି। ଯଦି କେହି କହେ ପରିବର୍ତ୍ତନର ଏହି ମହାସ୍ରୋତର ପ୍ରଭାବରେ ଆମର ପୁରାତନ ପାଠକ ବି ନିଜକୁ ପରିବର୍ତ୍ତିତ କରିସାରିଛି - ଏହା କପୋଳକଳ୍ପିତ ହେବନି।

ପ୍ରତ୍ୟେକ ମଣିଷ ଭିତରେ ନିଜକୁ ଅଭିବ୍ୟକ୍ତ କରିବାର ଆଦିମ ଇଚ୍ଛାଟିଏ ଥାଏ। ଫୁଟବଲ ଖେଳ ଦେଖି ଖେଳାଳି ହେବାର ଇଚ୍ଛା ଜାଗିଥାଏ।

ମଧୁର ଗୀତଟିଏ ଶୁଣିଲାବେଳେ ଶ୍ରୋତା ନିଜ ଭିତରର ଗାୟକକୁ ଗୀତଟିକୁ ଗୁଣୁଗୁଣୁ ଗାଇବାକୁ ପ୍ରେରିତ କରିଥାଏ। ଅଭିନେତାକୁ ଦେଖିଲା ବେଳେ ଅଭିନୟ କରିବାର ଇଚ୍ଛାଟିଏ ଦର୍ଶକର ଅବଚେତନ ମନ ଭିତରେ ଜନ୍ମ ନେଇସାରିଥାଏ। ଏଥିପାଇଁ ସେ କୌଣସି ବି ମାଧ୍ୟମର ସହାୟତା ନେଇଥାଏ। ସେ କେବେ କାରାଓକେରେ ଗୀତଟିଏ ଗାଇ ଦିଏ, ଟିକଟକ୍ ପରି ପ୍ଲାଟଫର୍ମରେ ଅଭିନୟ କରେ, ନାଚେ। ଏକଦା ସୌନ୍ଦର୍ଯ୍ୟ ଓ ଗ୍ଲାମର ପାଇଁ ମାଗାଜିନ ପୃଷ୍ଠା ଉପରେ ଅବଲମ୍ବନ କରୁଥିବା ବ୍ୟକ୍ତିଟି ନିଜେ ଫିଲ୍ମ ତାରକାଙ୍କ ପରି କୃତ୍ରିମ ହସଟିଏ ମୁହଁରେ ବୋଳି ସେଲ୍ଫିଟିଏ ନେଇଯାଏ। ଏସବୁ ପାଇଁ ଖର୍ଚ୍ଚସାପେକ୍ଷ ଷ୍ଟୁଡିଓ, ବାଦ୍ୟଯନ୍ତ୍ର ବା ଦାମୀ କ୍ୟାମେରା ଆଦିର ଆବଶ୍ୟକତା ପଡ଼େ ନାହିଁ। ସ୍ମାର୍ଟଫୋନ ସବୁ କାମ ତୁଲାଇ ଦେଉଛି।

ପରିବର୍ତ୍ତନର ଏହି ପ୍ରଭାବ ପାଠକ ଉପରେ ବି ପଡ଼ିଛି। ପୂର୍ବରୁ ପାଠକଟିଏ ପଢିବା ସହ ନିଜକୁ ଲେଖକ ହିସାବରେ ଅବତୀର୍ଣ୍ଣ କରାଇବାର ଅବଦମିତ ଇଚ୍ଛାଟିଏ ପାଳି ଆସିଥିଲା। କିନ୍ତୁ ଲେଖାର ଗୁଣବତ୍ତା, ପ୍ରକାଶନ ସଂସ୍ଥାର କଟକଣା, ପ୍ରକାଶନ ଖର୍ଚ୍ଚ ଆଦି ବିଷୟ ଲେଖକ ହେବା ଦିଗରେ ବାଧା ଉପୁଜାଉଥିଲେ। ବିଭିନ୍ନ ଭାଷାର ଲିପି ବ୍ୟବହାର କରିବା ପାଠକ ହାତରେ ନ ଥିଲା। କିନ୍ତୁ କମ୍ପ୍ୟୁଟର ଓ ସ୍ମାର୍ଟଫୋନ ଆସିବା ପରେ ଏହି ବାଧାଗୁଡିକ ଧୀରେ ଧୀରେ ମିଳେଇ ଯାଇଛନ୍ତି। ପାଠକର ପୁରାତନ ଇଚ୍ଛାଟି ପୂରଣ ହୋଇପାରିଛି। ସେ ଏବେ କେବଳ ଶୁଦ୍ଧ ପାଠକ ନୁହେଁ, ବରଂ ପାଠକ-କମ୍(cum)-ଲେଖକ ପାଲଟି ଯାଇଛି। ସେ ଗୋଟିଏ ଭୂମିକାରେ ପଢୁଛି ଓ ଆଉ ଗୋଟିଏ ଭୂମିକାରେ ନିଜ ପସନ୍ଦର ଲିପିରେ ଲେଖିବାର ଇଚ୍ଛା ରଖୁଛି। ଏହା ଏକ ଅଦ୍ଭୁତ ପ୍ରଗତି ନୁହେଁ କି ? ସାହିତ୍ୟର ବିବର୍ତ୍ତନରେ ପାଠକର ଏହି ରୂପାନ୍ତରୀକରଣ ବିଜ୍ଞାନ ଓ ଆଧୁନିକତାର ଏହା ଏକ ଅବଶ୍ୟମ୍ଭାବୀ ପରିଣତି। ଜିରାଫ ଓ ଘୋଡ଼ାର ସମ୍ମିଶ୍ରଣରେ ପାଠକ ଜେବ୍ରା ପ୍ରକାରର ନୂଆ ଜୀବଟିଏ ଯେମିତି। ତେଣୁ ସେହି ପୁରାତନ ପାଠକକୁ ଖୋଜି ନ ପାଇବାରେ ଆଦୌ ବିସ୍ମିତ ହେବାର କାରଣ ନାହିଁ।

**ୱେବ୍ ଦୁନିଆରେ ପାଠକ**

ପରିବର୍ତ୍ତିତ ପାଠକଟି ଆଧୁନିକ ୱେବ୍‌ଦୁନିଆର ବାଲିଯାତ୍ରା ପଡ଼ିଆରେ ସେ ଗୋଟେ ଦୋକାନୀ ଆଉ ଗୋଟେ ଗ୍ରାହକ ବି। ଆଗ ପରି ଆଙ୍ଗୁଳି ଗଣତି କରି ଲେଖକଙ୍କୁ ଠାବ କରିବା ଏବେ ମୂଲ୍ୟହୀନ ହୋଇଯାଇଛି। ପ୍ରତିଲିପି କିମ୍ବା ଷ୍ଟୋରୀ ମିରର ପରି ୱେବ୍‌ପୋର୍ଟାଲକୁ ଯାଇ ଦେଖିଲେ ବିଶ୍ୱାସ ହେବ ଯେ ସେଠାରେ ଅଗଣିତ ଲେଖକ ଲେଖିକାଙ୍କ ପୋର୍ଟଫୋଲିଓ ଅଛି। ୱେବସାଇଟ୍‌ଗୁଡିକରେ ପ୍ରତ୍ୟେକ ମାସରେ ଶତାଧିକ ଲେଖକଙ୍କ ପଞ୍ଜୀକରଣ ହେଉଛି। ଏଠାରେ ପ୍ରତ୍ୟେକ ବିଭିନ୍ନ ପ୍ରକାର ପାଠକଙ୍କ ସୂକ୍ଷ୍ମରୁଚି ମେଣ୍ଟେଇବା ପାଇଁ ଲେଖା ସହଜରେ ମିଳିଯାଉଛି। ଗଳ୍ପ, ଉପନ୍ୟାସ, କବିତା, ନାଟକ ସାହିତ୍ୟର ସ୍ଥୁଳ ବିଭାଗ ହୋଇପାରନ୍ତି। ତାକୁ ଆହୁରି ବର୍ଗୀକୃତ କଲେ ସେଥିରେ ପ୍ରେମ, ରହସ୍ୟ, ଭୟ, ଅଲୌକିକ, ରୋମାଞ୍ଚ, ସତ୍ୟଘଟଣା ଆଧାରିତ କାହାଣୀ, ହାସ୍ୟ, ବ୍ୟଙ୍ଗ, ଶିଶୁ, ନାରୀବାଦୀ, ଧାର୍ମିକ, ଭ୍ରମଣ , ଐତିହାସିକ, ଶୈକ୍ଷଣିକ, ବନ୍ଧୁତ୍ୱ ଲେଖା ଆଦିର କେତେ କ'ଣ ବିଭାଗରେ ବାଣ୍ଟି ହୋଇଯିବେ। ପାଠକଙ୍କ ପାଇଁ ଏ ସବୁ ସୁବିଧାଜନକ ଭାବେ ଗୋଟିଏ ଜାଗାରେ ମିଳିଯାଆନ୍ତି। ଏହା ଏକ ଭ୍ରାନ୍ତଧାରଣା ଯେ ପାଠକ ସବୁବେଳେ ଉତ୍କୃଷ୍ଟ ଲେଖାର ତଲାସରେ ଥାଏ। ଯେପରି ଦୀପାବଳି ପର୍ବରେ ମହମବତି କିଣିବା ପାଇଁ ଗଲାବେଳେ ତାହାର ଆକାର ଆଉ ରଙ୍ଗ ପ୍ରତି ଏତେ ପ୍ରାଧାନ୍ୟ ଦିଆଯାଏ ନାହିଁ, ସେହିପରି ପାଠକ ୱେବ୍‌ର ଧରାତଳେ ସହଜରେ ଉପଲବ୍ଧ ଲେଖାଟିକୁ ପଢି ଥାଆନ୍ତି। କେବେ ମନ ହେଲେ ନିଜର ସାହିତ୍ୟିକ କୃତି ବି ସେଠାରେ ଅନ୍ୟପାଠକଙ୍କ ପାଇଁ ଛାଡ଼ି ପାରନ୍ତି।

**ୱେବ୍‌ପୋର୍ଟାଲ୍‌ରେ ପ୍ରତ୍ୟେକ ବିଭିନ୍ନ ପ୍ରକାର ପାଠକଙ୍କ ସୂକ୍ଷ୍ମରୁଚି ମେଣ୍ଟେଇବା ପାଇଁ ଲେଖା ସହଜରେ ମିଳିଯାଉଛି।**

ଏହି ନିବନ୍ଧଟିର ସାରାଂଶ ଏହା ଯେ ଆଧୁନିକ ପାଠକ – କମ୍ – ଲେଖକ ୱେବଦୁନିଆର ବାଲିଯାତ୍ରା ପଡ଼ିଆରେ ଗୋଟେ ଦୋକାନୀ ଆଉ ଗୋଟେ ଗ୍ରାହକର ଭୂମିକାରେ ଛିଡ଼ା। ସେହି ବାଲିଯାତ୍ରାରେ ବିଭିନ୍ନ ଶ୍ରେଣୀର ରଚନା ହାତ ପାହାନ୍ତାରେ ମିଳିଥାଏ ଯାହା ଗ୍ରାହକ (ଅନ୍ୟ ପାଠକ)ମାନେ କିଣିନିଅନ୍ତି। ସାହିତ୍ୟର ଏଇ ସୀମାହୀନ ହାଟରେ 'ଶ୍ରେଷ୍ଠ ବାଇଗଣ' କେଉଁଠି ମିଳୁଛି – ଏମିତି ପ୍ରୟାସ ଯେ ଥିବ ଭାବି ବସିବା ଅଯୌକ୍ତିକ। ହଁ, ନିରନ୍ତର ହାଟକୁ ଆସୁଥିବା ଗ୍ରାହକ କାଳକ୍ରମେ ଜାଣି ଯାଆନ୍ତି, କେଉଁଠି ଖୋର୍ଦ୍ଧା ଗାମୁଛା ମିଳେ ଆଉ କେଉଁଠି ଦୁର୍ମୂଲ୍ୟ ପାଟଶାଢ଼ି। କେଉଁଠି ଶୁଖୁଆ ତ କେଉଁଠି ଦାଆ ଆଉ କୋଦାଳ। କେଉଁ ବଣିଆ ଖାଦମିଶା ସୁନା ଦିଏ, କିଏ ଶୁଦ୍ଧ ଥାଇ ବି ବେଢଙ୍ଗ ଗହଣା ଦିଏ। ସେହି ଦୋକାନ ଆଡ଼କୁ ଭିଡ଼ଟାଣି ହୋଇଯାଏ, ଯେଉଁଠି ଶବ୍ଦ ସୁନା ଶୁଦ୍ଧ, ଆଉ ଗହଣା ବି ଲେଖକୀୟ କାରୁକାର୍ଯ୍ୟଦ୍ୱାରା ଆକର୍ଷଣୀୟ। ତେଣୁ ଏଠାରେ ପାଠକ ବିଲୁପ୍ତ ନୁହନ୍ତି। ଲକ୍ଷାଧିକ ପାଠକ ସ୍ମାର୍ଟଫୋନ ମାଧ୍ୟମରେ ନିଜ ଘରେ, କାର୍ଯ୍ୟକ୍ଷେତ୍ରରେ ଓ ଯାତ୍ରା ସମୟରେ ବି ସାହିତ୍ୟର ଏହି ଅସୁମାରି ବିଭବ ଦେଖିବାର ସୁଯୋଗ ପାଇଥାନ୍ତି। ସେମାନଙ୍କର ଏହି ନିରବ ଗମନାଗମନର ସାକ୍ଷୀ ୱେବ୍‌ପୋର୍ଟାଲରେ ପଡିଥିବା ପଦଚିହ୍ନ। ୱେବ୍ ପ୍ଲାଟଫର୍ମଗୁଡିକରେ ପାଠକ ନିଜର ପ୍ରତିକ୍ରିୟା, ଅଭିମତ ଓ ଟିପ୍ପଣୀ ରଖିଥାନ୍ତି, ଯାହା ଆଖି ପିଛୁଳାକେ ଲେଖକଙ୍କ ପାଖରେ ପହଞ୍ଚି ଯାଇଥାଏ। ଖବରକାଗଜ ଓ ପତ୍ରିକାରେ ବାହାରୁଥିବା ଲେଖାପରି ଏହି ପୁଷ୍ପବାଟିକାର ଫୁଲ ଗୋଟିଏ ଦିନରେ ଫୁଟି ବିସ୍ମୃତିର ଅତଳ ଗହ୍ୱରରେ ସବୁଦିନ ପାଇଁ ହଜିଯାଏନାହିଁ। ୱେବ୍ ପୋର୍ଟାଲର ବିପଣିମାଳା ପ୍ରତିଦିନ ଚବିଶ ଘଣ୍ଟା ଖୋଲା। ନିତି ନିତି ନୂଆ ରଚନାର ଫୁଲ ଏହି ପୁଷ୍ପବାଟିକାକୁ ମଣ୍ଡିତ କରିଥାନ୍ତି। ଲେଖାଗୁଡ଼ିକର ରକ୍ଷଣାବେକ୍ଷଣ କରିବାର ଚିନ୍ତା ନ ଥାଏ। ପୃଥିବୀର କୌଣସି ବି ସ୍ଥାନରୁ କୌଣସି ସମୟରେ ଲେଖାକୁ ପଢି ହୋଇଥାଏ। ଏହି ସାହିତ୍ୟ ଗଣତନ୍ତ୍ରରେ ମୁକ୍ତିମଣ୍ଡପବାଦ ନାହିଁ। ଏକାଡେମୀ, ପ୍ରଶାସନ ବା କୌଣସି କର୍ତ୍ତୃପକ୍ଷଙ୍କ ଭୂମିକା ଏଠାରେ ଏକଦମ ଶୂନ୍ୟ। ଏହାର ଗଣତାନ୍ତ୍ରିକ ଢାଞ୍ଚା ସଂଶୟପୂର୍ଣ୍ଣ ସଂସ୍ଥାଗତ ପୁରସ୍କାର, ସାହିତ୍ୟିକ ବଡ଼ପଣ୍ଡାଙ୍କ ଦୌରାତ୍ମ୍ୟ ବା ଆଧିପତ୍ୟଠାରୁ ପୂର୍ଣ୍ଣରୂପରେ ମୁକ୍ତ।

> **ଲକ୍ଷାଧିକ ପାଠକ ସ୍ମାର୍ଟଫୋନ ମାଧ୍ୟମରେ ସାହିତ୍ୟର ଅସୁମାରି ବିଭବ ଦେଖିବାର ସୁଯୋଗ ପାଇଥାନ୍ତି।**

ଯଦି କେହି ଏହି ରୂପାନ୍ତରିତ ପାଠକ-କମ୍-ଲେଖକମାନଙ୍କୁ ଦେଖିବାକୁ ଚାହାନ୍ତି, ସେମାନେ ଏହି ବାଲିଯାତ୍ରା ପଡ଼ିଆ ଆଡ଼େ ମୁହେଁଇବା ଦରକାର।

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamahala@gmail.com

ଓଡିଶାର ପ୍ରମୁଖ ପୁସ୍ତକ ପ୍ରକାଶନ ଓ ବିତରଣ ସଂସ୍ଥା

**ଧାରା ଶ୍ରୀରାଧା ଟ୍ରଷ୍ଟ**

DHARA SHREE RADHA TRUST Regd. No.: 41081705388 Bhubaneswar, Odisha



**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**



ଶିଶୁ ଗଳ୍ପ


# ସନ୍ଧ୍ୟା ତାରା ଆଉ କୁନୁ ବେଙ୍ଗ

ଆରାଧନା ମିଶ୍ର

ଛୋଟ ପୋଖରୀ ପାଖରେ ଥିବା ଛୋଟ ପଥର ଉପରେ ମୁଣ୍ଡକୁ ଆଗ ଦୁଇ ଗୋଡ଼ରେ ଭରା ଦେଇ କୁନୁ ବେଙ୍ଗ ଦେଖୁଥିଲା ସୂର୍ଯ୍ୟାସ୍ତ। ଆଃ ! କି ସୁନ୍ଦର କମଳା ରଙ୍ଗର ସୂର୍ଯ୍ୟ ଟା ମ ! ଧୀରେ ଧୀରେ ଓହ୍ଲଉଥିଲା ସେ ତଳକୁ ତଳକୁ। ରଙ୍ଗ ଫିକା ପଡ଼ି ଆସୁଥିଲା। ଦିନସାରା ଆକାଶରେ ରହି ଥକି ଯାଇଥିଲା କି କ'ଣ ! ଆଖି ବୁଜି ଅନ୍ତର୍ଦ୍ଧାନ ହେଇଗଲା। ଗଲା ! ଦିନଟି ସରିଗଲା, ଭାବିଲା କୁନୁ ବେଙ୍ଗ। ଆଜି ସକାଳେ ସେଇ ପୋକ ପଛରେ ଧାଇଁଥିବା ସମୟରେ ସେ ସୂର୍ଯ୍ୟକୁ ଉଠୁଥିବାର ଦେଖିଥିଲା। କେମିତି ବିରକ୍ତ ଲାଗେନି ଏ ସୂର୍ଯ୍ୟକୁ ସତେ, ସବୁଦିନ ଠିକ ସମୟରେ ଆସିବା, ଦିନସାରା ଉପରୁ ଆମ ସବୁକୁ ଦେଖିବା ଆଉ ଠିକ ସମୟରେ ଆକାଶରୁ ଉତୁରି ଯିବା ! ବଡ଼ କର୍ମନିଷ୍ଠ ସତେ !

କୁନୁ ବେଙ୍ଗକୁ ଏଇ ଦିନ ରାତିରେ ବଡ଼ ଶ୍ରଦ୍ଧା। ପେଟଟା ପୂରିଗଲେ ଥରେ ତା'ର ଆଉ ଚିନ୍ତା ନ ଥାଏ କିଛି। ଏଇ ପଥର ଉପରେ ଶୋଇ ଶୋଇ ସେ କେତେ ସୂର୍ଯ୍ୟାସ୍ତ ଦେଖିଚି, କେତେ ଚନ୍ଦ୍ର, ତାରା ଦେଖିଚି, କେତେ ବାଦଲ ଆସିବା ଦେଖିଚି ଆଉ କେତେ ବର୍ଷମାଡ଼ ବି ସହିଚି। ପଶ୍ଚିମ ଆକାଶ କମଳା, ଲାଲି ରଙ୍ଗରେ ଉଜ୍ଜ୍ୱଳ ଦିଶୁଥିଲା। କୁନୁ ଜାଣିଥିଲା କେତେ ଶୀଘ୍ର ସବୁ ଫିକା ପଡ଼ିଯିବ, ଅନ୍ଧାର ଘୋଟି ଆସିବ। ସେମିତି ଚାହିଁଥିଲା ସେ ପଶ୍ଚିମ ଆକାଶକୁ। ଉଜ୍ଜ୍ୱଳ ରଙ୍ଗ ସବୁ ଉଭେଇ ଗଲେ, ଗାଢ଼ା ବାଇଗଣୀ ମିଶା ଲାଲି କିଛି ପଶ୍ଚିମ ଆକାଶର ଚକ୍ରବାକରେ ଲାଖି ରହିଲା କେବଳ। ଆଉ ସେତେବେଳେ ହିଁ ଧୀରେ ଧୀରେ ଫୁଟି ଉଠିଲା ସନ୍ଧ୍ୟାତାରା।

ଖୁସିରେ କୁରୁଳି ଉଠିଲା କୁନୁ ସନ୍ଧ୍ୟାତାରା ଦେଖି। ସେ ଜାଣେ, ଏଇ ସକାଳେ କୁଆଁ ତାରା ହେଇ ଆସେ, କିନ୍ତୁ ଏତେ ସକାଳୁ ଉଠିବ କିଏ ! ଦେଖୁ ଦେଖୁ ସନ୍ଧ୍ୟା ଆହୁରି ଗାଢ଼ା ହେଇଗଲା, ସନ୍ଧ୍ୟାତାରା ଉଜ୍ଜ୍ୱଳ ହେଇ ପଶ୍ଚିମ ଦିଗରେ ଚମକିଲା, ଏଡ଼େ ବଡ଼ ହୀରାଟିଏ ପରି ଚମକୁଥାଏ। କୁନୁ ବେଙ୍ଗ ସନ୍ଧ୍ୟାତାରାକୁ ପିଇ ଯାଉଥିଲା ଯେମିତି, ଅପଲକ ଆଖିରେ ଦେଖୁଥିଲା ତାକୁ।




ସେତେବେଳେ କିଛି ଆଶ୍ଚର୍ଯ୍ୟ ଘଟଣା ଘଟିଲା। ସନ୍ଧ୍ୟାତାରା ଓହ୍ଲେଇ ଆସି କୁନୁ ବେଙ୍ଗ ପାଖରେ ଠିଆ ହେଲେ। କୁନୁବେଙ୍ଗ ଡେଇଁପଡ଼ି ପୂରା ଜାଗ୍ରତ ଅବସ୍ଥାକୁ ଆସିଗଲା। ସନ୍ଧ୍ୟାତାରା ପାଖରେ ଠିଆହେଇ ସେ ଓଳଗି ହେବ କି ତାକୁ ଜାବୁଡ଼ି ଧରିବ କି ହାତ ମିଳେଇବ କିଛି ଠିକ୍ କରିପାରିଲାନି। ଥଙ୍ଗେଇ ଥଙ୍ଗେଇ ପଚାରିଲା 'ଆପଣ ଏଠି ?' ସନ୍ଧ୍ୟାତାରା ହସି ଦେଇ କହିଲେ 'ତୁ ଯେମିତି ମତେ ସ୍ନେହ ଶ୍ରଦ୍ଧାସହ ଦେଖୁଥିଲୁ ନା, ମୁଁ ଟାଣି ହେଇ ଆସିଲି ପରା'। କୁନୁ ପଚାରିଲା, 'ଆଜ୍ଞା ଆପଣ ଏଠିକି ପଳେଇ ଆସିଲେ ଅନ୍ୟମାନେ ଆପଣଙ୍କୁ କେମିତି ପାଇବେ ?' ସନ୍ଧ୍ୟାତାରା ହସିହସି କହିଲେ 'ଅନ୍ୟମାନେ ଆଉ କିଏ ? ଆଜିକାଲି କେହି ତ ମୋତେ ଦେଖୁ ନାହାନ୍ତି ! ମୁଁ ସେଠି ଥିଲେ କେତେ, ନ ଥିଲେ କେତେ ? ଆଗ ମଣିଷ ଅପେକ୍ଷା କରୁଥିଲା ମୋ ପାଇଁ, ମତେ ଦେଖି ସମୟ ଜାଣୁଥିଲା। ସେତେବେଳେ ମଣିଷ ପ୍ରକୃତି ଉପରେ ନିର୍ଭର କରୁଥିଲା, ତା' ପ୍ରତି ସମ୍ମାନ ଥିଲା ଆଉ ମୁଁ ବହୁତ ମୂଲ୍ୟବାନ ଥିଲି। ଏବେ ତ ମଣିଷ ହେଇଚି ରଜା, ପ୍ରକୃତି ବିଚାରି ପରଜା, ଆମକୁ କିଏ ପଚାରେ !'

କୁନୁ ବେଙ୍ଗକୁ ବହୁତ ଦୁଃଖ ଲାଗିଲା ଏ କଥା ଶୁଣି।

ସନ୍ଧ୍ୟାତାରା ଆହୁରି କହିଲେ- 'ସନ୍ଧ୍ୟା ହେଲେ ତ ମାଳ ମାଳ ଆଲୁଅ ଜଳୁଛି ସବୁଠି। ମୁଁ ଦେଖାଗଲେ ସିନା! ମୋବାଇଲ ଆସିଲା ପରେ ତ ମଣିଷ ଆକାଶକୁ ମୋବାଇଲରେ ଦେଖୁଚି, ଉପରକୁ ଆଉ କିଏ ଦେଖେ !'

କୁନୁ ବେଙ୍ଗ ରାଗିକି ଲାଲ୍ ହେଇଗଲା। କହିଲା 'ଛାଡ଼ନ୍ତୁ ଆଜ୍ଞା ସେଗୁଡ଼ାଙ୍କୁ, ସେମାନଙ୍କ କଥା ଭାବିଲେ ହିଁ ସମୟ ନଷ୍ଟ। ଆପଣଙ୍କୁ ପାଇ ଆଜି ମୋ ଜୀବନ ଧନ୍ୟ ହେଇଚି। କିନ୍ତୁ ଆପଣ ମତେ ଅନ୍ତରୀକ୍ଷରୁ ଦେଖିଲେ କେମିତି ?' ସନ୍ଧ୍ୟାତାରା କହିଲେ' ମୁଁ ପରା ଶୁକ୍ର ଗ୍ରହ। ତୋ ପୃଥିବୀ ପାଖରେ ମୁଁ ଅଛି। କିନ୍ତୁ ସୂର୍ଯ୍ୟ ପାଖରେ ଅଛି ବୋଲି ଭାରି ଗରମ ମତେ। ଚାଲ୍ ଗାଧେଇବା ତୋ ପୋଖରୀରେ।' ଦୁହେଁ ଥଣ୍ଡା ପାଣିରେ ବୁଡ଼ି ବୁଡ଼ି ଗାଧେଇଲେ। ଅସ୍ତ ହେବାର ସମୟ ହେଲାରୁ ସନ୍ଧ୍ୟାତାରା କୁନୁଠୁ ବିଦାୟ ନେଇ ଯିବାକୁ ବାହାରିଲେ। କୁନୁ ବେଙ୍ଗ କାନ୍ଦକାନ୍ଦ ହେଇ ଗଲାରୁ 'ଆଉ ଥରେ ଆସିବି' କହି ଆକାଶକୁ ଉଡିଗଲେ।



ଯୋଉଦିନ ବହୁତ ବର୍ଷା ହୁଏ, ପୋଖରୀ ଭରିଯାଏ, କୁନୁ ସନ୍ଧ୍ୟାତାରାକୁ ଡାକେ। ସେ ଆସନ୍ତି, ଦୁହେଁ ଗାଧାନ୍ତି ସେଇ ପୋଖରୀରେ, ତା'ପରେ ସନ୍ଧ୍ୟାତାରା ଫେରି ଯାଆନ୍ତି ନିଜ ଜାଗାକୁ। ଭଲ ପାଇବାର ଶକ୍ତିରେ କୁନୁ ସନ୍ଧ୍ୟାତାରା ପରି ଗୋଟେ ସାଙ୍ଗ ପାଇ ପାରିଲା, ଭାବିଲେ ଭାରି ଖୁସି ଲାଗେ।

□□

ଲେଖିକଙ୍କ ଇ-ମେଲ ଠିକଣା:
aradhanam62@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।


୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।




**ପୁସ୍ତକ ସମୀକ୍ଷା**

# ଲକ୍ଷ୍ମୀପୁରାଣ - ବିଚାର ଓ ବିଶ୍ଲେଷଣ

**ଲେଖିକା : ସସ୍ମିତା ପରିଡ଼ା**

**ପ୍ରକାଶକ: ଧାରା ଶ୍ରୀରାଧା ଟ୍ରଷ୍ଟ**

**ପୃଷ୍ଠା : ୮୭, ମୂଲ୍ୟ: ଟ. ୧୮୦/-**

ବଳରାମ ଦାସଙ୍କ କୃତ ଲକ୍ଷ୍ମୀପୁରାଣ ଓଡ଼ିଆ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହାର ପ୍ରକାଶ କାଳ, ଅର୍ଥାତ୍ ଷଷ୍ଠ ଶତାବ୍ଦୀର ଆଦ୍ୟ ଭାଗରୁ ନେଇ ଆଜି ପର୍ଯ୍ୟନ୍ତ ଏହା ଘରେ ଘରେ ଆଦୃତ ହୋଇ ଓଡ଼ିଶାର ସାଂସ୍କୃତିକ ତଥା ସାମାଜିକ ପରମ୍ପରାରେ ଏକ କାଳଜୟୀ କୃତି ଭାବରେ ଗ୍ରହଣୀୟ ହୋଇସାରିଛି। ସୁଲେଖିକା ଓ ଗବେଷିକା ସସ୍ମିତା ପରିଡ଼ା ଆଲୋଚ୍ୟ ପୁସ୍ତକଟିରେ କେବଳ ଲକ୍ଷ୍ମୀ ପୁରାଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହିଁ କରିନାହାନ୍ତି, ତତ୍‌ସହିତ ଏକ ଐତିହାସିକ ପୃଷ୍ଠଭୂମିରେ ଏହାର ସ୍ରଷ୍ଟା ବଳରାମ ଦାସଙ୍କର ଯଥାର୍ଥ ମୂଲ୍ୟାୟନ କରିବା ସହ ତାଙ୍କ ସର୍ଜନାର ସାହିତ୍ୟିକ ଗରିମା ସମ୍ପର୍କରେ ମଧ୍ୟ ବିଶ୍ଲେଷଣ କରିଛନ୍ତି।

ଏହି ସନ୍ଦର୍ଭରେ ଓଡ଼ିଆ ପୁରାଣ ସାହିତ୍ୟ ସଂପର୍କରେ ଏକ ତାତ୍ତ୍ୱିକ ଆଲୋଚନା ମଧ୍ୟ ପୁସ୍ତକଟିରେ ସ୍ଥାନ ପାଇଛି। ଲେଖିକା ଆଦିକବି ସାରଳା ଦାସଙ୍କୁ ଓଡ଼ିଆ ପୁରାଣ ସାହିତ୍ୟର ଜନକ ଭାବରେ ଶ୍ରେୟ ପ୍ରଦାନ କରିଛନ୍ତି। ତାଙ୍କ ଭାଷାରେ, 'ସାରଳା ଦାସ ସାଧାରଣ ଲୋକମାନଙ୍କର ପୁରାଣର ଅବଗତି ନିମନ୍ତେ ଲୌକିକ ଭାଷାରେ ପୁରାଣ ରଚନା ପାଇଁ ଯେଉଁ ଉଦ୍ୟମ କରିଥିଲେ ସେଥିରେ ସେ ସଫଳୀକୃତ ହେଲେ, ତାହା ପରବର୍ତ୍ତୀ ସମୟରେ ଅନ୍ୟ ପୁରାଣକାରମାନଙ୍କ ପାଇଁ ହେଲା ପ୍ରେରଣାର ଉତ୍ସ।'

ବଳରାମ ଦାସ ଯେ ଜଣେ ସମକାଳନିଷ୍ଠ କବି ଥିଲେ ଏହା ମଧ୍ୟ ରେଖାଙ୍କିତ କରାଯାଇଛି ପୁସ୍ତକଟିରେ। ସେ ସମୟର ସାମାଜିକ ପରମ୍ପରା, ନାରୀ ସଚେତନତା, ବିଧିବିଧାନ, ବେଶଭୂଷା ଓ ଦାମ୍ପତ୍ୟ ଧର୍ମ ଆଦି ଲକ୍ଷ୍ମୀପୁରାଣରେ କିଭଳି ସାର୍ଥକ ଭାବରେ ପ୍ରତିଫଳିତ ହୋଇଛି ତାହାର ସପ୍ରସଙ୍ଗ ଆଲୋଚନା ଏଥିରେ ଦେଖିବାକୁ ମିଳେ।

ପୁସ୍ତକଟିର ଚତୁର୍ଥ ପରିଚ୍ଛେଦରେ ଲକ୍ଷ୍ମୀପୁରାଣର ସାହିତ୍ୟିକ ମୂଲ୍ୟ ସମ୍ପର୍କରେ ବିବେଚନା ସ୍ଥାନ ପାଇଛି। ଲେଖିକାଙ୍କ ମତରେ, ଯଦି ସହଜ, ସରଳ ସାହିତ୍ୟ ବୋଲି କିଛି ଥାଏ ତେବେ ତାହା ହେଉଛି ଲକ୍ଷ୍ମୀପୁରାଣ। ଏଥିରେ ବ୍ୟବହୃତ ହୋଇଥିବା ତତ୍ସମ ଓ ଅର୍ଦ୍ଧ-ତତ୍ସମ, ତଦ୍ଭବ ତଥା ଦେଶଜ ଶବ୍ଦଗୁଡିକର ବର୍ଗୀକରଣ କରିବା ସହ ରଚନାଟିର ରସ, ଅଳଙ୍କାର, ଓ ସାଂଗୀତିକତା ଉପରେ ମଧ୍ୟ ଯଥାର୍ଥ ଆଲୋକପାତ କରିଛନ୍ତି ଲେଖିକା । ଏଥିସହିତ ଏହାର 'ନାଟକୀୟତା' ସମ୍ପର୍କରେ ମଧ୍ୟ ମନ୍ତବ୍ୟ ଦେବାକୁ ଯାଇ ସେ ଦର୍ଶାଇଛନ୍ତି ଯେ ନାଟକରେ ଯେପରି ପ୍ରାରମ୍ଭ, କ୍ରମୋନ୍ନତି ଓ ଶୀର୍ଷବିନ୍ଦୁ ପରେ ପରିଣତି ଦିଗରେ ବିଷୟବସ୍ତୁ ଗତି କରିଥାଏ, ଲକ୍ଷ୍ମୀପୁରାଣର କଥାବସ୍ତୁରେ ମଧ୍ୟ ସେହିପରି କ୍ରମୋନ୍ନତି ଦେଖିବାକୁ ମିଳେ।

ଉପସଂହାରରେ କବିଙ୍କର ସାମ୍ପ୍ରତିକ ପ୍ରାସଙ୍ଗିକତା ସମ୍ପର୍କରେ ଅଭିମତ ଦେଇ ସେ କହିଛନ୍ତି ଯେ ଆଜି ଏକବିଂଶ ଶତାବ୍ଦୀରେ ସମାଜର ଚତୁର୍ଦ୍ଦିଗରେ ଜାତିଆଣ ସଂଘର୍ଷ ଓ ସାମ୍ପ୍ରଦାୟିକ ବିଭେଦ ଅତ୍ୟନ୍ତ ଉତ୍କଟ ଭାବରେ ଜନମାନସକୁ ବିଭ୍ରାନ୍ତ ଓ ବିଚଳିତ କରୁଥିବା ସମୟରେ ମନେପଡନ୍ତି ସନ୍ଥକବି ବଳରାମ ଦାସ।

ଆମ ସମାଲୋଚନା ସାହିତ୍ୟରେ ଲକ୍ଷ୍ମୀପୁରାଣ ସମ୍ପର୍କରେ ବିଚାର କରିବା ବେଳେ ଗୋଟିଏ କଥା ଚର୍ଚ୍ଚାକୁ ଆସିଥାଏ ଯେ ଏବେ ଏହା ବହୁବିଧ ରୂପରେ ବଜାରରେ ଉପଲବ୍ଧ ଅଛି। ଆମ ରାଜ୍ୟର ସାହିତ୍ୟ ଏକାଡେମୀ ମଧ୍ୟ ଲକ୍ଷ୍ମୀପୁରାଣର ଏକ ସମ୍ପାଦିତ ସଂସ୍କରଣ ପ୍ରକାଶ କରିଛନ୍ତି। ଏଥିମଧ୍ୟରୁ କେଉଁଟିକୁ ବଳରାମ ଦାସଙ୍କ ଦ୍ୱାରା ରଚିତ ମୂଳ ଲକ୍ଷ୍ମୀପୁରାଣ ଭାବରେ ଗ୍ରହଣ କରାଯାଇପାରିବ ସେ ବିଷୟରେ ବିଶଦ ଆଲୋଚନାର ମଧ୍ୟ ଆବଶ୍ୟକତା ରହିଛି, ଯାହାର ଅଭାବ ଅବଶ୍ୟ ଏହି ପୁସ୍ତକଟିରେ ପରିଲକ୍ଷିତ ହେଲା।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଶାସ୍ତ୍ରୀୟ ଓଡ଼ିଆ ଦିବସ ଉପଲକ୍ଷେ ଜେ.ଏନ୍.ୟୁରେ ମାତୃଭାଷା ମହାକୁମ୍ଭ ଅନୁଷ୍ଠିତ



ଓଡ଼ିଆକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଘୋଷଣାର ବାର୍ଷିକୀ ଉପଲକ୍ଷେ ନୂଆଦିଲ୍ଲୀର ଜବାହାର ଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଆଦିକବି ସାରଳା ଦାସ ଚେଆର୍ ତଥା 'ଦି ଇଣ୍ଟେଲେକ୍ଟସ୍' ଅନୁଷ୍ଠାନର ଯୌଥ ଆନୁକୁଲ୍ୟରେ ଫେବୃଆରୀ ୨୦ ତାରିଖ ଦିନ ଏକ 'ମାତୃଭାଷା ମହାକୁମ୍ଭ' ଆୟୋଜିତ ହୋଇଯାଇଛି। ଏହି ସମାବେଶର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା, 'ଆଗାମୀ ପିଢ଼ି ପାଇଁ ଟେକ୍ନୋଲୋଜି ଜରିଆରେ ମାତୃଭାଷାର ବିକାଶ।' ଏହାର ଉଦ୍‌ଘାଟନ ଉତ୍ସବରେ ଉପଲକ୍ଷେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସାରୋନ୍ ଲୱେନ୍, 'ଆସୋଚାମ୍'ର ଶିକ୍ଷା କାଉନସିଲ୍ ର ଚେଆରମ୍ୟାନ୍ ଶ୍ରୀ କୁଅଁର ଶେଖର ବିଜେନ୍ଦ୍ର, ଜେ.ଏନ୍.ୟୁର ଡିନର ପ୍ରଫେସର ଶୋଭା ଶିବଶଙ୍କରନ୍, ସି.ଆଇ.ଏଲ୍ ର ଚେଆରମ୍ୟାନ୍ ପ୍ରଫେସର ସୁଧୀର ପ୍ରତାପ ସିଂହ, ଆଦିକବି ସାରଳା ଦାସ ଚେଆର୍ ର ପ୍ରଫେସର ଉଦୟନାଥ ସାହୁ ଓ 'ଦି ଇଣ୍ଟେଲେକ୍ଟସ୍'ର ଅଧ୍ୟକ୍ଷ ଶ୍ରୀ ଦେବେନ୍ଦ୍ରନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମଟି ଡ଼. ମାଲଖନ୍ ସିଂହଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଅବସରରେ 'ଦି ଇଣ୍ଟେଲେକ୍ଟସ୍' ପକ୍ଷରୁ ସାରୋନ୍ ଲୱେନ୍‌ଙ୍କୁ ୨୦୨୩ ମସିହାର 'ଆମ ଗୌରବ' ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା।

ଭାଷା ସଂପର୍କୀତ ବିଚାର ବିମର୍ଷ ଉପରେ ଥିବା ଏହି ଆଲୋଚନା ପାଇଁ ଅନୁଷ୍ଠିତ ଦ୍ୱିତୀୟ ଅଧିବେନରେ ବିଭିନ୍ନ ଭାଷାର ଅନେକ ବିଦ୍ୱାନ ଓ ଗବେଷକ ଉପସ୍ଥିତ ଥିଲେ।

## ବିଶିଷ୍ଟ କବି ହୁସେନ୍ ରବି ଗାନ୍ଧୀଙ୍କ ପରଲୋକ



ବିଶିଷ୍ଟ କବି ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଶ୍ରୀ ହୁସେନ୍ ରବି ଗାନ୍ଧୀ ଜାନୁଆରୀ ୨୮ତାରିଖ ଦିନ ୭୫ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ତବସୁନ୍ ସୁଲତାନା, ଏକମାତ୍ର ପୁତ୍ର ରେହାନ୍ ଅମିନ୍ ଫାରେଖ୍‌ଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଗତ କିଛି ଦିନ ଧରି କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହାସପାତାଳରେ ଚିକିତ୍ସିତ ହେଉଥିଲେ।

ହୁସେନ ରବି ଗାନ୍ଧୀ ୧୯୪୮ ମସିହା ଏପ୍ରିଲ ୨୩ ତାରିଖ ଦିନ ଯାଜପୁର ଜିଲ୍ଲା କୋରେଇଥାନା ହଳଦିଆଗଡ଼ରେ ଜନ୍ମଗ୍ରହଣ କରିଥିଲେ। ଶ୍ରୀ ଗାନ୍ଧୀ ୧୯୯୮ରୁ ୨୦୦୫ ମସିହା ପର୍ଯ୍ୟନ୍ତ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ୨୦୦୫ରୁ ୨୦୦୮ ଯାଏ ଓଡ଼ିଶା ସାହିତ୍ୟ ଏକାଡେମିର ଉପସଭାପତି ଓ ୨୦୦୮ରୁ ୨୦୦୮ ଯାଏ ଏକାଡେମୀର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହ ସେ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ସାହିତ୍ୟରେ ପି.ଏଚ୍.ଡି କରିଥିଲେ। ତାଙ୍କର ଦଶଗୋଟି କାବ୍ୟ ପୁସ୍ତକ ତଥା ଦୁଇଟି ଗଳ୍ପ ସଂକଳନ ପ୍ରକାଶ ପାଇଛି। ସେ ହିନ୍ଦୀ ଉପନ୍ୟାସ 'ରାଣୀ ଲକ୍ଷ୍ମୀବାଇ'ର ଓଡ଼ିଆ ଅନୁବାଦ ମଧ୍ୟ କରିଥିଲେ।

# ଶେଷ ପୃଷ୍ଠା





# ଉଲମ୍ଫିଲମ୍ *

"ଢମପଣେ ବର୍ଣ୍ଣୁଛି ମୁଁ ଗୋବିନ୍ଦଚରିତ; ଢଗଢମାଳି ହେଲେ ହେଁ ସାକ୍ଷାତ ଅମୃତ"

ଏମିତି ଦିନେ ଜ୍ଞାନବୋଧ ହେତୁ ଉପରନ୍ ପ୍ରସଙ୍ଗରେ ଜାଣିବାକୁ ଭାବପ୍ରକାଶ ଗ୍ରନ୍ଥ ପଢୁଥିଲି। କିଛି ଦୁର୍ବୋଧ ହେବାରୁ ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ବାହୁଡ଼ିଲି। ସେଠାରେ କାଚ ସହ ଭେଟହେଲା ଆଉ ଜାଣିବୁଝିଲି ଯେ ୩୦୦୦ ବର୍ଷ ପୂର୍ବେ ହିନ୍ଦୁମାନଙ୍କୁ କାଚର ଜ୍ଞାନ ଥିଲା। ଉଲ୍ଲିଖିତ ଥିବା ଆହୁରି ପଦେ ପଢ଼ିଲି ଯେ ପଞ୍ଚତନ୍ତ୍ରରେ ଲେଖା ଅଛି "କାଚଃ କାଞ୍ଚନସଂସର୍ଗାଦ୍ଧତ୍ତେ ମାରକତୀଂ ଦ୍ୟୁତିଂ"। ଜ୍ଞାତସାରକୁ ଆସିଲା ଯେ ପଞ୍ଚତନ୍ତ୍ର ରଚନା ପୂର୍ବରୁ କାଚ ଅଛି। ଏବେ ଆଗ୍ରହ ଆସିଲା ପୁଣି ଥରେ ପଞ୍ଚତନ୍ତ୍ର ପଢ଼ିବାର। ହିତୋପଦେଶ ଓ ପଞ୍ଚତନ୍ତ୍ର ଭଳି ମହାନ ଗ୍ରନ୍ଥଦ୍ୱୟର ରଚୟିତା ପଣ୍ଡିତ ବିଷ୍ଣୁଶର୍ମାଙ୍କୁ ପ୍ରଣାମ ଜଣାଇ ପଞ୍ଚତନ୍ତ୍ର ପାଠ କଲି। ପିଲାଦିନରୁ ପଞ୍ଚତନ୍ତ୍ର ପଢ଼ି ଆସୁଛି; ସେଇ ନୂଆପଣ ଏବେବି ସତେଜ। ଏହାକୁ କିଏ କଥା, କାହାଣୀ ଅବା ଗପବୋଧରେ ପଢ଼ନ୍ତି ହେଲେ ଏହି ନୀତିଶାସ୍ତ୍ରର ବର୍ଣ୍ଣନା ଅତିମନୋବିଜ୍ଞାନଚେତା। ମିତ୍ରଭେଦ, ମିତ୍ରଲାଭ ବା ମିତ୍ରପ୍ରାପ୍ତି, କାକୋଲୁକ, ଲବ୍ଧକଷ୍ଟ ଓ ଅସମ୍ପ୍ରେକ୍ଷକାରିତାବା ଅପରିକ୍ଷିତକାରକମ୍ ଜ୍ଞାନଭେଦରେ ଅତି ସୁନ୍ଦରଭାବରେ ସର୍ବଧର୍ମବର୍ଗବୟସର ଜନମାନସ ପାଇଁ ଲିଖିତ। ତେଣୁ ତ ଷଷ୍ଠ ଶତାବ୍ଦୀରେ ପାରସ୍ୟ, ନବମ ଶତାବ୍ଦୀରେ ଆରବୀ (କଲିଲ୍ଲା ଓ୍ୱା ଦିମ୍ନାହ୍ / ବିଦ୍ ପାଇ– ବିଦ୍ୟାପତିଙ୍କ ନାମାନୁଯାୟୀ) ଏବଂ ତତ୍ ପରେ ହୀବ୍ରୁ, ଗ୍ରୀକ୍, ଲାଟିନ୍, ଶିରୀୟ, ଜର୍ମାନ୍, ଇଂରାଜୀ (ପିଲଜ୍ଞେଙ୍କ ଗଳ୍ପ), ଫରାସୀ, ପ୍ରଭୃତି ଭାଷାରେ ଅନୂଦିତ। ପ୍ରାୟ ୫୦ଟି ଭାଷାରେ ଅନ୍ୟୁନ ୨୦୦ ସଂସ୍କରଣରେ ପଠିତ ଏହି ପୁସ୍ତକ ପ୍ରସଙ୍ଗରେ ଥରେ ଭାବି ଦେଖନ୍ତୁ। ଏହି ଗ୍ରନ୍ଥ ଏତେ ଜନପ୍ରିୟ କିଆଁ! ଅତି ସୁନ୍ଦର କଥା ସମ୍ବଳିତ ଏହି ବହିରେ ଅଛି କଣ! ଯାହାକୁ ବିଶ୍ୱସାହିତ୍ୟକୁ ଭାରତର ଅମୂଲ୍ୟ ଦାନ ବୋଲି କୁହାଯାଏ।

ଏହାର ପ୍ରାଣବିନ୍ଦୁ ହେଲେ ପାଠକ। ଯେତେ ପାଠକ ପଢ଼ିଛନ୍ତି ସେତେ ଏହି ପୁସ୍ତକର ଆଦର ବଢ଼ିଛି। ବିଷ୍ଣୁଶର୍ମା ହେଉଛନ୍ତି ବିଶ୍ୱସାହିତ୍ୟର ଅନୁକଳ୍ପ ଓ ଅନଥିତ ସୁଧୀ। ସୁଚିନ୍ତିତ ଜ୍ଞାନବୋଧ, ସୁନିୟୋଜିତ ଶବ୍ଦସୁଧା, ସୁବିଦିତ ଚରିତ୍ରଚିତ୍ରଣରେ କୌଣସି କାର୍ପଣ୍ୟତା ଦେଖାଇନାହାନ୍ତି ବିଷ୍ଣୁଶର୍ମା। ଏଣୁ ସର୍ବଜନବିଦିତ ଏହି ନୀତିଶାସ୍ତ୍ର। ପଞ୍ଚତନ୍ତ୍ର ହେଉଛି ସାହିତ୍ୟର ପଞ୍ଚତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ। ଯେତେବେଳେ ପଢ଼ିଛି; ଅନୁଭବ କରିଛି ସେଇ ଗୁରୁତତ୍ତ୍ୱ, ମନ୍ତ୍ରତତ୍ତ୍ୱ, ମନସ୍ତତ୍ତ୍ୱ, ଦେବତତ୍ତ୍ୱ ଓ ଧ୍ୟାନତତ୍ତ୍ୱ।

ଏଣୁ ଏହି ପ୍ରେକ୍ଷାପଟରେ ଆଜିକାର ସ୍ୱର୍ଦ୍ଧିତ ସାହିତ୍ୟିକଙ୍କୁ ବୁଝାଇ କହିବି; ପ୍ରଥମେ ପାଠକଟିଏ ହୁଅନ୍ତୁ। ଅନ୍ୟ କାହାର ନହେଉ; ଆପଣାର ଲେଖାକୁ ଥର ଥର କରି ଶତବାର ପାଠ କରନ୍ତୁ। ବରାଦଦିଆ ଲେଖକ ନହୋଇ ଭାବବୋଧ, ଶବ୍ଦବୋଧ, ସାହିତ୍ୟବୋଧରେ ଲେଖା ଜାରି/ଜାରୀ ରହୁ।

ଏଣୁ; ଆସନ୍ତୁ ଏବେ ପ୍ରଥମ ଧାଡ଼ିକୁ ହୃଦୟଙ୍ଗମ କରିବା। ବିଦଗ୍ଧଚିନ୍ତାମଣି ଭଳି ଅମୃତୋପମ ଭାଷାସାହିତ୍ୟର ରଚୟିତା ଅଭିମନ୍ୟୁ ସାମନ୍ତସିଂହାରଙ୍କ ଏହା ହୃଦ୍‌ଗତ ବାଣୀ। ଆଜିର ପ୍ରାୟାଧିକ ସାହିତ୍ୟିକଙ୍କ ପାଇଁ ଏହା ଏକ ଚେତନାର ବାଣୀ। ଅହଙ୍କାରହୀନ ଜଣେ ସାଧକଙ୍କ ବାର୍ତ୍ତା ଏହି। ନିଜକୁ ଅଜ୍ଞାନବୋଧ କରି ବିଦଗ୍ଧଚିନ୍ତାମଣିକୁ ପାଠକ ହାତରେ ସଅଁପି ଦେଇଛନ୍ତି; ସବୁ ଦୋଷାଦୋଷ ନିଜେ ଆଦରି ନେବାକୁ। ଏଥିରେ କିଛି ବାଧ୍ୟବାଧକତା ନାହିଁ, ପାଣ୍ଡିତ୍ୟର ସ୍ପର୍ଦ୍ଧା ନାହିଁ। ଅଛି କେବଳ ବିଦଗ୍ଧ ଭାବ। ଭାଷାବିନ୍ୟାସରେ ଉତ୍କୃଷ୍ଟ। ଓଡ଼ିଆ ଭାଷାସାହିତ୍ୟର ଲେଖକକୁଳ; ଆସନ୍ତୁ ସାହିତ୍ୟ ଲେଖିବା। ବିନା ଉଲମ୍ଫିଲମ୍‌ରେ।

-ପ୍ରଭୂ

* **ଉଲମ୍ଫିଲମ୍** – ଗୋଳମାଳ, ପୂର୍ବାପରସମ୍ବନ୍ଧରହିତ ଅବସ୍ଥା, ଓଲଟପାଲଟ, ଅନିୟମିତ।

□□

ଲେଖକଙ୍କ ଇ-ମେଲ ଠିକଣା:
prasantabhunya@gmail.com


**RECOGNISED BY:**

MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | EcoTour ODISHA

**Destination Unlimited**
*tour and travels*

# Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...






## Services Offered

- Air Ticketing (Pre Purchased Rate/Group Fare/Coupon Fare) • Hotel Booking
- Corporate Booking • Car Rental • MICE • Visa Assistance • Sightseeing
- Destination Wedding • Honeymoon Holidays • International Tour Package
- Cruise • Aroma Tourism • Educational Tour • Event Management

Allow us to be your travel guide/partner in seeking beguiling holidays to leave your footprints all over the country.

Head Office : T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776
Bhubaneswar Office : Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143
Kerala Office : Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner











We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar – 751024, Odisha
Contact – 9439034505,

Blessed Fingers deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers










Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy